# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୮/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 8/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 76 | ମୂଲ୍ୟ ₹୭/-





**କାନ୍ଦିଲେ ଭୂମିକା**

ଅଭିନେତ୍ରୀ ଭୂମିକା ଚାୱଲା 'ୟୁଫୋରିଆ'ରେ ନଜର ଆସିବେ। ତେବେ ଏକ କାର୍ଯ୍ୟକ୍ରମରେ ସେ ଫିଲ୍ମରେ ତାଙ୍କ ଅଭିଜ୍ଞତା ବାଣ୍ଟି କାନ୍ଦି ପକାଇଥିଲେ। **୦୨**

**୧୪** **ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍**

ସ୍କଟଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ହ୍ୟାଟ୍ରିକ୍ ଉଇକେଟ ସଫଳତା ହାସଲ କରିଛନ୍ତି ୱେଷ୍ଟଇଣ୍ଡିଜ ବୋଲର ରୋମାରିଓ ଶେଫର୍ଡ।




# ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତି

ଭାରତ ଏବଂ ଆମେରିକା ମଧ୍ୟରେ ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି। ଏହାଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆମେରିକାର ୩୦ ଟ୍ରିଲିୟନ ଡଲାରର ବିଶାଳ ବଜାର ଉନ୍ମୁକ୍ତ ହୋଇଛି। ଏହାସହ ଭାରତ ଉପରେ ଲଗାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ (ଟାରିଫ୍)କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ହଟାଇ ଦେଇଛନ୍ତି। ରୁଷିଆଠାରୁ ଅଶୋଧିତ ତୈଳ କିଣୁଥିବାରୁ ଆମେରିକା ଗତ ଅଗଷ୍ଟରେ ଦଣ୍ଡସ୍ୱରୂପ ଭାରତୀୟ ସାମଗ୍ରୀ ଉପରେ ଏହି ଶୁଳ୍କ ଲଗାଇଥିଲା। ଗତ ସୋମବାର ଟ୍ରମ୍ପ ଭାରତ ଉପରେ ଲଗାଯାଇଥିବା ୨୫% ଜବାବୀ ଶୁଳ୍କକୁ ୧୮%କୁ ହ୍ରାସ କରିଥିଲେ। ଏବେ ଅତିରିକ୍ତ ୨୫% ଶୁଳ୍କ ହଟିବା ଫଳରେ ଭାରତୀୟ ରପ୍ତାନି ପୁଣି ସୁଗମ ହେବା ଆଶା କରାଯାଉଛି। ଦୁଇ ଦେଶର ଏକ ମିଳିତ ବିବୃତି ଅନୁଯାୟୀ, ଭାରତରୁ ରପ୍ତାନି ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ଶୁଳ୍କ କୋହଳ କରାଯାଇଛି, ଯାହା ଭାରତୀୟ ବ୍ୟବସାୟୀଙ୍କ ପାଇଁ ଏକ ବଡ଼ ସୁଯୋଗ ଆଣିଦେଇଛି। ସେହିପରି ଭାରତ ଆଗାମୀ ୫ ବର୍ଷ ମଧ୍ୟରେ ଆମେରିକାଠାରୁ ପ୍ରାୟ ୫୦୦ ବିଲିୟନ ଡଲାରର ସାମଗ୍ରୀ କିଣିବାକୁ ଲକ୍ଷ୍ୟ ରଖିଛି। ଏଥିରେ ମୁଖ୍ୟତଃ ଶକ୍ତି, ବିମାନ ଉପକରଣ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସାମଗ୍ରୀ ଅନ୍ତର୍ଭୁକ୍ତ। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ସ୍ପଷ୍ଟ କରିଛନ୍ତି ଯେ, ଏହି ଚୁକ୍ତିରେ ଭାରତର ସମ୍ବେଦନଶୀଳ କୃଷି ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଇଛି। ଭାରତୀୟ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହିସବୁ ସାମଗ୍ରୀ ଉପରେ ଆମେରିକାକୁ କୌଣସି ବଡ଼ ରିହାତି ଦିଆଯାଇନାହିଁ। ଏହି ଚୁକ୍ତିକୁ ନେଇ କଂଗ୍ରେସ କଡ଼ା ସମାଲୋଚନା କରିଛି। କଂଗ୍ରେସ କହିଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ହଗଲୋମାସି' ବା କୋଳାଗ୍ରତ କରିବାର ଶୈଳୀ ଏବଂ ଫଟୋ ଉଠାଇବା ଦ୍ୱାରା ଦେଶକୁ ପ୍ରକୃତ ଲାଭ ମିଳିନାହିଁ। ଚୁକ୍ତିରେ ଭାରତ ନିଜ ସ୍ୱାର୍ଥକୁ ବଳି ଦେଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

- **ରୁଷିଆ ତୈଳ ପାଇଁ ଲାଗିଥିବା ଅତିରିକ୍ତ ୨୫% ଶୁଳ୍କ ହଟିଲା**
- **ଭାରତ ଦେଇଛି ୫୦୦ ବିଲିୟନ ଡଲାର ଆମଦାନୀ ପ୍ରତିଶ୍ରୁତି**



ୱାଶିଂଟନ୍/ନୂଆଦିଲ୍ଲୀ, ୭।୨(ପି.ଟି./ରଏଟର୍ସ/ବ୍ଲୁମ୍‌ବର୍ଗ)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତବର୍ଷ କ୍ଷମତାକୁ ଆସିବା ପରଠୁ ନିଜ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଅନେକ ପଦକ୍ଷେପ ନେଇଚାଲିଛନ୍ତି। ଏହି କ୍ରମେ ସେ ଭାରତ ସମେତ ବିଭିନ୍ନ ରାଷ୍ଟ୍ର ଉପରେ ଆମଦାନୀ ଶୁଳ୍କ ଲଗାଇଥିଲେ। ସେପଟେ ୨୦୨୨ ୟୁକ୍ରେନ୍ ଯୁଦ୍ଧ ପରଠୁ ଆକ୍ରମଣକାରୀ ରୁଷିଆଠାରୁ ଭାରତ କ୍ରୁଡ୍ ଆମଦାନୀ କରିଚାଲିଥିଲା। ଏହି ପୃଷ୍ଠଭୂମିରେ ଟ୍ରମ୍ପ୍ ୨୦୨୫ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨ ପ୍ରକାର ଟିକସ କଷିଥିଲେ। ୨୫% ଆମଦାନୀ ଟିକସ ସାଙ୍ଗକୁ ଅତିରିକ୍ତ ୨୫% ଦଣ୍ଡାତ୍ମକ ଟିକସ ଲଗାଯିବା ଦ୍ୱାରା ଉଭୟ ଦେଶର ଅର୍ଥନୀତି ପ୍ରଭାବିତ ହୋଇଥିଲା। ଇତିମଧ୍ୟରେ ଟ୍ରମ୍ପ୍ ଭାରତ ଉପରେ ଅଧିକ ଚାପ ପ୍ରୟୋଗ କରିବାକୁ ଯାଇ ନାନା କୌଶଳ ଆପଣାଇଥିଲେ। କିନ୍ତୁ ତାଙ୍କ କୌଣସି ଜିଦ୍ ଆଗରେ ନୂଆଦିଲ୍ଲୀ ମୁଣ୍ଡ ନୁଆଁଇ ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂସ୍କାର ଓ ଅନ୍ୟ ଦୂରଦର୍ଶୀ ପଦକ୍ଷେପଗୁଡ଼ିକ ଭାରତୀୟ ଅର୍ଥନୀତିକୁ ପୁଣିଥରେ ଟ୍ରାକ୍‌କୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷେ ଟ୍ରମ୍ପ୍ ଦେଶରେ ସମାଲୋଚନାର ଶିକାର ହୋଇଥିଲେ। ବହୁ ବିରୋଧକୁ ସାମ୍ନା କରିବା ପରେ ଶେଷରେ ଗତ ସପ୍ତାହରେ ରାଷ୍ଟ୍ରପତି ଟ୍ରମ୍ପ୍ ନରମିଯାଇଥିଲେ। 'ମଦର ଅଫ୍ ଅଲ୍ ଡିଲ୍ସ' ନାମରେ ପରିଚିତ ବହୁପ୍ରତୀକ୍ଷିତ ଭାରତ-ୟୁରୋପୀୟ ☞ପୃଷ୍ଠା-୪



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ରଡ଼ିଆ-କଂସାର ଗୋବରୀ ନଦୀବନ୍ଧରେ ଶହେ ଫୁଟ ଲମ୍ବର ଅତଡ଼ା ଧସିଯାଇଛି।

# ଗୋବରୀରେ ୧୦୦ ଫୁଟ ଅତଡ଼ା ଧସିଲା

**ନଦୀବନ୍ଧକୁ ଦୁର୍ବଳ କରୁଛି ବେଆଇନ ଚିଙ୍ଗୁଡ଼ିଘେରି**

ମହାକାଳପଡ଼ା, ୭।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କେବି ଦାଣ୍ଡୁଆ ପଞ୍ଚାୟତ କଂସାର-ରଡ଼ିଆ-ବଗ ଗହଣ ନଦୀ ତଟବନ୍ଧ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିସହ ଗୋବରୀ ନଦୀ କଂସାର ଗ୍ରାମ ସଂଲଗ୍ନ ପଥର ସ୍ପର ନିର୍ମାଣ କାର୍ଯ୍ୟ ହେଉଛି। ଗୋବରୀ ନଦକୂଳରେ କେତୋଟି ବେଆଇନ ଚିଙ୍ଗୁଡ଼ିଘେରି ଥିବାରୁ ତା'ର ଲୁଣିପାଣି ନଦୀ ବନ୍ଧରେ ଲିକ୍ ଯୋଗୁ ଏହା ଦୁର୍ବଳ ହେବାରେ ଲାଗିଛି। ଶୁକ୍ରବାର ହଠାତ୍ ଗୋବରୀ ନଦୀ ବନ୍ଧରୁ ଶହେ ଫୁଟ ଲମ୍ବର ଅତଡ଼ା ଧସିଛି। ଫଳରେ ବନ୍ଧର ସୁରକ୍ଷା ପାଇଁ ନିର୍ମିତ ପଥର ପ୍ୟାକିଂ ଧସି ନଦୀଗର୍ଭକୁ ଚାଲିଯାଇଛି। ଏଥିଯୋଗୁ କଂସାର ଓ ବଡ଼ଦାଣ୍ଡୁଆ ଗ୍ରାମ ପ୍ରତି ବିପଦ ସୃଷ୍ଟି ହୋଇଥିବାବେଳେ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ଅଛନ୍ତି। ସାମାଜିକ କର୍ମୀ ସୁବାସ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ଗୋବରୀ ନଦୀରେ ପ୍ରଖର ଅନ୍ତଃସ୍ରୋତ ଯୋଗୁ ଭଉଁରି ସୃଷ୍ଟିହୋଇ କୂଳ ଖାଇ ଜନବସତିମୁହାଁ ହେଉଛି। ଗୋବରୀ ନଦୀ ପାର୍ଶ୍ୱ ଚିଙ୍ଗୁଡିଘେରିକୁ ତୁରନ୍ତ ଉଚ୍ଛେଦ କରି ବଡ଼ ପ୍ରାଚୀର ନିର୍ମାଣ ହେଲେ ବନ୍ଧ ପ୍ରତି ବିପଦ ରହିବ ନାହିଁ। ଏ ସଂକ୍ରାନ୍ତରେ ଆଳିସ୍ଥିତ ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ସାହୁଙ୍କୁ ପଚାରିବାରେ ଗୋବରୀ ନଦୀ ବନ୍ଧ ସୁରକ୍ଷା ପ୍ରତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଏ ବିଷୟରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।




# ଗଲ୍‌ୱାନ ସଂଘର୍ଷ ପରେ ଆଣବିକ ପରୀକ୍ଷା କରିଥିଲା ଚାଇନା

**ଆମେରିକାର ଅଭିଯୋଗ**

ଜେନେଭା, ୭।୨

ଚାଇନା ବିରୋଧରେ ଆମେରିକା ଏକ ବିସ୍ଫୋରକ ଅଭିଯୋଗ ଆଣିଛି। ୨୦୨୦ରେ ସୀମାନ୍ତ ଗଲ୍‌ୱାନ ଉପତ୍ୟକାରେ ଭାରତୀୟ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ଅନେକ ମୃତାହତ ହୋଇଥିଲେ। ଏହାର ୭ ଦିନ ପରେ ଚାଇନା ଗୋପନରେ ଅଣୁଅସ୍ତ୍ର ପରୀକ୍ଷା କରିଥିଲା ବୋଲି ଆମେରିକା କହିଛି। ସେତେବେଳେ ସାରା ବିଶ୍ୱ କୋଭିଡ୍-୧୯ ମହାମାରୀକୁ ନେଇ ଯୁଝୁଥିଲାବେଳେ ବେଜିଂ ନିଜର ଆଣବିକ କ୍ଷମତାର ପରୀକ୍ଷା କରିଥିଲା ବୋଲି ଆମେରିକା ପରରାଷ୍ଟ୍ର ଅନୁସଚିବ ଥୋମାସ୍ ଡିନାନୋ ଶୁକ୍ରବାର ଜେନେଭାରେ ନିରସ୍ତ୍ରୀକରଣ ଉପରେ ଅନୁଷ୍ଠିତ ଜାତିସଂଘ ସମ୍ମିଳନୀରେ କହିଛନ୍ତି। ଆମେରିକା ଏବଂ ରୁଷିଆ ମଧ୍ୟରେ ହୋଇଥିବା ଶେଷ ଆଣବିକ ଚୁକ୍ତିନାମା ସମୟସୀମା ଗତ ୫ ତାରଖରେ ଶେଷ ହୋଇଥିବାବେଳେ ଏଭଳି ଗମ୍ଭୀର ଅଭିଯୋଗ ଆସିଛି। ଭବିଷ୍ୟତର କୌଣସି ଆଣବିକ ଚୁକ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାଇନାକୁ ସାଙ୍ଗରେ ନେବାକୁ ଚାହୁଁଛନ୍ତି।




**ଆଜିର ସମ୍ପାଦକୀୟ** ଆତ୍ମସମର୍ପଣ




## ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ, ଉତ୍ତେଜନା

କୋକସରା/ବେହେରା, ୭।୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ/ଭୂପେଶ ତିୱାରୀ)

ବିଜୁ ଏକ୍ସପ୍ରେସ୍ ୱେର କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ବିଦେଶୀ ମଦ ଦୋକାନ ଛକରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଟାଟା ଆଇଚର (ନଂ.ଓଡି୧୦ଡବ୍ଲ୍ୟୁ-୩୮୮୧) ଟ୍ରକ୍ ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଛତିଶଗଡ଼ ରାଜ୍ୟ ଟିକ୍ରାପଡାର ରମେଶ କାଶ୍ୟପ (୨୯) ଓ ସାବୁନଭାଡିର ଜ୍ୟୋତିଷ କାଶ୍ୟପ (୨୫)। କ୍ଷତିପୂରଣ ଦାବିରେ ଲୋକେ ଦୁର୍ଘଟଣାସ୍ଥଳରେ ହୋହଲ୍ଲା କରିବାରୁ ଉତ୍ତେଜନାମୂଳକ ସ୍ଥିତି ଉପୁଜିଥିଲା। ସୂଚନା ଅନୁସାରେ, ରମେଶ ଓ ଜ୍ୟୋତିଷ କୌଣସି କାମରେ ବେହେରା ଗ୍ରାମକୁ ଆସି ଘରକୁ ଫେରିବା ସମୟରେ ବିଜୁ ଏକ୍ସପ୍ରେସ୍ ୱେରେ ତାଙ୍କ ବାଇକ୍‌କୁ ଆମପାଣି ପଟୁ ଆସୁଥିବା ଏକ ଟାଟା ଆଇଚର ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ☞ପୃଷ୍ଠା-୪



କୁଆଲାଲମପୁରରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରବାସୀ ଭାରତୀୟମାନେ ସ୍ୱାଗତ କରୁଛନ୍ତି।

# ଅଭିବୃଦ୍ଧି ପାଇଁ ଭାରତ ବିଶ୍ୱସ୍ତ ସହଯୋଗୀ: ମୋଦି

କୁଆଲାଲମପୁର, ୭।୨(ପି.ଟି.)

ଭାରତ ଅଭିବୃଦ୍ଧିର ଏକ ବିଶ୍ୱସ୍ତ ସହଯୋଗୀ, ଯାହା ନିକଟରେ ବ୍ରିଟେନ୍, ଆମେରିକା ଏବଂ ୟୁରୋପୀୟ ସଂଘ ସମେତ ବିଭିନ୍ନ ଦେଶ ସହ ହୋଇଥିବା ବାଣିଜ୍ୟ ଚୁକ୍ତି ସହମତିରୁ ପ୍ରତିଫଳିତ ହୋଇଛି। ୨ ଦିନିଆ ମାଲେସିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଏହା କହିଛନ୍ତି। କୁଆଲାଲମପୁରଠାରେ ଏକ ଗୋଷ୍ଠୀ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ଭାରତ ଏବଂ ମାଲେସିଆ ମଧ୍ୟରେ ପ୍ରବାସୀ ଭାରତୀୟମାନେ ଯୋଗାଯୋଗର ଏକ ଦୃଢ଼ ସେତୁ ଭାବେ କାର୍ଯ୍ୟ କରିଆସୁଛନ୍ତି। ଭାରତୀୟ ଭାଷା ଏବଂ ମଳୟ ମଧ୍ୟରେ ବହୁସଂଖ୍ୟାରେ ସମାନ ଶବ୍ଦ ରହିଥିବାରୁ ୨ ଦେଶ ପରସ୍ପରକୁ ଖୁବ୍ ଭଲ ଭାବରେ ଜାଣନ୍ତି। ୨୦୨୬ର ପ୍ରଥମ ବିଦେଶ ଗସ୍ତରେ ମାଲେସିଆ ଆସିଥିବାରୁ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ଖୁସି ଅନୁଭବ କରୁଥିବା କହିଛନ୍ତି। ମୋଦିଙ୍କ ସହ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଉପସ୍ଥିତ ଥିଲେ। ମାଲେସିଆରେ ତାମିଲ ପ୍ରବାସୀମାନେ ବହୁ ଶତାବ୍ଦୀ ଧରି ରହିଆସିବା ସହ ବିଭିନ୍ନ କ୍ଷେତ୍ରରେ ସମାଜର ସେବା କରୁଛନ୍ତି। ୟୁନିଭର୍ସିଟି ଅଫ୍ ମଳୟରେ ଥିରୁଭାଲ୍ଲୁଭାର ଚେୟାର ସ୍ଥାପନ କରି ଆମେ ଗର୍ବିତ ଏବଂ ଆମ ମିଳିତ ଐତିହ୍ୟକୁ ଅଧିକ ମଜଭୁତ କରିବା ଲାଗି ଥିରୁଭାଲ୍ଲୁଭାର ସେଣ୍ଟର ପ୍ରତିଷ୍ଠା କରିବାକୁ ଯାଉଛୁ ବୋଲି ମୋଦି କହିଛନ୍ତି। ମାଲେସିଆରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଭାରତୀୟ ବଂଶୋଦ୍ଭବ ରହିଛନ୍ତି।

## ମାଲେସିଆରେ ଖୁବ୍‌ଶୀଘ୍ର ୟୁପିଆଇ ଶୁଭାରମ୍ଭ

୨ ଦେଶ ମଧ୍ୟରେ ଆର୍ଥିକ, ପ୍ରତିରକ୍ଷା ଏବଂ ଲୋକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ମାଲେସିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ଭାରତୀୟ ଡିଜିଟାଲ ପେମେଣ୍ଟ ପ୍ଲାଟ୍‌ଫର୍ମ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍) ମାଲେସିଆରେ ଶୁଭାରମ୍ଭ ହେବାକୁ ଯାଉଛି। ଏକ କାର୍ଯ୍ୟକ୍ରମରେ ମୋଦି ଓ ତାଙ୍କ ମାଲେସିଆ ପ୍ରତିପକ୍ଷ ଇବ୍ରାହିମ୍‌ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ୮୦୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଭାରତ ନାଟ୍ୟମ, ଓଡ଼ିଶୀ, କଥକ, କଥାକଳି, କୁଚିପୁଡ଼ି ଆଦି ଭାରତୀୟ ଶାସ୍ତ୍ରୀୟ ଏବଂ ଲୋକନୃତ୍ୟ ପରିବେଷଣ କରିଥିଲେ। ମୋଦି ଓ ଇବ୍ରାହିମ୍ ଗୋଟିଏ କାରରେ କାର୍ଯ୍ୟକ୍ରମ ସ୍ଥଳକୁ ଯାଇଥିଲେ।

# ଟ୍ରେଡ୍ ଡିଲ୍ ଭାରତ ପ୍ରତି ବିଶ୍ୱାସଘାତ: କଂଗ୍ରେସ

**ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଭାରତ ଓ ଆମେରିକା ମଧ୍ୟରେ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ସମ୍ପନ୍ନ ହେବାକୁ ଯାଉଥିବାବେଳେ ଶନିବାର ଏହା ଉପରେ ଉଭୟ ଦେଶ ପକ୍ଷରୁ ବିସ୍ତୃତ ରୂପରେଖ ପ୍ରକାଶ କରାଯାଇଛି। ଟ୍ରେଡ୍ ଡିଲ୍‌ରେ କ'ଣ ସବୁ ରହିବ, ଏହାଦ୍ୱାରା ଭାରତ ଓ ଆମେରିକାକୁ କେତେ ଲାଭ ମିଳିବ ସେନେଇ ଚର୍ଚ୍ଚା ଜାରି ରହିଥିବାବେଳେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହା ଟ୍ରେଡ୍ ଡିଲ୍ ନୁହେଁ, ବରଂ ଭାରତର ଆତ୍ମସମ୍ମାନ ଓ ସ୍ୱାର୍ଥର ଆତ୍ମସମର୍ପଣ ବୋଲି କଂଗ୍ରେସ ସମାଲୋଚନା କରିଛି। କେନ୍ଦ୍ର ସରକାର ଭାରତ ଓ ଦେଶବାସୀଙ୍କ ପ୍ରତି ବିଶ୍ୱାସଘାତ କରିଥିବା ବିରୋଧୀ ଦଳ କହିଛି। ଅନ୍ୟପକ୍ଷେ ଭାରତର ଖାଦ୍ୟ ଓ ଅନ୍ୟ ସମ୍ବେଦନଶୀଳ ସେକ୍ଟରଗୁଡ଼ିକୁ ସରକାର ଏହି ଡିଲ୍‌ରେ ସୁରକ୍ଷିତ ରଖିଥିବା ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଏହାଦ୍ୱାରା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକା ଭଳି ବୃହତ୍ ବଜାର ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।**

ନୂଆଦିଲ୍ଲୀ,୭।୨

ଟ୍ରେଡ୍ ଡିଲ୍ ଉପରେ ମିଳିତ ଘୋଷଣାନାମା ଜାରି କରାଯିବା ପରେ କଂଗ୍ରେସ ମିଡିଆ ଓ ପବ୍ଲିସିଟି ବିଭାଗ ମୁଖ୍ୟ ପୱନ ଖେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାରତ ଖୁବ୍ ଶୀଘ୍ର ଆମେରିକୀୟ ସାମଗ୍ରୀର ଅଳିଆ ଗଦାରେ ପରିଣତ ହେବାକୁ ଯାଉଛି। ଦେଶର କୃଷକ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକୁ କ୍ଷତି ସହିବାକୁ ପଡ଼ିବ।



ପୱନ ଖେରା



ପୀୟୂଷ ଗୋୟଲ

ଏହା ଆମ ସ୍ୱାର୍ଥ ପାଇଁ ନୁହେଁ, ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପୂର୍ଣ୍ଣ ଆତ୍ମସମର୍ପଣ। ସେହିପରି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଚୂଡ଼ାନ୍ତ ଚୁକ୍ତି ସ୍ୱାକ୍ଷର ହେବା ପୂର୍ବରୁ ସଂସଦରେ ଏହାର ପ୍ରତିଟି ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଉ। ଏଥିରେ ଅନେକ ପ୍ରସଙ୍ଗର ସ୍ପଷ୍ଟ ଅବତାରଣା କରାଯାଇ ନ ଥିବାରୁ କୃଷି, ଶିଳ୍ପ ଓ ନିଯୁକ୍ତି ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। କଂଗ୍ରେସ ନେତା ରଣଦୀପ ସିଂ ସୁର୍ଯ୍ୟେୱାଲା ଏହାଦ୍ୱାରା ଗ୍ରାମାଞ୍ଚଳ କୃଷକଙ୍କ ଜୀବନଜୀବିକା ଉଜୁଡ଼ିଯିବ ବୋଲି ସମାଲୋଚନା କରିଥିବାବେଳେ ଶିବସେନା ୟୁବିଟିର ପ୍ରିୟଙ୍କା ଚତୁର୍ବେଦୀ ଟ୍ରେଡ୍ ଡିଲ୍‌ର ରୂପରେଖକୁ 'ୱାଶିଂଟନ୍‌ର ଅର୍ଡର' ରୂପେ ଅଭିହିତ କରିଛନ୍ତି।

## କୃଷି ସମେତ ଅନ୍ୟ ସମ୍ବେଦନଶୀଳ ସେକ୍ଟର ସୁରକ୍ଷିତ: କେନ୍ଦ୍ର

ଅନ୍ୟପକ୍ଷେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ଆମେରିକାକୁ କୌଣସି କୃଷି ଫଳ ଓ ଦୁଗ୍ଧଜାତ ସାମଗ୍ରୀ ଉପରେ ରିହାତି ଦେଇନାହିଁ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବିକା ସହ ଜଡ଼ିତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମକା, ଗହମ, ଧାନ, ସୋୟା, ପଲ୍ଟ୍ରି, ଦୁଗ୍ଧ ଏଥାନଲ୍, ତମାଖୁ ଆଦି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି। ସେହିପରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, ଟ୍ରେଡ୍ ଡିଲ୍‌ର ଅନ୍ତରୀଣ ରୂପରେଖରେ ଭାରତୀୟ ଏମ୍ଏସ୍ଏମ୍ଇକୁ ବୈଶ୍ୱିକ ମୂଲ୍ୟ ଶୃଙ୍ଖଳର ସମର୍ଥନ ମିଳିବା ଭଳି ଉଦ୍ୟମ କରାଯାଇଛି।

# ଆକ୍ରମଣ କଲେ ପାଲଟା ଜବାବ ଦେବୁ

## ଆମେରିକାକୁ ଇରାନର ଚେତବାନୀ

ତେହରାନ୍,୭।୨

ଓମାନ ମଧ୍ୟସ୍ଥତାରେ ଶୁକ୍ରବାର ମସ୍କାଟ୍‌ରେ ଆମେରିକା ଏବଂ ଇରାନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ବୈଠକକୁ ୨୪ ଘଣ୍ଟା ନ ପୂରୁଣୁ ଇରାନ ଆମେରିକାକୁ ଚେତବାନୀ ଦେଇଛି। ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ ତେବେ ଇରାନ ମଧ୍ୟ ଆମେରିକାର ନୌସେନା ବେସ୍ ଉପରେ ଆକ୍ରମଣ କରିବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରାଗଚି କହିଛନ୍ତି। ଇରାନ ଏହାର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଏବଂ ପରମାଣୁ ପ୍ରକଳ୍ପକୁ ଆବଶ୍ୟକ ଅନୁସାରେ ଜାରି ରଖିବ ବୋଲି ସେ କହିଛନ୍ତି। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଯୁଦ୍ଧ ଧମକ ଦେଇଛନ୍ତି।

# ଏମ୍‌ପି ପପୁ ଯାଦବ ଗିରଫ

ପାଟନା, ୭।୨

ପୂର୍ଣ୍ଣିଆ ଏମପି ରାଜେଶ ରଞ୍ଜନ ଓରଫ ପପୁ ଯାଦବଙ୍କୁ ବିହାର ପୋଲିସ ଶୁକ୍ରବାର ମଧ୍ୟ ରାତ୍ରରେ ତାଙ୍କ ବାସଭବନରୁ ଗିରଫ କରିଛି। ୩୧ ବର୍ଷ ତଳର ଏକ ଜମି ଘୋଟାଲା ମାମଲାରେ ପପୁଙ୍କୁ କୋର୍ଟରେ ହାଜର ହେବାକୁ ସମନ କରାଯାଇଥିଲା। କିନ୍ତୁ ବାରମ୍ବାର ସମନ କରାଯିବା ସତ୍ତ୍ୱେ ସେ ହାଜର ନ ହେବାରୁ କୋର୍ଟ ୱାରେଣ୍ଟ ଜାରି କରିଥିଲେ। ଏହାସତ୍ତ୍ୱେ ସେ ନ ଆସିବାରୁ ଶୁକ୍ରବାର ରାତିରେ ପାଟନା ପୋଲିସ ପପୁଙ୍କ ବାସଭବନରେ ପହଞ୍ଚିଥିଲା। ଖବର ପାଇ ପପୁଙ୍କ ଅନେକ ଶହ ସମର୍ଥକ ରୁଣ୍ଡ ହୋଇ ପୋଲିସକୁ ବିରୋଧ କରିଥିଲେ। କିଛି ସମୟ ପାଇଁ ପୋଲିସ ଏବଂ ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କିନ୍ତୁ ଶେଷରେ ପୋଲିସ ପପୁଙ୍କୁ ଗିରଫ କରିଥିଲା।

# ବାଂଲାଦେଶ ହାଜତରେ ହିନ୍ଦୁ ନେତାଙ୍କ ମୃତ୍ୟୁ

ଢାକା,୭।୨

ହାଜତରେ ଥିବା ବାଂଲାଦେଶର ଅନ୍ୟତମ ଶୀର୍ଷ ହିନ୍ଦୁ ନେତା ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ସେନ୍ ଗୁରୁତର ଅସୁସ୍ଥ ହୋଇପଡ଼ିବା ପରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ଖୁବ୍ ସାହାଯ୍ୟକାରୀ ଏବଂ ତାଙ୍କ ରାଜନୈତିକ ଜୀବନ ସ୍ୱଚ୍ଛ ଥିଲା। ଆୱାମୀ ଲିଗ୍‌ର ଏହି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀଙ୍କୁ ହାଜତରେ କରାଯାଇଥିବା ଚିକିତ୍ସାକୁ ନେଇ ପ୍ରଶ୍ନ ଉଠିଛି। ୮୫ ବର୍ଷୀୟ ସେନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ରହିଥିବାବେଳେ ଜଣେ ପୂର୍ବତନ ମନ୍ତ୍ରୀ ଭଳି ତାଙ୍କୁ ଚିକିତ୍ସା ସୁବିଧା ଦିଆଯାଉ ନ ଥିଲା ବୋଲି ଜଣାପଡ଼ିଛି। ଶେଖ୍ ହାସିନା କ୍ଷମତାରୁ ବିଦା ହେବା ପରେ ଆୱାମୀ ଲିଗ୍ ନେତାମାନଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇ ସେମାନଙ୍କୁ ବିଭିନ୍ନ ମାମଲାରେ ଜେଲରେ ରଖାଯାଇଥିଲା। ପୂର୍ବତନ ମନ୍ତ୍ରୀ ସେନ୍‌ଙ୍କ ବିରୋଧରେ ହତ୍ୟା ସମେତ ୩ଟି ଅଭିଯୋଗରେ ମାମଲା ରୁଜୁ ହୋଇଥିଲା।

# ସମୁଦ୍ର ମଧ୍ୟରେ ଅନ୍ତର୍ଜାତୀୟ ତୈଳ ଚୋରାଚାଲାଣ ର୍‍ୟାକେଟ୍ ଠାବ



ନୂଆଦିଲ୍ଲୀ,୭।୨(ପି.ଟି.)

ଭାରତୀୟ ତଟସୁରକ୍ଷା ବାହିନୀ ମୁମ୍ବାଇ ଉପକୂଳରୁ ପଶ୍ଚିମରେ ପ୍ରାୟ ୧୦୦ ନଟିକାଲ ମାଇଲ ଦୂର ସମୁଦ୍ର ମଝିରେ ଏକ ଅନ୍ତର୍ଜାତୀୟ ତୈଳ ଚୋରାଚାଲାଣକାରୀ ର୍‍ୟାକେଟ୍‌କୁ ଠାବ କରିଥିବା ଶନିବାର କହିଛି। ଏହି କାର୍ଯ୍ୟରେ ନିୟୋଜିତ କେତେକ ଜାହାଜକୁ ତଟସୁରକ୍ଷା ବାହିନୀ ଜବତ କରିଛି। ବିବାଦ ମଧ୍ୟରେ ଥିବା ଦେଶଗୁଡ଼ିକରୁ ପ୍ରଚୁର ପରିମାଣର ଶସ୍ତା ତୈଳ ଏବଂ ତୈଳଭିତ୍ତିକ ପଣ୍ୟ ଚୋରା ଚାଲାଣ କରିବା ପାଇଁ ଉକ୍ତ ଜାହାଜଗୁଡ଼ିକ ଏକ ପଦ୍ଧତି ବାହାର କରିଥିଲେ। ସମୁଦ୍ର ମଧ୍ୟରେ ଉକ୍ତ ତୈଳକୁ ସେମାନେ ମୋଟର ଟ୍ୟାଙ୍କରଗୁଡ଼ିକୁ ସ୍ଥାନାନ୍ତର କରି ଲାଭ ଉଠାଉଥିଲେ ବୋଲି ତଟସୁରକ୍ଷା ବାହିନୀ କହିଛି। ସମୁଦ୍ର ମଧ୍ୟଭାଗରେ ସେମାନଙ୍କର ଏହି ଦୁଃସାହସିକ ଅଭିଯାନକୁ ତଟସୁରକ୍ଷା ବାହିନୀ ଡିଜିଟାଲ ସର୍ଭିଲାନ୍ସ ବଳରେ ଧରିବାରେ ସଫଳ ହୋଇଛି। ଗତ ଗୁରୁବାର ୩ଟି ଜାହାଜକୁ ତଟସୁରକ୍ଷା ବାହିନୀ ପିଛା କରିବା ପରେ ସେଗୁଡ଼ିକର କାଗଜପତ୍ର ଯାଞ୍ଚ କରିବା ଓ ସେଥିରେ ଥିବା କର୍ମଚାରୀମାନଙ୍କୁ ଜେରା କରିବା ପରେ ତୈଳ ଚୋରାକାରବାର ସମ୍ପର୍କିତ ତଥ୍ୟ ମିଳିଥିଲା। ଉପକୂଳ ରାଜ୍ୟଗୁଡ଼ିକର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଉକ୍ତ ଜାହାଜଗୁଡ଼ିକ ବାରମ୍ବାର ପରିଚୟ ବଦଳାଉଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜାହାଜ ମାଲିକ ଅନ୍ୟ ଦେଶର ବୋଲି ଜଣାପଡ଼ିଛି।

# ରିତୁ ତାବ୍‌ଡେ ହୋଇପାରନ୍ତି ମୁମ୍ବାଇ ମେୟର

ମୁମ୍ବାଇ,୭।୨

ବିଏମ୍‌ସି ମେୟର ନିର୍ବାଚନ ଆସନ୍ତା ୧୧ରେ ହେବାକୁ ଯାଉଛି। ଭାଜପା ଏହାର ବରିଷ୍ଠ କର୍ପୋରେଟର ରିତୁ ତାବ୍‌ଡେଙ୍କୁ ମେୟର ପ୍ରାର୍ଥୀ କରିଛି। ବୃହନ ମୁମ୍ବାଇ ମହାନଗର ନିଗମରେ ଭାଜପାର ଏକକ ସଂଖ୍ୟାଗରିଷ୍ଠତା ଥିବାରୁ ରିତୁ ବିଜୟ ହେବା ନିଶ୍ଚିତ ବୋଲି କୁହାଯାଉଛି।




ରିତୁ ଏହା ପୂର୍ବରୁ କର୍ପୋରେଟର ରହିବା ସହିତ ଶିକ୍ଷା କମିଟିର ଅଧ୍ୟକ୍ଷା ରହିଥିଲେ। ତାଙ୍କର ଦୃଢ଼ ଅଭିଜ୍ଞତା ଓ କାର୍ଯ୍ୟ ଦକ୍ଷତାକୁ ନେଇ ଦଳ ତାଙ୍କର ବିଜୟ ଆଶା ରଖିଛି। ସେପଟେ ସହଯୋଗୀ ଶିବସେନା ପକ୍ଷରୁ ସଞ୍ଜୟ ଶେଖର ଘଡିଙ୍କୁ ଡେପୁଟି ମେୟର ପ୍ରାର୍ଥୀ କରାଯାଇଛି। ୨୫ ବର୍ଷ ବିଏମ୍‌ସିକୁ ଦଖଲରେ ରଖିଥିବା ଶିବସେନା (ୟୁବିଟି) ପ୍ରଥମଥର ପାଇଁ କ୍ଷମତା ହରାଇଛି।

# ପିଓକେ, ଅକ୍ସାଇ ଚୀନ୍‌କୁ ଭାରତର ଦର୍ଶାଇଲା ଆମେରିକା

## ପାକିସ୍ତାନ, ଚାଇନାକୁ ଧକ୍କା

ନୂଆଦିଲ୍ଲୀ,୭।୨

ଆମେରିକା ସହ ଭାରତର ବାଣିଜ୍ୟ ବୁଝାମଣାକୁ ନେଇ ଉଭୟ ପକ୍ଷ ଉତ୍ସାହିତ ରହିଛନ୍ତି। ବିଶେଷକରି ଶିଳ୍ପଦ୍ୟୋଗୀ ଏବଂ ରପ୍ତାନିକାରୀମାନେ ଅତ୍ୟନ୍ତ ଆଶାବାଦୀ ହୋଇପଡ଼ିଛନ୍ତି। ଏହାମଧ୍ୟରେ ଆମେରିକା ଏବଂ ଭାରତ ପକ୍ଷରୁ ଶୁକ୍ରବାର ଏନେଇ ଏକ ଅନ୍ତରୀଣ ଫ୍ରେମ୍‌ୱାର୍କ ଘୋଷଣା କରାଯାଇଛି। କିନ୍ତୁ ଏହି ଫ୍ରେମ୍‌ୱାର୍କ ଘୋଷଣା ସମୟରେ ଆମେରିକା ବାଣିଜ୍ୟ ବିଭାଗ ପକ୍ଷରୁ ଭାରତର ଯେଉଁ ମାନଚିତ୍ର ପ୍ରକାଶ କରାଯାଇଛି ତାହାକୁ ନେଇ ଚାଇନା ଏବଂ ପାକିସ୍ତାନକୁ ଶକ୍ତ ଧକ୍କା ଲାଗିଛି। ଭାରତ-ଆମେରିକା ବାଣିଜ୍ୟ ବୁଝାମଣାକୁ ନେଇ ଆମେରିକାର ଟ୍ରେଡ୍ ରିପ୍ରେଜେନ୍‌ଟେଟିଭସ୍ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ଭାରତର ମାନଚିତ୍ରରେ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ସମେତ ସମ୍ପୂର୍ଣ୍ଣ ଜମ୍ମୁ କଶ୍ମୀରକୁ ଭାରତର ଅଂଶ ବୋଲି ଦର୍ଶାଯାଇଛି। ସେହିପରି ଅକ୍ସାଇ ଚୀନ୍‌କୁ ଚାଇନା ନିଜର ବୋଲି ଦାବି କରିଆସୁଥିଲାବେଳେ ଏହାକୁ ମଧ୍ୟ ଉକ୍ତ ମାନଚିତ୍ରରେ ଭାରତର ଅଂଶ ଭାବେ ଦର୍ଶାଯାଇଛି। କଶ୍ମୀର ଭାରତର ଅଭିନ୍ନ ଅଙ୍ଗ ଏଥିରେ ସନ୍ଦେହ ନାହିଁ,ହେଲେ ପିଓକେ ସମେତ କଶ୍ମୀରକୁ ଆମେରିକା ସମ୍ପୂର୍ଣ୍ଣ ଭାରତର ଅଂଶ ଭାବେ ଦର୍ଶାଇବା ପାକିସ୍ତାନ ପାଇଁ ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଦୁଇ ଦିନ ତଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ କଶ୍ମୀରକୁ ପାକିସ୍ତାନର ଅଂଶ ଭାବେ ଦାବି କରିବା ସହିତ ଏହାକୁ ଫେରାଇ ଆଣିବାକୁ ପଡ଼ିବ ବୋଲି କହିଥିଲେ। କିନ୍ତୁ ଏହାର ୪୮ ଘଣ୍ଟା ପରେ ଆମେରିକା ଜାରି କରିଥିବା ମାନଚିତ୍ରକୁ ନେଇ ପାକିସ୍ତାନକୁ କୂଟନୈତିକ ସ୍ତରରେ ଉଚିତ ଜବାବ ମିଳିଯାଇଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ମାନଚିତ୍ର ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେହିପରି ଅକ୍ସାଇ ଚୀନ୍‌କୁ ସବୁବେଳେ ବିବାଦୀୟ କହି ଆସିଥିବା ଚାଇନାକୁ ମଧ୍ୟ ଆମେରିକା କୂଟନୈତିକ ସ୍ତରରେ ଉଚିତ ଜବାବ ଦେଇଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।




# ଇନ୍‌ଷ୍ଟାଗ୍ରାମ ରିଲ୍ କଲାବେଳେ ଭାରସାମ୍ୟ ହରାଇ ମହିଳାଙ୍କ ମୃତ୍ୟୁ

କାନପୁର,୭।୨

ଉତ୍ତରପ୍ରଦେଶର ବଣ୍ଡା ଜିଲା ଅନ୍ତର୍ଗତ ବବେରୁ ସହରର କରୁଇୟା ପୁର୍ୱାଠାରେ ଜଣେ ୨୭ ବର୍ଷୀୟା ମହିଳା ଇନ୍‌ଷ୍ଟାଗ୍ରାମ ରିଲ୍ ପ୍ରସ୍ତୁତ କରୁଥିବାବେଳେ ପ୍ରାଣ ହରାଇଛନ୍ତି। ଗୋଡ଼ ଖସିଯିବାରୁ ସେ ଲଗାଇଥିବା ଫାଶ ତାଙ୍କ ବେକରେ ଚାପି ହୋଇଯାଇଥିଲା। ମୋହିନୀ ନାମ୍ନୀ ଉକ୍ତ ମହିଳା ଶୁକ୍ରବାର ସନ୍ଧ୍ୟାରେ ମୋବାଇଲ ଫୋନ୍ ଯୋଗେ ଫାଶୀଦୃଶ୍ୟର ଶୁଟିଂ କରୁଥିଲେ। ସେ ସିଲିଂ ହୁକରୁ ଏକ ଫାଶ ଝୁଲାଇ ତାଙ୍କ ବେକରେ ଲଗାଇଥିଲେ। ଭାରସାମ୍ୟ ହରାଇବାରୁ ଷ୍ଟୁଲ୍‌ରୁ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ଫାଶୀ ଦୃଶ୍ୟ ବାସ୍ତବ ଫାଶୀରେ ପରିଣତ ହୋଇ ମୋହିନୀଙ୍କ ପ୍ରାଣ ଚାଲିଯାଇଥିଲା।

# ମାର୍ଚ୍ଚ ପୂର୍ବରୁ ବୋତୋସ୍ୱାନାରୁ ଆସିବେ ଚିତା

ନୂଆଦିଲ୍ଲୀ,୭।୨(ପି.ଟି.)

ବୋତୋସ୍ୱାନାରୁ ପ୍ରଥମ ପର୍ଯ୍ୟାୟରେ କେତେକ ଚିତାବାଘ ଚଳିତ ମାସ ଶେଷ ସୁଦ୍ଧା ଭାରତରେ ଆସି ପହଞ୍ଚିବେ ବୋଲି ଆଶା କରାଯାଉଥିବା କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଶନିବାର କହିଛନ୍ତି। ସେଠାରୁ ୮ଟି ଚିତାବାଘ ଆଣିବା ପାଇଁ ଯୋଜନା ଚାଲିଛି। ବାଘ ସଂଖ୍ୟାରେ ପରିବର୍ତ୍ତନ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ କେନ୍ଦ୍ର ପ୍ରାୟୋଜିତ ଯୋଜନା କାର୍ଯ୍ୟକାରିତାର ଆକଳନ ଆଦି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବ୍ୟାଘ୍ର ସଂରକ୍ଷଣକୁ ନେଇ ରହିଥିବା ଚ୍ୟାଲେଞ୍ଜଗୁଡ଼ିକ ଉପରେ ସମୀକ୍ଷା କରିବା ଲାଗି ୪ଟି କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରିବାକୁ ଯାଦବ କହିଛନ୍ତି। ରାଜସ୍ଥାନର ଅଲୱାରରେ ବାଘ ଥିବା ରାଜ୍ୟଗୁଡ଼ିକର ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କ୍ଷେତ୍ର ନିର୍ଦ୍ଦେଶକମାନଙ୍କ ୨ ଦିନିଆ ସମ୍ମିଳନୀର ଉଦ୍‌ଘାଟନୀ ଅବସରରେ ଉଦ୍‌ବୋଧନ ଦେଇ ପରିବେଶ ମନ୍ତ୍ରୀ କହିଛନ୍ତି, ବ୍ୟାଘ୍ର ସଂରକ୍ଷଣରେ ଭାରତ ୫୦ ବର୍ଷ ପୂରଣ କରିଥିବାରୁ ବିସ୍ତୃତ ନୀତି ସମୀକ୍ଷାର ଏହା ଉପଯୁକ୍ତ ସମୟ। ଦେଶରେ ଲୁପ୍ତ ହୋଇଥିବା ବନ୍ୟପ୍ରାଣୀଗୁଡ଼ିକର ଅନ୍ତର୍ଜାତୀୟ ସ୍ଥାନାନ୍ତରଣରେ ଭାରତ ସଫଳତା ହାସଲ କରିଛି। ବିଦେଶରୁ ଅଣାଯାଇଥିବା ଚିତାବାଘଗୁଡ଼ିକ ଭାରତରେ ଜନ୍ମିତ ତୃତୀୟ ପିଢ଼ିରେ ପହଞ୍ଚିଥିବାବେଳେ ଫେବୃଆରୀ ଶେଷ ସୁଦ୍ଧା ଆଉ ଏକ ନୂଆ ବ୍ୟାଚ୍ ଚିତାବାଘ ବୋତସ୍ୱାନାରୁ ଆସି ଭାରତରେ ପହଞ୍ଚିବା ଆଶା କରାଯାଉଛି ବୋଲି ଯାଦବ କହିଛନ୍ତି। ୨୦୨୨ ସେପ୍ଟେମ୍ବରରେ ଭାରତ ପ୍ରୋଜେକ୍ଟ ଚିତା ଆରମ୍ଭ କରି ଆଫ୍ରିକୀୟ ଦେଶ ନାମିବ୍ୟାରୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ୮ଟି ଚିତାବାଘ ଆଣିଥିଲା।



# କାନ୍ଦିଲେ ଭୂମିକା



ଭୂମିକା ଚାୱଲା

ମୁମ୍ବାଇ


ବଲିଉଡ୍ ଅଭିନେତ୍ରୀ ଭୂମିକା ଚାୱଲା। ଏବେ ସେ ଫିଲ୍ମରେ କମ୍ ସକ୍ରିୟ ଥିଲେ ବି ପ୍ରାୟତଃ ଚର୍ଚ୍ଚାରେ ଅଛନ୍ତି। ସୁପରଷ୍ଟାର ସଲମାନ ଖାନ୍‌ଙ୍କ ଫିଲ୍ମ 'ତେରେ ନାମ୍'ରେ ନିର୍ଜରା ଭୂମିକା ପାଇଁ ଏବେ ବି ଚର୍ଚ୍ଚିତ। ନିକଟରେ ଭୂମିକା ଏକ କାର୍ଯ୍ୟକ୍ରମର ମଞ୍ଚ ଉପରେ କାନ୍ଦୁଥିବାର ଦେଖାଯାଇଥିଲା। ଭୂମିକା ଫିଲ୍ମ 'ୟୁଫୋରିଆ'ରେ ନଜର ଆସିବେ। ଏଥିରେ ରଣବୀର ସିଂଙ୍କ ବ୍ଲକ୍‌ବଷ୍ଟର 'ଧୁରନ୍ଧର'ର ନାୟିକା ସାରା ଅର୍ଜୁନ ମଧ୍ୟ ଅଛନ୍ତି। ଏହି ଫିଲ୍ମର କାହାଣୀ ହାଇଦ୍ରାବାଦ୍‌ରେ ସଂଘଟିତ ଏକ ସତ୍ୟ ଘଟଣା ଉପରେ ଆଧାରିତ। ଫିଲ୍ମ ରିଲିଜ୍ ହେବା ପୂର୍ବରୁ ହାଇଦ୍ରାବାଦ୍‌ରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରେ ଭୂମିକା 'ୟୁଫୋରିଆ' ସହିତ ତାଙ୍କ ଅଭିଜ୍ଞତା ବାଣ୍ଟି କାନ୍ଦି ପକାଇଥିଲେ। ଫିଲ୍ମର କାହାଣୀ ଶୁଣି ସାରାରାତି ଶୋଇ ପାରି ନ ଥିବା ସେ କହିଛନ୍ତି। ଗୁଣଶେଖରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ନିଶା ନିବାରଣ ଏବଂ ଛୋଟ ପିଲାମାନଙ୍କ ମଧ୍ୟରେ ଯୌନ ଶୋଷଣର ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପର୍ଯ୍ୟବସିତ। କାହାଣୀଟି ୨୦୨୨ରେ ଜୁବିଲି ହିଲ୍ସରେ ଘଟିଥିବା ଏକ ଘଟଣା ଉପରେ ଆଧାରିତ। ଏଠାରେ ଏକ ପ୍ରଭାବଶାଳୀ ପରିବାରର ପାଞ୍ଚଜଣ ନାବାଳକ ଜଣେ ୧୭ ବର୍ଷୀୟା ଝିଅକୁ ଯୌନ ନିର୍ଯାତନା ଦେଇଥିଲେ।




# ସମୃଦ୍ଧିର ପ୍ରୟୋଗଶାଳା ହେବ ବିସିପିପିଇଆର୍

**ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର୍) ପାଇଁ ଏକ ଅର୍ଥନୈତିକ ଯୋଜନା (ଇକୋନୋମିକ ପ୍ଲାନ୍)ର ଶୁଭାରମ୍ଭ କରିଛନ୍ତି। ସରକାରଙ୍କ ପରିକଳ୍ପନା ଅନୁଯାୟୀ ଏହି ଅଞ୍ଚଳଗୁଡ଼ିକରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ। ମେଟାଲ ଡାଉନଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ, କେମିକାଲ୍ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇଟି ପରି ୮୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଯୋଜନା କରାଯାଇଛି। ଏହାସହ ୩୦ରୁ ଅଧିକ ପଲିସି ଇନିସିଏଟିଭ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।**

ଭୁବନେଶ୍ୱର,୭।୨ (ସୁନିତ୍ ମିଶ୍ର)




ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର୍) ପାଇଁ ଉଦ୍ଦିଷ୍ଟ ଇକୋନୋମିକ ପ୍ଲାନ୍‌କୁ ଉନ୍ମୋଚନ କରାଯାଉଛି। **(ଫଟୋ: ବିକାଶ ନାୟକ)**

ବିସିପିପିଇଆର୍ ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଏବଂ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ ମଧ୍ୟ ଯୋଗଦେଇଥିଲେ। ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିସିପିପିଇଆର୍ ଅଞ୍ଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଉକ୍ତ ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ ଏବଂ ସ୍ୱତନ୍ତ୍ରତା ରହିଛି। ଯେପରିକି ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର, ବ୍ୟବସାୟିକ ପରମ୍ପରାରେ କଟକ, ସଂସ୍କୃତି ଗରିମାରେ ପୁରୀ ଏବଂ ବନ୍ଦରଭିତ୍ତିକ ବିକାଶରେ ପାରାଦୀପ ରହିଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୦୨୬-୨୭ ବଜେଟରେ କେନ୍ଦ୍ର

## ୮୦ରୁ ଅଧିକ ପ୍ରକଳ୍ପ, ୩୦ରୁ ଊର୍ଦ୍ଧ୍ୱ ପଲିସି ଇନିସିଏଟିଭ ନିଆଯିବ

ସରକାର ସିଟି ଇକୋନୋମିକ୍ ରିଜିଅନ ପରିକଳ୍ପନା କରିଛନ୍ତି। ଏଥିରେ ବିସିପିପିଇଆର୍ ରିଜିଅନ ସ୍ଥାନ ପାଇଛି। ପ୍ରତ୍ୟେକ ସିଇଆର୍ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି। ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥନୀତି ସାରା ଓଡ଼ିଶାର ଅର୍ଥନୀତି ଅନୁଯାୟୀ ୧୯% ରହିଛି। ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଉକ୍ତ ଯୋଜନା ଓଡ଼ିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ। ଆଗକୁ ରାଜ୍ୟର ଅନ୍ୟ ସହରଗୁଡ଼ିକ ପାଇଁ ଏଭଳି ଯୋଜନା ପ୍ରସ୍ତୁତ କରାଯିବ।

ନୀତି ଆୟୋଗ ସଦସ୍ୟ ରାଜୀବ ଗୌବା କହିଛନ୍ତି, ବିସିପିପିଇଆର୍ ପ୍ରୋଜେକ୍ଟ ବିକଶିତ ଓଡ଼ିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ। ଏହି ରିଜିଅନର ଅଭିବୃଦ୍ଧି ହେଲେ ଅଞ୍ଚଳବାସୀଙ୍କ ମଧ୍ୟ ଅଭିବୃଦ୍ଧି ହେବ। ଉକ୍ତ ଯୋଜନାକୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ନୀତି ଆୟୋଗ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ କହିଛନ୍ତି, ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ☞ପୃଷ୍ଠା-୪

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ନିଲମ୍ବିତ

ସମ୍ବଲପୁର,୭।୨ (ପ୍ରମୋଦ ବହିଦାର)

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ଏମ୍‌ବିଏ ବିଭାଗର ଗବେଷଣାରତ ଜଣେ ପିଏଚ୍.ଡି. ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ତାଙ୍କ ଗାଇଡ୍ ସହକାରୀ ପ୍ରଫେସର ଡ. ସରୋଜ ସାହୁ ନିଲମ୍ବିତ ହୋଇଛନ୍ତି। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଏହି ଘଟଣାର ତଦନ୍ତକରି ରିପୋର୍ଟ ଦାଖଲ କରିଥିଲା। ଉକ୍ତ ରିପୋର୍ଟ ଆଧାରରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ଉକ୍ତ ନିଲମ୍ବନ ଆଦେଶ ଅନୁସାରେ ଡ. ସାହୁଙ୍କୁ ଶୈକ୍ଷିକ ଓ ପ୍ରଶାସନିକ ଦାୟିତ୍ୱରୁ ମୁକ୍ତ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ବା ସ୍ନାତକୋତ୍ତର ବିଭାଗର କୌଣସି ବିଭାଗକୁ ପ୍ରବେଶ ବା କୌଣସି ପ୍ରଶାସନିକ ବୈଠକରେ ଯୋଗ ଦେବାକୁ ବାରଣ କରାଯାଇଛି। ଏପରିକି ବିନା ଅନୁମତିରେ କେନ୍ଦ୍ରୀୟ ପାଠାଗାରକୁ ମଧ୍ୟ ଯାଇପାରିବେ ନାହିଁ। ସେହିପରି ☞ପୃଷ୍ଠା-୪

# ଉତ୍ତର ଓଡ଼ିଶାରେ ୫ ଡିଗ୍ରୀ କମିଲା ତାପମାତ୍ରା

ଭୁବନେଶ୍ୱର,୭।୨ (ବନ୍ଦନା ସେଠୀ)

ରାଜ୍ୟ ପାଣିପାଗରେ ପରିବର୍ତ୍ତନ ଆସିଛି। ରାତି ତାପମାତ୍ରା ହଠାତ୍ ୪ରୁ ୫ ଡିଗ୍ରୀ କମିଯିବାରୁ ଶୀତ ଅନୁଭୂତ ହୋଇଛି। ରାତିରେ ଥଣ୍ଡା ବଢ଼ିଥିଲେ ମଧ୍ୟ ଦିନରେ ଖରାତାତି ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡ଼ିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇଛି। ତେବେ ଅନ୍ୟ କୌଣସି ଅଞ୍ଚଳରେ ସେପରି କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡାରେ ସର୍ବାଧିକ ତାପମତ୍ରା ୩୪.୪ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆସନ୍ତା ୪ରୁ ୫ ଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ। ଅପରପକ୍ଷେ ବିଭିନ୍ନ ଜିଲାରେ କୁହୁଡି ପରିଲକ୍ଷିତ ହେବା ନେଇ ପୂର୍ବାନୁମାନ କରାଯାଇଛି। ରବିବାର ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଏବଂ ଜଗତ୍‌ସିଂହପୁର ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ସମ୍ଭାବନା ରହିଛି। ସୋମବାର ପୁରୀ, ଗଞ୍ଜାମ, ଜଗତ୍‌ସିଂହପୁର ଏବଂ ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ପୁରୀ ଓ ଜଗତ୍‌ସିଂହପୁର ଜିଲାରେ କୁହୁଡି ନେଇ ପୂର୍ବାନୁମାନ କରାଯାଇଛି।

# ବୋଲେରୋ ପିକ୍‌ଅପ୍ ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

କ. ନୂଆଗାଁ,୭।୨ (କାଳୀ ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ. ନୂଆଗାଁ ବ୍ଲକ ଅନ୍ତର୍ଗତ ବୁଡ଼ାବାଲିଠାରେ ଶନିବାର ଏକ ବୋଲେରୋ ପିକଅପ୍ ଭ୍ୟାନ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଆରୋହୀ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ପ୍ରଶାନ୍ତ ପାତ୍ର ହୋଇଥିବା ବେଳେ ଅନ୍ୟ ମୃତକଙ୍କ ପରିଚୟ ମିଳିପାରିନାହିଁ। ଖବରରୁ ଜଣାପଡିଛି, ବୋଲେରୋ ପିକ୍‌ଅପ୍ ଭ୍ୟାନ (ଓଡି ୦୭ଏ-୫୩୧୬)ଟି ବାଲିଗୁଡାରୁ ସାରଙ୍ଗଡ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ☞ପୃଷ୍ଠା-୪

# ଛାତ୍ରାବାସରୁ ଛାତ୍ର ନିଖୋଜ

ଦାରିଙ୍ଗବାଡ଼ି,୭।୨ (ଅରୁଣ ସାହୁ)

## ଅନୁସୂଚିତ ଜନଜାତି ଓ ଜାତି ଏବଂ ପଛୁଆବର୍ଗ କଲ୍ୟାଣ ବିଦ୍ୟାଳୟ

### ସୁଦୃକୁମ୍ପା ଅଞ୍ଚଳରୁ ଆସି ଛାତ୍ରାବାସରେ ରହି ପଢୁଥିଲେ

କନ୍ଧମାଳ ଜିଲା ଦାରିଙ୍ଗବାଡିସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଏବଂ ପଛୁଆବର୍ଗ କଲ୍ୟାଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ନବମ ଶ୍ରେଣୀରେ ପଢୁଥିଲେ। ତାଙ୍କ ନାମ କିଷାନ ବେହେରା(୧୪)। କିଷାନଙ୍କ ଘର ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଦୃକୁମ୍ପା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ହୋଇଥିବା ଛାତ୍ରଙ୍କ ସମ୍ପର୍କରେ କିଛି ସୁରାକ ନ ପାଇବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଶନିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମାସକ ମଧ୍ୟରେ ଏହି ବିଦ୍ୟାଳୟରେ ୨ ଥର ଅଘଟଣ ଘଟିବା ସାଧାରଣରେ ଗଭୀର ଆଲୋଡନ ଖେଳାଇ ଦେଇଛି। ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି।

ଖବରରୁ ଜଣାପଡ଼ିଛି, ସୁଦୃକୁମ୍ପା ଅଞ୍ଚଳର ଅର୍ଜୁନ ବେହେରାଙ୍କ ପୁଅ କିଷାନ ଦାରିଙ୍ଗବାଡ଼ିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରାବାସରେ ରହି ନବମ ଶ୍ରେଣୀରେ ପଢୁଥିଲେ। ଶୁକ୍ରବାର ସନ୍ଧ୍ୟାରୁ ସେ ନିଖୋଜ ହୋଇଯାଇଥିଲେ। ଏହା ଜାଣିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ କିଷାନଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। କାଳେ ସେ ଗାଁକୁ ଚାଲିଯାଇଥିବେ ଚିନ୍ତାକରି ପ୍ରଧାନଶିକ୍ଷକ ଉମାଶଙ୍କର ସାମନ୍ତରାୟ କିଷାନଙ୍କ ମା'ବାପାଙ୍କୁ ପଚାରିଥିଲେ। ମାତ୍ର ସେ ଗାଁକୁ ଯାଇ ନ ଥିବା ଜାଣିବାକୁ ପାଇଥିଲେ। ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ପ୍ରଧାନଶିକ୍ଷକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିଦ୍ୟାଳୟରେ ସୁପରିଣ୍ଟେଣ୍ଡଙ୍କ ସମେତ ସିସିଏ (କୁକ୍ କମ୍ ଆଟେଣ୍ଡାଣ୍ଟ) ଥାଇ ସୁଦ୍ଧା ଗୋଟିଏ ମାସ ମଧ୍ୟରେ ☞ପୃଷ୍ଠା-୪

# ଖୁବ୍‌ଶୀଘ୍ର ମାଓବାଦୀ ମୁକ୍ତ ହେବ ରାୟଗଡ଼ା: ଏଡିଜି

ରାୟଗଡ଼ା,୭।୨ (ଆଶିଷ ରଞ୍ଜନ ପଣ୍ଡା)

## ରାୟଗଡ଼ାରେ ଆତ୍ମସମର୍ପଣ ସମାରୋହ

### ପୋଲିସକୁ ୧୪ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଦେଲେ ମାଓବାଦୀ



ରାୟଗଡ଼ା ପୋଲିସ ପାଖରେ ଶୁକ୍ରବାର ବାଶଧାରା-ଘୁମୁସର-ନାଗାବଳୀ(ବାଘୁନା) ଡିଭିଜନର ମାଓବାଦୀ ଦମ୍ପତି ନିଖିଲ ଓ ଇନ୍ଦୁଙ୍କ ସମେତ ୧୫ ଜଣ ଆତ୍ମସମର୍ପଣ କରିଥିଲେ। ଏହାପରେ ଶନିବାର ରାୟଗଡ଼ା ଜିଲା ପୋଲିସ କାର୍ଯ୍ୟାଳୟରେ ଆତ୍ମସମର୍ପଣ ସମାରୋହ କରାଯାଇଛି। ରାୟଗଡ଼ା ଜିଲା ମାଓବାଦୀ ମୁକ୍ତ ଜିଲା ହେବ ବୋଲି ଏଡିଜି ସଞ୍ଜୀବ ପଣ୍ଡା ସେଠାରେ ଯୋଗଦେଇ କହିଛନ୍ତି। ସେଠାରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସ୍ୱାଗତ କରାଯାଇଛି। ଏଥିରେ ଏଡିଜି (ଆଣ୍ଟି ନକ୍ସଲ ଅପରେସନ) ସଞ୍ଜୀବ ପଣ୍ଡା, ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ସିହ୍ନା, ଆଇଜି ଅପରେସନ ଦୀପକ କୁମାର, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂ, ରାୟଗଡ଼ା ଏସପି ସ୍ୱାଥି ଏସ୍.କୁମାର, କନ୍ଧମାଳ ଏସ୍‌ପି ହରିଶ ବିସି, କଳାହାଣ୍ଡି ଏସ୍‌ପି ନାଗରାଜୁ ଡି ଓ ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ପ୍ରମୁଖ ଉପସ୍ଥିତ ଥିଲେ। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀମାନେ ପୋଲିସ ନିକଟରେ ନିଜର ଅସ୍ତ୍ରଶସ୍ତ୍ର ତ୍ୟାଗ କରିଥିଲେ। ୨ଟି ଏକେ ୪୭, ଏସ୍‌ଏଲ୍‌ଆର ୫ଟି, ଗୋଟିଏ ଲେଖାଏ ଷ୍ଟାଣ୍ଡଗନ, ଇନସାସ, ୩୦୩ ରାଇଫଲ ଏବଂ ସିଙ୍ଗଲ ସଟ ଗନ୍ ୪ଟି ପୋଲିସକୁ ହସ୍ତାନ୍ତର କରିଥିଲେ। ଦିନକୁ ଦିନ ମାଓବାଦୀଙ୍କ ବିରୋଧରେ ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ଜୋରଦାର ହେବା ପରେ ଏକ ବଡ ମାଓବାଦୀ ଗୋଷ୍ଠୀ ହିଂସାର ପଥ ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାର ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ଆତ୍ମସମର୍ପଣ ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୁଧା ସର୍ଜନା ମହାମହୋତ୍ସବ, ସ୍ଥାନ: ବାଲିଯାତ୍ରା ପଡ଼ିଆ(ଜରିପାଟଣା, ବରିମୁଣ୍ଡ), ସମୟ: ପ୍ରାତଃ ୫ଟାରୁ ରାତ୍ର ୯ଟା।
- ବିଶ୍ୱ ଭାରତୀ ପ୍ରାକ୍ତନୀ– ଆଲୁମିନି ଆସୋସିଏଶନ୍ ଅଫ୍ ବିଶ୍ୱ ଭାରତୀ ପକ୍ଷରୁ ୮ମ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଦ୍ୱାଦଶ ଅଧିବେଶନ, ସ୍ଥାନ: ରୋଟାରୀ ଭବନ, ୟୁନିଟ୍ ୯, ସମୟ: ସନ୍ଧ୍ୟା ୫ଟା ୩୦।
- ଧଉଳି–କଳିଙ୍ଗ ମହୋତ୍ସବ, ସ୍ଥାନ: ଶାନ୍ତିବିହାର, ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ଥିଏଟର୍ ସଂସ୍ଥା ପକ୍ଷରୁ 'ଲାବଣ୍ୟ ନାଟ୍ୟ ମହୋତ୍ସବ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ୭୪ତମ ରାଜ୍ୟ ପୋଲିସ ଆଥଲେଟିକ ଚାମ୍ପିୟନଶିପ ୨୦୨୬ର ଉଦଘାଟନୀ ସମାରୋହ, ସ୍ଥାନ: ବକ୍ସି ବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ, ସମୟ: ସକାଳ ୮ଟା ୩୦।
- ବିଜେଡି କଟକ ପକ୍ଷରୁ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଦାବି କରି ପ୍ରତିବାଦ, ସ୍ଥାନ: ବାରବାଟୀ ଷ୍ଟାଡ଼ିୟମ୍, ସମୟ: ସକାଳ ୯ଟା।
- କଟକ ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ମୋସନ ପିକ୍ଚର ଟେକ୍ନିସିଆନ୍ସ ଆଣ୍ଡ ୱାର୍କସ୍ ଆସୋସିଏସନ୍‌ର ୩୪ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଟାଉନ୍ ହଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦୁଇଦିନିଆ ବାର୍ଷିକ ଅବକାରୀ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସତ୍ୟବ୍ରତ ଷ୍ଟାଡିୟମ, ବାରବାଟୀ ଦୁର୍ଗ ପରିସର, ସମୟ: ଅପରାହ୍ନ ୩ଟା।
- ଗୋପିନାଥ ବେହେରା ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟ ପୂଜା ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ଚତୁର୍ଦ୍ଦଶ ଶିଶିର ମେଳାର ଚତୁର୍ଥ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳାର ତୃତୀୟ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜାଡ଼ିମଙ୍ଗଳା ସାହିତ୍ୟ ସଂସଦର ବସନ୍ତ ମହୋତ୍ସବ, ସ୍ଥାନ: ମା' ଜାଡ଼ିମଙ୍ଗଳା ପୀଠ, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା।

ବାବା ବୁଖାରୀ ଉର୍ସ କମିଟି ପକ୍ଷରୁ ବାର୍ଷିକ ଉର୍ସ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାବା ବୁଖାରୀ ପୀଠ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୂଳୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ବରି ସରକାରୀ ଉଚ୍ଚ ବିଦ୍ୟାଳୟ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ନୀଳ ସୁନ୍ଦରଜୀଉ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ସୁନ୍ଦରପୁର ହାଇସ୍କୁଲ ପଡିଆ, ଖଇରା, ସମୟ: ଅପରାହ୍ନ ୫ଟା।
- ବାରିଙ୍ଗିଆ ମହୋତ୍ସବର ଉଦ୍‌ଘାଟନୀ ଦିବସ, ସ୍ଥାନ: ବାରିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ରୂପ୍‌ସା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ରକ୍ତଦାନ ଶିବିର, ସ୍ଥାନ: ଚରମ୍ପା ରେଲ୍‌ୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ପାଲା ଓ ଲୋକକଳା ମହୋତ୍ସବ, ସ୍ଥାନ: ପ୍ରସନ୍ନ ବାସୁଦେବ ମନ୍ଦିର ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ କଳାକାର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦୋଦରୀ କଲ୍ୟାଣ ମଣ୍ଡପ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ତିହିଡ଼ି ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଆର୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଚରମ୍ପା ରେଲ୍‌ୱେ ପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଓଡ଼ିଶା ବ୍ରିଗେଡ୍ ସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବନ୍ଧୁ ମିଳନ ଓ ଗୁରୁ ପୂଜନ, ସ୍ଥାନ: ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ଏ ବି ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଶିବରାତ୍ରି ପାଇଁ ଦାୟିତ୍ୱ ବଣ୍ଟନ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଆମ ଗାଁ ଗୁରୁଜନ ପୂଜନ ଉତ୍ସବ, ସ୍ଥାନ: ଡିହିରାକୁଳ ଗ୍ରାମ ଦୋଳ ମଣ୍ଡପ ପଡ଼ିଆ, ଉଦଳା, ସମୟ: ସକାଳ ୮ଟା ୩୦।
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କଲେଜ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ତ୍ରିରଙ୍ଗା ଦେଶାତ୍ମବୋଧକ ସାଂସ୍କୃତିକ ସମାରୋହ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ ଟା।

## ଗଞ୍ଜାମ

- ହିନ୍ଦୁ ସମ୍ମିଳନୀ, ସ୍ଥାନ: ବଜାର ସାହି, ଗାନ୍ଧୀ ଛକ, ଦିଗପହଣ୍ଡ, ସମୟ: ଅପରାହ୍ନ ୩ ଟା।

## କନ୍ଧମାଳ

- ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ, ସ୍ଥାନ : ଯାତ୍ରା ପଡିଆ, ଦଣ୍ଡପଦର, ବାଲିଗୁଡା, ସମୟ : ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- ସନ୍ଧ୍ୟାତାରା ସାହିତ୍ୟ ସଂସଦର ସାରସ୍ୱତ ମହୋତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ରାୟଗଡ଼ା

- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଜଳନିଧି, ଗୁଡାରି ବ୍ଲକ୍, ସମୟ: ସକାଳ ୮ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଜେକେପୁର ଦୁର୍ଗା ମନ୍ଦିର, ସମୟ: ସକାଳ ୯ଟାରୁ ଆରମ୍ଭ।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକଦିବସୀୟ ସାରସ୍ୱତ ସମାବେଶ ଏବଂ କବିତା ପାଠୋତ୍ସବ, ସ୍ଥାନ: ଗୁଣପୁର ନିମନ୍ତ୍ରଣ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ମିନି ମାରାଥନ ଦୌଡ଼, ସ୍ଥାନ: ଉମରକୋଟ ଅଧିକାରୀଗୁଡ଼ାରୁ ମିନି ଷ୍ଟାଡିୟମ, ସମୟ: ସକାଳ ୬ଟା।
- ସତ୍‌ସଙ୍ଗ ବିହାର ବାର୍ଷିକ ଉତ୍ସବ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଁ ଶାନ୍ତି ଇଶ୍ୱରିୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସାଥି ସାମାଜିକ ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : ନାରୀ ସେବା ସଦନ, ସମୟ : ପୂର୍ବାହ୍ନ ୧୦ଟା।
- ୨୪ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ରେଢାଖୋଲ ବ୍ଲକ ଜେ. ରେଙ୍ଗାଲି, ସମୟ : ପୂର୍ବାହ୍ନ ୧୦ଟା।
- ବଡ଼ମାଲ ଲୋକ ମହୋତ୍ସବ ଦହନା ପାଇଁ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ : ରେଢାଖୋଲ ବ୍ଲକ ଅର୍ନ୍ତଗତ ବଡ଼ମାଲ, ସମୟ : ପୂର୍ବାହ୍ନ ୧୦ଟା।
- ହୀରାକୁଦ କ୍ରୀଡାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ, ସ୍ଥାନ : ହୀରାକୁଦ ସ୍ଥିତ ସୁଭାଷ ମଇଦାନ, ସମୟ : ଅପରାହ୍ନ ୨ଟା।
- ହ୍ୟାଣ୍ଡଲୁମ ସିଟି କେନାଇନ କ୍ଲବ ଆୟୋଜିତ ଡଗ ଶୋ–୨୦୨୬, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ପକ୍ଷରୁ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟରେ ସମ୍ବଲପୁର ବନାମ ଝାରସୁଗୁଡ଼ା ଜିଲାର ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର

- ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଲୋଇସିଂହା ବ୍ଲକର କୁଶଙ୍ଗ, ଆଗଲପୁର ବ୍ଲକର ମୁରସୁଣ୍ଡି, ପୁଇଁତଳା ବ୍ଲକର ମହିମୁଣ୍ଡା, ସମୟ: ଅପରାହ୍ନ ୨ଟା ୩୦।
- କଣ୍ଟାବାଞ୍ଜି ସନ୍ତୋଷ ଜିମ୍ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ପ୍ରତିଯୋଗିତା, ସ୍ଥାନ: ଇନ୍ଦିରା ଛକ ଶ୍ରୀହରି ଭବନ ସମ୍ମୁଖ, କଣ୍ଟାବାଞ୍ଜି, ସମୟ: ସନ୍ଧ୍ୟା ୫ଟା।
- ନବ ଗଠିତ ଲୋଇସିଂହା ଏନ୍‌ଏସି ସୀମା ନିର୍ଦ୍ଧାରଣ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଲୋଇସିଂହା ବ୍ଲକ ସଭା ଗୃହ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ବାଲାଜୀ ମନ୍ଦିରରେ ବ୍ରହ୍ମ ମହୋତ୍ସବ, ସ୍ଥାନ: ପ୍ରଧାନପାଲୀ, ସମୟ: ପ୍ରାତଃ ୬ଟା।
- ଫିଟ୍ ଇଣ୍ଡିଆ ପରିପ୍ରେକ୍ଷୀରେ ସାଇକେଲ ରାଲି, ସ୍ଥାନ: ସେକ୍ଟର–୬ ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୬ଟା ୩୦।
- ଜିଲାସ୍ତରୀୟ ସାହିତ୍ୟ ଉତ୍ସବ, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସମୟ: ସକାଳ ୯ଟା।
- ଏକ ଦିବସୀୟ ଗଳ୍ପ ପଠନ କର୍ମଶାଳା, ସ୍ଥାନ: ସେକ୍ଟର–୧୫, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଅରବିନ୍ଦ ବିଦ୍ୟାଳୟରେ ଜୋନାଲସ୍ତରୀୟ ସ୍ୱାସ୍ଥ୍ୟ କର୍ମଶାଳା, ସ୍ଥାନ: ସେକ୍ଟର–୫, ସମୟ: ପୂର୍ବାହ୍ନ ୧୦ଟା।
- କଥା ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା।
- ଉତ୍କଳମଣି ଗୋପବନ୍ଧୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ପକ୍ଷରୁ ଟେକ୍ ଫ୍ୟୁଜନ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ : ଜେଲ୍ ରୋଡ, ସମୟ: ଅପରାହ୍ନ ୫ଟା।
- ଏନ୍‌ଆଇଟି ନିଟ୍ରୋତ୍ସବ, ସ୍ଥାନ: ସାକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ରାଉରକେଲା ପୁସ୍ତକ ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଭଞ୍ଜ ଭବନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସି.କେ ନାଇଡୁ ଟ୍ରଫି, ସ୍ଥାନ: କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ:ସକାଳ ୯ଟା।
- ଜର୍ଜ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଜର୍ଜ ହାଇସ୍କୁଲ, ବରଗଡ଼, ସମୟ:ସକାଳ ୯ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ନିର୍ବାଚନ, ସ୍ଥାନ: କେସିଙ୍ଗା ସହରର ବୋରିଙ୍ଗ ପଦରସ୍ଥିତ ସାଇ ବୃନ୍ଦାବନ ଇନ୍ ହୋଟେଲ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବୌଦ୍ଧ

- ବାବା କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସରସରା, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ଛତରଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର, ହରଭଙ୍ଗା, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ଶାରୀରିକ ଶିକ୍ଷା ତାଲିମ ପ୍ରତିଷ୍ଠାନର ବନ୍ଧୁ ମିଳନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ଓ ଜିଲାସ୍ତରୀୟ ନବମ ବାର୍ଷିକ ସ୍ମୃତି ମହାସ୍ୱବ, ସ୍ଥାନ: ସୁବର୍ଣ୍ଣପୁର ସତ୍‌ସଙ୍ଗ ବିହାର, ସମୟ: ସକାଳ ୮ଟା।
- ମାଉଳି କ୍ରିକେଟ କପ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ଅଡାଲ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମାହେଶ୍ୱରୀ କ୍ରିକେଟ କପ୍‌ର ଫାଇନାଲ, ସ୍ଥାନ: ନୂଆଗଡ, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ୧୯ତମ ଆର୍‌ଏସ୍‌ସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ଭବ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ଆମସେନା ୫୯ତମ ବାର୍ଷିକ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଆମସେନା ମହାବିଦ୍ୟାଳୟ ଗୁରୁକୁଳ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡା, ସମୟ: ସନ୍ଧ୍ୟା ୬ଟା।
- ଖଡିଆଳ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଖଡିଆଳ ମହୋତ୍ସବ ଶେଷ ରଜନୀରେ ପଦ୍ମଶ୍ରୀ କୈଳାଶ ଖେରଙ୍କ ଷ୍ଟାର ନାଇଟ, ସ୍ଥାନ: ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ରାତ୍ର ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚିତ ହେବେ। ଏକାଦଶସ୍ଥ ଗ୍ରହ ପ୍ରଭାବରେ ଯାତ୍ରା, କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟା ସୁଧାରି ନେଇପାରନ୍ତି। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିବେ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେବ।

**ବୃଷ** ଗୁରୁତ୍ୱପୂର୍ଣ୍ଣ କାମରେ ବାହାରକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ଆପଣଙ୍କ ସହଯାତ୍ରୀ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନରେ ସମସ୍ୟା ଦୂର ହେବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ।

**ମିଥୁନ** କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନପାରେ। ଅସୁବିଧା ହେତୁକ ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। ମକଦ୍ଦମାରେ ବିଚାର ବିଳମ୍ବିତ ହେଉଥିବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଆର୍ଥିକ ଅନଟନ ଲାଗି ରହିବା ହେତୁ କରଜ କରିବାକୁ ପଡ଼ିବ।

**କର୍କଟ** ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହେବାର ସୂଚନା ରହିଛି। ପାରିବାରିକ ସ୍ତରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ସିଂହ** ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବନ୍ଧୁଙ୍କ ପରାମର୍ଶକୁ ପାଥେୟ କରି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସହକର୍ମୀଙ୍କ ସହିତ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ସାହିତ୍ୟ, ସାମ୍ବାଦିକତା ସାଙ୍ଗକୁ ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହେଲେ ସମସ୍ୟା ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ଇଚ୍ଛା ନ ଥିଲେ ମଧ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ପଡ଼ିପାରେ ।

**ତୁଳା** ପରିବାରରେ କାହା ମନ କାହା ସାଙ୍ଗରେ ନ ମିଶିବାରୁ ମନ ଭଲ ରହିବ ନାହିଁ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କ ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ମନ ମୁତାବକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ ବିଶୃଙ୍ଖଳିତ କରିବ। ପ୍ରଶାସନିକ ସ୍ତରରେ ସମସ୍ୟା ସରଳ ସମାଧାନ କରିବା କଷ୍ଟକର ହୋଇପାରେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିବ। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ ସହକର୍ମୀଙ୍କ ସାହାଯ୍ୟରୁ ଉପକୃତ ହେବେ। ଆଜି ପ୍ରତିଯୋଗିତାରେ ସଫଳତା ପାଇବା ସହଜସାଧ ହେବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତାରେ ଅଗ୍ରଗତି ଘଟିବ ।

**ମକର** ଦୀର୍ଘ ଦିନରୁ ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବାର ସୂଚନା ରହିଛି । ବନ୍ଧୁଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ରଚନାତ୍ମକ କାର୍ଯ୍ୟ ସାଙ୍ଗକୁ ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ। ଆତ୍ମୀୟମାନଙ୍କ ସାହାଯ୍ୟ ଲାଭ ଯୋଗୁ ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।

**କୁମ୍ଭ** ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ ଅସୁବିଧା ହେବ ନାହିଁ । ବ୍ୟବସାୟିକ ବୁଦ୍ଧି ପ୍ରଭାବରେ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାର ସମ୍ଭାବନା ରହିଛି। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମୀନ** କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ଫେବୃୟାରୀ ୮ ତାରିଖ, ବିଶ୍ୱ ବିବାହ ଦିବସ, ଫାଲ୍‌ଗୁନ କୃଷ୍ଣ ସପ୍ତମୀ ରବିବାର, ରାଶିନକ୍ଷତ୍ର–ସ୍ୱାତୀ/ତୁଳା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬।୨୨ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୩ ମଧ୍ୟେ ଶୁଭ ଶୁଭବେଳା। ଅପରାହ୍ନ ଘ.୦୪।୧୪ ଗତେ ଘ.୦୫।୩୮ ମଧ୍ୟେ ରାହୁକାଳ।

# ଅବଶିଷ୍ଟାଂଶ

## ସମ୍ବଲପୁର ବିଶ୍ୱବିଦ୍ୟାଳୟ...

କର୍ତ୍ତୃପକ୍ଷଙ୍କ କୌଣସି ପ୍ରାକ୍ ଅନୁମତି ବିନା ମୁଖ୍ୟାଳୟ ଛାଡ଼ି ଅନ୍ୟତ୍ର ଯାଇପାରିବେ ନାହିଁ। ତେବେ ନିଲମ୍ବନ ଅବଧି ମଧ୍ୟରେ ତାଙ୍କୁ ସ୍ନାତକୋତ୍ତର ପରିଷଦ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ନିଲମ୍ବନ ଅବଧିରେ ତାଙ୍କୁ ଛୁଟି ଦରମା ହାରରେ ବେତନ ଦିଆଯିବ। ମାତ୍ର ସେ ଅନ୍ୟ କୌଣସି ଅନୁଷ୍ଠାନ ସହ ଜଡ଼ିତ ହୋଇପାରିବେ ନାହିଁ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଅନ୍ୟ କୌଣସି ଅନୁଷ୍ଠାନ ସହ ବୃତ୍ତିଗତ କାର୍ଯ୍ୟରେ ନିୟୋଜିତ ନ ଥିବା ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ଏଥିପୂର୍ବରୁ ବିଶ୍ୱବିଦ୍ୟାଳୟର ଜଣେ ମହିଳା ସହକାରୀ ପ୍ରଫେସରଙ୍କୁ ଦୀର୍ଘବର୍ଷ ଧରି ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗରେ ୨୦୨୩ ଅଗଷ୍ଟ ୨୭ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରଜତ କୁଜୁର ନିଲମ୍ବିତ ହୋଇଥିଲେ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଇଲି ଗଲି,**
**ଯାହା ଦେଖିଥିଲି ତାହା କହିଲି ।**

ବେଳେ ବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତ କଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପର ଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅବାଣି କାଟଇ ଝୋଟ,**
**ଠାଏ ସରୁ ଠାଏ ମୋଟ ।**

ବାଣି ବା ସୂତା ଯିଏ କାଟି ଜାଣି ନ ଥାଏ ତା' ଦ୍ୱାରା ସୂତା କାଟିବା କାର୍ଯ୍ୟଟି କେବେହେଲେ ଠିକ୍ ହୋଇପାରି ନ ଥାଏ। ତେଣୁ କୌଣସି କାମ ନ ଜାଣି ସେଭଳି କାମରେ ହାତ ଦେଲେ କେବଳ ବିଫଳତା ହିଁ ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଭାରତ-ଆମେରିକା ....

ସଂଘ (ଇୟୁ) ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ପରେ ଏକ ବଡ଼ ସୁଯୋଗ ହାତଛଡ଼ା ହେଉଥିବା ଦେଖି ଟ୍ରମ୍ପ ନୂଆଦିଲ୍ଲୀ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) କରିବାକୁ ଫେବୃଆରୀ ୨ରେ ଘୋଷଣା କରିଥିଲେ। ତେବେ ଉକ୍ତ ଟ୍ରେଡ୍ ଡିଲ୍‌ର ରୂପରେଖ ଚୂଡ଼ାନ୍ତ ହୋଇ ନ ଥିବାରୁ ଭାରତରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ସଂସଦ ଭିତରେ ଓ ବାହାରେ ସମାଲୋଚନା କରିଆସିଥିଲେ। ତେବେ ଉଭୟ ଭାରତ ଓ ଆମେରିକା ପକ୍ଷରୁ ଡିଲ୍ ସମ୍ପର୍କିତ ଆଲୋଚନା ଜାରି ରହିଥିବାବେଳେ ଶନିବାର ଆନୁଷ୍ଠାନିକ ଭାବେ ଏନେଇ ଏହାର ରୂପରେଖ ପ୍ରକାଶ କରାଯାଇଛି। ତଦନୁଯାୟୀ ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହେବ। ଏହି ଐତିହାସିକ ଡିଲ୍ ସମ୍ପନ୍ନ ହେଲେ ଉଭୟ ଦେଶ ଲାଭାନ୍ୱିତ ହେବେ ଏବଂ ପୁଞ୍ଜିନିବେଶ ବଢ଼ିବା ଦ୍ୱାରା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଏକ ମିଳିତ ଘୋଷଣାନାମାରେ କୁହାଯାଇଛି।

ଆମେରିକା ହେଉଛି ଭାରତର ଅନ୍ୟତମ ବୃହତ୍ ବାଣିଜ୍ୟିକ ସହଯୋଗୀ। ୨୦୨୪–୨୫ରେ ଦୁଇଦେଶ ମଧ୍ୟରେ ୧୯୦ ବିଲିୟନ୍ ଆମେରିକୀୟ ଡଲାର ମୂଲ୍ୟର କାରବାର ହୋଇଥିଲା। ତେବେ ଟ୍ରମ୍ପ ୫୦% ଟାରିଫ୍ କଷିବା ପରଠୁ ନୂଆଦିଲ୍ଲୀ–ୱାଶିଂଟନ୍ ଉତ୍ତେଜନା ବୃଦ୍ଧିପାଇ ଚାଲିଥିଲା। ରୁଷିଆଠାରୁ ଭାରତ ଅଶୋଧିତ ତୈଳ ବହୁମାତ୍ରାରେ କିଣିବା ହ୍ରାସ କରିଦେଇଥିବା ଦର୍ଶାଇ ଟ୍ରମ୍ପ ନିଜ ପ୍ରଶାସନକୁ ଟ୍ରେଡ୍ ଡିଲ୍‌ର ସର୍ତ୍ତ ଓ ନିୟମାବଳୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନବପ୍ରସ୍ତୁତ ଅନ୍ତରୀଣ ବାଣିଜ୍ୟ ଚୁକ୍ତିର ରୂପରେଖ ଅନୁସାରେ ଉଭୟ ଭାରତ ଓ ଆମେରିକା ପରସ୍ପରର ସାମଗ୍ରୀ ଓ ସେବା ଉପରୁ ଆମଦାନୀ ଟିକସ ହ୍ରାସ କରିବେ। ଡିଜିଟାଲ ଟ୍ରେଡ୍, ନିୟାମକ ସହଭାଗିତା ଓ ଯୋଗାଣ ଶୃଙ୍ଖଳ ନମନୀୟତା ମଧ୍ୟ ବୃଦ୍ଧି ପାଇବ। ୨୦୩୦ ସୁଦ୍ଧା ବାଣିଜ୍ୟିକ କାରବାରକୁ ୫୦୦ ବିଲିୟନ୍ ଡଲାରରେ ପହଞ୍ଚାଇବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଛି।

ଡିଲ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଆମେରିକା ଏଣିକି ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ପରିବର୍ତ୍ତେ ୧୮% ଟିକସ କଷିବ। ଏହାସହ ରୁଷୀୟ ତୈଳ କ୍ରୟ ବାବଦକୁ ଲଗାଯାଉଥିବା ୨୫% ଦଣ୍ଡାତ୍ମକ ଟିକସ ମଧ ହଟାଇବ। ଦେଖିବାକୁ ଗଲେ ମୋଟ ୫୦%ରୁ ଟିକସ ୧୮%କୁ ଖସିଛି। କେବଳ ଏତିକି ନୁହେଁ, ଆମେରିକା ଭାରତରୁ ଆମଦାନୀ କରୁଥିବା ଜେନେରିକ୍ ମେଡିସିନ୍, ମୁକ୍ତା, ହୀରା ଓ ଏୟାରକ୍ରାଫ୍ଟ ଯନ୍ତ୍ରାଂଶ ସମେତ ଆଉ କେତେକ ସେକ୍ଟର ଉପରେ ଆଦୌ ଟିକସ ଲଗାଇବ ନାହିଁ। ଏହା ବଦଳରେ ଭାରତ ଆମେରିକାଠାରୁ ଆମଦାନୀ କରିବାକୁ ଥିବା ଶିଳ୍ପ ଓ କୃଷିଜାତ ସାମଗ୍ରୀ ଉପରେ ଟିକସ ହ୍ରାସ କରିବ। ଆସନ୍ତା ୫ ବର୍ଷରେ ଭାରତ ଆମେରିକାଠାରୁ ୫୦୦ ବିଲିୟନ୍ ଡଲାର ମୂଲ୍ୟର ଶକ୍ତି ଉତ୍ପାଦ, ଏୟାରକ୍ରାଫ୍ଟ ପାର୍ଟ୍ସ, ଟେକ୍ନୋଲୋଜି ଗୁଡ୍ସ, କୋଇଲା ଆଦି କିଣିବାକୁ ସହମତି ପ୍ରକାଶ କରିଛି। ସେହିପରି ୮୦୦–୧,୬୦୦ ସିସି ଏବଂ ତଦୂର୍ଦ୍ଧ୍ୱ କାପାସିଟି ଇଞ୍ଜିନ୍ ବିଶିଷ୍ଟ ଆମେରିକୀୟ ବାଇକ୍‌ଗୁଡ଼ିକ ପାଇଁ ଭାରତ ଆଦୌ ଟିକସ ଲଗାଇବ ନାହିଁ। ଆମେରିକୀୟ ବ୍ରାଣ୍ଡ ହାର୍ଲେ–ଡାଭିଡ୍‌ସନ୍‌କୁ ଏଥିରୁ ସର୍ବାଧିକ ଲାଭ ପାଇବ।

ଅନ୍ତରୀଣ ଚୁକ୍ତି ଅନୁସାରେ ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ୩୦ ଟ୍ରିଲିୟନ୍ ଡଲାରର ଏକ ବଜାର ଉନ୍ମୁକ୍ତ ହେବାକୁ ଯାଉଛି। ବିଶେଷକରି ଏମ୍‌ଏସ୍‌ଏମ୍‌ଇ, କୃଷକ, ମତ୍ସ୍ୟଜୀବୀମାନେ ଏଥିରୁ ଲାଭବାନ୍ ହେବେ ବୋଲି କୁହାଯାଉଛି। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରୁ ଆମେରିକାକୁ ମାଛ, ଚିଙ୍ଗୁଡ଼ି ଓ ଅନ୍ୟ ଉପକରଣ ରପ୍ତାନି ବୃଦ୍ଧି ପାଇବା ନେଇ ଆଶା କରାଯାଉଛି। ଏହି ଦୃଷ୍ଟିରୁ ନୂଆଦିଲ୍ଲୀ ଏହାକୁ ବିଶ୍ୱର ୨ ବୃହତ୍ ଗଣତନ୍ତ୍ର ମଧ୍ୟରେ ଐତିହାସିକ ଡିଲ୍ ରୂପେ ଅଭିହିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅନ୍ତରୀଣ ଟ୍ରେଡ୍ ଏଗ୍ରିମେଣ୍ଟକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ଏହା 'ମେକ୍ ଇନ୍ ଇଣ୍ଡିଆ'କୁ ବଳ ଦେବା ସହ କୃଷକ, ଉଦ୍ୟୋକ୍ତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ମହିଳା ଓ ଯୁବପିଢ଼ିଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ ତିଆରି ହେବ ବୋଲି ମୋଦି ଆଶା ବ୍ୟକ୍ତ କରିଛନ୍ତି। ଆମେରିକା ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ (ୟୁଏସ୍‌ଟିଆର୍) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ଟ୍ରମ୍ପ ଆମେରିକୀୟ କୃଷକ ଓ ନିର୍ମାତାମାନଙ୍କ ପାଇଁ ବିଶ୍ୱର ଅନ୍ୟତମ ବୃହତ୍ ଅର୍ଥନୀତିକୁ ବାଟ ଖୋଲିଦେଇଛନ୍ତି। ଭାରତୀୟ ବଜାରରେ ଆମେରିକୀୟ ସାମଗ୍ରୀଗୁଡ଼ିକୁ ପ୍ରବେଶ ପାଇଁ ପଥ ସୁଗମ ହେବ ବୋଲି ୟୁଏସ୍‌ଟିଆର୍ ଆମ୍ବାସାଡର ଜାମିସନ୍ ଗ୍ରିର୍ କହିଛନ୍ତି।

## ଟ୍ରକ୍ ଧକ୍କାରେ ୨ ବାଇକ୍ ...

ରମେଶଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଜ୍ୟୋତିଷଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଛି। କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ରମେଶଙ୍କ ମୃତଦେହ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଜ୍ୟୋତିଷଙ୍କ ମୃତଦେହ ଧର୍ମଗଡ଼ ମେଡିକାଲରେ ରଖାଯାଇଛି। ଅନ୍ୟପଟେ କ୍ଷତିପୂରଣ ନିମନ୍ତେ ଗାଡ଼ି ମାଲିକଙ୍କୁ ଡାକିବା ନେଇ ଲୋକ ଜିଦ୍ ଧରିଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରାଯାଇ କୋକସରା ଥାନାକୁ ଅଣାଯାଇଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବାବେଳେ ପରିସ୍ଥିତିକୁ ଦେଖି ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଖୁବ୍‌ଶୀଘ୍ର ମାଓବାଦୀ...

କରୁଥିବା ମାଓବାଦୀଙ୍କୁ ସରକାରୀ ସୁବିଧା, ସୁରକ୍ଷା ଏବଂ ସମ୍ମାନଜନକ ଭବିଷ୍ୟତର ସୁଯୋଗ ମିଳୁଛି ବୋଲି ଏଡିଜି ପଣ୍ଡା ପ୍ରକାଶ କରିଛନ୍ତି। ଅନ୍ୟ ମାଓବାଦୀମାନେ ହିଂସାର ରାସ୍ତା ପରିତ୍ୟାଗ କରି ସମାଜର ମୁଖ୍ୟ ଧାରାରେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ସ୍ରୋତରେ ସାମିଲ ହେବା ପରେ ଆତ୍ମସମର୍ପଣକାରୀ ସମସ୍ତଙ୍କୁ ସରକାରୀ ସୁବିଧା ମିଳିବ ବୋଲି ଜିଲାପାଳ କୁଲକର୍ଣ୍ଣି କହିଛନ୍ତି।

## ଛାତ୍ରାବାସରୁ ଛାତ୍ର...

୨ଥର ଅଘଟଣ ଘଟିବା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଜିଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ରଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ସେ କହିଲେ ଯେଉଁ ଛାତ୍ର ଏବେ ନିଖୋଜ ରହିଛନ୍ତି ସେ ପୂର୍ବରୁ ମଧ ହଷ୍ଟେଲ ଛାଡ଼ି ପଳାଇଥିବା ନଜିର ରହିଛି। ଏବେ ଆମେ ସମ୍ପୃକ୍ତ ଛାତ୍ରଙ୍କୁ ଖୋଜୁଛୁ, ଶୀଘ୍ର ସେ ମିଳିଯିବେ ବୋଲି ଆଶା ରଖିଛୁ। ବିଦ୍ୟାଳୟରେ ଲାଗି ରହିଥିବା ଅବ୍ୟବସ୍ଥା ସମ୍ପର୍କରେ ତାଙ୍କ ଦୃଷ୍ଟିଆକର୍ଷଣ କରିବାରୁ ସମସ୍ୟାର ସମାଧାନ ପାଇଁ ପ୍ରଧାନଶିକ୍ଷକ ସାମନ୍ତରାଙ୍କୁ ନିର୍ଦ୍ଦେଶ ଦେଇଛି ବୋଲି ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ଏହି ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ର କିଛିଦିନ ତଳେ କାନ୍ଥ କଣା କରି ନିଶା ସେବନ ପାଇଁ ବାହାରକୁ ଯାଇ ନିଶାସକ୍ତ ଅବସ୍ଥାରେ ଛାତ୍ରାବାସକୁ ଫେରିଥିଲେ। ଏହା ଜାଣିବା ପରେ ତାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯାଇଛି। ଏଯାଏ ଜିଲା ପ୍ରଶାସନ ଉକ୍ତ ଘଟଣାର ତଦନ୍ତ କରିନାହିଁ। ସେହିପରି ସରସ୍ୱତୀ ପୂଜା ଦିନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ନ ହେବାରୁ ଶତାଧିକ ଛାତ୍ରୀଛାତ୍ର ଭୋକରେ ଘରକୁ ଓ ଛାତ୍ରାବାସକୁ ଫେରିଥିଲେ।

## ସମୃଦ୍ଧିର ପ୍ରୟୋଗଶାଳା...

ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ବାଇ, ସୁରଟ, ବିଶାଖାପାଟଣା, ବାରାଣସୀ ପରେ ନୀତି ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା ବୋଲି ସେ କହିଛନ୍ତି। ଏହିଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତଙ୍କୁ ସ୍ୱାଗତକରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ଅର୍ପଣ କରିଛନ୍ତି।

## ବୋଲେରୋ ପିକ୍‌ଅପ୍...

ଫୁଲବାଣୀରୁ ବୁଢାବାଲି ଅଭିମୁଖେ ଆସୁଥିବା ବାଇକ୍ (ଓଡ଼୦୭ପି–୦୪୯୯) ସହ ନୂଆଗାଁର ବୁଡାଗୁଡ଼ାଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ୍ ଆରୋହୀ ଉଭୟ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ କ. ନୂଆଗାଁ ଥାନା ଅଧିକାରୀ ଆଶୁତୋଷ ଜେନା ଓ ଏସ୍‌ଆଇ ବାସୁଦେବ ପଣ୍ଡା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଡାକ୍ତରଖାନାକୁ ପଠାଇଥିଲେ।




# ମହାନଦୀକୁ ନେଇ ନବୀନ-ଏଜି ମୁହାଁମୁହିଁ

■ ଏଜି ଟ୍ରିବ୍ୟୁନାଲ ଶୁଣାଣିରେ କାହିଁକି ଉପସ୍ଥିତ ନ ଥିଲେ: ନବୀନ
■ ଟ୍ରିବ୍ୟୁନାଲ ସମୟ ବୃଦ୍ଧି ସକାଶେ ଉଦ୍ଦିଷ୍ଟ ଥିଲା, ଉପସ୍ଥିତି ଜରୁରୀ ନ ଥିଲା: ଏଜି

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ପୁଣି ଥରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମହାନଦୀ ପ୍ରସଙ୍ଗରେ ନିଜ ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ମହାନଦୀକୁ ବଞ୍ଚାଇବା ପାଇଁ ଇଏ କ'ଣ ଭାଜପା ସରକାରର ଆନ୍ତରିକତା। ଟ୍ରିବ୍ୟୁନାଲରେ ମହାନଦୀ ବିବାଦ ନେଇ ଶନିବାର ହୋଇଥିବା ଶୁଣାଣିକୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ଆସିଲେ ନାହିଁ। ମହାନଦୀର ସୁରକ୍ଷାଠାରୁ ଏପରି କ'ଣ ଗୁରୁତ୍ୱପୂର୍ଣ୍ଣ କାମ ପଡ଼ିଗଲା ଯେଉଁଥିପାଇଁ ଟ୍ରିବ୍ୟୁନାଲର ଶୁଣାଣିରେ ଓଡ଼ିଶାର ପକ୍ଷ ରଖିବାକୁ ସେ ଉପସ୍ଥିତ ରହିଲେ ନାହିଁ। ଟ୍ରିବ୍ୟୁନାଲ ଶୁଣାଣିକୁ ନେଇ ଅନେକ ଆଶା ବାନ୍ଧି ବସିଥିବା ରାଜ୍ୟବାସୀଙ୍କୁ କ'ଣ ମିଳିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି, ମହାନଦୀକୁ ବଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ତଥା ପ୍ରତିବଦ୍ଧତା ନାହିଁ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉନାହାନ୍ତି। ମହାନଦୀ ପ୍ରସଙ୍ଗରେ ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମହାନଦୀ ଓଡ଼ିଶାର ଜୀବନ ରେଖା। ଲକ୍ଷ ଲକ୍ଷ ଚାଷୀ ମତ୍ସ୍ୟଜୀବୀ ତଥା


ନବୀନ ପଟ୍ଟନାୟକ


ପୀତାମ୍ବର ଆଚାର୍ଯ୍ୟ

ଅଗଣିତ ଓଡ଼ିଆଙ୍କ ଜୀବନର ସ୍ରୋତ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉନାହାନ୍ତି, ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମହାନଦୀକୁ ବଞ୍ଚାଇବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ନେଇ ବିଜେଡିର ଲଢ଼େଇ ଜୋର୍‌ଦାର ହେବ ବୋଲି ନବୀନ କହିଛନ୍ତି।

ନବୀନଙ୍କ ଏଭଳି ପୋଷ୍ଟ ପରେ ପୀତାମ୍ବର ତାଙ୍କ 'X' ଜରିଆରେ କହିଛନ୍ତି, ମହାନଦୀ ମାମଲାରେ ନବୀନ ମୁହଁ ଖୋଲିବା ପୂର୍ବରୁ ଆତ୍ମସମୀକ୍ଷା କରିବା ଉଚିତ ଥିଲା। ୭ ବର୍ଷ ଧରି ନବୀନବାବୁଙ୍କ ଲିଗାଲ ଟିମ୍ ରାଜ୍ୟ ରାଜକୋଷରୁ ବହୁ କୋଟି ଟଙ୍କା ଶ୍ରାଦ୍ଧକରି ଗୋଟେ ପଇସାର ସୁଫଳ ମିଳି ନ ଥିଲା। ଭାଜପା ସରକାରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସକାରାତ୍ମକ ଚିନ୍ତାଧାରା ଏବଂ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁ ଉଭୟ ରାଜ୍ୟ ବର୍ତ୍ତମାନ ଆପୋସ ସମାଧାନର ଦ୍ୱାରଦେଶରେ। ଏଜି ଦାୟିତ୍ୱ ପରେ ସମସ୍ତ ଶୁଣାଣିରେ ତାଙ୍କ ଉପସ୍ଥିତି ଓ ଭୂମିକା ବାବଦରେ ରାଜ୍ୟବାସୀଙ୍କୁ ଜଣାଅଛି। ଶନିବାର ହୋଇଥିବା ଶୁଣାଣି କେବଳ ସମୟ ବୃଦ୍ଧି ସକାଶେ ଉଦ୍ଦିଷ୍ଟ ଥିଲା, ଫଳରେ ତାଙ୍କ ଉପସ୍ଥିତି ସେତେ ଗୁରୁତ୍ୱପୂର୍ଣ୍ଣ ନ ଥିଲା। ନବୀନ ବାବୁଙ୍କ ଉକ୍ତି ସମ୍ପୂର୍ଣ୍ଣ ନୈରାଶ୍ୟଜନକ ଏବଂ ହଠାତ୍ ନିଦରୁ ଉଠି ପ୍ରଳାପ କଲା ଭଳି ମନେହେଉଛି ବୋଲି ପୀତାମ୍ବର ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ପୀତାମ୍ବରଙ୍କ ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ଶଙ୍ଖ

**ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ମାର୍ଚ୍ଚ ୧୪ରେ ଟ୍ରିବ୍ୟୁନାଲରେ ଶୁଣାଣି**

ଭବନଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଓଡ଼ିଶାର ଜୀବନରେଖା ମହାନଦୀ ସ୍ରୋତକୁ ଦୀର୍ଘବର୍ଷ ଧରି ଏକତାଟିଆ ଭାବେ ଛତିଶଗଡ଼ ଅଟକାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରୁଛି। ବାରମ୍ବାର କେନ୍ଦ୍ର ଓ ଛତିଶଗଡ଼ ସରକାରଙ୍କୁ ଅନୁରୋଧ କରିବା ପରେ ଓଡ଼ିଶା ଶେଷରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ଏହି ବିବାଦ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ କୁହାଗଲା। ହେଲେ ଏଥିରେ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ମହାନଦୀର ସୁରକ୍ଷା ଲାଗି ଟ୍ରିବ୍ୟୁନାଲ ଏକମାତ୍ର ରାସ୍ତା। ତେଣୁ ଟ୍ରିବ୍ୟୁନାଲରେ ଓଡ଼ିଶାର ପକ୍ଷ ରଖିବାକୁ ଆଡ୍‌ଭୋକେଟ ଜେନେରାଲ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାଇବା ଆବଶ୍ୟକ ବୋଲି ଲେନିନ୍ କହିଛନ୍ତି।

# ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିଶ୍ୱରେ ୩ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ଭାରତ ବର୍ତ୍ତମାନ ବିଶ୍ୱର ୪ର୍ଥ ବୃହତମ ଅର୍ଥନୀତି ଭାବେ ଉଭା ହୋଇଥିବା ବେଳେ ୨୦୨୬-୨୭ କେନ୍ଦ୍ର ବଜେଟ ୬.୮%ରୁ ୭.୨% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣକରିବା ସହ ଏକ ସମାବେଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି। ୨୦୧୩-୧୪ ବର୍ଷରେ ରପ୍ତାନି ପରିମାଣ ୪୬୬.୨୨ ବିଲିୟନ ଆମେରିକା ଡଲାର ଥିବାବେଳେ ବର୍ତ୍ତମାନ ତାହା ୭୭% ବୃଦ୍ଧି ହୋଇ ୮୨୪.୯ ବିଲିୟନ ଡଲାରରେ ପହଞ୍ଚିଛି। ଦେଶରେ ଏଫ୍‌ଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା। ଏହି ସଂଖ୍ୟା ୨ ଗୁଣା ହୋଇ ୮୧.୦୪ ବିଲିୟନ




ଡଲାରରେ ପହଞ୍ଚିଛି। ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ୩ ଗୁଣା ବଢ଼ି ୩୩୧.୦୩ କୋଟିରେ ପହଞ୍ଚିଛି। ଦେଶରେ ବୈଦେଶିକ ମୁଦ୍ରାଭଣ୍ଡାର ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢ଼ିଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ହୋଇଛି। ୨୦୨୦ରେ ଜିଏସ୍‌ଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢ଼ି ୨୨ ଲକ୍ଷ କୋଟି ଟଙ୍କା ହୋଇଛି। ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିଶ୍ୱରେ ୩ୟ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସ୍ଥାନୀୟ ଏକ ଘରୋଇ ହୋଟେଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ୨୦୩୫ ସୁଦ୍ଧା ଏଆଇ ୧.୭ ଟ୍ରିଲିୟନ ଡଲାର ଯୋଗଦାନ କରିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ବଜେଟରେ ଆସନ୍ତା ୫ ବର୍ଷ ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ସହ ବାୟୋଫାର୍ମା ଶକ୍ତି ଏବଂ ୪୦ ହଜାର କୋଟି ଟଙ୍କାର ଇଣ୍ଡିଆ ସେମିକଣ୍ଡକ୍ଟର ୨.୦ ମିଶନ ଆରମ୍ଭ କରାଯାଇଛି। ଶ୍ରମଭିତ୍ତିକ ବୟନ ଶିଳ୍ପ ଏବଂ ଖଦି ହସ୍ତଶିଳ୍ପର ବିକାଶ ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ଅଭିଯାନ ଘୋଷଣା କରାଯାଇଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦ ହଜାର କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ ଗଠନ କରାଯାଇଛି। ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବାକୁ ମୋଦି ସରକାର ତାଙ୍କ ବଜେଟରେ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

# ରାଜ୍ୟରେ ଖୁବ୍‌ଶୀଘ୍ର ଅବକାରୀ ନୀତି: ମନ୍ତ୍ରୀ

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି ଲାଗୁହେବ। ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ନୂଆ ଅବକାରୀ ଆଇନ ପ୍ରସ୍ତୁତି ଏକ ପ୍ରକାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରକ୍ରିୟା ଶେଷ ହେବା ପରେ ଅବକାରୀ ଆଇନ ଅନୁପାଳନ କରାଯିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆହୁରି କହିଛନ୍ତି, ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ଜୋର୍‌ଦାର ହେବ। ଅବୈଧ ନିଶା କାରବାର ରୋକିବା ପାଇଁ ପଦକ୍ଷେପ ନିଆଯିବ। ଚଢ଼ାଉ କରିବାକୁ ଯିବା ସମୟରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଦେହରେ ବଡି କ୍ୟାମେରା ଲଗାଇବେ। ଏହଦ୍ୱାରା କୋର୍ଟରେ ତଦନ୍ତକାରୀ ଅଫିସର ଭିଡିଓ ପ୍ରମାଣ ଦେଇପାରିବେ। ପ୍ରମାଣ ଅଭାବରୁ ଆଉ ଅଭିଯୁକ୍ତମାନେ ଖସିପାରିବେ ନାହିଁ। ଅବକାରୀ କର୍ମଚାରୀ ଓ ଅଫିସରଙ୍କୁ ସଶସ୍ତ୍ର ବାହିନୀ କରିବାକୁ ପ୍ରକ୍ରିୟା ଚାଲିଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ଯେଉଁ ଘୋଷଣା କରିଛନ୍ତି, ନବୀନ ତା'ର ଖସଡ଼ା ପ୍ରସ୍ତୁତ କରିଥିଲେ: ପ୍ରତାପ

ଦେବଗଡ଼,୭।୨(ଶଶାଙ୍କ ଶେଖର ଝାଙ୍କର)

ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଅଞ୍ଚଳକୁ ନେଇ ବିକାଶର ପଥ ପାଇଁ ଡବଲ ଇଞ୍ଜିନ ସରକାର ପ୍ରସ୍ତୁତ ହେଉଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ଘୋଷଣା କରିଛନ୍ତି ତାହା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖସଡ଼ା ପ୍ରସ୍ତୁତ କରି ସାରିଥିଲେ। ରାଜ୍ୟର ବିକାଶ ପାଇଁ ପୂର୍ବରୁ ଯାହାସବୁ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିଲା, ରାଜ୍ୟରେ ତାହା କେତେ ପ୍ରତିଫଳନ ହେଲାଣି। ଯେଉଁ ଅଞ୍ଚଳର ବିକାଶ ପାଇଁ ଏବେ ସରକାର ପ୍ରସ୍ତୁତ ହେଉଛନ୍ତି ସେଠାରେ ଇଲେକ୍ଟ୍ରୋନିକ ଭେହିକିଲ୍


ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରତାପ ଦେବ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ।

ମାନୁଫ୍ୟାକ୍ଚରିଂ ୟୁନିଟ୍, ଷ୍ଟିଲ ପ୍ଲାଣ୍ଟ୍, ସ୍ପିନିଂ ପ୍ଲାଣ୍ଟ ସବୁ କୁଆଡ଼େ ଗଲା, ରାଜ୍ୟ ସରକାର ସେଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି। କେବଳ ଘୋଷଣା କରିଦେଲେ ପ୍ରଗତି ହୁଏ ନାହିଁ। ଉତ୍କର୍ଷ ଓଡ଼ିଶାରେ ଯେଉଁ ଘୋଷଣା ହୋଇଥିଲା ସେସବୁ କେତେବାଟ ଗଲା। ଗୋଟିଏ ବର୍ଷରେ ସାଢେ ୨୨ ଲକ୍ଷ କୋଟି ଟଙ୍କାର ଘୋଷଣା କରାଯାଇଛି, ହେଲେ ଏତେ ସପନକୁ ରାତି କାହିଁ ବୋଲି ଶନିବାର ସ୍ଥାନୀୟ ସର୍କିଟ୍ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଳିର ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି। ଏଥିସହ ସେ କହିଛନ୍ତି, ବିକାଶ ପାଇଁ ଯେଉଁ ଆନୁଷଙ୍ଗିକ ବ୍ୟବସ୍ଥା ଦରକାର ସେସବୁ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ଚିନ୍ତା କରାଯାଇଥିଲା। କିନ୍ତୁ ଭାଜପା ସରକାର ଆସିବା ପରେ ମନ୍ତ୍ରୀ, ବିଧାୟକମାନେ କହିଛନ୍ତି, ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା ନାହିଁ। ଏଭଳି ସ୍ଥିତିରେ ବିକାଶ କ'ଣ ସମ୍ଭବ ବୋଲି ପ୍ରତାପ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ।

# ଗୈରିକ ବିଚାର ବ୍ୟକ୍ତିଙ୍କୁ କୁଳପତି କରିବା ଯୋଜନା: ଅରୁଣ

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

**ଫେବୃଆରୀ ସୁଦ୍ଧା ସବୁ ବିଶ୍ୱବିଦ୍ୟାଳୟରେ କୁଳପତି ଚୟନ ନ ସରିଲେ ଆନ୍ଦୋଳନ: ବିଜେଡି**

ରାଜ୍ୟରେ ଭାଜପା କ୍ଷମତାସୀନ ହେବା ପରଠାରୁ ଶିକ୍ଷା ବ୍ୟବସ୍ଥାକୁ ଗୈରିକୀକରଣ କରିବା ପାଇଁ ଉଦ୍ୟମ କରାଯାଉଛି। ସେଥିପାଇଁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଅରୁଣ କୁମାର ସାହୁ କହିଛନ୍ତି, ୨୦୨୦ରେ କିଛି ଅସଙ୍ଗତି ଦୂରକରିବା ପାଇଁ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ସରକାର ଆଣିଥିଲେ। ଏହାଛଡ଼ା ତତ୍କାଳୀନ ରାଜ୍ୟପାଳଙ୍କ ପ୍ରସ୍ତାବ ମୁତାବକ ଓପିଏସ୍‌ସିକୁ ଉଚ୍ଚଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିଲା। ହେଲେ ରାଜ୍ୟରେ ୨୦୨୪ରେ ଭାଜପା ସରକାର ଆସିବା ପରେ



ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ଆଣିଥିଲେ। ୨୦୨୫ ବେଳକୁ ଆଉ ଥରେ ଆମେଣ୍ଡମେଣ୍ଟ ବିଲ୍ ଆଣିଲେ। ଏହି ସଂଶୋଧିତ ବିଲ୍ ମାଧ୍ୟମରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଚୟନ ଲାଗି ସର୍ଚ୍ଚ କମିଟି ମନୋନୟନ ନିୟମରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ଯୋଗ୍ୟତା ଭିତ୍ତିରେ ମନୋନୟନ କରାଯାଉଥିବା ବେଳେ ନୂଆ ନିୟମ ଅନୁଯାୟୀ ପର୍ସନ ଅଫ୍ ଏମିନେନ୍ସଙ୍କୁ ନିଯୁକ୍ତି ଦିଆଯାଇପାରିବ ବୋଲି କୁହାଯାଇଛି। ଏପରି ବ୍ୟବସ୍ଥାରେ ସ୍ୱଚ୍ଛତା ରହିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। କେଉଁ ଆଧାରରେ ରାଜ୍ୟ ସରକାର ୩ ଜଣଙ୍କୁ ଚୟନ କରିବେ ତା'ର କିଛି ସ୍ୱଚ୍ଛତା ନ ଥିବାରୁ କେବଳ ଗୈରିକ ବିଚାରରେ ଥିବା ବ୍ୟକ୍ତିଙ୍କୁ ହିଁ ମନୋନୀତ କରାଯିବ ସ୍ପଷ୍ଟ ଜଣାପଡୁଛି ବୋଲି ଅରୁଣ ଅଭିଯୋଗ କରିଛନ୍ତି। ରାଜ୍ୟରେ ଭାଜପା ସରକାରକୁ ୧୮ ମାସ ପୂରିଗଲାଣି , କିନ୍ତୁ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନ ଥିବାରୁ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସଙ୍କଟାପନ୍ନ ହୋଇପଡ଼ିଛି। ରାଜ୍ୟର ୧୭ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ୭୦୬, ଆସୋସିଏଟ ପ୍ରଫେସର ଲାଗି ୪୫୮, ପ୍ରଫେସର ପାଇଁ ୨୬୧ ଏବଂ ନନ୍ ଟିଚିଂରେ ୨୩୨୫ ପଦବୀ ଖାଲି ପଡ଼ିଛି। ତେଣୁ ଫେବୃଆରୀ ଶେଷ ସୁଦ୍ଧା କୁଳପତି ପଦବୀଗୁଡ଼ିକ ପୂରଣ ନ ହେଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜରାସ୍ତାରେ ଆନ୍ଦୋଳନ ହେବ ବୋଲି ଦଳ ଚେତାବନୀ ଦେଇଛି। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ ଏବଂ ବିଜୁ ଜନତା ଦଳ ସଭାପତି ଚିନ୍ମୟ ସାହୁ ଉପସ୍ଥିତ ଥିଲେ।

# ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ୫ ଗୁରୁତର


ଡାକ୍ତରଖାନାରେ ଗୁରୁତର ଆହତ

ଆନନ୍ଦପୁର,୭।୨
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଗୁକୁଣା ଗ୍ରାମରେ ଶନିବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। ଗ୍ରାମର ଅକ୍ଷୟ ଦାସଙ୍କ ଘରେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ପରିବାର ୫ ଜଣ ଗୁରୁତର ହୋଇଛନ୍ତି। ଅକ୍ଷୟଙ୍କ ସ୍ତ୍ରୀ ଡଲି ଦାସ ରାତିଭୋଜନ ପାଇଁ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡରରୁ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ପରେ ନିଆଁ ଘରେ ବ୍ୟାପିଯାଇ ଅକ୍ଷୟଙ୍କ ସମେତ ପରିବାରର ଜୀବନ ଦାସ, ସିପାଲୀ ଦାସ, ନିଧି ଦାସ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ଗ୍ରାମବାସୀଙ୍କ ସହଯୋଗରେ ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ବେଳକୁ ସମସ୍ତ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯିବାକୁ ପ୍ରସ୍ତୁତି ଚାଲିଛି।



ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ବୁଝନ୍ତୁ? -ଶ୍ରୀମା



# ଆତ୍ମସମର୍ପଣ



ଆକାର ପଟେଲ

ସାର୍ବଭୌମତ୍ୱ ଉଲ୍ଲଂଘନକୁ ଏକ ଦେଶର ଆଞ୍ଚଳିକ ଅଖଣ୍ଡତାର ଉଲ୍ଲଂଘନ କିମ୍ବା ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ ବୋଲି କୁହାଯାଏ। ଜଣେ ଆତ୍ମସମର୍ପଣ କରେ ଯେତେବେଳେ ସେ ବିନା ପ୍ରତିରୋଧରେ ଅନ୍ୟପକ୍ଷର କ୍ଷମତା ନିକଟରେ ମୁଣ୍ଡ ନୁଆଁଏ। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତ ମଧ୍ୟରେ ଯାହା ଘଟିଛି ତାହା ସ୍ପଷ୍ଟତଃ ଏହାର ଏକ ନମୁନା। ଏହାକୁ ବୁଝିବା ପାଇଁ କେବଳ ପ୍ରକାଶିତ ବିବୃତିଗୁଡ଼ିକୁ ଜାଣିବା ଦରକାର। ଡୋନାଲ୍ଡ ଟ୍ରମ୍ପ ୬ ଅଗଷ୍ଟ ୨୦୨୫ରେ ତାଙ୍କ ନିର୍ଦ୍ଦେଶ (ସଂଖ୍ୟା ୧୪୩୨୯)ରେ ଲେଖିଥିଲେ, "ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ରୁଷିଆ ତୈଳ ଆମଦାନୀ କରୁଥିବାରୁ ମୁଁ ସ୍ଥିର କଲି ଯେ ଭାରତର ସାମଗ୍ରୀ ଆମଦାନୀ ଉପରେ ୨୫ ପ୍ରତିଶତ ଅତିରିକ୍ତ ମୂଲ୍ୟ ଆଧାରିତ ଶୁଳ୍କ ଲାଗୁ କରିବା ଆବଶ୍ୟକ ଏବଂ ଯୁକ୍ତିଯୁକ୍ତ।" ୬ ଫେବୃଆରୀ ୨୦୨୬ରେ ତାଙ୍କ ନିର୍ଦ୍ଦେଶରେ ପ୍ରକାଶ ପାଇଛି, "ବିଶେଷକରି ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ରୁଷିଆ ତୈଳ ଆମଦାନୀ ବନ୍ଦ କରିବାକୁ ପ୍ରତିବଦ୍ଧ ଏବଂ ଦର୍ଶାଇଛି ଯେ ଏହା ଆମେରିକାଠାରୁ ଶକ୍ତି ଉତ୍ପାଦ କିଣିବ। ଏହାସହ ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ ଆମେରିକା ସହିତ ଏକ ଢାଞ୍ଚା ପ୍ରସ୍ତୁତ କରିବାର ପ୍ରତିବଦ୍ଧତା ପ୍ରକାଶ କରିଛି।" ଦେଖାଯାଉଛି, ଏବେ ଆମେରିକା ଯାହା ଚାହୁଁଛି ଭାରତ ସେଭଳି କରୁଛି। ଟ୍ରମ୍ପ କହିଛନ୍ତି, "ମୁଁ ପର୍ଯ୍ୟାୟକ୍ରମେ ଭାରତ ଉପରେ ଲାଗୁ ଅତିରିକ୍ତ ଶୁଳ୍କକୁ ହଟାଇ ନେବାକୁ ସ୍ଥିର କରିଛି।" ଭାରତର ଉପରେ ଆଚରଣ କିମ୍ବା କୂଟନୈତିକ ଦୃଷ୍ଟିରୁ ଆଜ୍ଞାପାଳନ ପାଇଁ ହଟାଇ ଦିଆଯାଇଥିବା ଜଣାପଡୁଛି। ତଥାପି, ଟ୍ରମ୍ପ ଚେତାବନୀ ଦେଇଛନ୍ତି, "ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ରୁଷିଆ ତେଲ ଆମଦାନୀ ପୁନର୍ବାର ଆରମ୍ଭ କରୁଛି କି ନାହିଁ ତାହା ଉପରେ ଆମେରିକା ନଜର ରଖିବ" ଏବଂ ଯଦି ଏହା ଘଟେ, "ମୁଁ ଭାରତର ସାମଗ୍ରୀ ଆମଦାନୀ ଉପରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ପୁଣି ନିଶ୍ଚିତ ଲାଗୁ କରିବି।" ଭାରତ ବିବୃତିରେ କହିଛି, "ଭାରତ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବାର୍ଷିକ ୧୦୦ ବିଲିୟନ ଡଲାର ହିସାବରେ ୫୦୦ ବିଲିୟନ ଡଲାର ଆମେରିକୀୟ ଉତ୍ପାଦ କିଣିବାକୁ ଚାହୁଁଛି।" ୨୦୨୪ରେ ଏହା ୪୦ ବିଲିୟନ ଡଲାର ଥିଲା। ଦେଖିବାକୁ ଗଲେ ଭାରତ ଆମେରିକାରୁ ଦୁଇଗୁଣରୁ ଅଧିକ ଉତ୍ପାଦ କିଣିବାକୁ ପ୍ରତିବଦ୍ଧ ହୋଇଛି। ଏହା ପ୍ରତିବଦଳରେ ପାଇଛି କ'ଣ? ତେବେ ପୂର୍ବରୁ କୌଣସି ଟାରିଫ ନ ଥିଲାବେଳେ ଏବେ ବୃଦ୍ଧି କରିବା ପରେ ସେଥିରୁ ୧୮% କମାଇଛି। ଏହା ଆମ ପାଇଁ ପୁରସ୍କାର। ଏଥିରେ ସାର୍ବଭୌମତ୍ୱ ଉଲ୍ଲଂଘନ ହେଉନି କି? ଯାଞ୍ଚ କରନ୍ତୁ, ଅନିଚ୍ଛା ସତ୍ତ୍ୱେ ଚାପ ପକାଯାଇଛି କି ନାହିଁ? ଆତ୍ମସମର୍ପଣ କରିବାକୁ ବାଧ୍ୟ କରିବା ପରିସ୍ଥିତି ଦୁର୍ଭାଗ୍ୟବଶତଃ ଏସବୁ ଘଟିଛି। ଜୟଶଙ୍କର ଏବଂ ଭାରତ ସରକାର କ'ଣ କହୁଛନ୍ତି ତାହା ଶୁଣିବା ଆବଶ୍ୟକ ନାହିଁ, କେବଳ ସ୍ୱାକ୍ଷର କରାଯାଇଥିବା ଚୁକ୍ତି ସମ୍ପର୍କରେ ଆମେ ଜାଣିବା ଦରକାର।

ପ୍ରଶ୍ନ ହେଉଛି ଆମେ କାହିଁକି ଆତ୍ମସମର୍ପଣ କଲୁ। ମୋର ବନ୍ଧୁ ତଥା ଅର୍ଥନୀତିଜ୍ଞ ଅଶୋକ ବର୍ଦ୍ଧନ ଚୁକ୍ତି ସ୍ୱାକ୍ଷର ହେବା ପୂର୍ବରୁ ଏକ ମେସେଜ ପଠାଇଥିଲେ; ଯେଉଁଥିରେ ସେ କ'ଣ ଘଟିବ ତାହା ପୂର୍ବାନୁମାନ କରି ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଥିଲେ। ସେ ଲେଖିଥିଲେ, "ଭାରତ ଆତ୍ମସମର୍ପଣ କରିବାର ଦୁଇଟି କାରଣ ଅଛି। ପ୍ରଥମେ, ଏହି ସରକାରଙ୍କ ତଥାକଥିତ ଜାତୀୟତାବାଦୀ ପରିଚୟ ଏବଂ ଏହାର ସମର୍ଥନ ଆଧାରକୁ ଅତିରଞ୍ଜିତ କରି ଦର୍ଶାଇବା। ଜାତୀୟତାବାଦୀ କାର୍ଡକୁ ବୃହତ ଶକ୍ତିଗୁଡ଼ିକ ସହିତ ତୁଳନା କରିବା ସମୟରେ ବ୍ୟବହାର କରିବା ଉଚିତ ନୁହେଁ। ଏହା ବ୍ୟତୀତ, ଭାରତର ଅର୍ଥ ବ୍ୟବସ୍ଥାରେ ଥିବା କିଛି ଗତିଶୀଳ କ୍ଷେତ୍ର ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଏବଂ ଅର୍ଥ ସର୍ବାଧିକ ଭୂମିକା ଗ୍ରହଣ କରେ ଏବଂ ଉଭୟ ଆମେରିକୀୟ ବଜାର, ଫାର୍ମଗୁଡ଼ିକ ସହିତ ବ୍ୟାପକ ଭାବେ ଜଡ଼ିତ ଓ ପାଣ୍ଠି ଉପରେ ଅଧିକ ନିର୍ଭରଶୀଳ।" ଭାରତର ସୂଚନା ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକର ମୋଟ ଉତ୍ପାଦନ ପ୍ରାୟ ୭୦% ଆମେରିକାକୁ ରପ୍ତାନି ହେଉଛି। ଭାରତ ୨୦୨୪ରେ ଆମେରିକାକୁ ପ୍ରାୟ ୪୦ ବିଲିୟନ ଡଲାର ସର୍ଭିସେସ୍ ରପ୍ତାନି କରିଥିଲା। ବର୍ଦ୍ଧନ କହନ୍ତି, "ଭାରତୀୟ ଆର୍ଥିକ ବଜାରର ପ୍ରତ୍ୟେକ କ୍ଷେତ୍ର ମୁଖ୍ୟତଃ ଭେଞ୍ଚର ଫଣ୍ଡିଂଠାରୁ ଆରମ୍ଭ କରି ଆର୍ଥିକ ଗବେଷଣା ଓ ବିଜ୍ଞାପନ ଖବର ସରବରାହ ସଂସ୍ଥା ଇତ୍ୟାଦି ଆମେରିକା ସହିତ ବି ଜଡ଼ିତ। ଆମର ଜାତୀୟତାବାଦ, ଆମର ସାହସ, ଆମର ୫୬ ଇଞ୍ଚ କେବଳ ଅନ୍ୟ ଭାରତୀୟମାନଙ୍କୁ ନିର୍ଯ୍ୟାତନା ଏବଂ ଧମକାଇବା ପାଇଁ ଉଦ୍ଦିଷ୍ଟ। କିନ୍ତୁ ଜଣେ ପ୍ରକୃତ ପ୍ରତିପକ୍ଷଙ୍କ ସାମ୍ନାରେ ଏହା ମଳିନ ପଡ଼ିଯାଏ। ତେବେ ଟ୍ରମ୍ପ ଆମକୁ ତାଙ୍କ ଇଚ୍ଛାରେ ଏଭଳି ଆତ୍ମସମର୍ପଣ କରିବାକୁ ବାଧ୍ୟ କରିବା ଘଟଣା ପ୍ରଥମ ଥର ଘଟିନାହିଁ। ମେ ୨୦୧୯ରେ, ଟ୍ରମ୍ପ ଶୁଳ୍କ ଛାଡ଼ ପାଇଁ ଅନୁମତି ନ ଦେବା ପରେ ଭାରତ ଇରାନରୁ ତେଲ କିଣିବା ବନ୍ଦ କରିବାକୁ ବାଧ୍ୟ ହୋଇଥିଲା। ଟ୍ରମ୍ପଙ୍କ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଜନ୍ ବୋଲ୍ଟନ ତାଙ୍କ ପୁସ୍ତକ 'ଦି ରୁମ୍ ହୋୟାର ଇଟ୍ ହାପେଣ୍ଡ'ରେ ଲେଖିଛନ୍ତି, ଟ୍ରମ୍ପ ମୋଦିଙ୍କ ସମସ୍ୟାକୁ ନ ଦେଖି ତାଙ୍କ ଟିମ୍‌କୁ କହିଥିଲେ ଯେ 'ସେ(ମୋଦି) ଠିକ୍ ହୋଇଯିବେ'। ଏହାର ଅର୍ଥ ହେଉଛି ଭାରତକୁ ମାଗଣା ପରିବହନ ଏବଂ ବୀମା ଓ ୬୦ ଦିନର କ୍ରେଡିଟ ଭଳି ରିହାତି ସହିତ ଆସୁଥିବା ତେଲ ଆଣିବାକୁ ମନା କରାଯାଇଥିଲା। ଭାରତ ବୁଝାଇବାକୁ ଚେଷ୍ଟା କରିଥିଲା ଯେ ଏହାର ଅନେକ ରିଫାଇନେରି ଇରାନର ଅଶୋଧିତ ତୈଳ ପ୍ରକ୍ରିୟାକରଣ ପାଇଁ ନିର୍ମାଣ କରାଯାଇଛି ଏବଂ ହଠାତ୍ ପରିବର୍ତ୍ତନ ହୋଇପାରିବ ନାହିଁ ଓ ଇରାନରୁ ଯୋଗାଣ ବନ୍ଦ ହେଲେ ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ପ୍ରଭାବିତ ହେବ। ଟ୍ରମ୍ପ ଏହାକୁ ସ୍ୱୀକାର କରି ନ ଥିଲେ। ଆମେ ସେତେବେଳେ ତାଙ୍କ କଥା ମାନିଥିଲୁ, ଯେପରି ଆମେ ପୁଣି ଥରେ ରୁଷିଆ ତେଲ ଏବଂ ବର୍ତ୍ତମାନ ଭେନେଜୁଏଲା ଓ ଆମେରିକୀୟ ତୈଳ କିଣିବାକୁ ରାଜି ହୋଇଛୁ। ଯେଉଁଠାରୁ ଆରମ୍ଭ କରିଥିଲୁ ସେହିଠାକୁ ଆମକୁ ଫେରିଯିବାକୁ ପଡ଼ିବ, କାରଣ ଭାରତୀୟମାନେ ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ ସେମାନଙ୍କ ନାମରେ କ'ଣ କରାଯାଉଛି। ସ୍ପଷ୍ଟତଃ ସରକାରୀ କାର୍ଯ୍ୟରେ ବିଦେଶୀ ହସ୍ତକ୍ଷେପ ଦ୍ୱାରା ସାର୍ବଭୌମତ୍ୱ ଉଲ୍ଲଂଘନ ହୋଇଛି। ପ୍ରତିରୋଧ କରିବା ବନ୍ଦ କରି ଅନ୍ୟପକ୍ଷର କର୍ତ୍ତୃତ୍ୱ ନିକଟରେ ଆତ୍ମସମର୍ପଣ କରିଛୁ।

Email:aakar.patel@gmail.com

# ଆତଙ୍କବାଦର ପୃଷ୍ଠପୋଷକ କିଏ



ହରେକୃଷ୍ଣ ପଣ୍ଡା

ୟୁରୋପୀୟ ପାର୍ଲାମେଣ୍ଟରେ ରୁଷିଆକୁ 'ଆତଙ୍କବାଦ ପୃଷ୍ଠପୋଷକ ରାଷ୍ଟ୍ର' ବୋଲି ଘୋଷଣା କରାଯାଇଥିଲା ବେଳେ ଆମେରିକା ପାକିସ୍ତାନକୁ ସହଯୋଗର ହାତ ବଢ଼ାଇ ନିଜର ମିତ୍ର ରାଷ୍ଟ୍ରର ପରିଚୟ ଦେଇଥିଲା। ୟୁକ୍ରେନ୍‌ରେ ମସ୍କୋ ଲଗାତର ଆକ୍ରମଣ କରିବା ସହ ମାନବାଧିକାର ଓ ଅନ୍ତର୍ଜାତୀୟ ମାନବାଧିକାର ଆଇନଗୁଡ଼ିକର ଉଲ୍ଲଂଘନ କରୁଛି ବୋଲି ପାର୍ଲାମେଣ୍ଟ ଦର୍ଶାଇଥିଲା। ଅନ୍ତର୍ଜାତୀୟ ଆଇନର ଏଭଳି ଉଲ୍ଲଂଘନକୁ ଆତଙ୍କବାଦ ବୋଲି ଦର୍ଶାଯାଇଥିବା ବେଳେ ବାରମ୍ବାର ଆମେରିକା ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଂଘନ ଏବଂ ଗୋଟିଏ ପରେ ଗୋଟିଏ ଆତଙ୍କ ସୃଷ୍ଟି କରୁଥିବା କେବେ ବି ୟୁରୋପୀୟ ସଂଘ କିମ୍ବା ପାର୍ଲାମେଣ୍ଟର ଆଖିକୁ ଦେଖାଯାଉ ନାହିଁ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୋଗୀର ବାହ୍ୟ ଲକ୍ଷଣ ଉପରେ ଯେତେ ଗୁରୁତ୍ୱ ଦିଅନ୍ତି, ରୋଗର କାରଣ ପ୍ରତି ସେତେ ଗୁରୁତ୍ୱ ଦିଅନ୍ତି ନାହିଁ। ୟୁକ୍ରେନରେ ଆରମ୍ଭ ହୋଇଥିବା ଯୁଦ୍ଧ ସ୍ଥିତିକୁ ଯୋଜନାବଦ୍ଧ ଭାବେ ଜାରି ରଖିବେ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଦୃଢ଼ ପ୍ରତିଜ୍ଞାବଦ୍ଧ ଥିବା ବେଳେ ଆମେରିକା ନେତୃତ୍ୱାଧୀନ ନାଟୋ ମେଣ୍ଟ ବିପକ୍ଷ ଯୋଜନାରେ ଲାଗି ରହୁଥିବାରୁ ଯୁଦ୍ଧ ବନ୍ଦ ହେଉ ନାହିଁ। ଦୀର୍ଘ ୨୦ ବର୍ଷ ମଧ୍ୟରେ ବିଶ୍ୱରେ ଯେତେଗୁଡ଼ିଏ ଯୁଦ୍ଧ ଆତଙ୍କ ସୃଷ୍ଟି ହୋଇଛି, ସେଥିରେ ଆମେରିକାର ପ୍ରତ୍ୟକ୍ଷ ହାତ ଯେ ନାହିଁ, ତାହା କହିବା ନିଷ୍ପ୍ରୟୋଜନ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ରାଷ୍ଟ୍ରପତି କାର୍ଯ୍ୟ କରୁଥିବା କଥା କହିଚାଲିଥିବା ବେଳେ ସେ ଗୋଟିଏ ପରେ ଗୋଟିଏ ଯୁଦ୍ଧର ଆତଙ୍କ ଖେଳାଇ ଚାଲିଛନ୍ତି। ଏବେ ଭେନେଜୁଏଲା ଉପରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଶ୍ୱରେ ପୁଣି ଆତଙ୍କ ସୃଷ୍ଟି କରିଛି।

ତେବେ ରୁଷିଆ ନିକଟରେ ଆମେରିକା ସହିତ ଥିବା ପରମାଣୁ ଚୁକ୍ତିକୁ ରଦ୍ଦ କରିଦେଇଛି। ଆମେରିକା ସହ ପ୍ରମୁଖ ପରମାଣୁ ଅସ୍ତ୍ରଚୁକ୍ତିରେ ରୁଷିଆର ଅଂଶ ଗ୍ରହଣ ପ୍ରକ୍ରିୟା ରଦ୍ଦ ହୋଇଯାଇଛି, ଯାହା ବିଶ୍ୱ ପାଇଁ ଆଶଙ୍କା ଆଣିଦେଇଛି। ୨୦୧୦ରେ ରୁଷଆ ଆମେରିକା ସହ ପରମାଣୁ ଚୁକ୍ତିରେ ସ୍ୱାକ୍ଷର କରିଥିଲା। ପୁଣି ୨୦୨୧ରେ ଆଉ ୫ ବର୍ଷ ପାଇଁ ବୃଦ୍ଧି ହୋଇଥିଲା। ଏହାକୁ ନ୍ୟୁ ଷ୍ଟାର୍ଟ ଚୁକ୍ତି କୁହାଯାଉଥିଲା। ଏଭଳି କରିବା ଦ୍ୱାରା ରୁଷିଆ ରାଷ୍ଟ୍ରପତି ୟୁକ୍ରେନ ଉପରେ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇ ଚାଲିଛନ୍ତି। ୟୁରୋପୀୟ ରାଷ୍ଟ୍ର ଏବଂ ଆମେରିକା ଏକ ନିର୍ଣ୍ଣାୟକ ସ୍ଥିତିକୁ ନ ଆସି ଯେଉଁଭଳି ପଦକ୍ଷେପ ନେଉଛନ୍ତି ତାହା ଯୁଦ୍ଧର ଗତିକୁ ବଢ଼ାଇ ଚାଲିଛି। ୟୁରୋପୀୟ ପାର୍ଲାମେଣ୍ଟରେ ରୁଷିଆ ବିରୋଧରେ କୌଣସି ପଦକ୍ଷେପ ନେବା ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କ୍ଷମତା ନଥିବା ବେଳେ ଆତଙ୍କବାଦୀ ଘୋଷଣା କେବଳ ହାସ୍ୟାସ୍ପଦ ବୋଲି କୁହାଯାଇପାରେ। ରୁଷିଆକୁ ଯୁଦ୍ଧ ଅପରାଧ ଏବଂ ୟୁକ୍ରେନ୍ ଯୁଦ୍ଧ ପାଇଁ ଦଣ୍ଡିତ କରାଯିବାକୁ କ୍ୱାର୍ଡ ରାଷ୍ଟ୍ରର ନେତାମାନେ ମିଳିତ ଭାବେ ମତ ରଖିଥିଲେ। କିନ୍ତୁ ପରମାଣୁ ଅସ୍ତ୍ର ବ୍ୟବହାର ପାଇଁ ରଷିଆର ଧମକକୁ ଅଗ୍ରହଣୀୟ କହିଥିଲେ ମଧ୍ୟ ଏହାର ନିରାକରଣ ପାଇଁ ଏମାନେ କୌଣସି ସୂତ୍ର ବାହାର କରିପାରିନାହାନ୍ତି। ରୁଷିଆ ଆଣବିକ ଚୁକ୍ତିକୁ ବାତିଲ କଲା ପରେ ଆମେରିକା ଓ କ୍ୱାର୍ଡ ରାଷ୍ଟ୍ର ସମୂହ ବିଚାରବିମର୍ଶ କରି ଏହାର ନିରାକରଣ ପନ୍ଥା ଦର୍ଶାଇବା ଉଚିତ ଥିଲା। ୟୁରୋପୀୟ ରାଷ୍ଟ୍ରସମୂହ ରୁଷିଆ ସହିତ ଆଲୋଚନା କରି ପରମାଣୁ ଚୁକ୍ତିକୁ କାଏମ ରଖିବା ଆବଶ୍ୟକ ଥିଲା। ଏହା ନ ହେବାରୁ ରୁଷିଆ ତାହାର ଆବଶ୍ୟକତା ଦର୍ଶାଇ ପରମାଣୁ କାର୍ଯ୍ୟକ୍ରମ ଚଳାଇବାକୁ ଘୋଷଣା କରିସାରିଲାଣି। ଜି-୨୦ ବୈଠକରେ ଭାରତର ପ୍ରତିନିଧି ଜୟଶଙ୍କର ଯୁଦ୍ଧ ବନ୍ଦ ପାଇଁ ବୈଶ୍ୱିକ ସହମତି ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ସହମତି ପାଇଁ ଜି-୨୦ ରାଷ୍ଟ୍ରସମୂହ ଆଗ୍ରହର ସହିତ କିଛି କାର୍ଯ୍ୟକ୍ରମ ହାତକୁ ନେଲେନାହିଁ। ଏଥିରୁ ଜଣାପଡ଼େ, ଜି-୨୦ ସହମତି କ୍ଷେତ୍ରରେ ପଛଘୁଞ୍ଚା ଦେଉଛନ୍ତି।

ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଯେତେବେଳେ ଆତଙ୍କବାଦ ବୃଦ୍ଧି ପାଇ ଦେଶଗୁଡ଼ିକୁ ପ୍ରଭାବିତ କଲା, ସେତେବେଳେ ସବୁ ରାଷ୍ଟ୍ର ଏକଜୁଟ ହେଲେ ସତ; କିନ୍ତୁ ଆତଙ୍କବାଦ ନିରୋଧ କ୍ଷେତ୍ରରେ ସହମତି ହେବା ନେଇ ଦ୍ୱନ୍ଦ୍ୱ ଦେଖାଦେଲା। ସେହିଦିନରୁ ଏଯାବତ୍ ଆତଙ୍କବାଦ ତିଷ୍ଠି ରହିଛି। କ୍ଷତାକ୍ତ ଓ ରକ୍ତାକ୍ତ ହୋଇ ସାରିଲା ପରେ ବି ୟୁରୋପୀୟ ରାଷ୍ଟ୍ର ସଚେତନ ହୋଇ ପାରିନାହାନ୍ତି। ତେଣୁ ବାସ୍ତବରେ ଜି-୨୦ ରାଷ୍ଟ୍ର ସଂଘକୁ ବିଶ୍ୱ ସମସ୍ୟାର ସମାଧାନ ପାଇଁ ଭରସା କରାଯାଇନପାରେ। ଏବେ ଯୁଦ୍ଧ ଘଟଣା ନେଇ ରୁଷିଆ ବିରୋଧରେ ଭାରତ-ଆମେରିକା-ଜାପାନ-ଅଷ୍ଟ୍ରେଲିଆ ପ୍ରଥମ ଥର ପାଇଁ ମିଳିତ ବିବୃତିରେ କହିଛନ୍ତି ଯେ, ରୁଷିଆ ୟୁକ୍ରେନ୍‌ରେ ଯେଉଁ ଅପରାଧ ଘଟାଇଛି, ଯଦି



ଏହାକୁ ଦଣ୍ଡ ନ ମିଳେ, ତେବେ ଆକ୍ରମଣକାରୀ ସବୁଠି ଆକ୍ରମଣ କରିବେ ଏବଂ ବିନା ଦୋଷରେ ଖସିଯିବେ। ଏହା ଅବଶ୍ୟ ଯୁକ୍ତିଯୁକ୍ତ ମନେହୁଏ। କିନ୍ତୁ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ?

ୟୁରୋପୀୟ ପାର୍ଲାମେଣ୍ଟରେ ଗୃହୀତ ନିଷ୍ପତ୍ତିକୁ ୟୁକ୍ରେନ୍ ସ୍ୱାଗତ କରି ଆଶା ପ୍ରକଟ କରିଛି ଯେ, ୟୁକ୍ରେନ୍ ସମେତ ସାରା ବିଶ୍ୱରେ ଆତଙ୍କବାଦ ବିସ୍ତାରର ନୀତି ଯୋଗୁ ରୁଷିଆକୁ ସବୁସ୍ତରରେ ଏକଘରକିଆ ଓ ଉତ୍ତରଦାୟୀ କରାଯିବା ଜରୁରୀ। ଏଭଳି ଏକ ପନ୍ଥା ଗ୍ରହଣ ନ କରି ଆମେରିକା ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ ଯେଉଁ କଟକଣା ଜାରି ରଖିଛନ୍ତି, ତାହା ତାକୁ ପ୍ରଭାବିତ କରିପାରୁ ନାହିଁ। ବିଶ୍ୱସ୍ତରରେ ଏକ ସ୍ୱଚ୍ଛ ଓ ନିର୍ଭୀକ ନୀତିକୁ ଗ୍ରହଣ ନ କଲେ ଯୁଦ୍ଧ ସମସ୍ୟା ସମାଧାନ ହୋଇପାରିବ ନାହିଁ। ଏଭଳି କ୍ଷେତ୍ରରେ ଆମେରିକା ଦେଖୁଛି ବର୍ତ୍ତମାନ କ୍ୟୁବା, ଉତ୍ତରକୋରିଆ, ଇରାନ, ସିରିଆ ହେଉଛନ୍ତି ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ। ୟୁରୋପୀୟ ଦେଶ ଲିଥୁଆନିଆ, ଲାଟ୍‌ଭିଆ, ଷ୍ଟୋନିଆ ଏବଂ ପୋଲାଣ୍ଡ ମଧ୍ୟ ରୁଷିଆକୁ ଆତଙ୍କବାଦୀଙ୍କ ପୃଷ୍ଠପୋଷକ ଭାବେ ଘୋଷଣା କରିସାରିଛି। ହେଲେ ଏହିସବୁ ଦେଶକୁ ଏ କ୍ଷେତ୍ରରୁ ନିବୃତ୍ତାଇବା ପାଇଁ କୌଣସି କର୍ତ୍ତୃତ୍ୱ ଜାରି କରିପାରୁନାହାନ୍ତି। ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ଜି-୨୦ ତଥା ପାଶ୍ଚାତ୍ୟ ରାଷ୍ଟ୍ର ନିଜେ ହିଁ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି। ସମାଧାନ କରିବାର ସାହସ ବା ନିର୍ଭୀକତା ଏମାନଙ୍କ ପାଖରେ ନାହିଁ। ଆମେରିକା ସ୍ୱଷ୍ଟ ଓ ନିରପେକ୍ଷ ହୋଇପାରୁନାହିଁ।

ରୁଷିଆ ୫୦ ବର୍ଷ ଧରି ନିଜକୁ ଶକ୍ତିଶାଳୀ ରାଷ୍ଟ୍ର ଦର୍ଶାଇବାକୁ ଉଦ୍ୟମ କରିଆସୁଛି। ପୁଟିନ୍‌ଙ୍କ କ୍ରମାଗତ ବିଜୟ ତାଙ୍କ ମନରେ ଏକ ବିଶ୍ୱାସ ବି ସୃଷ୍ଟି କରିଛି। ତାଙ୍କ ଦେଶବାସୀ ତାଙ୍କୁ ପୁନର୍ବାର ବିଜୟୀ କରିଥିବା ଯୋଗୁ ନିଜର ପ୍ରତିପତ୍ତି କିପରି ଆମେରିକାକୁ ଅତିକ୍ରମ କରିବ, ସେଥିପାଇଁ ସେ ଆଶା ବାନ୍ଧିଛନ୍ତି। ବିଶ୍ୱରେ କିପରି ସୁପର ଦେଶ ହୋଇପାରିବ, ସେଥିପାଇଁ ସଂଗ୍ରାମ ସେ ଜାରି ରଖିଥିବା ମନେହୁଏ। ଏଇଭଳି ଲକ୍ଷ୍ୟ ପୋଷଣ କରିଥିଲା ଚାଇନା। ସେଥିରୁ ସେ ମଧ୍ୟ ଓହରି ନାହିଁ। ତେବେ ରୁଷିଆ ଆଗ ଚାଇନାକୁ ପରାହତ କରିବା ଆବଶ୍ୟକ। ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ସ୍ଥାନ ନେବାକୁ ହେଲେ ଏସୀୟ ରାଷ୍ଟ୍ରଗୁଡ଼ିକ ରୁଷିଆର ବିଶ୍ୱାସଭାଜନ ହେବା ଆବଶ୍ୟକ। ବର୍ତ୍ତମାନ ସମୟରେ ବିଶ୍ୱବାସୀଙ୍କ ଚିନ୍ତାଧାରା ପ୍ରତି ରୁଷିଆ କିମ୍ବା ଆମେରିକା ସଚେତନ ହେବା ଜରୁରୀ। ରୁଷିଆ ଯଦି ଏବେ ଯୁଦ୍ଧ ରହିତ ମାନସିକତା ଗ୍ରହଣ କରିପାରନ୍ତା, ଚାଇନାର ଔଦ୍ଧତ୍ୟ ବିରୋଧରେ କୂଟନୀତି ପ୍ରୟୋଗ କରି ବିଶ୍ୱ ଶାନ୍ତି ଦିଗରେ ଅଗ୍ରସର ହୁଅନ୍ତା, ତେବେ ସର୍ବପ୍ରଥମେ ରୁଷିଆ ନିଜକୁ ଏକ ବିଶ୍ୱସ୍ତ ରାଷ୍ଟ୍ର ଭାବେ ପ୍ରତିପାଦିତ କରିପାରନ୍ତା। କିନ୍ତୁ ରୁଷିଆ ବେଳେବେଳେ ଆମେରିକାଠାରୁ ଭୟଙ୍କର ହୋଇଯାଉଛି। ଆମେରିକା ଓ ରୁଷିଆ ଅସ୍ତ୍ର ବେପାରକୁ ନେଇ ବିଶ୍ୱବାସୀଙ୍କୁ ଆତଙ୍କିତ କରି ଚାଲିଛନ୍ତି। ଏଥିରୁ ନିବୃତ୍ତ ନ ରହିଲେ, ଏମାନେ ବିଶ୍ୱବାସୀଙ୍କ ଆସ୍ଥା ଭାଜନ ହୋଇପାରିବେ ନାହିଁ।

- ସୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

# ବିଶ୍ୱାସ ଅଛି, ଭରସା ନାହିଁ



ସବ୍ୟସାଚୀ ଦତ୍ତ

ଆଗକୁ ଅନ୍ଧାରପକ୍ଷ ଆସୁଛି। କୁଞ୍ଜବଦଳିଆ, ଦାଆଗେଣ୍ଡାଳିଆ, ସାରସ, ପାତିହଂସ, ଜଡ଼ାହଂସ ସମସ୍ତଙ୍କ ମଧ୍ୟରେ ଭାଳେଣି, ମାଫିଆଙ୍କ ହାତରୁ ଏଥର ନିସ୍ତାର ନାହିଁ। କାକଟପୁର, ଅସ୍ତରଙ୍ଗ, ଦେବୀନଦୀ ମୁହାଣ, ଶଙ୍କରାଡିଆ, ସୁନାଡିଆ ଆଦି ଅଞ୍ଚଳରେ ଅତିଥି ପକ୍ଷୀମାନେ ମନ ମାରି ବସିଛନ୍ତି। ତାଙ୍କ ଫେରାଦ "ଆମେ କ'ଣ ଅତିଥି ନୋହୁଁ? ଚିଲିକା ନଳବଣ ଅଭୟାରଣ୍ୟର ଆୟତନ ମାତ୍ର ୧୫.୫୩ ବର୍ଗ କି.ମି.। ଆମେ ଏତେ ଏତେ ସଂଖ୍ୟକ ବିଦେଶାଗତ ଅତିଥି ସେତିକି ଜାଗାରେ କେମିତି ବା ରହନ୍ତୁ? ପାଖାପାଖି ଅନ୍ୟ ପାଣି ଆଶ୍ରା ଜାଗା ଦେଖି ଆମେ ବସିଗଲୁ ବୋଲି 'ସାଇବେରିଆନ୍ କ୍ରେନ୍' ନ କହି ଆମକୁ ଦେଶୀ ନାଁରେ ଡକାଗଲାଣି। ଆମ ପାଇଁ ସିକ୍ୟୁରିଟି ବ୍ୟବସ୍ଥା ନାହିଁ। କିଏ ଅଠାକାଠିରେ, କିଏ ବିଷ ଦେଇ ତ କିଏ ଗୁଳି ଫୁଟାଇ ଶିକାର କରୁଛି। ଗାଁ ଗହଳିରେ ଦିନ ଦ୍ୱିପ୍ରହରରେ ବି ବିକ୍ରି ଚାଲିଛି ପକ୍ଷୀଙ୍କ ମାଂସ; ମାତ୍ର ୩୦୦ରୁ ୪୦୦ ଟଙ୍କା କିଲୋରେ। ସମସ୍ତେ ସ୍ୱଳ୍ପ ମୂଲ୍ୟ ବିନିମୟରେ ବିଦେଶୀ ଅତିଥିଙ୍କ ମାଂସର ସ୍ୱାଦ ଚାଖିପାରୁଛନ୍ତି। ବନ ବିଭାଗ କର୍ମଚାରୀ ମଝିରେ ମଝିରେ ଚଢ଼ାଉ କରୁଛନ୍ତି। ତାଙ୍କୁ ମଧ କିଛି ବିରଳ ପକ୍ଷୀର ମାଂସ ଭେଟି ଦେଲେ କାର୍ଯ୍ୟାନୁଷ୍ଠାନ ହୁଗୁଳା ହୋଇଯାଉଛି। ପରିବେଶବିତ୍‌ମାନେ କିନ୍ତୁ ନଛୋଡ଼ବନ୍ଦା। ବାରମ୍ବାର ସ୍ୱର ଉତ୍ତୋଳନ କରିଚାଲିଛନ୍ତି- 'ରକ୍ଷକ ସାଜିଛି ଭକ୍ଷକ'। ଏଇ ପରିବେଶବିତ୍‌ମାନେ ହିଁ ଆମର ଭରସା।"

ନଭେମ୍ବର ମାସରୁ ସମସ୍ତଙ୍କ ନଜର ଚିଲିକା ଉପରେ। ଏବେ ଜାନୁଆରୀ ୨୦୨୬ରେ ପକ୍ଷୀଗଣନା ସରିଲା। ୨୦ ଜାନୁଆରୀ ସୁଦ୍ଧା ୧୯୬ ପ୍ରଜାତିର ୧୧ ଲକ୍ଷ, ୩୨ ହଜାର, ୨୦୦ ବିଦେଶୀ ଅତିଥି ପକ୍ଷୀ ଆସିଥିଲେ ବୋଲି ବନ ବିଭାଗ ଘୋଷଣା କରିଛି। ଗତବର୍ଷ ମାତ୍ର ୧୦୬ ପ୍ରଜାତିର ପକ୍ଷୀ ବିଦେଶରୁ ଓଡ଼ିଶା ଆସିଥିଲେ ଓ ସେମାନଙ୍କର ସଂଖ୍ୟା ଥିଲା ମାତ୍ର ୧୧ ଲକ୍ଷ, ୧୦ ହଜାର ୨୫୭। ତେଣୁ ଏବର୍ଷ ପ୍ରାୟ ୪,୯୭୨ ଅଧିକ ପକ୍ଷୀ ଆସିଛନ୍ତି। କେବଳ ନଳବଣରେ ଠୁଳ ହୋଇଛନ୍ତି ୫୪,୩୬୧ ପକ୍ଷୀ। ଏ ପରିସଂଖ୍ୟାନକୁ ସାର୍ବଜନୀନ କରିବା ପାଇଁ ବନ ବିଭାଗ ପାଞ୍ଚଟି ରେଞ୍ଜରେ ୨୨ଟି ଟିମ୍‌କୁ ନିୟୋଜିତ କରିଥିଲେ। ଯାହା ଚାକ୍ଷୁଷ ଗଣତିରୁ ଜଣାପଡ଼ିଛି, ପ୍ଲେନ୍ ମାର୍ଟିନ୍ ଓ ବେଙ୍ଗଲ୍ ବୁଶ୍ ଲାର୍କ ନାମକ ଦୁଇଟି ପ୍ରଜାତିର ନୂଆ ପକ୍ଷୀ ଏ ବର୍ଷ ଚିଲିକାକୁ ଆସିଛନ୍ତି। ତେଣୁ ସରକାରଙ୍କ ତରଫରୁ ସବୁ ତତ୍ପରତା ସେଇଠି। ଗୋଟିଏ ସେକ୍ସନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି। ଚିଲିକା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରାୟ ୨୦ଟି ସୁରକ୍ଷା କ୍ୟାମ୍ପ ଗଠନ କରାଯାଇଛି। ପୂର୍ବତନ ଜଣାଶୁଣା ପକ୍ଷୀ ଶିକାରୀଙ୍କୁ ନେଇ ଏହି ପକ୍ଷୀ ସୁରକ୍ଷା କମିଟି ଗଠିତ।



ସ୍ଥାନୀୟ ଗ୍ରାମବାସୀଙ୍କୁ ମଧ ସାମିଲ କରାଯାଇଛି। ପ୍ରତିଦିନ ପ୍ରାୟ ୫/୬ ଢାବା ଉପରେ ଅତର୍କିତ ଚଢ଼ାଉ କରାଯାଉଛି। ଡି.ଏଫ୍.ଓ. ସାହେବଙ୍କ ଭାଷାରେ 'ବିଲେଇକୁ ମାଛଭଜା ଜଗେଇବାରୁ ସୁଫଳ ମିଳିଲା'। ଚିଲିକାରେ ପକ୍ଷୀ ଶିକାର ଏବେ କମୁଛି। ଚିଲିକା ଅଞ୍ଚଳରେ ପ୍ରାୟ ୧୫୦ ପୂର୍ବତନ ଶିକାରୀ ଏବେ ପକ୍ଷୀଙ୍କର ସୁରକ୍ଷା ଦାୟିତ୍ୱ ନେଉଛନ୍ତି। ବିଶେଷକରି ପୂର୍ବତନ ପେସାଦାର ପକ୍ଷୀ ଶିକାରୀମାନେ ଲୋକଙ୍କୁ ପକ୍ଷୀ ଶିକାରର ଅପକାରିତା ସମ୍ପର୍କରେ ବୁଝାଉଥିବାରୁ ଜନସଚେତନତା ଯଥେଷ୍ଟ ବୃଦ୍ଧି ପାଇଛି। ପକ୍ଷୀଙ୍କୁ ଦେଖିବା ପାଇଁ ମଙ୍ଗଳାଯୋଡ଼ି ଓ ନଳବଣରେ ପର୍ଯ୍ୟଟକମାନଙ୍କ ଭିଡ଼ । ତେବେ ପକ୍ଷୀମାନଙ୍କର ସ୍ୱାଭାବିକ ଜୀବନ ଯେପରି ବିପର୍ଯ୍ୟସ୍ତ ନ ହୁଏ, ସେଥିପାଇଁ ନଳବଣ ମଧକୁ ବିଶେଷ ଅନୁମତି ବିନା କୌଣସି ବୋଟ୍‌କୁ ଯିବାକୁ ପ୍ରଶାସନ ତରଫରୁ ବାରଣ କରାଯାଇଛି। ପର୍ଯ୍ୟଟକମାନେ ଯେପରି ନଳବଣର ସୀମା ବାହାରୁ ପକ୍ଷୀଙ୍କୁ ଠିକ୍‌ଭାବେ ଦେଖିପାରିବେ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି।

ଆପଣ କେବେ ମୋଟରବୋଟ୍‌ରେ ୧୫୦୦ ଟଙ୍କା ଭଡ଼ା ଦେଇ ନଳବଣକୁ ପକ୍ଷୀ ଦେଖିବାର ସଉକ ମେଣ୍ଟାଇବା ପାଇଁ ଯାଇଛନ୍ତି କି? ଆପଣଙ୍କ ଆଖି କୌଣସି ଜୀବିତ ପ୍ରାଣୀକୁ ପକ୍ଷୀ ବୋଲି ଠଉରେଇ ପାରିବାର ଦୂରତ୍ୱରୁ ହିଁ ପକ୍ଷୀ ସୁରକ୍ଷା ପୋଲିସ୍ ଆପଣଙ୍କୁ ରୋକିଦେବେ। ଯଦି ଆପଣ ବିଦେଶୀ ଅତିଥି ପକ୍ଷୀ ଦେଖିବାର ଆଶା ମନରେ ପୋଷଣ କରିଛନ୍ତି, ତେବେ ଚିଲିକା ନ ଯାଇ ପ୍ରୟାଗରାଜ (ଆହ୍ଲାବାଦ) କି ବାରାଣସୀ ଯାଆନ୍ତୁ। ତୀର୍ଥକୁ ତୀର୍ଥ ହେବ। ତ୍ରିବେଣୀସଙ୍ଗମ ଦେଖିବାକୁ ସଡ଼କ ପଥରେ ନଯାଇ ନଦୀପଥରେ ଡଙ୍ଗାଘାଟରୁ ଯାଆନ୍ତୁ। ନଦୀପଥରେ କିଶୋରମାନେ ୧୦ ଟଙ୍କାର ସେଉ/ଗାଣ୍ଠିଆ ପ୍ୟାକେଟ ଡଙ୍ଗାରେ ବିକ୍ରି କରୁଥିବାର ଭେଟିବେ। ତାଙ୍କଠାରୁ ପ୍ୟାକେଟିଏ କିଣି ଆ...ଆ... ବୋଲି ଡାକନ୍ତୁ। ବିଦେଶାଗତ ପକ୍ଷୀ ଆପଣଙ୍କ ହାତରୁ ତାହା ଛଡେଇ ନେଇ ଖାଇବେ। ଘଣ୍ଟା ଘଣ୍ଟା ଧରି ଏ ଦୃଶ୍ୟ ଅବିରତ ଚାଲିବ। ଆପଣ ଯଥେଷ୍ଟ ଆମୋଦିତ ହେବେ।

ଖାଲି ଚିଲିକା କାହିଁକି, ପ୍ରୟାଗରାଜ, ବାରାଣସୀ ଭଳି ଅନେକ ଜାଗାକୁ ସାଇବେରିଆ ଆଦି ଅଞ୍ଚଳର ପକ୍ଷୀମାନେ ଶୀତଦିନେ ଆସନ୍ତି। ପ୍ରୟାଗରାଜର ସଂସ୍କୃତି ନୁହେଁ ଆମିଷ ଭକ୍ଷଣ। ଫଳତଃ ପକ୍ଷୀମାନେ ଆପଣଙ୍କ ହାତରୁ ଗାଣ୍ଠିଆ ଖାଇବେ ଓ ବିନିମୟରେ ଆମୋଦ ବିତରଣ କରିବେ। କିନ୍ତୁ ଆମ ଓଡ଼ିଶା ତ ଆମିଷ ବାବଦରେ ନିଆରା। ଏଠି ପକ୍ଷୀକୁଳ ଓଡ଼ିଆଙ୍କ ବ୍ୟବହାରରେ ନିଜକୁ ନିରାପଦ ମଣନ୍ତି ନାହିଁ। ତେଣୁ ପର୍ଯ୍ୟଟକ ଦେଖିଲେ ଦୂରକୁ ଦୂରକୁ ପଳାନ୍ତି। ତଥାପି ପ୍ରଶ୍ନ ଆସେ ଯେ ପ୍ରତ୍ୟେକ ବର୍ଷ ଅତିଥି ପକ୍ଷୀଙ୍କ ସଂଖ୍ୟା ଓଡ଼ିଶାରେ ଏତେ ବଢ଼ୁଛି କାହିଁକି? ବୋଧେ ବିଦେଶୀ ପକ୍ଷୀଙ୍କର ଓଡ଼ିଶା ପ୍ରତି ବିଶ୍ୱାସ ଅଛି ଯେ, ଓଡ଼ିଶାକୁ ଗଲେ ସଫଳ ପ୍ରଜନନ କରି ଭବିଷ୍ୟତ ଗଢ଼ି ହେବ, କିନ୍ତୁ ଓଡ଼ିଆଙ୍କୁ ଭରସା ନାହିଁ। କିଏ କହିପାରେ, କେତେବେଳେ କୋଉ କଥା। ଜୀବନ ବଞ୍ଚାଇ ନିରାପଦ ଦୂରତ୍ୱରେ ରହିଲେ ସାଇବେରିଆ ଫେରିବା କଥା ଚିନ୍ତା କରିହେବ।

ମୋ: ୯୪୩୭୦୪୫୫୪୭

## ଏଇ ଭାରତରେ

ଉତ୍ତରପ୍ରଦେଶର ଧୀରଜ ବର୍ମା ବିନା ମାଟି ଅର୍ଥାତ୍ କେବଳ ପାଣି (ହାଇଡ୍ରୋପୋନିକ୍ସ ପଦ୍ଧତି)ରେ ଚାଷକରି ପ୍ରଥମ ପର୍ଯ୍ୟାୟରେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ଟିଭି ଶୋ' ଦେଖି ସେ ଷ୍ଟ୍ରବେରି ଚାଷ ଆରମ୍ଭ କରିଥିଲେ। ଧୀରଜ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେ ଷ୍ଟ୍ରବେରି ଚାଷ କରିବା ପୂର୍ବରୁ ୧୩ ବର୍ଷ ଧରି ୧୦ ଏକର ଜମିରେ ଶସ୍ୟ ଓ ପନିପରିବା ଚାଷ କରୁଥିଲେ। କିନ୍ତୁ ତାହା ଲାଭଜନକ ନ ହେବାରୁ ଟିଭିରେ ଇସ୍ରାଏଲର ଷ୍ଟ୍ରବେରି ଚାଷ ପଦ୍ଧତିକୁ ଦେଖି ତାହା କରିବାକୁ ନିଷ୍ପତ୍ତି ନେଇଥିଲେ। ମଧ୍ୟପ୍ରଦେଶରୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ତାଙ୍କ ଗାଁ ବାରାବାଙ୍କିର ମୀନାପୁରରେ ୩,୫୦୦ ବର୍ଗଫୁଟରେ ହାଇଡ୍ରୋପୋନିକ୍ସ ଚାଷ ପାଇଁ ଆବଶ୍ୟକ ଉପକରଣ ଲଗାଇଛନ୍ତି। ହାଇଡ୍ରୋପୋନିକ୍ସ ପଦ୍ଧତି ସମ୍ପୂର୍ଣ୍ଣ କରିବା ପାଇଁ ସେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ ଏଥିପାଇଁ ଦେଢ଼ବର୍ଷ ସମୟ ଲାଗିଥିଲା। ସେ ୯,୦୦୦ ଷ୍ଟ୍ରବେରି ଚାରାଗଛ ଲଗାଇଛନ୍ତି। ଏଥିରୁ ପ୍ରଥମେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନକରି ୩ ଲକ୍ଷ ଟଙ୍କା ଲାଭ ପାଇଛନ୍ତି ଏବଂ ଆସନ୍ତା ବର୍ଷ ୧୦ ଲକ୍ଷ ଟଙ୍କା ଲାଭ କରିବେ ବୋଲି କହନ୍ତି ଧୀରଜ। ସେ ମଧ୍ୟ ହାଇଡ୍ରୋପୋନିକ୍ସ ପଦ୍ଧତିରେ ଲାଲ ଓ ହଳଦିଆ କ୍ୟାପ୍ସିକମ୍ ଚାଷ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଫେବୃଆରୀ ୧୯୭୭

- କଂଗ୍ରେସ ଦଳର ପ୍ରାର୍ଥୀତ୍ୱକୁ ପୂର୍ବତନ ରାଷ୍ଟ୍ରପତି ଶ୍ରୀ ଭିଭି ଗିରିଙ୍କ ପୁତ୍ର ଶ୍ରୀ ଶଙ୍କର ଗିରିଙ୍କ ପ୍ରତ୍ୟାଖ୍ୟାନ।
- ରାଜ୍ୟର ନବନିଯୁକ୍ତ ରାଜ୍ୟପାଳ ଶ୍ରୀ ହରଚରଣ ସିଂହ ବ୍ରାର୍ ଏକ ମନୋରମ ପରିବେଶ ମଧ୍ୟରେ ଶପଥ ଗ୍ରହଣ କରିଛନ୍ତି।
- ଭୁବନେଶ୍ୱରସ୍ଥିତ ଗୁରୁଦ୍ୱାର ନିକଟରେ ଡାକତାର ବିଭାଗ ପକ୍ଷରୁ ଏକ ନୂତନ ପୋଷ୍ଟାଲ ଡିଭିଜନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ।

## su do ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 8 | 5 | | | | | | 1 |
| | | | | | | | | |
| 6 | | 2 | 8 | | | | | |
| | 6 | 4 | 9 | | 8 | 5 | 2 | |
| 9 | | | | 5 | | 1 | 3 | |
| | | 1 | | 6 | 3 | 4 | 9 | 8 |
| 5 | 4 | | | 9 | | 8 | 7 | 2 |
| | 2 | | | | 4 | 9 | | |
| | 3 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 4 | 5 | 8 | 9 | 3 | 6 |
| 4 | 9 | 3 | 7 | 6 | 1 | 8 | 5 | 2 |
| 5 | 6 | 8 | 9 | 2 | 3 | 4 | 1 | 7 |
| 9 | 2 | 7 | 8 | 1 | 6 | 3 | 4 | 5 |
| 6 | 8 | 5 | 2 | 3 | 4 | 1 | 7 | 9 |
| 3 | 1 | 4 | 5 | 9 | 7 | 2 | 6 | 8 |
| 7 | 5 | 9 | 3 | 4 | 2 | 6 | 8 | 1 |
| 2 | 3 | 1 | 6 | 8 | 5 | 7 | 9 | 4 |
| 8 | 4 | 6 | 1 | 7 | 9 | 5 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ବସ୍ ପରିଚାଳନାର ପୁନଃ ବିଚାର ହେଉ

ମହାଶୟ,
ନିକଟ ଅତୀତରେ ପ୍ରକାଶିତ ସ୍କ୍ରିନିଂ ଟେଷ୍ଟ ପାସ୍ କରିବା ପରେ ଆମ ବସ୍‌ଗୁଡ଼ିକୁ ରାଜଧାନୀ ତଥା ତତ୍ ସଂଲଗ୍ନ ସ୍ଥାନଗୁଡ଼ିକରେ ଡ୍ରାଇଭରମାନେ ନିର୍ଦ୍ଦ୍ୱନ୍ଦ୍ୱରେ ଚଳାଇ ପାରିବେ। କେବଳ ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା, ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ମିଳିପାରିବ ପ୍ରୋତ୍ସାହନ ରାଶି ସାଙ୍ଗକୁ ଉତ୍ତମ ଦରମା। ରଙ୍ଗ ବଦଳା ଯାଇ ମୋ ବସ୍‌କୁ ଆମ ବସ୍ ସେବାକୁ ରୂପାନ୍ତରିତ କରାଯିବା ବର୍ତ୍ତମାନ ସରକାରଙ୍କର ନ୍ୟାୟୋଚିତ ପଦକ୍ଷେପ ନୁହେଁ। ତେବେ ବର୍ତ୍ତମାନ ଆମ ବସ୍‌ର ପରିଚାଳନାଗତ ତ୍ରୁଟି କ୍ରମାଗତ ଭାବେ ଘଟି ଚାଲିଛି। ଏସବୁ ଦୋଷ ଦୁର୍ବଳତାକୁ ଏଡ଼ାଯାଇପାରିବ ନାହିଁ। କାରଣ ଏହି କ୍ଷେତ୍ରରେ ପ୍ରଶାସନିକ ଅବହେଳା ରହିଛି। ସରକାର ଦୁର୍ଘଟଣାରେ ପୀଡ଼ିତାପୀଡ଼ିତଙ୍କ ହିତ ଦୃଷ୍ଟିରୁ ଉପଯୁକ୍ତ କ୍ଷତି ପୂରଣ ପାଇଁ ପଦକ୍ଷେପ ନେବା ଉଚିତ। ଦ୍ୱିତୀୟତଃ ଉପଯୁକ୍ତ ଏବଂ ଦକ୍ଷ ବସ୍ ଚାଳକଙ୍କୁ ଚୟନ କରିବାର ଆବଶ୍ୟକତା ରହିଛି। ଏମ୍‌ଭିଆଇମାନଙ୍କର ଦାୟିତ୍ୱ ମଧ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ। ତତ୍ ସହିତ ବସ୍‌ଚାଳକ ରୂପେ ଚୟନ ହୋଇଥିବା ସମସ୍ତଙ୍କୁ ଦକ୍ଷତା ହିସାବରେ ନିୟୋଜିତ କରାଯାଇ କାର୍ଯ୍ୟ କରାଯିବାର ଆବଶ୍ୟକତା ପରିଲକ୍ଷିତ ହୁଏ। ତେଣୁ ଆମ ବସ୍ ଦୁର୍ଘଟଣାର ହାରକୁ କମ୍ କରାଯିବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉ।

**– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, କଟକରୋଡ୍, ଭୁବନେଶ୍ୱର**

## ଚିରନ୍ତନୀ

ଚରଣ ନ ଇଚ୍ଛେ ଚାଲିବା ଆଶେ
ମୁକତ ପଥେ
କରମ-କଠିନ ହେବାକୁ ହାତ
ନ ଚାହେଁ ସତେ ?

-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୮ରୁ ଯୁକ୍ତ୨, ୧୯ରୁ ମାଟ୍ରିକ୍ ପରୀକ୍ଷା

ଭୁବନେଶ୍ୱର,୭।୨ (ସୁଜିତ୍ରିତ ସାହୁ)

**ପରୀକ୍ଷା ପରିଚାଳନା ଅବହେଳାକୁ ବରଦାସ୍ତ କରାଯିବନି: ମୁଖ୍ୟ ଶାସନ ସଚିବ**

ଆସନ୍ତା ୧୮ ତାରିଖରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହେବ। ସେହିପରି ୧୯ ତାରିଖରୁ ମାଟ୍ରିକ୍ ସହ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ଓ ମଧ୍ୟମା ପରୀକ୍ଷା ଚାଲିବ। ଶୃଙ୍ଖଳିତ ପରୀକ୍ଷା ପରିଚାଳନାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେବା ସହ ଶନିବାର ପୂରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନାହିଁ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ସମସ୍ତେ ଯଥେଷ୍ଟ ସତର୍କତା ଅବଲମ୍ବନ ପୂର୍ବକ କର୍ତ୍ତବ୍ୟ ସମ୍ପାଦନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ଡ. ଏନ୍ ତିରୁମାଲା ନାଏକଙ୍କ ସମେତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା, ଉପଶାସନ ସଚିବ ଯଶବନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ସଭାପତି ଶ୍ରୀକାନ୍ତ ତରାଇ, ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା ପ୍ରମୁଖ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ତଥ୍ୟ ରଖିଥିଲେ । ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ୨୩ଦିନ ଧରି ଚାଲିବାକୁ ଥିବା ଯୁକ୍ତ୨ ପରୀକ୍ଷା ପାଇଁ ଏବର୍ଷ କଳାରେ ୨ ଲକ୍ଷ ୫୬ ହଜାର ୭୦୭ଜଣ, ବାଣିଜ୍ୟରେ ୨୪ ହଜାର ୬୨୧, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୭୬୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫୯୩୮ଜଣଙ୍କୁ ମିଶାଇ ମୋଟ ୪ ଲକ୍ଷ ୧୭ ହଜାର ୬୬୩ଜଣ ପରୀକ୍ଷା ଦେବେ। ଏଥିପାଇଁ ୨୧୧୯ଟି ପରୀକ୍ଷା ପରିଚାଳନା ହବ୍, ୧୩୫୬ ପରୀକ୍ଷା କେନ୍ଦ୍ର ସହ ୭ ଉପକେନ୍ଦ୍ର ବ୍ୟବସ୍ଥା କରାଯାଇଛି। ସେହିପରି ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମାଟ୍ରିକ୍ ପରୀକ୍ଷା ପାଇଁ ୫ ଲକ୍ଷ ୪୬ ହଜାର ୮୭୫ ଜଣ ଫର୍ମ ପୂରଣ କରିଥିବାବେଳେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମାରେ ୫ ଲକ୍ଷ ୬୧ ହଜାର ୯୭୯ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଏଥିପାଇଁ ସମସ୍ତ ଜିଲାରେ ୩୨୭ଟି ନୋଡାଲ ସେଣ୍ଟର, ୩୦୮୨ଟି ପରୀକ୍ଷା କେନ୍ଦ୍ର ଓ ୫୦ଟି ଉତ୍ତର ପତ୍ର ମୂଲ୍ୟାଙ୍କନ କେନ୍ଦ୍ର କରାଯାଇଛି। ପରୀକ୍ଷା ସୁପରିଚାଳନା ନେଇ କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ ମୁଖ୍ୟ କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମରୁ ନୋଡାଲ କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ସୁରକ୍ଷାର ସହ ପଠାଯିବ। କାର୍ଯ୍ୟାଳୟରେ ଡେସ୍ପାଚ୍ ଟିମ୍ ସହିତ ଶସ୍ତ୍ରଧାରୀ ପୋଲିସ ନିୟୋଜିତ ରହିବେ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସୁଚାରୁରୂପେ ପରୀକ୍ଷା ପରିଚାଳନା, ନିରୀକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସମସ୍ତ ନୋଡାଲ କେନ୍ଦ୍ର ଓ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ଗ୍ରହଣରୁ ଆରମ୍ଭ କରି ଉତ୍ତର ପୁସ୍ତିକା ସଂଗ୍ରହ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି ନିରୀକ୍ଷଣରେ ରଖାଯିବ। ସମସ୍ତ ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ ଫୋନ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ ଉପକରଣ ବ୍ୟବହାର ନିଷିଦ୍ଧ କରାଯାଇଛି। ପରୀକ୍ଷା ପରିଚାଳନା ସମ୍ପର୍କିତ ନିୟମ ଉଲ୍ଲଂଘନ ହେଲେ ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ ୧୯୮୮ ଏବଂ ଭାରତୀୟ ନ୍ୟାୟ ସଂହିତା ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗାଇଡଲାଇନ ଅନୁସାରେ ସମସ୍ତ ପ୍ରସ୍ତୁତିକୁ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେବା ସହ ସମସ୍ତ ଜିଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଜିଲା ନୋଡାଲ ଅଧିକାରୀ ପରୀକ୍ଷା ପରିଚାଳନା ମାର୍ଗଦର୍ଶିକା ଅନୁସରଣ କରିବାକୁ କହିଛନ୍ତି।

# ହରିଶଙ୍କରର ସମନ୍ୱିତ ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ୧୩ କୋଟି ଟଙ୍କାର ପ୍ରଶାସନିକ ମଞ୍ଜୁରି

ଖପ୍ରାଖୋଲ,୭।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟକ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀ ହରିଶଙ୍କରର ସମନ୍ୱିତ ପାରିପାର୍ଶ୍ୱିକ ବିକାଶ ପାଇଁ ୧୩ କୋଟି ୫୧ ଲକ୍ଷ ୫୪ ହଜାର ଟଙ୍କାର ପ୍ରଶାସନିକ ମଞ୍ଜୁରୀ ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ହୋଇଥିବା ଜଣାଯାଇଛି। ଏନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ଚିଠି ସଂଖ୍ୟା ୩୧୪୪୩ ତା ୩୧।୧୨।୨୦୨୫ ରେ ଏକ ଚିଠି ବଲାଙ୍ଗୀର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ବେଳେ ପୂର୍ତ୍ତ ବିଭାଗ ଏହି କାମ କରିବ ବୋଲି ଜଣାଯାଇଛି। ଏନେଇ ସମନ୍ୱିତ ପାରିପାର୍ଶ୍ୱିକ ବିକାଶ ପାଇଁ ବର୍ଜ୍ୟବସ୍ତୁ ପରିଚାଳନା, ଶ୍ରଦ୍ଧାଳୁଙ୍କ ପାଇଁ ଗାଡି, ଇଟା ଓ ପଥର ବାଡ, ପୋଷାକ ପରିବର୍ତ୍ତନ ଗୃହ, ଷ୍ଟେପ୍ସ, ସିସିଟିଭି, ଡଷ୍ଟ ବିନ, ଓଭର ହେଡ ଟ୍ୟାଙ୍କ, ପାନୀୟ ଜଳ ଯୋଗାଣ, ବସିବା ସ୍ଥାନ, ଆଲୋକୀକରଣ, ଚଲାପଥର ବିକାଶ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବିକାଶ ପାଇଁ ଅର୍ଥ ବ୍ୟୟବରାଦ ହୋଇଥିବା ଜଣାଯାଇଛି। ଏହି ଅର୍ଥ ବିନିଯୋଗ ହେଲେ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁଙ୍କ ସୁବିଧା ହେବ। ଅର୍ଥ ମଞ୍ଜୁର ନେଇ ଚିଠି ଦେଖିଲା ପରେ ଖପ୍ରାଖୋଲ ତଥା ହରିଶଙ୍କର ଅଞ୍ଚଳର ଜନସାଧାରଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟ ମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା,ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓଙ୍କୁ କୃତଜ୍ଞତା ଜଣାଇଛନ୍ତି।


## OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK

Letter No. 629 / Dt. 06.02.2026

GOVERNMENT OF ODISHA e-Procurement Notice

Bid Identification No. online SECMID - 33/2025-26

No.32001/27/2526 eemidcuttack@yahoo.co.in

| | | |
|---|---|---|
| 1 | Name of work | **Construction of Check Dams & MIP under MATY and MIPSP scheme in MI Sub-Division Athagarh Banki & Narasinghpur** |
| 2 | Total Number of work | **04 (Four) nos.** |
| 3 | Estimated cost | **Varies from Rs.51.62 to 78.57 lakhs** |
| 4 | Tender paper Cost (Online) | **Rs.10,000/-** |
| 5 | Bid Security (Online) | As per DTCN |
| 6 | Period of Completion | As per DTCN |
| 7 | Availability of Bid Document | From **11.02.2026, 10.00 A.M. to 20.02.2026, 5.00 P.M.** in website (www.tendersorissa.gov.in) |
| 8 | Last date & Time of receipt | **20.02.2026 at 5.00 P.M.** through online Bid |
| 9 | Date of opening of Technical Bid documents | **21.02.2026 at 11.00 A.M.** in the office of the SE, M.I. Division, Cuttack |
| 10 | Date of Opening of Financial Bid Documents | **25.02.2026 at 11.00 A.M.** in the office of the SE, M.I. Division, Cuttack |
| 11 | Date of Lottery, if required | **06.03.2026 at 12.00 Noon** in the office of the SE, M.I. Division, Cuttack |
| 12 | Name and address of the OIT | Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004 |

Further details can be seen from the Government of Odisha Web-Site www.tendersorissa.gov.in

**Notes : Corrigendum / Addendum / Modification / Additions if any, can be seen through On-line only.**

**Sd./- Superintending Engineer**
**M.I. Division, Cuttack**

**OIPR-32001/32121/1/25-26/0027**



## OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA

OHPC ISO 9001-14001 18001 Certified

DIST.: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)

Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022

Tel : 91-0674-2542983, 2542802, 2545526, 2542826, Fax : 2542102

E-Mail : ohpc.co@gmail.com / md@ohpcltd.com WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER NO. UIHEP-49/2025-26 DATED. 05.02.2026**

**No.32001/33/2526** : Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from eligible bidders meeting eligibility criteria only for execution of the following work.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable in Rs.) | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Annual Maintenance of Generator Transformers, Unit Auxiliary Transformers, Mobile Oil Purifier & Equipments at 11KV / 33KV / 220KV / 400 KV Switchyard of UIHEP, Mukhiguda for a period of 02 years | 11,800/- (Inclusive of GST) | 51,000/- | From 10.02.2026 to 25.02.2026 up to 12.00 Hrs. | 25.02.2026 (up to 13:00 Hrs) | 25.02.2026 at 16:30 Hrs. |

For details of the tender documents, terms and conditions please visit our website **www.ohpcltd.com**

**OIPR-32001/32136/1/25-26/0033** **Sd./- C&P Head, UIHEP, Mukhiguda**



## GOVERNMENT OF ODISHA
## OFFICE OF THE EXECUTIVE ENGINEER, RWS&S DIVISION, MALKANGIRI

E-mail : eerwss_mal@nic.in, eerwssmlkg@gmail.com

INVITATION FOR BIDS

NATIONAL COMPETITIVE BIDDING

**Bid Identification No. : RWSS_MKG_ONLINE_06/2025-26** **DATED : 04.02.2026**

**No.25001/24/2526** : The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders of eligible Authorised Manufacturers / Dealers / Distributers / Firms for the work detailed in the table below to be eventually drawn up in **P-1 contract.**

1. Name of the Work : Supply & Installation of Equipments, Glassware, Furniture with desktop etc. at Sub-Divisional Water Testing Laboratory, Mathili under RWS&S Division, Malkangiri in Malkangiri District (As detailed in TCN), 2. No. of Works : **01 No.**, 3. Estimated Cost : **₹ 11.61 Lakhs**, 4. Tender Paper Cost : Rs. 6000/- each, 5. Class of Contractor : Authorised Manufacturer / Dealer / Distributer / Firm, 6. Period of Completion : 01 (One) calendar month, 7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| **Superintending Engineer, RWS&S Division, Malkangiri** | **RWSS_MKG_ ONLINE_06 of 2025-26** | **11.02.2026 at 09.00 Hours** | **19.02.2026 up to 17.00 Hours** | **18.02.2026** | **20.02.2026 At 11.00 Hours** |

- Further details can be seen in the bidding documents, which is available in the e-procurement portal **https://www.tendersodisha.gov.in**.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

**Superintending Engineer**
**RWS&S Division, Malkangiri**

**OIPR-25001/25044/1/25-26/0024**



## GOVERNMENT OF ODISHA, DEPARTMENT OF WATER RESOURCES

Office of the Engineer-In-Chief,
Water Resources, Secha Sadan, Bhubaneswar

Email Address : cemech.eicwr.od@gmail.com

**No.32001/29/2526** **e-Procurement Notice**

**Bid Identification No. - CEM/MDL-07/2025-26**

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 01 (One) |
| 3. | Category of executors | SSI Units registered under DIC/NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | CEM / MDL - 07/2025-26 |
| 5. | Estimated Cost | Rs.1,24,97,624.00 |
| 6. | Period of Completion | 06 (Six) calendar months |
| 7. | Date & time of availability of bid documents in the Portal | From dt.11.02.2026 (10.00 A.M.) to dt.23.02.2026 (5.30 P.M.) |
| 8. | Last date / time for receipt of bid in the portal | Dt.23.02.2026 (up to 5.30 P.M.) |
| 9. | Date and Place of opening of Technical Bid | Dt.24.02.2026 (12.00 Noon onwards in the O/o the undersigned) |
| 10. | Date and Place of opening of Financial Bid | To be intimated to the qualified Bidders after evaluation of Technical Bid |
| 11. | Name of the Officer inviting bid | Chief Engineer, Mechanical, O/o the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

**Sd./- Chief Engineer, Mechanical**
**O/o - Engineer-In-Chief, Secha Sadan,**
**Bhubaneswar**

**OIPR-32001/32520/1/25-26/0029**



## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, BHUBANESWAR

No.25001/38/2526

Ph. No.-0674-2301787, Fax No.-0674-2300965, E.Mail I.D.-eerw_bbsr@yahoo.co.in

**No:-Tender-Online-BBSR Divn.-38** **e-Procurement Notice** **Date : 05.02.2026**

1. Name of the work : Repair / Maintenance Road / Building
2. Total No. of Projects : 02 Nos. of Projects
3. **Class of contractor**
   - a) Above Rs.20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   - b) Upto Rs.40.00 lakh : 'C' Class (of Odisha PWD) or equivalent class of other licensing authorities.
   - c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs.16.82 lakh to 25.42 Lakh
5. Time for completion : **As per annexure of TCN Col. No.6**
6. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-38 | 11.02.2026 at 11.00 A.M. | 20.02.2026 up to 5.00 P.M. | 21.02.2026 at 11.00 A.M. |

Further details can be seen from the website **www.tendersorissa.gov.in**

**Sd./- Superintending Engineer**
**Rural Works Divn., BBSR**

**OIPR-25001/25066/1/25-26/0038**


# ଭଲ ମଣିଷ ହେବାକୁ ହେଲେ ଶିକ୍ଷା ସହ ସଂସ୍କାର ଜରୁରୀ



ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମୁରିବାହାଲ,୭।୨(ଶ୍ରୀବତ୍ସ ବେହେରା)

**ପିଏମ୍‌ଶ୍ରୀ ପାଟଣେଶ୍ୱରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଲେବଡ଼ାସ୍ଥିତ ପିଏମ୍‌ଶ୍ରୀ ପାଟଣେଶ୍ୱରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦୁତିବାହନ ମୁନାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଭାଜପା ଜିଲା ସଭାପତି ତଥା ଏମ୍‌ପିଙ୍କର ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରମାନେ ଭଲ ମଣିଷ ହେବାକୁ ହେଲେ ଶିକ୍ଷା ସହ ନିଷ୍ଠା ଓ ସଂସ୍କାର ଜରୁରୀ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ମୁରିବାହାଲ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଭୋଇ, ସିଆରସିସି ପଦ୍ମଲୋଚନ ତାଣ୍ଡି, ଉକ୍ତ ବିଦ୍ୟାଳୟ ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜିତ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡମ୍ବରୁଧର ମାଝୀ, ଲେବଡା ସରପଞ୍ଚ ଦମୟନ୍ତୀ ହାତୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବାର୍ଷିକ ଉତ୍ସବରେ ପ୍ରତ୍ୟେକ ଛାତ୍ରୀଛାତ୍ରୀ ନିଜର ଅନ୍ତର୍ନିହିତ ଗୁଣ ବିକାଶ, ଶିକ୍ଷା ସାଙ୍ଗକୁ କଳା ସଂସ୍କୃତିକୁ ମଧ୍ୟ ଗୁରୁତ୍ୱ ଦେବା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ ଉମେଶ ଚନ୍ଦ୍ର ଦାସ ଯୋଗଦେଇ ଆଧୁନିକ ଯୁଗରେ ଶିକ୍ଷାର ଆବଶ୍ୟକତା ଉପରେ ମତ ଦେଇଥିଲେ। ଉକ୍ତ ବାର୍ଷିକ ଉତ୍ସବକୁ ଶିକ୍ଷକ ତୋଷକୁମାର ସାହୁ ପରିଚାଳନା କରିଥିଲେ। ପୂର୍ବରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହା ପରେ ବିଦ୍ୟାଳୟ ଛାତ୍ରୀ ଓ ଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାମଚନ୍ଦ୍ର ନଗର ହାଇସ୍କୁଲରେ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୭।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ରାମଚନ୍ଦ୍ର ନଗର ହାଇସ୍କୁଲରେ ଶନିବାର କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭରୋସା କୁଷ୍ଠ ପ୍ରକଳ୍ପ ପକ୍ଷରୁ ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ଭରୋସା କୁଷ୍ଠ ପ୍ରକଳ୍ପ ଜିଲା ସଂଯୋଜକ ବଂଶୀ ବଳ ପରିଚାଳନା କରିଥିଲେ। ଅବସରପ୍ରାପ୍ତ କୁଷ୍ଠ ସ୍ୱାସ୍ଥ୍ୟକର୍ମୀ ଶରତ କୁମାର ସାହୁ, ଆଶାକର୍ମୀ ରୀମା ଓରାମ, ପୂର୍ଣ୍ଣିମା ନିଖଣ୍ଡିଆ, ସଙ୍ଗୀତା ବାରିକ ଅତିଥିଭାବେ ଉପସ୍ଥିତ ଥିଲେ। କୁଷ୍ଠ ରୋଗୀଙ୍କୁ ଘୃଣା ନକରି ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବା ଜରୁରୀ ବୋଲି ଅତିଥି ମାନେ କହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭଗବାନ ରାଉତ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ହୋଇ ପ୍ରଥମ ସ୍ମୃତି ବାର୍ଲା, ଦ୍ୱିତୀୟ ଯମନା ନେଗୀ ଏବଂ ତୃତୀୟ ଡଲି ଉନସନାଙ୍କୁ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ କୁଷ୍ଠ ସ୍ୱାସ୍ଥ୍ୟକର୍ମୀ ଶରତ କୁମାର ସାହୁଙ୍କ ସମ୍ମାନୀତ କରାଯାଇଥିଲା ।


## BEFORE THE STATE CONSUMER DISPUTES REDRESSAL COMMISSION, ORISSA, CUTTACK

(First Appeal No. 435 of 2024)

**IN THE MATTER OF:**

**Branch Manager,**
**The Sundargarh District Central Co-operative Bank Ltd.,**
**Hemgir Branch** ... **Petitioner**

**Vrs.**

**Niranjan Pradhan & Others** ... **Opp. Parties**

**To**
**The Manager**
**Sivam Agrotech, Cuttack**
**At/P.O./Dist.: Cuttack**

**DRAFT NOTICE**

**SUMMONS BY PAPER PUBLICATION IN LOCAL NEWS PAPER FOR SHOW CAUSE AS TO WHY RELIEF PRAYED IN THE F.A. SHOULD NOT BE GRANTED**

To know the addressee that, above mentioned appellant has filed the appeal against the respondents before this Hon'ble Commission, Cuttack notice was sent to Respondent No. 2, through Speed Post, it has returned un-served. Hence, this notice is being published as per direction of this Hon'ble Commission interalia informing you to appear in person before this Hon'ble Commission in person or through Advocate on dated 23.2.26 at 10.30 A.M. in the appeal, failing which appropriate order shall be passed ex-party by this Hon'ble Commission.

By the Order of SCDRC,
Odisha, Cuttack
Secretary, SCDRC
Odisha, Cuttack



ଓଡ଼ିଶା ସରକାର
GOVERNMENT OF ODISHA

## ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
## OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA

**Phone No. 0661-2664637, Fax No. 0661-2664639, email : dfo.rourkela@odisha.gov.in**

**Order No. 40 / Dtd. 05.02.2026**

**Local Tender Call Notice For "Installation & Erection of MS Fabricated Traffic Signs Board Warning of Crossing Elephant, Rourkela Forest Division during the year 2025-26"**

**No.8001/20/2526** : Sealed tenders are invited under Single Bid system from the intending suppliers/manufacturers for **"Installation & Erection of MS Fabricated Traffic Signs Board Warning of Crossing Elephant, Rourkela Forest Division during the year 2025-26"** under Rourkela Forest Division on terms and conditions mentioned in the standard bidding documents so as to reach in the O/o the DFO, Rourkela on or before 13.02.2026 up to 05:00 P.M through Registered/ Speed Post/ Courier Service and can also be dropped in Tender Box placed in Office of the Divisional Forest Officer, Rourkela Forest Division. The tenders will be opened on dtd. 13.02.2026 at 11:00 AM in the O/o the Divisional Forest Officer, Rourkela. The standard bidding documents and terms and conditions can be downloaded from www.dforourkela.in/ www.odishaforest.in and also can be obtained from Office of the Divisional Forest Officer, Rourkela Division, Panposh from 07.02.2026 to 12.02.2026 during office hours.

Tender inviting authority reserves the right of accepting or rejecting one or more tender offer(s) or cancelling the tender without assigning any reason thereof.

**Sd./- (Tender Calling Authority)**
**Divisional Forest Officer, Rourkela Forest Division**

**OIPR-8001/8044/1/25-26/0020**



## वरीय पुलिस अधीक्षक का कार्यालय, राँची

सर्वसाधारण के लिए सूचना



**नाम–असयानी समद, उम्र–19 वर्ष, उँचाई–5 फीट, रंग–गोरा, पहनावा–लाल रंग का सलवार एवं लाल रंग का पायजाम पहनी हुई है।**

उपरोक्त लापता महिला असयानी समद, उम्र–19 वर्ष, पिता–बुधु मुण्डा, स्थायी पता–कुरूंगा, बीरबाकी, थाना–अड़की, जिला–खूँटी, वर्तमान पता–गन्यौर टोली, अपर हटिया, थाना–जगरनाथपुर, जिला–राँची जो दिनांक–19.01.2026 को घर से काम करने को कहकर निकली जो आजतक अपने घर वापस नहीं आई है। जिसके संबंध में जगरनाथपुर थाना सनहा संख्या–19/2026, दिनांक–20.01.2026 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**

पुलिस उपाधीक्षक, हटिया, राँची। –9431706143
थाना प्रभारी जगरनाथपुर, राँची। –9431706169

**वरीय पुलिस अधीक्षक, राँची**

**PR 372562 (Police)25-26*D**



## PUBLIC NOTICE



This is to inform general public at large including media, investors and all concerned persons, that immovable properties exclusively belonging to Sahara India Group and owned by various Group Companies are scattered all over India. It has come to the knowledge of the Company that persons illegally claiming themselves to be rightful owners or title holders or duly authorised persons, are trying to dispose of those properties by illegal means for illegal purposes.

Through this public notice, public at large is being warned and cautioned that no property belonging to Sahara India Group can be sold, transferred or alienated or registered without permission, directions and approval of the Hon'ble Supreme Court of India. Any person or institution trying to sell or purchase any of the properties belonging to Sahara India Group is liable for prosecution and imprisonment and such transfer shall be void ab initio, illegal and deemed to be non-est in the eyes of law. If any person is trying to enter into any such transaction, shall be liable for all consequences thereto.

It has also come to the knowledge of the company that one Mr. Kuruba B. Nagaraj and his associate Mr. Y. S. Srinivasan have allegedly sold and caused registration of Sahara properties by impersonation including misrepresentation and through fabricated documents. In furtherance of aforesaid criminal intent, sale deed having numbers 10612600003/2026 and 10612600004/2026 for land admeasuring 31 Acres 597 Decimals situated at Mouza: Pathara, Tehsil: Kanisi, District: Ganjam, State: Odisha have been registered before the Sub-Registrar, Berhampur-1, Odisha.

All members of the public, investors and real-estate dealers are again strictly cautioned not to purchase, invest in, or enter into any type of transaction for any property belonging to Sahara India Group, unless it is backed by specific orders of the Hon'ble Supreme Court of India or concerned authority.

Any such transaction shall be entirely at the risk and peril of the concerned parties.

**Issued in public interest.**

Date: 06.02.2026

Place: Lucknow

**Issued by: Sahara India Commercial Corporation Limited**
**Sd./- Sri Naveen Kumar Maurya**
**Authorised Representative**
**Mobile : 9369721496/9776785555**



See Career Appointment on every Wednesday & Saturday



## ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ
## ODISHA ELECTRICITY REGULATORY COMMISSION

ବିଦ୍ୟୁତ୍ ନିୟାମକ ଭବନ, ପ୍ଲଟ୍ ନଂ.୪,
ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧

Together, Let us light up our lives

ଟେଲି. ନଂ.: ୨୭୨୧୦୪୮, ୨୭୨୧୦୪୯; ଇ-ମେଲ୍: oerc@odisha.gov.in, ୱେବ୍‌ସାଇଟ୍: www.orierc.org

### ସର୍ବସାଧାରଣ ବିଜ୍ଞପ୍ତି

**ମାମଲା ସଂ. ୧୨୮/୨୦୨୫**

**ମାମଲା ସଂ. ୧୨୮/୨୦୨୫ରେ ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୬୨ ସହିତ ପଠନପୂର୍ବକ ଓଇଆର୍‌ସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ) ବିନିୟମ, ୨୦୨୨ ଅଧୀନରେ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ସର୍ବମୋଟ ରାଜସ୍ୱ ଆବଶ୍ୟକତା (ଏଆର୍‌ଆର୍), ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ସମ୍ପର୍କରେ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ଆବେଦନର ଶୁଣାଣି ।**

**ଏବଂ ମାମଲା ସଂ. ୧୩୦/୨୦୨୫**

**ମାମଲା ସଂ. ୧୩୦/୨୦୨୫ରେ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଇଏଚ୍‌ଟି/ଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ଓପନ୍ ଆକ୍ସେସ୍ ଶୁଳ୍କର ଅନୁମୋଦନ ଲାଗି ଏହାର ଆବେଦନ ।**

**ଏବଂ ମାମଲା ସଂ. ୧୩୧/୨୦୨୫**

**ମାମଲା ସଂ. ୧୩୧/୨୦୨୫ରେ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଏଲ୍‌ଟି ଉପଭୋକ୍ତାଙ୍କ ପାଇଁ ଓପନ୍ ଆକ୍ସେସ୍ ଶୁଳ୍କର ଅନୁମୋଦନ ଲାଗି ଏହାର ଆବେଦନ ।**

**ଏବଂ ମାମଲା ସଂ. ୧୨୯/୨୦୨୫**

**ମାମଲା ସଂ. ୧୨୯/୨୦୨୫ରେ ଆର୍ଥିକବର୍ଷ ୨୦୨୩-୨୪ ନିମନ୍ତେ ଟ୍ରୁଇଂ ଅପ୍‌ର ପୁନଃ ବିବେଚନା/ପୁନଃ ନିର୍ଦ୍ଧାରଣ ସମେତ ଆର୍ଥିକବର୍ଷ ୨୦୨୪-୨୫ ନିମନ୍ତେ ବ୍ୟୟଗୁଡ଼ିକର ଟ୍ରୁଇଂ ଅପ୍ ଅନୁମୋଦନ ଲାଗି ଏହାର ଆବେଦନ ।**

**ଏବଂ**

ମେସର୍ସ ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ଇଂରାଜୀ ଓ ଓଡ଼ିଆ ଦୈନିକ ଖବରକାଗଜରେ ତା୨୩।୦୧।୨୦୨୬ରିଖରେ ପ୍ରକାଶିତ ଏହାର ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ସର୍ବମୋଟ ରାଜସ୍ୱ ଆବଶ୍ୟକତା, ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ସନ୍ଦର୍ଭରେ, ଏତଦ୍ୱାରା ସୂଚିତ କରାଯାଉଛି ଯେ, ଉପରୋକ୍ତ ଦରଖାସ୍ତଗୁଡ଼ିକୁ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଇଏଚ୍‌ଟି/ଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ଓପନ୍ ଆକ୍ସେସ୍ ଶୁଳ୍କର ଅନୁମୋଦନ ଲାଗି ମାମଲା ସଂ.୧୩୦/୨୦୨୫ ଏବଂ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଏଲ୍‌ଟି ଉପଭୋକ୍ତାଙ୍କ ପାଇଁ ଓପନ୍ ଆକ୍ସେସ୍ ଶୁଳ୍କର ଅନୁମୋଦନ ଲାଗି ମାମଲା ସଂ.୧୩୧/୨୦୨୫ ତଥା ମାମଲା ସଂ. ୧୨୯/୨୦୨୫ରେ ଆର୍ଥିକବର୍ଷ ୨୦୨୩-୨୪ ନିମନ୍ତେ ବ୍ୟୟଗୁଡ଼ିକର ଟ୍ରୁଇଂ ଅପ୍‌ର ଅନୁମୋଦନ ସହ ଆର୍ଥିକବର୍ଷ ୨୦୨୪-୨୫ ନିମନ୍ତେ ଟ୍ରୁଇଂ ଅପ୍‌ର ପୁନଃ ବିବେଚନା/ପୁନଃ ନିର୍ଦ୍ଧାରଣ ସହ ଆର୍ଥିକବର୍ଷ ୨୦୨୩-୨୪ ପାଇଁ ଟ୍ରୁଇଂ ଅପ୍‌ର ପୁନଃ ବିବେଚନା/ପୁନଃ ନିର୍ଦ୍ଧାରଣ ଆବେଦନ ସହିତ **ତା୧୯।୦୨।୨୦୨୬ରିଖ ବଦଳରେ ତା୨୩।୦୨।୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ହାଇବ୍ରିଡ୍ ପଦ୍ଧତି (ଭର୍ଚୁଆଲ୍ କିମ୍ବା ବାସ୍ତବିକ ଉପସ୍ଥିତି)**ରେ ମିନି ଅଡିଟୋରିୟମ୍, ସ୍ଥାନ- ଜ୍ୟୋତିବିହାର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା, ଜିଲ୍ଲା- ସମ୍ବଲପୁର-୭୬୮୦୧୭ ପରିବର୍ତ୍ତେ **ବିଜୁ ପଟ୍ଟନାୟକ ଇ-ଲର୍ନିଂ ସେଣ୍ଟର (ଭିଏସ୍‌ଏସ୍‌ୟୁଟି), ବୁର୍ଲା**ଠାରେ ବିଚାର ଓ ଶୁଣାଣି କରାଯିବା ପାଇଁ ପୁନଃ ନିର୍ଦ୍ଧାରିତ ହୋଇଛି । **ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌**ର ଉପରୋକ୍ତ ଆବେଦନ ବିରୋଧରେ ଏହି ନୋଟିସରେ ଯେଉଁ ସଂଗଠନ/ବ୍ୟକ୍ତିବିଶେଷଙ୍କ ନାମ ଦର୍ଶାଯାଇଛି, ସେମାନଙ୍କ ଦ୍ୱାରା ଦାଏର କରାଯାଇଥିବା ଆପତ୍ତି/ମତାମତକୁ ଶୁଣାଣି ଲାଗି ଗ୍ରହଣ କରାଯାଇଛି ।

ଉଭୟ ଆବେଦନକାରୀ **(ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍)**, ଏବଂ ଏହି ନୋଟିସ୍ ସହ ସଂଲଗ୍ନ ଯେଉଁ ସଂଗଠନ/ବ୍ୟକ୍ତିବିଶେଷଙ୍କ ଆପତ୍ତି/ମତାମତକୁ ଆୟୋଗଙ୍କ ଦ୍ୱାରା ଶୁଣାଣି ପାଇଁ ଗ୍ରହଣ କରାଯାଇଛି, ସେମାନଙ୍କୁ ଉପରୋକ୍ତ ତାରିଖ, ସମୟ ଓ ସ୍ଥାନରେ ଆୟୋଗଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ପ୍ରାଧିକୃତ ପ୍ରତିନିଧି ଅଥବା ବିଧିବଦ୍ଧ ଭାବେ ନିଯୁକ୍ତ ଓକିଲଙ୍କ ଜରିଆରେ ହାଇବ୍ରିଡ୍ ପଦ୍ଧତିରେ ହାଜର ହେବା ଲାଗି ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଛି । ଯେଉଁ ଆପତ୍ତିକାରୀ ଭର୍ଚୁଆଲ୍ ପଦ୍ଧତିରେ ଶୁଣାଣିରେ ଅଂଶଗ୍ରହଣ କରିବା ଲାଗି ଇଚ୍ଛୁକ ଥିବେ, ସେମାନେ ଶୁଣାଣି ନିମନ୍ତେ ଲିଙ୍କ୍ ଉପଲବ୍ଧ କରାଇବାରେ ସୁବିଧା ପାଇଁ ଶୁଣାଣିର ଗୋଟିଏ ଦିନ ପୂର୍ବରୁ ସେମାନଙ୍କର ଇ-ମେଲ୍ ଆଇଡି/ହ୍ୱାଟ୍ସଆପ୍ ନମ୍ବରକୁ **oerc.vc@gmail.com**କୁ ପଠାଇପାରନ୍ତି ।

**ଆୟୋଗଙ୍କ ନିର୍ଦ୍ଦେଶକ୍ରମେ**

**ତାରିଖ: ୦୭।୦୨।୨୦୨୬** **ସ୍ୱା./- ସଚିବ**

**ବି.ଦ୍ର.: (i) ଉପରୋକ୍ତ ସର୍ବସାଧାରଣ ବିଜ୍ଞପ୍ତି ତଥା ଆୟୋଗଙ୍କ ଦ୍ୱାରା ଯେଉଁ ସଂଗଠନ/ବ୍ୟକ୍ତିବିଶେଷଙ୍କ ଆପତ୍ତି/ମତାମତକୁ ଶୁଣାଣି ପାଇଁ ଗ୍ରହଣ କରାଯାଇଛି, ସେମାନଙ୍କର ତାଲିକା ଓଇଆର୍‌ସି ୱେବ୍‌ସାଇଟ୍ www.orierc.orgରେ ମଧ୍ୟ ଉପଲବ୍ଧ।**


**୧.** ଶ୍ରୀ ବାସୁଦେବ ଭଞ୍ଜ, ସହ-ଆବାହକ, ଆମ ଜନତା ଅଧିକାର, ୨୨୬, ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର-୭୫୧୦୦୧ । **୨.** ଶ୍ରୀ ପ୍ରିୟବ୍ରତ ସାହୁ, ପିତା- ସ୍ୱର୍ଗତ ଆଦିକନ୍ଦ ସାହୁ, ସ୍ଥାନ- ବିଜୟ ବିହାର, ୩ୟ ଲେନ୍, ପୋଷ୍ଟ- ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ-୭୬୦୦୦୪ । **୩.** ବିଜୁଳି କର୍ମଚାରୀ ସଂଘ, ଶ୍ରୀ ପଞ୍ଚାନନ ଜେନା, କାର୍ଯ୍ୟକାରୀ ସଭାପତି, ପିତା- ସ୍ୱର୍ଗତ ବୈରାଗୀ ଜେନା, ଶକ୍ତି ନଗର, ୩ୟ ଲେନ୍, ଇଞ୍ଜିନିୟରିଂ ସ୍କୁଲ୍ ରୋଡ୍, ବ୍ରହ୍ମପୁର-୭୬୦୦୧୦ । **୪.** ପ୍ରଧାନ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ଟିଆର୍‌ଡି), ପୂର୍ବତଟ ରେଳପଥ, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୭ । **୫.** ଶ୍ରୀ ଅକ୍ଷୟ କୁମାର ସାହାଣୀ, ଅବସରପ୍ରାପ୍ତ ବିଦ୍ୟୁତ୍ ନିରୀକ୍ଷକ, ଓଡ଼ିଶା ସରକାର, ବି/ଏଲ୍-୧୦୮, ଭିଏସ୍ଏସ୍ ନଗର, ଭୁବନେଶ୍ୱର-୭୫୧୦୦୭ । **୬.** ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ସେକ୍ରେଟାରୀ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲେବର୍ ଏବଂ ପ୍ରେସିଡେଣ୍ଟ, ଉପଭୋକ୍ତା ମହାସଂଘ, ପ୍ଲଟ୍ ନଂ.୩୦୨ (ବି), ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ । **୭.** ଶ୍ରୀ ମନୋରଞ୍ଜନ ରାଉତରାୟ, ଆଡଭୋକେଟ୍, ତ୍ରିନାଥ ମନ୍ଦିର ଷ୍ଟ୍ରିଟ୍, ପୋଷ୍ଟ- କୋରାପୁଟ, ଜିଲ୍ଲା- କୋରାପୁଟ- ୭୬୪୦୨୦ । **୮.** ମେସର୍ସ ପାୱାର୍ ଟେକ୍ କନ୍‌ସଲ୍‌ଟାଣ୍ଟସ୍, ସ୍ଥାନ- କେ-୮-୮୨, କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର- ୭୫୧୦୨୯ । **୯.** ମେସର୍ସ ଭୂଷଣ ପାୱାର୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍, ସ୍ଥାନ/ପୋଷ୍ଟ- ଲପଙ୍ଗା, ଥାନା- ରେଙ୍ଗାଲି, ସମ୍ବଲପୁର- ୭୬୮୨୧୨ । **୧୦.** ଦି ଉତ୍କଳ ଚାମ୍ବର୍ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିଃ (ୟୁସିସିଆଇ), ଏନ୍-୬, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫। **୧୧.** ଇଂ. ଡ. ପି.କେ. ପ୍ରଧାନ, ଏଚ୍ଆଇଜି-୧, ଏସ୍‌ଡିଏ କଲୋନୀ, ଭିଏସ୍‌ଏସ୍‌ୟୁଟି ପାଖ, ବୁର୍ଲା, ସମ୍ବଲପୁର- ୭୬୮୦୧୮ । **୧୨.** ମେସର୍ସ ବେଦାନ୍ତ ଲିମିଟେଡ୍, ୧ମ ମହଲା, ମଡ୍ୟୁଲ-ସି/୨, ଫର୍ଚ୍ୟୁନ୍ ଟାୱାର୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୩ । **୧୩.** ଗ୍ରୀଡ୍‌କୋ ଲିମିଟେଡ୍, ଜନପଥ, ଭୁବନେଶ୍ୱର- ୭୫୧୦୨୨ । **୧୪.** ଶ୍ରୀ କେ. ପ୍ରଭାକର ଦୋରା, ପିତା- କେ. ଭାସ୍କର ରାଓ ଦୋରା, ୩ୟ ଲେନ୍, ବିଦ୍ୟାନଗର, ସ୍ଥାନ/ପୋଷ୍ଟ-ରାୟଗଡ଼ା-୭୬୫୦୦୧ । **୧୫.** ଶ୍ରୀ ଆନନ୍ଦ କୁମାର ମହାପାତ୍ର, ପିତା- ସ୍ୱର୍ଗତ ଯତିନ୍ଦ୍ର ନାଥ ମହାପାତ୍ର, ପ୍ଲଟ୍ ନଂ.- ୭୯୯/୪, କୋଟିତୀର୍ଥ ଲେନ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର- ୭୫୧୦୦୨ । **୧୬.** ଶ୍ରୀ ସୁଧାଂଶୁ ଦାଶ, ଭାରତୀ ଏୟାରଟେଲ୍ ଲିମିଟେଡ୍, ଭାରତୀ ହାଉସ୍, ପ୍ଲଟ୍ ନଂ.-ଇ-୧୩/୧, ଶିକ୍ଷାଞ୍ଚଳ, ଚନ୍ଦକା (ଇନ୍‌ଫୋସିଟି), ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୪ । **୧୭.** ଶ୍ରୀ ଅଶୋକ କୁମାର ଭୁକ୍ତା, ମେନ୍ ରୋଡ୍, ମାଣ୍ଡିଆପଲ୍ଲୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ପୋଷ୍ଟ- ରଙ୍ଗେଇଲୁଣ୍ଡା, ଜିଲ୍ଲା- ଗଞ୍ଜାମ-୭୬୦୦୦୭ । **୧୮.** ଓପିଟିସିଏଲ୍, ଜନପଥ, ଭୁବନେଶ୍ୱର - ୨୨ । **୧୯.** ଅଳି କିଶୋର ପଟ୍ଟନାୟକ, ପିତା- ସ୍ୱର୍ଗତ ଗୋପୀନାଥ ପଟ୍ଟନାୟକ, ପ୍ରେସିଡେଣ୍ଟ, ଟିପିଏସ୍‌ଓଡିଏଲ୍ କନ୍‌ଜ୍ୟୁମର୍ସ ଆସୋସିଏଶନ୍, ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ହିଲପାଟଣା, ବ୍ରହ୍ମପୁର-୭୬୦୦୦୫। **୨୦.** ସରସ୍ୱତୀ ଏଜୁକେଶନାଲ ଆଣ୍ଡ ଚାରିଟେବଲ୍ ଟ୍ରଷ୍ଟ, ସ୍ଥାନ-କେ-୮-୮୨, କଳିଙ୍ଗନଗର, ଘାଟିକିଆ, ଭୁବନେଶ୍ୱର-୨୯ । **୨୧.** ଶ୍ରୀ ପ୍ରସନ୍ନ କୁମାର ଛୋଟରାୟ, ସର୍କିଟ୍ ହାଉସ୍ ସାମ୍ନା, ରେଳ ଷ୍ଟେଶନ ରୋଡ୍, ବ୍ରହ୍ମପୁର-୭୬୦୦୦୫, ଗଞ୍ଜାମ । **୨୨.** ଇଣ୍ଡସ୍ ଟାୱାର୍ସ ଲିମିଟେଡ୍, ୨ୟ ମହଲା, ପ୍ଲଟ୍ ନଂ. ସି-୩/୨, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଏରିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧ ।

# 'ବଲାଙ୍ଗୀରରେ ହେଉ ଆୟୁଷ ବିଶ୍ୱବିଦ୍ୟାଳୟ'

**ସରକାରୀ ଆୟୁର୍ବେଦିକ କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ**

- ଆୟୁଷ ବିଶ୍ୱବିଦ୍ୟାଳୟ ଦାବିକୁ ସମର୍ଥନ ଘୋଷଣା କଲେ ଜୟନାରାୟଣ
- ସ୍ମରଣିକା ସୁବର୍ଣ୍ଣଗାଥା ଉନ୍ମୋଚିତ

ବଲାଙ୍ଗୀର,୭।୨(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀର ଆୟୁର୍ବେଦିକ କଲେଜର ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ସୁବର୍ଣ୍ଣଗାଥା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଧାୟକ ତଥା କଲେଜ ଉପଦେଷ୍ଟା ଜୟନାରାୟଣ ମିଶ୍ର, ସେଣ୍ଟ୍ରାଲ କାଉନସିଲ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ ସାଇନ୍ସ (ସିସିଆରଏଏସ୍)ର ଡାଇରେକ୍ଟର ଜେନେରାଲ ପ୍ରଫେସର ଡ. ରବିନାରାୟଣ ଆଚାର୍ଯ୍ୟ ଏବଂ ଜିଲାପାଳ ଗୌରବ ଶିବାଜୀ ଇସଲୱାର ଯୋଗଦାନ କରିଥିଲେ। ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା. ମନୋଜ କୁମାର ସାହୁ, ଆଲୁମ୍ନି ଆସୋସିଏଶନ୍ ସଭାପତି ଡା. ବାସୁଦେବ ପତି ଏବଂ ପ୍ରଫେସର ଶିବବ୍ରତ ବେହେରା ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ କଲେଜ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ମୁଖ୍ୟବକ୍ତା ପୂର୍ବତନ ମନ୍ତ୍ରୀ ନରସିଂହ ତାଙ୍କ ବକ୍ତବ୍ୟରେ ଆୟୁର୍ବେଦ ଚିକିତ୍ସାର ସଫଳତା ସମ୍ପର୍କରେ କହି ବଲାଙ୍ଗୀରରେ ଏକ ଆୟୁଷ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଦିଗରେ ମନ୍ତ୍ରୀ ଏବଂ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି ରଖିଥିଲେ। ସମ୍ମାନିତ ଅତିଥି ସମ୍ବଲପୁର ବିଧାୟକ ଜୟନାରାୟଣ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଠାରେ ଆୟୁଷ ବିଶ୍ୱବିଦ୍ୟାଳୟ ଦାବିକୁ ସେ ସମର୍ଥନ କରୁଛନ୍ତି ବୋଲି କହିବା ସହ ଏଦିଗରେ ମନ୍ତ୍ରୀ ଶୀଘ୍ର ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। ଜିଲାପାଳ ଇସଲୱାର ବଲାଙ୍ଗୀର ଆୟୁର୍ବେଦିକ କଲେଜର ଭିତ୍ତିଭୂମି ଏବଂ ଅନ୍ୟାନ ଉନ୍ନତି ପାଇଁ ପ୍ରଶାସନ ସବୁବେଳେ ସହଯୋଗ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଡାଇରେକ୍ଟର ଜେନେରାଲ ପ୍ରଫେସର ଆଚାର୍ଯ୍ୟ ଆୟୁର୍ବେଦିକ ଗବେଷଣା ଏବଂ ଭିତ୍ତିଭୂମିର ଉନ୍ନତି ଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ରାଜ୍ୟରେ ଆୟୁର୍ବେଦିକ ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଯେଉଁ ଦାବି କରାଯାଇଛି ତା' ଉପରେ ବିଚାର କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ଆଲୁମ୍ନି ଆସୋସିଏଶନ୍ ସଭାପତି ଡା. ବାସୁଦେବ ପତି ଆଭିମୁଖ୍ୟ ଏବଂ ବିବରଣୀ ଉପସ୍ଥାପନ କରି ବଲାଙ୍ଗୀର ଆୟୁର୍ବେଦିକ କଲେଜ ପ୍ରତିଷ୍ଠାର ଇତିବୃତ୍ତ ଏହାର କ୍ରମବିକାଶ ଏବଂ ଆଗାମୀ ସମ୍ଭାବନା ସମ୍ପର୍କରେ କହିଥିଲେ। ବଲାଙ୍ଗୀରରେ ଆୟୁଷ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ଅତିଥିମାନେ ଦାବି ଏବଂ ସମର୍ଥନ ଜଣାଇବା ସହ ପ୍ରତିଶ୍ରୁତି ଦେଇଥିବାରୁ କୃତଜ୍ଞତା ଜଣାଇଥିଲେ। ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜକୁ ବିଶିଷ୍ଟ କବିରାଜ ସ୍ୱର୍ଗତ ନାରାୟଣ ମିଶ୍ରଙ୍କ ନାମରେ ନାମିତ କରାଯିବାକୁ ସେ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ଅତିଥିମାନେ କଲେଜର ୫୦ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ପ୍ରକାଶିତ ସ୍ମରଣିକା 'ସୁବର୍ଣ୍ଣ ଗାଥା'କୁ ଉନ୍ମୋଚନ କରିଥିଲେ। ଏହି ସଭାରେ କଲେଜର ଦିବଙ୍ଗତ ପ୍ରତିଷ୍ଠାତା ସଦସ୍ୟ, କଲେଜର ପୂର୍ବତନ ଅଧ୍ୟାପକ, ଅଧ୍ୟକ୍ଷ, କୃତି ଛାତ୍ରୀଛାତ୍ର ଏବଂ ଅନ୍ୟ ସହଯୋଗୀ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା, ଷ୍ଟାଫ୍, ଅଭିଭାବକ ଏବଂ ଆମନ୍ତ୍ରିତ ଅତିଥି, ଜନସାଧାରଣ ଯୋଗଦାନ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଦିବାସୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ


ଆଦିବାସୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ଓ ଶିକ୍ଷକଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

ଲୋଇସିଂହା,୭।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ତାଲଜୁରୀ ଆଦିବାସୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନେପାଳଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ହିମାଞ୍ଚଳ ମେହେର, ମୁଖ୍ୟବକ୍ତା ଭାବେ ବିମଳେନ୍ଦୁ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଶେଷଦେବ ଖମାରୀ, ସସ୍ମିତା ବାଗ, ମୀନକେତନ ମେହେର, ମିଶ୍ର ବରିହା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅତିଥିମାନେ ବର୍ତ୍ତମାନ ସମୟରେ ଶିକ୍ଷାର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ଉତ୍ତମ ଶିକ୍ଷା ଗ୍ରହଣ କରି ଭଲ ମଣିଷ ହୋଇ ସମାଜର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ଗୀତ, ନାଚ, ବକ୍ତୃତା, ଫେନ୍ସିଡ୍ରେସ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମଧ୍ୟ ପୁରସ୍କୃତ ହୋଇଥିଲେ। ଦୟାସାଗର ମେହେର ଓ ତୃପ୍ତି ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଦିଲୀପ ମିଶ୍ର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସୁରେଶ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## 'କିଏ ଆସିଲେ, ନ ଆସିଲେ ଗୁରୁତ୍ୱ ଦିଅନ୍ତୁ ନାହିଁ'

**ଆୟୁର୍ବେଦିକ କଲେଜ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଜୟନାରାୟଣଙ୍କ ଟିପ୍ପଣୀ**

ବଲାଙ୍ଗୀର,୭।୨(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା ଚର୍ଚ୍ଚାର ବିଷୟ ହୋଇଛି। ଜୟନାରାୟଣ ତାଙ୍କ ବକ୍ତବ୍ୟରେ କହିଥିଲେ, ସୁବର୍ଣ୍ଣ ଜୟନ୍ତୀ ଏକ ଅନୁଷ୍ଠାନ ପାଇଁ ମାଇଲଖୁଣ୍ଟ। ଏଠାକୁ କିଏ ଆସିଲେ ନ ଆସିଲେ ତାକୁ ଗୁରୁତ୍ୱ ଦିଅନ୍ତୁ ନାହିଁ। କାହାକୁ ପସନ୍ଦ ଲାଗିଲେ ଆସିବେ, ପସନ୍ଦ ନ ଲାଗିଲେ ଆସିବେ ନାହିଁ। ସେ କିନ୍ତୁ ଏଠାକୁ ଆସିଛନ୍ତି ଏହି ଅନୁଷ୍ଠାନକୁ ସମର୍ଥନ ଦେବାକୁ। ଏହି ଅନୁଷ୍ଠାନ ଆଜି ଶିଶୁରୁ ଯୌବନ ଲାଭ କରିଛି। ଆଗାମୀ ଦିନରେ ଏହି ଅନୁଷ୍ଠାନର ସୁଗନ୍ଧ ସାରା ଦେଶରେ ସୁଗନ୍ଧିତ ହେବ ବୋଲି ସେ କହିଥିଲେ। ଜୟନାରାୟଣଙ୍କ ଏହି ବକ୍ତବ୍ୟ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀକୁ ଆସିବା ପାଇଁ କୁଆଡ଼େ କଲେଜ ତରଫରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ସ୍ଥାନୀୟ ଏମ୍‌ପିଙ୍କୁ ଆମନ୍ତ୍ରଣ କରାଯାଇଥିଲା। ତେବେ ସେମାନେ କୌଣସି କାରଣରୁ ଏଠାକୁ ଆସିପାରିନାହାନ୍ତି। ସେନେଇ ନାନା ଆଲୋଚନା ହେଉଛି। ଏବେ ଜୟନାରାୟଣଙ୍କ ଟୀପ୍ପଣୀ ଏହି ଚର୍ଚ୍ଚାକୁ ଆହୁରି ରୋଚକ କରିଦେଇଛି। ଜୟନାରାୟଣ କାହାକୁ ଟାର୍ଗେଟ କରି ଏପରି କହିଲେ ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

### ସଂକ୍ଷେପରେ

## ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ



ଲାଠୋର,୭।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ୨୪ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ନରସିଂହ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗାୟତ୍ରୀ ପରିବାର ରାଜ୍ୟ ଉପପ୍ରଭାରୀ ବିଚିତ୍ରାନନ୍ଦ ସାହୁ, ପାଟଣାଗଡ଼ ଉପଖଣ୍ଡସ୍ତରୀୟ ପ୍ରଭାରୀ ମୀନକେତନ ମେହେର ଯୋଗ ଦେଇଥିଲେ। ବୈଠକରେ ଏକ ମଣ୍ଡଳ ଗଠନ କରି କର୍ମକର୍ତ୍ତା ଚୟନ କରି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆସନ୍ତା ମାର୍ଚ୍ଚ ଶେଷ ସପ୍ତାହ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରେ ମହାଯଜ୍ଞ ଆୟୋଜନ ସକାସେ ହରିଦ୍ୱାରକୁ ଅନୁମତି ଦେବା ପାଇଁ ଆବେଦନ କରାଯାଇଥିଲା । ଏହି ଅବସରରେ ମଣ୍ଡଳ ମୁଖ୍ୟ ସଚ୍ଚିକାନ୍ତ ଦାସ, ଉପସଭାପତି ସୀତାରାମ ମେହେର, ଉପସମ୍ପାଦକ ଜିଷ୍ଣୁନ୍ତ ମେହେର, କୋଷାଧ୍ୟକ୍ଷ କୌଶଳ ଅଗ୍ରୱାଲ, ସଦସ୍ୟ ଦୁର୍ଗା ଚରଣ ବେହେରା, ବିଶ୍ୱନାଥ ଦତ୍ତ, ମୁରଲୀ ମେହେର, ଅମର ବେହେରା, ରବୀନ୍ଦ୍ର ପାଣିଗ୍ରାହୀ, ଅନିରୁଦ୍ଧ ମେହେର, ଅମୃତ ମେହେର, ଜୟସିଂ ମେହେର ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

# ବିବାଦରୁ ଅଟକିଛି ରାସ୍ତା କାମ

- ଆନ୍ତରିକତା ଦେଖାଉ ନାହିଁ ପ୍ରଶାସନ
- ବାନିପାଲି-ବବଜା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଅଧାପନ୍ତରିଆ

ଲୋଇସିଂହା,୭।୨(ସୁଶାନ୍ତ ବାରିକ)


ବିପର୍ଯ୍ୟସ୍ତ ବାନିପାଲିରୁ ବବଜା ମୋରମ ରାସ୍ତା।

ଜନସାଧାରଣ ସୁବିଧାରେ ଗମନାଗମନ କରିବା ପାଇଁ ଏବଂ ଗ୍ରାମୀଣ ବସତିକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଯୋଗାଉଛନ୍ତି। ହେଲେ ବିଭିନ୍ନ କାରଣରୁ ଅନେକ ରାସ୍ତା ଆରମ୍ଭ ହୋଇ ବର୍ଷବର୍ଷ ଧରି ସମ୍ପୂର୍ଣ୍ଣ ହୋଇପାରୁନାହିଁ। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଆଭ୍ୟନ୍ତରୀଣ ଅଞ୍ଚଳ ବାନିପାଲିରୁ ବବଜା ରାସ୍ତା ଦେଖିବାକୁ ମିଳିଛି । ବାନିପାଲି ଓ ବବଜା ଗ୍ରାମବାସୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ବିବାଦ ଲାଗି ରହିଥିବାରୁ ୨ କିମି ରାସ୍ତାରୁ ପ୍ରାୟ ୭ ରୁ ୮ ଶହ ମିଟର ଆରଡି ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆନ୍ତରିକତା ଅଭାବରୁ ରାସ୍ତା ଅବହେଳିତ ହୋଇ ପଡିଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଲୋଇସିଂହା ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳରେ ରହିଛି ବାନିପାଲି ପଞ୍ଚାୟତ। ପଞ୍ଚାୟତ ମୁଖ୍ୟାଳୟ ବାନିପାଲିରୁ ବବଜା ପ୍ରାୟ ୨ କିମି ରାସ୍ତା । ପଞ୍ଚାୟତ ଅଧୀନରେ ଥିବା ଉକ୍ତ ରାସ୍ତା ଆରଡି ବିଭାଗକୁ ହସ୍ତାନ୍ତର ପରେ ୨୦୨୫-୨୬ ଆର୍ଥିକ ବର୍ଷରେ ଆରଡି ବିଭାଗ ପକ୍ଷରୁ ରାସ୍ତା ଉନ୍ନତୀକରଣ କାମ ହାତକୁ ନିଆଯାଇଛି। ବାନିପାଲିରୁ-ବବଜା ପ୍ରାୟ ୨କିମି ରାସ୍ତା ମଧ୍ୟରୁ ବାନିପାଲି ଭାଲୁଡୁଙ୍ଗରୀ ପର୍ଯ୍ୟନ୍ତ ପ୍ରାୟ ୧୨ ରୁ ୧୩ ଶହ ମିଟର ରାସ୍ତା ପିଚୁ ହୋଇଛି। ବାକି ୭ ରୁ ୮ ଶହ ମିଟର ରାସ୍ତା କାମ ଅଗ୍ରଗତି ହୋଇପାରିନାହିଁ। ବିପର୍ଯ୍ୟସ୍ତ ମୋରମ ରାସ୍ତାରେ ବ୍ଲକ ଅଧୀନ ଠାକୁରପାଲି, ବବଜା, ବାନିପାଲି, ବିଅରପାଲି, ବେଲପାଲି ଏପରି ବହୁ ଗ୍ରାମବାସୀ ବର୍ଷ ତମାମ ଯାତାୟାତ କରିବାରେ ବାଧ୍ୟ ହେଉଛନ୍ତି। ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ପାଇଁ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନ ପକ୍ଷରୁ ଆଦୌ ଆନ୍ତରିକତା ଦେଖାଯାଉ ନ ଥିବା ଅଭିଯୋଗ ହେଉଛି। ୨୦୧୭ରେ ସୀମା ନିର୍ଦ୍ଧାରଣ ପରେ ବାନିପାଲି ନୂତନ ପଞ୍ଚାୟତ ଗଠନ କରାଯାଇଥିଲା। ପଞ୍ଚାୟତବାସୀଙ୍କ ମଧ୍ୟରେ ସମନ୍ୱୟ ରହି ଅଞ୍ଚଳର ବିକାଶ ସାଧିତ ହେବ ବୋଲି ଲୋକେ ଆଶା ବାନ୍ଧିଥିଲେ । କିନ୍ତୁ ତା'ର ଓଲଟା ଚିତ୍ର ଦେଖିବାକୁ ମିଳୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଏସମ୍ପର୍କରେ ଲୋଇସିଂହା ଆରଡି ଡିଭିଜନ ଯନ୍ତ୍ରୀ ବିଦାନ ନାଏକ କହନ୍ତି, ଉକ୍ତ ରାସ୍ତାରେ ବାନିପାଲି ଓ ବବଜା ଗ୍ରାମର କେତେକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମି ରହିଛି। କୌଣସି କଥାକୁ ନେଇ ଉଭୟ ଗ୍ରାମ ମଧ୍ୟରେ ବିବାଦ ରହିଛି। ବାନିପାଲି ଗାଁର ଲୋକଙ୍କ ସହଯୋଗରେ ରାସ୍ତା ନିର୍ମାଣ ହୋଇଛି। ବ୍ୟକ୍ତିଗତ ଜମିଥିବା କହି ବବଜା ଗ୍ରାମବାସୀଙ୍କ ଅସହଯୋଗ କରିବାରୁ ରାସ୍ତା ଅଗ୍ରଗତି ହୋଇପାରୁନାହିଁ। ରାସ୍ତା ସମ୍ପୂର୍ଣ୍ଣ ପାଇଁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇଥିବା ସେ କହିଛନ୍ତି। ଏଥିପ୍ରତି ସ୍ଥାନୀୟ ଜନପ୍ରତିନିଧି ଓ ଜିଲା ପ୍ରଶାସନ ଆନ୍ତରିକତା ଦେଖାଇଲେ ଆପୋଷ ସମାଧାନ ହୋଇ ରାସ୍ତା କାମ ସମ୍ପୂର୍ଣ୍ଣ ପାଇଁ ବାଟ ଫିଟି ପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା କର୍ମଶାଳା


ବ୍ଲକସ୍ତରୀୟ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା କର୍ମଶାଳାରେ ମଞ୍ଚାସୀନ ଅତିଥି।

ମୁରିବାହାଲ,୭।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା କର୍ମଶାଳା ଶନିବାର ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ଉଦ୍ୟାନ ବିଭାଗ ତରଫରୁ ଆୟୋଜିତ କର୍ମଶାଳାରେ ସ୍ଥାନୀୟ ସହକାରୀ ଉଦ୍ୟାନ କୃଷି ଅଧିକାରୀ ମନବୋଧ ମାଝୀ ସଭାପତିତ୍ୱ କରିଥିଲେ। ଭାଜପା ଜିଲ୍ଲା ସଭାପତି ତଥା ଏମ୍‌ପିଙ୍କର ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ କୃଷକମାନଙ୍କର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଥିବା କହିଥିଲେ। ସମ୍ମାନିତ ଅତିଥି ଭାବରେ କଣ୍ଟାବାଞ୍ଜି ବିଧାୟକଙ୍କର ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ଟିଟିଲାଗଡ଼ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ରାକେଶ ମିଶ୍ର, ଆମ୍ବାର ପୂର୍ବତନ ଅଧ୍ୟକ୍ଷ ସୁରେଶ କୁମାର ଭୋଇ, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ମୁରିବାହାଲ ମଣ୍ଡଳ ସଭାପତି ରାମୁ କୁମ୍ଭାର, ଓଏଲ କମ୍ପାନୀର ଅଧିକାରୀ ଶମ୍ଭୁ ସ୍ୱାଇଁ, ଫାରମର ପ୍ରଡ୍ୟୁସର ଗ୍ରୁପର ଅଧ୍ୟକ୍ଷ ଭାଗିରଥି ଯୁଆଡି ପ୍ରମୁଖ ଉପସ୍ଥିତ ରହି ଉଦ୍ୟାନ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ଯୋଜନାରୁ ଲାଭ ଉଠାଇବା ସହ ଆର୍ଥିକ ବିକାଶ ହେବା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉଦ୍ୟାନ କୃଷି କ୍ଷେତ୍ରରେ ମହିଳା ସଶକ୍ତିକରଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ସ୍ୱତନ୍ତ୍ର ଫଳଚାଷ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ଜାତୀୟ ଉଦ୍ୟାନ କୃଷି ମିଶନ ପ୍ରଭୃତି ଯୋଜନା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉନ୍ନତ ଚାଷୀ ଗୌରାଙ୍ଗ ପଟ୍ଟନାୟକ, ଈଶ୍ୱର ଭୋଇ, ଓ ଜନମୁକ୍ତି ଅନୁଷ୍ଠାନର କର୍ମଚାରୀ ମଧ ନିଜର ଦକ୍ଷତା ବିଷୟରେ କର୍ମଶାଳାକୁ ଜଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉଦ୍ୟାନ ବିଭାଗର ଯଶୋବନ୍ତ ଭୋଇ, ରଘୁନାଥ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ସଇଁତଲା,୭।୨(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଧରପଗଡ଼ ଗ୍ରାମର ରମେଶ ଚନ୍ଦ୍ର ନାୟକ (୪୮)ଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ଘଟିଛି।



ସୂଚନା ମୁତାବକ ନାୟକ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ନାୟକଙ୍କ ଶେଷ ସମୟରେ ତାଙ୍କ ସ୍ତ୍ରୀ ମିନୀ ନାୟକ, ପୁଅ ଅଙ୍କିତ, ଝିଅ ଆରାଧ, ବଡ଼ ଭାଇ ସନ୍ତୋଷ ଓ ତାଙ୍କ ପରିବାର ଉପସ୍ଥିତ ଥିଲେ। ସ୍ଥାନୀୟ ଲାନ୍ତ ନଦୀ କୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଅଙ୍କିତ ନାୟକ ମୁଖାଗ୍ନି ଦେଇଥିଲେ।

## ଅଣଛାତ୍ରଙ୍କ ଆକ୍ରମଣରେ ଛାତ୍ର ଗୁରୁତର

ବଲାଙ୍ଗୀର,୭।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟ ଭିତରକୁ ପଶି କେତେଜଣ ଅଣଛାତ୍ର ସେଠାକାର ଛାତ୍ରମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଣଛାତ୍ରଙ୍କ ଆକ୍ରମଣରେ ଜଣେ ଛାତ୍ର ଗୁରୁତର ଆହତ ହୋଇଥିବାବେଳେ ଅନ୍ୟ ଜଣେ ଛାତ୍ର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଶନିବାର ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ୪୩ ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଥିଲା। ସଭା କାର୍ଯ୍ୟକ୍ରମ ସରିଯିବା ପରେ ଅପରାହ୍ନ ପ୍ରାୟ ୪ଟାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏତିକିବେଳେ କେତେଜଣ ଅଣଛାତ୍ର ମହାବିଦ୍ୟାଳୟ ଭିତରକୁ ପଶି ଗଣ୍ଡଗୋଳ କରିଥିଲେ। ଏଭଳିକି ଛାତ୍ରମାନଙ୍କୁ ମାଡ ମାରିଥିଲେ। ଅଣଛାତ୍ରଙ୍କ ମାଡରେ ଯୁକ୍ତ-୩ ଶ୍ରେଣୀର ଇତିହାସ ବିଭାଗ ଛାତ୍ର ପ୍ରିୟାଂଶୁ ନାଏକଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପ୍ରଚୁର ରକ୍ତସ୍ରାବ ହେବାରୁ ସେ ଗୁରୁତର ଆହତ ହୋଇପଡିଥିଲେ। ଅଣଛାତ୍ରଙ୍କ ଆକ୍ରମଣରେ ଅନ୍ୟ ଜଣେ ଛାତ୍ର ମଧ୍ୟ ଆହତ ହୋଇଯାଇଥିଲେ। ବାର୍ଷିକ ଉତ୍ସବରେ ଅଣଛାତ୍ରଙ୍କ ଏଭଳି ଗଣ୍ଡଗୋଳ ଯୋଗୁ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅଧାରୁ ବନ୍ଦ ହୋଇଯାଇଥିଲା। ଛାତ୍ରୀଛାତ୍ର ଭୟଭୀତ ହୋଇଯାଇଥିଲେ। କିଛି କଲେଜ ଛାତ୍ରଙ୍କ ସହ ଏହି ଅଣଛାତ୍ରମାନେ ମିଶି ଏଭଳି କାଣ୍ଡ କରିଥିବା କୁହାଯାଇଛି। ଏଭଳିକି ଏହି ଅଣଛାତ୍ର ଏବଂ ଛାତ୍ରମାନେ ନିଶାସେବନ କରିଥିବା କୁହାଯାଇଛି। ଗୁରୁତର ଆହତ ଛାତ୍ର ପ୍ରିୟାଂଶୁଙ୍କୁ ସେଠାରୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇ ଚିକିତ୍ସା କରାଯାଇଥିଲା। ଘଟଣାସ୍ଥଳରେ ପୁଇଁନ୍ତଲା ଥାନା ପୋଲିସ ପହଞ୍ଚି ଗଣ୍ଡଗୋଳ ଘଟାଇଥିବା ଅଣଛାତ୍ରଙ୍କୁ ଥାନାକୁ ନେଇଥିବା ଜଣାପଡିଥିଲା। ଏହି ମହାବିଦ୍ୟାଳୟରେ ପାଚେରୀ ନ ଥିବାରୁ ଅନେକ ସମୟରେ ଅଣଛାତ୍ର ଏବଂ ବିଭିନ୍ନ ଲୋକ ମହାବିଦ୍ୟାଳୟ ଭିତରକୁ ପଶିଯାଉଛନ୍ତି। ଏଥିଯୋଗୁ ଶୈକ୍ଷିକ ପରିବେଶ ମଧ ନଷ୍ଟ ହେଉଛି। ବାରମ୍ବାର ପାଚେରୀ ନିର୍ମାଣ ପାଇଁ ଅନୁରୋଧ କରାଯାଉଥିଲେ ମଧ ତାହା ନିର୍ମାଣ କରାଯାଉ ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ଛାତ୍ରୀଛାତ୍ର ଏବଂ ମହାବିଦ୍ୟାଳୟ କର୍ମଚାରୀ କହିଛନ୍ତି।

## 'ଶିକ୍ଷା ସହ ସଂସ୍କାରିତ ହେଲେ ସୁସ୍ଥସମାଜ ଗଠନ ସମ୍ଭବ'

**ଜରାସିଂହା ନେତ୍ରଭାନୁ ହାଇସ୍କୁଲର ପ୍ଲାଟିନମ ଜୁବୁଲିର ତୃତୀୟ ଦିବସ**

ଦେଓଗାଁ,୭।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ଜରାସିଂହା ନେତ୍ରଭାନୁ ହାଇସ୍କୁଲର ପ୍ଲାଟିନମ ଜୁବିଲି ଅବସରରେ ପୁରାତନ ଛାତ୍ର ଶଙ୍କର ପ୍ରସାଦ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ପ୍ଲାଟିନମ ଜୁବିଲି ମହୋତ୍ସବର ଶନିବାର ଥିଲା ତୃତୀୟ ଦିବସ। ଏହି ଦିବସରେ କମିଟି ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, କମିଟି ଉପଦେଷ୍ଟା ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ହାସ୍ୟକବି ରସରାଜ ଅଚ୍ୟୁତ ପୁରୋହିତ, ସ୍ଥାନୀୟ ସରପଞ୍ଚ କୁଶମଣୀ ମେହେର, ସମିତି ସଭ୍ୟ ଅମିତ ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ଦଣ୍ଡସେନା, ସ୍କୁଲ ପରିଚାଳନା କମିଟି ସଭାପତି ମମତା ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। କେବଳ ଶିକ୍ଷା ନୁହେଁ ବରଂ ଛାତ୍ରୀଛାତ୍ର ସଂସ୍କାରିତ ହେଲେ ଯାଇ ଏକ ସୁସ୍ଥ ସମାଜ ଗଠନ ସମ୍ଭବପର ବୋଲି ଅତିଥିବୃନ୍ଦ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ସ୍ୱାସ୍ଥ୍ୟବିଭାଗର ନିର୍ଦ୍ଦେଶକ ତଥା ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ଶଙ୍କର ପ୍ରସାଦ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଦିଲୀପ କୁମାର ପୁଟେଲଙ୍କ ସଂଯୋଜନାରେ ସ୍ଥାନୀୟ ହାଇସ୍କୁଲ ଓ ଶିଶୁମନ୍ଦିର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ଦେଓଗାଁ ବୁଢ଼ାଡଙ୍ଗର କଲୋନୀର କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ଲୋକକଳା, ବଲାଙ୍ଗୀରର ସଂଜ୍ୟୋତ କଳାକେନ୍ଦ୍ର, ଖୁସି ଡ୍ୟାନ୍ସ ଗ୍ରୁପ, କେସିଙ୍ଗାର ଘୁମୁରା ନୃତ୍ୟ ଓ ହାତିସରାର ବେନାର ମୁହୂରିଆ କଳାପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହିଦିନ ଅପରାହ୍ନରେ ନେତ୍ରଭାନୁ ହାଇସ୍କୁଲର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ହାଇସ୍କୁଲର ପୁରାତନ ଶିକ୍ଷକ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସନାତନ ଠାକୁର ଓ ନରସିଂହ ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ହାଇସ୍କୁଲର ପରିଚାଳନା କମିଟି, ଆଲୁମିନି, ଉତ୍ସବ ପରିଚାଳନା କମିଟି ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି।

# ଅଶାନ୍ତ ବରଗଡ଼, ଜଳୁଛି ନିଆଁ

ବରଗଡ଼,୭।୨(ପ୍ରେମାନନ୍ଦ ଖମାରୀ)

ବିଚ ରାସ୍ତା ଉପରେ ହୋଇଥିବା ଗୋଷ୍ଠୀ ସଂଘର୍ଷରେ ୨ ଯୁବକଙ୍କ ମୃତ୍ୟୁ ପରେ ବରଗଡ଼ ସହର ଅଶାନ୍ତ ହୋଇ ପଡ଼ିଛି। ଏବେ ମଧ୍ୟ ଉତ୍ତେଜନା ଲାଗି ରହିଛି। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ହାଟପଦାରେ ହୋଇଥିବା ଗୋଷ୍ଠୀ ସଂଘର୍ଷରେ ଭୁଜାଲି ମାଡ଼ରେ ୨ଜଣଙ୍କ ଜୀବନ ଚାଲି ଯାଇଥିବାବେଳେ ଶନିବାର ପୂର୍ବାହ୍ନରେ ହାଟପଦାରେ ପୁଣି ଏକ ଆକ୍ରମଣ ଆଶଙ୍କା ଉପୁଜିଥିଲା। ଖବର ପାଇ ପୋଲିସ ସେଠାକୁ ପହଞ୍ଚି ଆକ୍ରମଣକୁ ଏଡାଇ ଦେଇଥିଲା। ଏହା ସହିତ ଆକ୍ରମଣରୁ ଜଣେଙ୍କୁ ସୁରକ୍ଷିତ ଉଦ୍ଧାର କରି ପୋଲିସ ନେଇଥିବା ସୂଚନା ମିଳିଛି। ସେହିପରି ଶୁକ୍ରବାର ରାତିରେ କେହି ନିଆଁ ଲଗାଇ ଦେବାରୁ ହାଟପଦା ନିକଟ ସନ୍ତୋଷୀ ମନ୍ଦିର ପାଖ ୨ଘର ଜଳି ଯାଇଛି। ତେବେ


ବରଗଡ଼ ହାଟପଦାରେ ପୋଲିସର ପଇଁତରା।


ଶୁକ୍ରବାର ରାତିରେ ଜଳାପୋଡ଼ାରେ ନିଆଁ ଜଳୁଛି।

ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ଉକ୍ତ ଗୋଷ୍ଠୀ ସଂଘର୍ଷରୁ ଏଭଳି ଜଳାପୋଡ଼ା ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ସମ୍ଭାବ୍ୟ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ପାଇଁ ବିଭିନ୍ନ ଛକରେ ପୋଲିସ ପଇଁତରା ମାରୁଛି। ଏହାବ୍ୟତୀତ ଗୋଷ୍ଠୀ ସଂଘର୍ଷ ଘଟଣା ପରେ ଜଳାପୋଡ଼ା, ପୁଣି ଆକ୍ରମଣ ଯୋଜନା ଭଳି ଘଟଣାକୁ ନେଇ ବରଗଡ଼ ଅଶାନ୍ତ ହୋଇ ପଡ଼ିଥିବାରୁ ସହରବାସୀ ନିଜକୁ ଅସୁରକ୍ଷିତ ମନେ କରିଛନ୍ତି। ଏଭଳି ସ୍ଥିତିରେ ସହରରେ ଦିନରାତି ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହିତ ନିଶା କାରବାରକୁ ଦୃଢଭାବେ ଦମନ କରିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ଫ୍ଲାଗମାର୍ଚ୍ଚ କରାଯାଉଛି ଏବଂ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ରହିଥିବା ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ କହିଛନ୍ତି।

## ୪ ଅଭିଯୁକ୍ତ ଗିରଫ, ଜେଜେବି ଗଲେ ୨ ନାବାଳକ

ବରଗଡ଼,୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରସ୍ଥିତ ହାଟପଦା ସାଇ ମନ୍ଦିର ସମ୍ମୁଖରେ ଗୁରୁବାର ସଂଘଟିତ ଗୋଷ୍ଠୀ ସଂଘର୍ଷରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଶନିବାର ସ୍ଥାନୀୟ ଟାଉନ ଥାନା ପୋଲିସ ୬ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରେ ୨ ନାବାଳକ ଏବଂ ୪ ସାବାଳକ ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ, ସ୍ଥାନୀୟ ବାସିନ୍ଦା ଅପରିଚିତ ସିନ୍ଧ୍ରିଆ, କାହ୍ନା ବେହେରା, ଅରୁଣ ସିନ୍ଧ୍ରିଆ ଏବଂ ସୁଜଳ ସିନ୍ଧ୍ରିଆ। ସେମାନଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ୪ ଅଭିଯୁକ୍ତଙ୍କୁ ବରଗଡ଼ ସବ୍‌ଜେଲକୁ ପଠାଯାଇଛି। ସେହିପରି ୨ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ଏ ନେଇ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି। ସେ କହିଛନ୍ତି, ଗତ ସରସ୍ୱତୀ ପୂଜା ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା। ସେହି ବିବାଦକୁ ନେଇ ଗୁରୁବାର ସ୍ଥାନୀୟ ହାଟପଦା ମାର୍କେଟ୍‌ରେ ଉକ୍ତ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା।

### ଗୋଷ୍ଠୀ ସଂଘର୍ଷରେ ୨ ମୃତ ଘଟଣା

ଗୋଷ୍ଠୀ ସଂଘର୍ଷରେ ଦେବାଶିଷ ଲୁହା ଏବଂ ସୁରଜ ବାରିକଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ଅନ୍ୟଜଣେ ସାଙ୍ଗ ଏବେ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଘଟଣାରେ ଅନ୍ୟ ଯେଉଁମାନେ ମଧ୍ୟ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ପ୍ରକାଶଥାଉକି, ଗତ ଗୁରୁବାର ସନ୍ଧ୍ୟାରେ ହାଟପଦା ସାଇ ମନ୍ଦିର ସମ୍ମୁଖରେ ଅର୍ଥାତ୍ ବିଚ୍ ରାସ୍ତାରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଲୋକଙ୍କ ଗହଳି ସତ୍ତ୍ୱେ ଅଭିଯୁକ୍ତମାନେ ଘଟଣାସ୍ଥଳକୁ ଆସି ଛୁରି, ଭୁଜାଲିରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ୩ଜଣ ମୃତାହତ ହୋଇଥିଲେ। ଏହି ଘଟଣା ପରେ ସହରରେ ଚାପା ଉତ୍ତେଜନା ଲାଗି ରହିଛି। ଗତ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ହାଟପଦା ନିକଟ ସନ୍ତୋଷୀ ମନ୍ଦିର ପାଖରେ ଘର ଜଳପୋଡ଼ା ହୋଇଛି। ସେହିପରି ଶନିବାର ପୂର୍ବାହ୍ନରେ ହାଟପଦାରେ ପୁଣି ଏକ ସମ୍ଭାବ୍ୟ ଆକ୍ରମଣ ଦେଖାଯାଇଥିଲା। ତେବେ ପୋଲିସ ପହଞ୍ଚିବା ପରେ ତାକୁ ଏଡ଼ାଇ ଦିଆଯାଇଥିବା ସୂଚନା ମିଳିଛି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଛକ ସ୍ଥାନରେ ପୋଲିସ ମୁତୟନ ଅଛନ୍ତି।

## ଫୁଟ୍‌ବଲ ଟୁର୍ନାମେଣ୍ଟ, ଫାଇନାଲରେ ଭୁବନେଶ୍ୱର

ବୌଦ୍ଧ,୭।୨(ଅଜିତ କୁମାର ବାରିକ)

ହରଭଙ୍ଗା ବ୍ଲକ ସରସରା ଗ୍ରାମ ହାଇସ୍କୁଲ ପଡ଼ିଆଠାରେ ବାବା ବୈଦ୍ୟନାଥ ଯୁବକ ସଂଘ ପକ୍ଷରୁ ଚାଲିଥିବା ବାବା କପ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଥିଲା ଷଷ୍ଠ ଦିନ। ଷଷ୍ଠ ଦିନ ମ୍ୟାଚ୍ ଭୁବନେଶ୍ୱର ଓ ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ରାଇବ୍ରେକର ଜରିଆରେ ଭୁବନେଶ୍ୱର ଦଳ ୬-୫ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଖେଳକୁ ରେଫରୀ ଭାବରେ ଶେଷଦେବ ବେହେରା, ଚନ୍ଦନ ବେହେରା, ବିକ୍ରମ ନାଏକ ଓ ଚତୁର୍ଥ ରେଫରୀ ଭାବରେ ଅମିତ ନାଏକ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଭାବରେ ଶଶାଙ୍କ ଶେଖର ସାସିନୀ ଦାୟୀତ୍ୱ ତୁଲାଇ ଥିଲେ। ଅତିଥି ଭାବରେ ଭାଜପା ନେତା ସୁଶାନ୍ତ କୁମାର ପ୍ରଧାନ, କନ୍ଧମାଳ ଏମ୍‌ପି ପ୍ରତିନିଧି ସୁବାସ ପ୍ରଧାନ, ରେଞ୍ଜର ସୁଧିର ବେହେରା, ରେଞ୍ଜର ଆର୍ତତ୍ରାଣ ମିନ୍ଧା, ସନ୍ତୋଷ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ଧାରାବିବରଣୀ ପପୁନ ଜେନା, ପ୍ରତାପ ନାୟକ ପ୍ରଦାନ କରିଥିଲେ। ମ୍ୟାଚକୁ ପରିଚାଳନାରେ ସଞ୍ଜିବ ବେହେରା, ସୁଭ୍ରାଂଶୁ ଭୁଏନ, ପ୍ରଭାସ ମହାପାତ୍ର, ସୂର୍ଯ୍ୟକାନ୍ତ ବେହେରା, ନିଳାଞ୍ଚଳ ପ୍ରଧାନ, ନବୀନ ଦେହୁରୀ, ନିରଞ୍ଜନ ବିଶି ପ୍ରମୁଖ ସହଯୋଗ କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

### ଧାନ କ୍ରୟ ନୀତି ନେଇ ଭାଜପାକୁ ଟାର୍ଗେଟ

ବୌଦ୍ଧ,୭।୨(ଅଜିତ୍ କୁମାର ବାରିକ)

ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ବିରୋଧରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଶନିବାର ବୌଦ୍ଧ ବିଜେଡି ପକ୍ଷରୁ ସ୍ଥାନୀୟ ମାଉସୀ ମା' ମନ୍ଦିରଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଅଶୋକ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଜେଡିର ବୌଦ୍ଧ ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ପୂର୍ବତନ କଣ୍ଟାମାଳ ବିଧାୟକ ମହୀଧର ରଣା, ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ସାମାଜିକ ଗଣମାଧ୍ୟମ ସଂଯୋଜକ ଅବକାଶ ସାହୁ, ରାଧାବଲ୍ଲଭ ପ୍ରଧାନ, ଶ୍ରଦ୍ଧାଞ୍ଜଳି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବୌଦ୍ଧ ଜିଲାରେ ଚାଷୀ ଧାନର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା



ବିଜେଡିର ପ୍ରତିବାଦ ସଭାରେ ଉପସ୍ଥିତ ନେତା।

ବେଳେ ରାଜ୍ୟରେ ବଢ଼ିଚାଲିଥିବା ମହିଳା ଅତ୍ୟାଚାର, ଆଇନଶୃଙ୍ଖଳା ପରିସ୍ଥିତିର ଦ୍ରୁତ ଅବନତି, ପୂର୍ବ ସରକାର ଅମଳରେ ନିର୍ମିତ ବୌଦ୍ଧ ଡାକ୍ତରଖାନା ଗୃହ ତୁରନ୍ତ ଲୋକାର୍ପିତ, ବାର୍ଦ୍ଧକ୍ୟ ବିଧବା ଦିବ୍ୟାଙ୍ଗଙ୍କ ଆବେଦନ ହୋଇ ପଡ଼ିରହିଥିବା ଭତ୍ତା ତୁରନ୍ତ ପ୍ରଦାନ, ସରକାରଙ୍କ ପ୍ରତିଶ୍ରୁତି ମୁତାବକ ୩୫୦୦ ଟଙ୍କା ଭତ୍ତା ସମସ୍ତଙ୍କୁ ପ୍ରଦାନ ଏବଂ ହରଭଙ୍ଗା ବ୍ଲକରେ ପୂର୍ବ ସରକାର ଅମଳରେ ନିର୍ମାଣାଧୀନ ପିଇବାପାଣି ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରି ଲୋକଙ୍କୁ ସ୍ୱଚ୍ଛ ପାଣି ଯୋଗାଇବା ଆଦି ଦାବିନେଇ ନେତୃମଣ୍ଡଳୀ ବକ୍ତବ୍ୟ ରଖିବା ସହ ବୌଦ୍ଧ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁବୋଧ ପ୍ରଧାନ, ବିଦ୍ୟାଧର ସ୍ୱାଇଁ, ସୁମନ୍ତ ସାହୁ, ପ୍ରଭାତ ପ୍ରଧାନ, ଅଶ୍ୱିନୀ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ନୀହାର ଘୋଷ, ଅଶୋକ ସେଠୀ, ଅରୁଣ ବାଘ, ବସନ୍ତ ସ୍ୱାଇଁ, ଅଶୋକ ମେଣ୍ଡୁଲି, ପ୍ରେମରାଜ ରଣା, କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ବାଳମୁକୁନ୍ଦ ମେହେର, ଶୈଳେନ୍ଦ୍ର ବାରିକ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ବେଙ୍ଗଲ ଦଳ ୩୪୩ ରନ୍‌ରେ ଅଲ୍ ଆଉଟ

ବରଗଡ଼,୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ଚାଲିଥିବା ସି.କେ ନାଇଡୁ ଟ୍ରଫିର ଦ୍ୱିତୀୟ ଦିନରେ ଶନିବାର ବେଙ୍ଗଲ ଦଳ ୩୪୩ ରନରେ ଅଲ ଆଉଟ ହୋଇଯାଇଛି। ଅନ୍ୟପଟେ ଶନିବାର ଖେଳ ଶେଷ ସୁଦ୍ଧା ଓଡ଼ିଶା ଦଳର ୪ ଉଇକେଟ ହରାଇ ୨୧୯ ରନ ସଂଗ୍ରହ କରିଛି। ଶୁକ୍ରବାରର ଅସମାପ୍ତ ସ୍କୋର ୩୦୧ ରନରୁ ଖେଳ ଆରମ୍ଭ କରି ବେଙ୍ଗଲ ଦଳର ସମସ୍ତ ଖେଳାଳି ଆଉଟ ପରେ ୩୪୩ ରନ ସଂଗ୍ରହ କରିଥିଲା। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୬ ଉଇକେଟ, ସାଇ ସୁବ୍ରତ ଜେନା ୨ ଉଇକେଟ, ସାଇଦୀପ ମହାପାତ୍ର ୨ ଉଇକେଟ ନେଇଥିଲେ। ବେଙ୍ଗଲର ୩୪୩ ରନ ରନର ପିଛା କରି ଓଡ଼ିଶା ଦଳ ନିଜର ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ଦିନେଶ ମାଝୀଙ୍କ ୩୦ ରନ, ଶ୍ରେୟନ୍ସ ଭରଦ୍ୱାଜଙ୍କ ୪୯ ରନ, ସୁଜଲ କୁମାର ସିଂଙ୍କ ୬୫ ରନ ତଥା ଆଶୀର୍ବାଦ ସ୍ୱାଇଁଙ୍କ ଅପରାଜିତ ୧୯ ରନ ଓ ସମ୍ବିତ କୁମାର ବେଜାଙ୍କ ଅପରାଜିତ ୩୪ ରନ ସହାୟତାରେ ଦଳ ୭୧ ଓଭର ଖେଳି ୪ ଉଇକେଟ ହରାଇ ୨୧୯ ରନ ସଂଗ୍ରହ କରିଛି। ଏହି ଖେଳକୁ ବିସିଆଇର ଅମ୍ପାୟାର ରଞ୍ଜୀବ ଶର୍ମା ଓ ଗଣେଶ ଚରହଟେ ପରିଚାଳନା କରିଥିବାବେଳେ ମ୍ୟାଚ ରେଫରି ଅଛନ୍ତି ଗୌରବ ବସିଷ୍ଟ। ବିସିସିଆଇ ପକ୍ଷରୁ ଅନ୍‌ଲାଇନ ସ୍କୋରର୍ ଅଛନ୍ତି ସି ଡି ସୁନିଲ ଓ ବୀରବର ନାୟକ, ସିନିୟର୍ ଭିଡିଓ ସାରଦା ପ୍ରସନ୍ନ ବିଶ୍ୱାଳ ଓ ଭିଡିଓ ଏନାଲିଷ୍ଟ ତାପସ କୁମାର ନାୟକ ରହିଛନ୍ତି।

## ଭୈସାଦର୍ହା ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ କୃତୀ ଛାତ୍ରୀଛାତ୍ର ଓ ଶିକ୍ଷକମାନେ।

ଝାରବନ୍ଧ,୭।୨(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଭୈସାଦର୍ହା ସେବାଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ସେବକ ସତ୍ୟବ୍ରତ ମେହେରଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି, ସମ୍ମାନିତ ଅତିଥି ଭାବରେ ଡବ୍ଲୁଇଓ ଶ୍ରୀ ସୁନୀଲ ଭୋଇ, ସିଆରସିସି ଜଗଦିଶ ସେଠ, ଅଜିତ ପ୍ରଧାନ, ଥବିର ରାଉତରାୟ, ସେବକରାମ ସିଦାର, ଉର୍ମିଳା ସିଦାର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁସୂଚିତ ଜାତି, ଜନଜାତି ତଥା ପଛୁଆ ବର୍ଗର ଛାତ୍ରୀଛାତ୍ରମାନେ ଶିକ୍ଷା ସହିତ ବିଭିନ୍ନ ପ୍ରତିଭାରେ ଆଗେଇ ଆସିପାରିବେ ସେଥିପ୍ରତି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପଦେଶ ଦେବାସହ ଶିକ୍ଷକ ଓ ଅଭିଭାବକଙ୍କୁ ଯତ୍ନବାନ ହେବାପାଇଁ ଅତିଥିମାନେ କହିଥିଲେ।

## ବେଆଇନ ଉଠାଦୋକାନ ଉଚ୍ଛେଦ

ରାଉରକେଲା,୭।୨(ସଙ୍ଗୀତା ଜେନା): ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଶନିବାର ପୂର୍ବାହ୍ନ ୧୧ଟାରେ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରୁ ବିଶ୍ରା ଛକ ପର୍ଯ୍ୟନ୍ତ ବେଆଇନ ଉଠାଦୋକାନୀ ଓ ଗୁମୁଟିଗୁଡ଼ିକ ଉଚ୍ଛେଦ କରାଯାଇଛି। ରାଉରକେଲା ପୋଲିସ ସହାୟତାରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଦୋକାନ ଉଚ୍ଛେଦ ହୋଇଥିଲା। ଆରଏମ୍‌ସି ଲ୍ୟାଣ୍ଡଗାର୍ଡ ଓ ୧ପ୍ଲାଟୁର୍ନ ଫୋର୍ସ ଏଥିରେ ନିୟୋଜିତ ଥିଲେ।

## କୃଷି ବିଜ୍ଞାନ କେନ୍ଦ୍ରର ୨୨ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ବଘିଆପଡା,୭।୨(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ବଘିଆପଡା ପଞ୍ଚାୟତ ପାଲଙ୍ଗରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୨୨ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚିପିଲିମା କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟର କୁଳପତି ତଥା ଅଧ୍ୟକ୍ଷ ଡ. ରଞ୍ଜନ କୁମାର ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ଶର୍ବାଣି ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଆଞ୍ଚଳିକ ଗବେଷଣା କେନ୍ଦ୍ର ଚିପିଲିମାର ସହଯୋଗୀ ଗବେଷଣା ଅଧ୍ୟକ୍ଷ ଡ. ସଂଯୁକ୍ତା ମହାପାତ୍ର ଯୋଗଦେଇ ସମନ୍ୱିତ କୃଷି



ପଦ୍ଧତି ଉପରେ କ୍ଷେତ୍ର ପରିଦର୍ଶନ କରିବାକୁ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ କୃଷି ସମ୍ପ୍ରସାରଣ ଅଧ୍ୟକ୍ଷ ଡ. ପ୍ରସନଜିତ ମିଶ୍ର, ଅଟାରୀ କଲିକତା ପ୍ରଧାନ ବୈଜ୍ଞାନିକ ଡ. ଶ୍ୟାମଲ ମଣ୍ଡଳ ତଥା କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦାନ କରି ମତ ରଖିଥିଲେ। ବୌଦ୍ଧ ଜିଲା କୃଷି ଅଧିକାରୀଙ୍କ ପ୍ରତିନିଧି, ଉଦ୍ୟାନ କୃଷି ସହ ନିର୍ଦ୍ଦେଶକ ଯୋଗୀନ୍ଦ୍ର ନାଥ ମହାପାତ୍ର, ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ଏବଂ ଉନ୍ନୟନ ପ୍ରତିଷ୍ଠାନର ମୁଖ୍ୟ ଡ. ସତ୍ୟେନ୍ଦ୍ର ସିଂ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ. ରାମ ରାଓ, ଜିଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ନାଏକ, କୃଷକ ପ୍ରତିନିଧି, ଜିଲା କୃଷି ବିଭାଗ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, କୃଷି ପଲିଟେକ୍‌ନିକ୍ ଅଧ୍ୟକ୍ଷ ତଥା ଅନ୍ୟ ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୌଦ୍ଧର ବୈଜ୍ଞାନିକ ତଥା ମୁଖ୍ୟ ତପନ କୁମାର ଦାସ ଅତିଥି ପରିଚୟ ସହିତ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ୨୦୨୪-୨୫ ରବି, ୨୦୨୫ ଖରିଫ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ବୈଜ୍ଞାନିକ ସସ୍ମିତା ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଉଥିବା ପ୍ରଦର୍ଶନୀ ଔଷଧୀୟ ବଗିଚା, ଜିଆଖତ ପ୍ରସ୍ତୁତି, ଛତୁଚାଷ, କୁକୁଡ଼ା ପାଳନ, ଗଙ୍ଗା ମା' ମଣ୍ଡଳ ବଗିଚା, ମହୁମାଛି ପାଳନ, ଉନ୍ନତମାନର ବରକୋଳି, ଚିଙ୍ଗୁଡ଼ି ଚାଷ ସହିତ ବତକ ପାଳନ ୟୁନିଟଗୁଡ଼ିକୁ ଉପଦେଷ୍ଟା ମଣ୍ଡଳୀ ବୁଲି ଦେଖିଥିଲେ।

## ବରପାଲି ଜଗନ୍ନାଥ ଧାମ ରାସ୍ତା ଅବସ୍ଥା ଶୋଚନୀୟ

ବରପାଲି,୭।୨(ଚିତ୍ତରଞ୍ଜନ ସାହୁ)

ସୋହେଲାରୁ ବାହାରିଥିବା ବରପାଲି ଜଗନ୍ନାଥ ଧାମ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ରାମପୁର ପୁରୀ ଜଗନ୍ନାଥ ଧାମ ସଡ଼କ ଭାବରେ ରାସ୍ତାଟି ବ୍ୟବହୃତ ହେଉଥିବା ବେଳେ ହଜାର ହଜାର ଛୋଟବଡ଼ ଯାନବାହାନ ପ୍ରତିଦିନ ଯାତାୟାତ ହୋଇଥାଏ। ହେଲେ ପ୍ରଶାସନିକ ଦୃଷ୍ଟିଗୋଚର ଅଭାବରୁ ବର୍ତ୍ତମାନ ଉକ୍ତ ରାସ୍ତାଟି ମରଣଯନ୍ତା ପାଲଟି ଗଲାଣି। ବରପାଲିରୁ ଲମ୍ବିଥିବା ୧୧କିମି ସରଣ୍ଡାପାଲି ଛକ ପର୍ଯ୍ୟନ୍ତ ସଙ୍କଟାପନ୍ନ ହୋଇ ରାସ୍ତାର ପିଚୁ ମାନ ଉଠିଯିବା ସହ ଛୋଟବଡ଼ ଖାଲଖମାରେ ଭର୍ତ୍ତି ହୋଇ ଯାତାୟାତ ପାଇଁ ଅସୁବିଧା ସୃଷ୍ଟି କରୁଛି। ଉପୁଜୁଥିବା ସମସ୍ୟା ଉପରେ ପ୍ରଶାସନିକ ଦୃଷ୍ଟି ଆକର୍ଷଣ ସହିତ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହେଲାନାହିଁ। ରାସ୍ତା ଉପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ବିଜେପୁର, ସୋହେଲା, ନୂଆଁପଡ଼ା, ପଦ୍ମପୁର, ପାଇକମାଳ ସହ ଅନ୍ୟାନ୍ୟ ଜିଲାର ଲୋକମାନେ ପ୍ରତିଦିନ ଯାତାୟାତ କରିଥାନ୍ତି। କିନ୍ତୁ ବର୍ତ୍ତମାନ ରାସ୍ତାରେ ଗାତ ଖାଲ ମାନ ସୃଷ୍ଟି ହୋଇଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଫଳରେ ରାସ୍ତା ଉପରେ ଯାତାୟାତ ହେଉଥିବା ସାଧାରଣ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ତେବେ ଯାତାୟାତ ସମସ୍ୟା ଦିନକୁଦିନ ବୃଦ୍ଧି ପାଉଥିବା ବେଳେ ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି।



# ଜିଲା ପରିଷଦ ବୈଠକରେ ସାମଗ୍ରିକ ବିକାଶକୁ ଗୁରୁତ୍ୱ

ବରଗଡ଼,୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଶନିବାର ଷଷ୍ଠ ଜିଲା ପରିଷଦର ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦମପୁର ବିଧାୟିକା ବର୍ଷା ସିଂ ବରିହା, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ଲୋକସଭା ସାଂସଦଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ, ବରଗଡ଼ ବିଧାୟକଙ୍କ ପ୍ରତିନିଧି ଅବନୀକାନ୍ତ ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା ଏବଂ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳ ଚେୟାରମେନ, ଅଧ୍ୟକ୍ଷଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲୁହା ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ପରେ ଜିଲା ପରିଷଦ ଅଧ୍ୟକ୍ଷା ଭୋଇ ସମସ୍ତ



ଜିଲା ପରିଷଦ ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀବୃନ୍ଦ।

ଲୋକ ପ୍ରତିନିଧି ଏବଂ ଅଧିକାରୀ ମିଳିତ ଭାବେ ସାମୁହିକ କାର୍ଯ୍ୟ କଲେ ବରଗଡ଼ ଜିଲାର ଉନ୍ନତି ହୋଇପାରିବ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହାପରେ ପୂର୍ବ ବୈଠକର ସଭା ବିବରଣୀ ଅନୁଯାୟୀ, ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଏବଂ ଯୋଜନାର କାର୍ଯ୍ୟକାରୀତା ବିଷୟରେ ଜିଲାସ୍ତରୀୟ ଅଧିକାରୀ ଉପସ୍ଥାପନ କରିଥିଲେ। ବୈଠକ ପ୍ରାରମ୍ଭରେ ଅର୍ଥ କମିଶନ ଗ୍ରାଣ୍ଟ ଯଥାଶୀଘ୍ର ଯୋଗାଇବା ପାଇଁ ସମସ୍ତ ବ୍ଲକ ଚେୟାରମ୍ୟାନ ମତ ରଖିଥିଲେ। ଏହାପରେ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଶିକ୍ଷା ବିଭାଗର କାର୍ଯ୍ୟକାରିତା ବିଷୟରେ ସମସ୍ତଙ୍କୁ ଅବଗତ କରିବା ସହ ଦଶମ ପରୀକ୍ଷା ଆୟୋଜନ ପ୍ରସ୍ତୁତି, ମଧ୍ୟାହ୍ନ ଭୋଜନ, ପାଠ୍ୟ ସାମଗ୍ରୀ, ସ୍କୁଲ ୟୁନିଫର୍ମ, କ୍ରୀଡ଼ା ସାମଗ୍ରୀ ଆଦି ବିତରଣ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମଶ୍ରୀ ବିଦ୍ୟାଳୟ ଏବଂ ଆଦର୍ଶ ବିଦ୍ୟାଳୟର କାର୍ଯ୍ୟକାରିତା, ଶିକ୍ଷକ ଓ ଶିଶୁ ସେବିକା ନିଯୁକ୍ତି ପ୍ରକ୍ରିୟା ଆଦି ବିଷୟରେ ନିଜ ମତ ଉପସ୍ଥାପନ କରିଥିଲେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସମସ୍ତ ଡାକ୍ତରଖାନାରେ ଉପଲବ୍ଧ ସୁବିଧା, ଡାକ୍ତରଙ୍କ ସଂଖ୍ୟା ପଦୀ, ପୋଲିଓ ରୋଗର ନିରାକରଣ, ମାତୃ ପ୍ରସୂତି ବ୍ୟବସ୍ଥା, ଆରବିଏସକେ ଚିକିତ୍ସା ବ୍ୟବସ୍ଥା, ଡାଇଲିସିସ ଏବଂ ଆଇସିୟୁ ବ୍ୟବସ୍ଥା, ନିରାମୟ ଯୋଜନାର ସମସ୍ତ ଔଷଧ ଉପଲବ୍ଧତା ଆଦି ବିଭିନ୍ନ ବିଷୟରେ ଉପସ୍ଥାପନ କରିଥିଲେ। ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ଗ୍ରାମରେ ପାନୀୟ ଜଳ ଯୋଗାଣ ବିଷୟରେ ନିର୍ବାହୀ ଯନ୍ତ୍ରୀ ଶ୍ରୀଧର ବେହେରା ଉପସ୍ଥାପନ କରିଥିଲେ। ବିଦ୍ୟୁତ୍ ଯୋଗାଣ, ପିଏମ ସୂର୍ଯ୍ୟଘର ଯୋଜନାର ଅଗ୍ରଗତି ବିଷୟରେ ଟିପିଡବ୍ଲୁଓଡିଏଲ ମୁଖ୍ୟଯନ୍ତ୍ରୀ ଉପସ୍ଥାପନ କରିବା ସହ ଉଠା ଜଳସେଚନ ବିଭାଗ ସହ ସମନ୍ୱୟ ରଖି ବୋରୱେଲ ଜଳ ଯୋଗାଣର ତ୍ୱରାନ୍ୱିତ ପ୍ରକ୍ରିୟା ବିଷୟରେ ଉପସ୍ଥାପନ କରିବା ପରେ ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କଲଭର୍ଟ ନିର୍ମାଣ ଆଦି ବିଷୟରେ ଆଲୋଚନା କରିଥିଲେ। କୃଷି ବିଭାଗର ସମସ୍ତ ଅଗ୍ରଗତି ଆଲୋଚନା ହେବା ସହ ସାମଜିକ ମଙ୍ଗଳ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ତଥା ସୁଭଦ୍ରା ଯୋଜନାର ଅଗ୍ରଗତି, କେନାଲ ଡିଭିଜନ ତଥା ଜଳ ଯୋଗାଣ ବିଭାଗ, ଗଙ୍ଗାଧର ମେହେର ଓ ପାର୍ବତୀ ଗିରି ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ, ଚେକ ଡେମ ତଥା କ୍ଷୁଦ୍ର ଏବଂ ବୃହତ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗ ଦ୍ୱାରା ପିଡ଼ିଏସ ଚାଉଳ ବିତରଣ, ଧାନ ସଂଗ୍ରହ ବ୍ୟବସ୍ଥା ଓ ପଞ୍ଜୀକୃତ ଚାଷୀଙ୍କୁ ଟୋକେନ ବିତରଣ ସ୍ଥିତି ବିଷୟରେ ଆଲୋଚନା କରିବା ପରେ ଶୀଘ୍ର ସମସ୍ତ ଚାଷୀଙ୍କ ଧାନ ଉଠାଇବା ସହ ଠିକ ସମୟରେ ପଇସା ଦେବା ବ୍ୟବସ୍ଥା କରିବା, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ପିଏମ୍‌ଜିଏସୱାଇ ରାସ୍ତା ନିର୍ମାଣ, ସେତୁବନ୍ଧ ଯୋଜନାର କାର୍ଯ୍ୟକାରିତା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପୋଖରୀ ଖନନ, ମାଛ ଓ ଚିଙ୍ଗୁଡ଼ି ଚାଷ, ମତ୍ସ୍ୟ ଚାଷୀ ପଞ୍ଜୀକରଣ, ୱାଟରସେଡ ବିଭାଗର ପ୍ରଧାନମନ୍ତ୍ରୀ କୃଷି ସିଚାୟୀ ଯୋଜନା, ଜଳଧାରା ଯୋଜନା, ଆଦି ବିଷୟରେ ଆଲୋଚନା କରାଯାଇଥିଲା।

# ଜାଗର ମେଳା ପରିଚାଳନା ନେଇ ସଂଶୟ

- ବେଦବ୍ୟାସ ପୀଠରେ ନାହିଁ ଟ୍ରଷ୍ଟ ବୋର୍ଡ
- ୧୦ ବର୍ଷ ହେଲା କୋର୍ଟରେ ଗଡୁଛି ମାମଲା
- ଦେବୋତ୍ତର କମିଶନ କଲେ ହସ୍ତକ୍ଷେପ

ରାଉରକେଲା, ୭।୨(ସଙ୍ଗୀତା ଜେନା)


ବେଦବ୍ୟାସ ପୀଠ।

ସୁନ୍ଦରଗଡ଼ ଜିଲା ରାଉରକେଲା ସହର ନିକଟରେ ଅବସ୍ଥିତ ପବିତ୍ର ବେଦବ୍ୟାସ ପୀଠରେ ଦୀର୍ଘବର୍ଷ ହେଲା ଧାର୍ମିକ ମେଳା ମହାଶିବରାତ୍ରି ବା ଜାଗର ମେଳା ପାଳନ ହୋଇଆସୁଛି। ତେବେ ଏହି ପୀଠ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ହେଉଥିବାବେଳେ ଦୀର୍ଘ ୧୦ ବର୍ଷ ହେଲା ଏଠାରେ ଟ୍ରଷ୍ଟ ବୋର୍ଡ ହୋଇପାରିନାହିଁ। ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁ ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। ଫଳରେ ଆସନ୍ତା ଜାଗର ମେଳା ପରିଚାଳନା ସୁରୁଖୁରୁରେ ହେବା ନେଇ ସଂଶୟ ପ୍ରକାଶ ପାଇଛି।

ବେଦବ୍ୟାସ ପୀଠ ଧାର୍ମିକ ଆସ୍ଥା, ସଂସ୍କୃତି ଓ ପାରମ୍ପରିକ ଉତ୍ସବର ଏକ ମୁଖ୍ୟକେନ୍ଦ୍ର ଭାବେ ପରିଚିତ। ରାଉରକେଲାରୁ ପ୍ରାୟ ୧୦ କି.ମି. ଦୂରରେ ଥିବା ଏହି ପୀଠ ଶଙ୍ଖ, କୋଏଲ ଓ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳରେ ରହିଛି। ଏଠାରେ ଫାଲଗୁନ ମାସରେ ମହାଶିବରାତ୍ରି ପାଳନ କରାଯାଇଥାଏ। ଏହା କେବଳ ପଶ୍ଚିମ ଓଡ଼ିଶା ନୁହେଁ ବରଂ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ପଡୋଶୀ ରାଜ୍ୟରେ ମଧ୍ୟ ଖ୍ୟାତି ଲାଭ ଲଭିଛି। ସାଧାରଣତଃ ପ୍ରତିବର୍ଷ ଜାଗର ମେଳାକୁ ବେଦବ୍ୟାସ ଟ୍ରଷ୍ଟବୋର୍ଡ ପରିଚାଳନା କରିଥାଏ। ହେଲେ ଦୀର୍ଘ ୧୦ ବର୍ଷ ହେଲା ନୂତନ ଟ୍ରଷ୍ଟବୋର୍ଡ ଗଠନ ହୋଇ ନ ଥିବା ବେଳେ ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁ ଏହା କୋର୍ଟରେ ବିଚାରାଧୀନ ରହିଛି। ଏହାକୁ ଦୃଷ୍ଟିରେ ରଖି ଦେବୋତ୍ତର କମିଶନ (ଚିଠି ନଂ.୧୦୦୦୭/୨୯.୧୦.୨୫) ସୁନ୍ଦରଗଡ଼ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଲାଠିକଟା ତହସିଲଦାର ଓ ଜଣେ ଏକ୍‌ଜିକ୍ୟୁଟିଭ ଅଫିସର (ଇଓ)ଙ୍କୁ ଏହି ମେଳା ପରିଚାଳନା କରିବାକୁ ନିର୍ଦ୍ଦେଶ ଜାରି କରିଥିବା ସୂଚନା ମିଳିଛି। ଟ୍ରଷ୍ଟ ବୋର୍ଡ ନ ଥିବାରୁ ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ଓ ମେଳା ପରିଚାଳନାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି ବୋଲି ଅଭିଯୋଗ ହୋଇଛି।

ଲାଠିକଟା ବ୍ଲକର ଜମିଦାରଙ୍କ ଦ୍ୱାରା ତିଆରି ହୋଇଥିବା ଉକ୍ତ ଶୈବପୀଠର ପରିଚାଳନା ପାଇଁ ସ୍ଥାନୀୟ ଲୋକଙ୍କ ପରାମର୍ଶରେ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଥିଲା। ଏଥିରେ ଜିଲାପାଳ ସଭାପତି ଓ ସ୍ଥାନୀୟ ଲୋକ ଟ୍ରଷ୍ଟି ରୁହନ୍ତି। ପ୍ରତ୍ୟେକ ୩ ବର୍ଷରେ ପୁରୁଣା କମିଟି ଭଙ୍ଗ କରି ନୂତନ କମିଟି ଗଠନ କରାଯାଇଥାଏ। ହେଲେ ୨୦୧୫ରେ ଟ୍ରଷ୍ଟ ବୋର୍ଡରେ ବିବାଦ ଦେଖାଯିବାରୁ କିଛି ସ୍ଥାନୀୟ ଟ୍ରଷ୍ଟି କୋର୍ଟର ସାହାରା ନେଇଥିଲେ। ସେହିଦିନଠାରୁ ନୂତନ କମିଟି ଗଠନ ହୋଇ ନ ପାରିବାରୁ ପୁରୁଣା କମିଟି ଦ୍ୱାରା ମନ୍ଦିରର ସମସ୍ତ କାର୍ଯ୍ୟ କରାଯାଇଆସୁଥିଲା। ଏଥିରେ ଜଣେ ଟ୍ରଷ୍ଟି ଓ ଦେବୋତ୍ତର କମିଶନ ଇନ୍ସପେକ୍ଟର ଦାୟିତ୍ୱ ସମ୍ପାଦନ କରୁଥିଲେ। ତେବେ କେତେକ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଟ୍ରଷ୍ଟ ବୋର୍ଡ ନ ଥିବା ଯୋଗୁ ଏବେ ମନ୍ଦିର ପରିସରରେ ଚାଲିଥିବା କୋଟି କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ହୋଇପାରୁନାହିଁ। ପାଉଁଶ ଇଟାରେ ମନ୍ଦିର ନିର୍ମାଣ କରାଯାଉଛି। ଉପଯୁକ୍ତ ସ୍ଥାନରେ ଶୌଚାଳୟ ନିର୍ମାଣ କରାଯାଇନାହିଁ। ମନ୍ଦିର ଚତୁଃପାର୍ଶ୍ୱରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଲଗାଯାଇଥିବା ଘାସ ଉଭାନ ହୋଇଯାଇଛି। ମନ୍ଦିର ସୁପରିଚାଳନା ପାଇଁ ଟ୍ରଷ୍ଟ ବୋର୍ଡ ଗଠନର ଆବଶ୍ୟକତା ରହିଛି। ଏହା ନ ହେଲେ ମନ୍ଦିର ଅବହେଳିତ ହୋଇପଡିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଟ୍ରଷ୍ଟ ବୋର୍ଡର ପୂର୍ବତନ ସାଧାରଣ ସମ୍ପାଦକ ଅନୁମପ ରାୟ କହିଛନ୍ତି, ଏହି ପ୍ରସିଦ୍ଧ ମେଳାକୁ ତୁଲାଇବା ପାଇଁ ଜିଲାପାଳ ନେତୃତ୍ୱ ନେଉଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କ ସହଯୋଗ ଅଧିକ ରହିଥାଏ। ଏଥିରେ ପୂର୍ବରୁ ଦେବୋତ୍ତର କମିଶନ ଇନ୍ସପେକ୍ଟର ତ୍ରିଲୋଚନ ନାୟକ କାର୍ଯ୍ୟ କରୁଥିଲେ। ଏବେ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଦାୟିତ୍ୱରେ ଅଛନ୍ତି। ପୂର୍ବ କମିଟି କୋର୍ଟ ଭରସାରେ ଥିବା ଯୋଗୁଁ ନୂତନ କମିଟି ଗଠନ ହୋଇପାରିଲା ନାହିଁ। ତେଣୁ ଦେବୋତ୍ତର କମିଶନ ମଧ୍ୟବର୍ତ୍ତୀକାଳୀନ କମିଟି ଗଠନ କରିଥିଲେ। କୋଟି କୋଟି ଟଙ୍କାର କାମ ହେଉଥିବାବେଳେ ଏଥିପାଇଁ ନୂତନ କମିଟି ହେବା ଜରୁରୀ ବୋଲି ରାୟ କହିଥିଲେ। ଏ ସମ୍ପର୍କରେ ଲାଠିକଟା ତହସିଲଦାର ମୁରଲୀଧର ଉର୍ମାଳଙ୍କୁ ପଚରାଯିବାରୁ ସେ କହିଲେ, ବର୍ତ୍ତମାନ ଦେବୋତ୍ତର କମିଶନ ନିର୍ଦ୍ଦେଶ ଦେବା ପରେ ମନ୍ଦିର ପରିଚାଳନା ପାଇଁ ଇଓ ଦାୟିତ୍ୱରେ ଅଛନ୍ତି। ଗତ ୨୦ତାରିଖରେ ଜାଗର ମେଳା ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ସ୍ଥାନୀୟ ଲୋକ ଓ ପୂର୍ବତନ ଟ୍ରଷ୍ଟବୋର୍ଡର ସଦସ୍ୟଙ୍କ ସହଯୋଗରେ ଏହି ମେଳା ଆୟୋଜନ ପାଇଁ ପ୍ରୟାସ କରାଯାଉଛି ବୋଲି ତହସିଲଦାର ଉର୍ମାଳ କହିଥିଲେ।

## କଲ୍‌ଚରାଲ ଏକାଡେମୀର ସାହିତ୍ୟ ଆସର


ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।

ରାଉରକେଲା,୭।୨(ବିପ୍ଳବ ରଞ୍ଜନ ଦାଶ)

ପୁସ୍ତକ ମହୋତ୍ସବ- ୨୦୨୬ ଅବସରରେ ରାଉରକେଲାର ସାଂସ୍କୃତିକ ଅନୁଷ୍ଠାନ କଲଚରାଲ ଏକାଡ଼େମୀ ପକ୍ଷରୁ 'ସାହିତ୍ୟ ଆସର' କାର୍ଯ୍ୟକ୍ରମ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାଡ଼େମୀର ବରିଷ୍ଠ ସଦସ୍ୟ ଅକ୍ଷୟ ସାମଲ ଅଧ୍ୟକ୍ଷତା କରି ରଜନୀକାନ୍ତ ଦାସଙ୍କ ଜୀବନ ସଂଘର୍ଷ, ସାହିତ୍ୟ ସାଧନା ତଥା ଓଡ଼ିଆ ଜାତିର ବିକାଶରେ ତାଙ୍କର ଅମୂଲ୍ୟ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରଜନୀକାନ୍ତ ଦାସଙ୍କ ସାହିତ୍ୟରେ ପ୍ରଗତିଶୀଳ ଚେତନା ଶୀର୍ଷକ ଆଲୋଚନା କରି ଡ. ପ୍ରଭାତ ମଲ୍ଲିକ କହିଥିଲେ, ରଜନୀକାନ୍ତ ଥିଲେ ଏକାଧାରରେ ଜଣେ କବି, ଉପନ୍ୟାସିକ, ଗାଳ୍ପିକ, ଅନୁବାଦକ ଏବଂ ସାମ୍ବାଦିକ। ସାହିତ୍ୟର ପ୍ରତିଟି କ୍ଷେତ୍ରକୁ ତାଙ୍କର ବୌଦ୍ଧିକ ବିମର୍ଷ, ନୂତନ ଆୟାମ ପ୍ରଦାନ କରିଥିଲା। ଏପରିକି ଇସ୍ପାତ ସହର ରାଉରକେଲାରେ କବିତା ପାଠ ଓ ଗଳ୍ପ ଆଲୋଚନାର ସେ ଥିଲେ ପଥ ପ୍ରଦର୍ଶକ। ତାଙ୍କର ସାହିତ୍ୟିକ ସୃଷ୍ଟି ଥିଲା ଜୀବନଧର୍ମୀ, ପ୍ରଗତିଶୀଳ ଏବଂ ବିକଳ୍ପର ବାର୍ତ୍ତାବହ ବୋଲି ମଲ୍ଲିକ କହିଥିଲେ। ମଞ୍ଚ ପରିଚାଳନା କରିଥିଲେ ଏକାଡ଼େମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର। ଦ୍ୱିତୀୟ ପର୍ଯ୍ୟାୟରେ କବି ଡା. କୃପାସିନ୍ଧୁ ନାୟକଙ୍କ କବିତା ପାଠ ହୋଇଥିଲା। କବି ସଦାଶିବ ଦାସ, ବିଜୟ ରାୟ, ରାଜୀବ ପାଣି, ପ୍ରତାପ କୁମାର ପଣ୍ଡା, ଗୀତାରାଣୀ ବେହେରା, ସୌମ୍ୟରଞ୍ଜନ ବାଗ, ଅଶୋକ କୁମାର ପଟ୍ଟନାୟକ, ଅର୍ଚ୍ଚନା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବଳରାମ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପିରେ ଇଏପି ସଚେତନତା କର୍ମଶାଳା

ରାଉରକେଲା,୭।୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଏଲ ଆଣ୍ଡ୍ ଡି ବିଭାଗରେ କାରଖାନାର ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ କର୍ମଚାରୀ ସହାୟତା କାର୍ଯ୍ୟକ୍ରମ (ଇଏପି) ଆଧାରିତ ଦିନିକିଆ ସଚେତନତା ଭିତ୍ତିକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମାନବ ସମ୍ବଳ ବିଭାଗର ସିଜିଏମ୍ ମାନସ ରଥ ପ୍ରାରମ୍ଭିକ ଅଧିବେଶନରେ ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧି ପାଇଁ କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ ଭାବେ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ। ବରିଷ୍ଠ ମନସ୍ତତ୍ତ୍ୱବିତ୍ ସୁଶ୍ରୀ ପି. ପୋଦ୍ଦାର ଏବଂ ମେସର୍ସ ଇଏପିର ମନୀଷ ତୋମାର କର୍ମଶାଳା ପରିଚାଳନା କରିବା ସହିତ ଶୈଶବ ଆଘାତର ମୁକାବିଲା, କାର୍ଯ୍ୟକ୍ଷେତ୍ର ଚାପ ପରିଚାଳନା ଏବଂ ମାନସିକ ସ୍ୱାସ୍ଥ୍ୟ ସଚେତନତାର ଗୁରୁତ୍ୱ ଭଳି ବହୁ ମହତ୍ତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରିଥିଲେ। ମାନବ ସମ୍ବଳ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ଦିବ୍ୟା ସାହୁ ଉଦ୍‌ଘାଟନୀ ଅଧିବେଶନ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, କର୍ମଚାରୀମାନଙ୍କ ମଧ୍ୟରେ ମାନସିକ, ସ୍ୱାସ୍ଥ୍ୟ ତଥା କାର୍ଯ୍ୟକ୍ଷେତ୍ରରେ ସାମଗ୍ରିକ ସୁସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିବା, ମାନସିକ ପରାମର୍ଶ ପ୍ରଦାନ କରି ସେମାନଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



କର୍ମଶାଳାରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ବେଆଇନ ଉଠାଦୋକାନ ଉଚ୍ଛେଦ

ରାଉରକେଲା,୭।୨(ସଙ୍ଗୀତା ଜେନା): ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଶନିବାର ପୂର୍ବାହ୍ନ ୧୧ଟାରେ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରୁ ବିଶ୍ରା ଛକ ପର୍ଯ୍ୟନ୍ତ ବେଆଇନ ଉଠାଦୋକାନୀ ଓ ଗୁମୁଟିଗୁଡ଼ିକ ଉଚ୍ଛେଦ କରାଯାଇଛି। ରାଉରକେଲା ପୋଲିସ ସହାୟତାରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଦୋକାନ ଉଚ୍ଛେଦ ହୋଇଥିଲା। ଆରଏମ୍‌ସି ଲ୍ୟାଣ୍ଡଗାର୍ଡ ଓ ୧ପ୍ଲାଟୁନ ଫୋର୍ସ ଏଥିରେ ନିୟୋଜିତ ଥିଲେ।

### ଏସ୍‌ପିଙ୍କୁ ସ୍ମାରକପତ୍ର ଦେଲା ବିଜେଡି

**ନାବାଳିକାଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା**

ରାଉରକେଲା, ୭।୨(ସଙ୍ଗୀତା ଜେନା): ବିଶ୍ରା ଥାନା ଜାମବେର୍ଣ୍ଣା ଅଞ୍ଚଳରେ ଜଣେ ନାବାଳିକା ଛାତ୍ରୀଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ଶନିବାର ବିରମିତ୍ରପୁର ବିଜେଡ଼ି ପକ୍ଷରୁ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କୁ ଶନିବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ପୀଡ଼ିତା ବିଭିନ୍ନ ଡାକ୍ତରଖାନା ବୁଲିଥିଲେ ମଧ୍ୟ ଚିକିତ୍ସା ମିଳି ନ ଥିଲା। ସେଥିପାଇଁ ତାଙ୍କର ମୃତ୍ୟୁ ଘଟିଲା। ଏହି ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ଦଳ ପକ୍ଷରୁ ଦାବି ହୋଇଛି। ନିର୍ବାଚନୀ ମଣ୍ଡଳୀର କର୍ମକର୍ତ୍ତାମାନେ ପୂର୍ବାହ୍ନ ୧୧ଟାରେ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଥିଲେ।

### ଯୋଗ ସାଧକଙ୍କ ସ୍ମୃତିସଭା

ରାଉରକେଲା,୭।୨(ଦିନେଶ ମିଶ୍ର): ରାଉରକେଲା ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ପ୍ରୟାତ ବିଶ୍ୱ ନାରାୟଣ ଘୋଷଙ୍କ ବିୟୋଗରେ ଶ୍ରୀଅରବିନ୍ଦ ସ୍କୁଲ ସଭାଗୃହରେ ଶନିବାର ଏକ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।



ଅନୁଷ୍ଠାନର ସଭାପତି ଡ. ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଚିବ ଡାକ୍ତର ପ୍ରଶାନ୍ତ କୁମାର ପାତ୍ର, ଭାରତ ଭୂଷଣ ମହାନ୍ତି, ଡକ୍ଟର କିଶୋରୀ ଦାଶ, ଜାନକୀ ସାମଲ, ସ୍ୱପ୍ନା ଦାସ, ସଙ୍ଗୀତା ପଣ୍ଡା, ରବିନାରାୟଣ କବି, ସଞ୍ଜୟ ଆଚାର୍ଯ୍ୟ, ଶ୍ରୀଧର ସାମଲ, କୁବେର ନାୟକ ପ୍ରମୁଖ ସାଧିକା ସାଧକ ଯୋଗଦେଇ ଦିବଂଗତ ଆତ୍ମାଙ୍କ ସ୍ମୃତିଚାରଣ କରିଥିଲେ। ଶ୍ରୀଅରବିନ୍ଦ ରଚିତ ସାବିତ୍ରୀ ମହାକାବ୍ୟକୁ ଘଣ୍ଟା ଘଣ୍ଟା ଧରି ଆବୃତ୍ତି କରିବା ତାଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାର ଅଂଶବିଶେଷ ଥିଲା। ରାଉରକେଲାର ଶ୍ରୀଅରବିନ୍ଦ ଯୋଗ ମନ୍ଦିର ନିର୍ମାଣରେ ତାଙ୍କର ଅବଦାନ ଥିଲା ବୋଲି ମତପ୍ରକାଶ ପାଇଥିଲା। ସାଧକ ବିଶ୍ୱନାଥ ଆଇଚ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆର୍‌ଏସ୍‌ପି ଯୋଜନାରୁ ଲାଭ ଉଠାଇବାକୁ ପରାମର୍ଶ

**ଏସ୍‌ସି, ଏସ୍‌ଟି, ମହିଳା ଉଦ୍ୟୋଗୀଙ୍କ ପାଇଁ ବିକ୍ରେତା ବିକାଶ କାର୍ଯ୍ୟକ୍ରମ**

ରାଉରକେଲା,୭।୨(ବିପ୍ଳବ ରଞ୍ଜନ ଦାଶ)


କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିକ୍ରେତା।

ଆର୍‌ଏସ୍‌ପିର ସାମଗ୍ରୀ ପରିଚାଳନା ବିଭାଗ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁସୂଚିତ ଜାତି, ଜନଜାତି ଏବଂ ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ବିକ୍ରେତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମଗ୍ରୀ ପରିଚାଳନା ବିଭାଗ ସିଜିଏମ ଟି. ବିନୋଦ ଅଧ୍ୟକ୍ଷତା କରିଥିଲେ। ଏହି ଅଧିବେଶନରେ ୧୫ ଜଣ ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇ ବିକ୍ରେତାଙ୍କ ସହ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ବିନୋଦ ଉଦୀୟମାନ ଉଦ୍ୟୋଗଗୁଡ଼ିକ ଅନ୍ତର୍ଭୁକ୍ତ କ୍ରୟ ପଦ୍ଧତି ଏବଂ କ୍ଷମତା ନିର୍ମାଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆର୍‌ଏସ୍‌ପିର ବିଭିନ୍ନ ଯୋଜନାରୁ ଲାଭ ଉଠାଇବାକୁ ମଧ୍ୟ ବିକ୍ରେତାମାନଙ୍କୁ ସେ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସାମଗ୍ରୀ ପରିଚାଳନା (କ୍ରୟ) ବିଭାଗର ଜିଏମ୍ ଜି.ଏସ୍. ଗୋସ୍ୱାମୀ ସ୍ୱାଗତ ଭାଷଣରେ ଯୋଗାଣ ଶୃଙ୍ଖଳରେ ଏସ୍‌ସି/ଏସ୍‌ଟି ଏବଂ ମହିଳା ଉଦ୍ୟୋଗୀଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହ ଦୀର୍ଘକାଳୀନ, ପାରସ୍ପରିକ ଲାଭଦାୟକ ସହଭାଗିତାକୁ ପ୍ରୋତ୍ସାହିତ କରିବା ପ୍ରତି ଆର୍‌ଏସ୍‌ପିର ପ୍ରତିବଦ୍ଧତା ଦୋହରାଇଥିଲେ। ସାମଗ୍ରୀ ପରିଚାଳନା ବିଭାଗର ଡେପୁଟି ମ୍ୟାନେଜର ଏମ୍ ସି. କୁମାର ଆର୍‌ଏସ୍‌ପିରେ ସାମଗ୍ରୀ ପରିଚାଳନା ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଉପସ୍ଥାପନା ପ୍ରଦାନ କରିଥିଲେ। ଟ୍ରେଡ୍ସର ନିଖିଳ ପାଶୱାନ ବିଲ୍ ରିହାତି ଉପରେ ଏକ ଉପସ୍ଥାପନା କରିବା ସହ ବିକ୍ରେତାମାନଙ୍କୁ ସେମାନଙ୍କ ପାଇଁ ଉପଲବ୍ଧ ଆର୍ଥିକ ସୁବିଧା ବ୍ୟବସ୍ଥା ବିଷୟରେ ଅବଗତ କରାଇଥିଲେ। ପରେ ବିକ୍ରେତାମାନଙ୍କ ସହିତ ଏକ ମୁକ୍ତ ଅଧିବେଶନ ହୋଇଥିଲା। କ୍ରୟ ଏବଂ ଷ୍ଟୋର ବିଭାଗର ପ୍ରତିନିଧିମାନେ ପ୍ରଶ୍ନଗୁଡିକର ସ୍ପଷ୍ଟୀକରଣ ଦେଇଥିଲେ।

## ନିଟ୍ରା ଉତ୍ସବରେ ୪୨ କ୍ଲବ ସଦସ୍ୟ

ରାଉରକେଲା,୭।୨(ସଙ୍ଗୀତା ଜେନା)



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ବାର୍ଷିକ ସାଂସ୍କୃତିକ ମହୋତ୍ସବ ନିଟ୍ରା ଉତ୍ସବର ୧୧ ତମ ସଂସ୍କରଣ ଶୁକ୍ରବାର ସନ୍ଧ୍ୟା ୭ଟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ୩ ଦିବସୀୟ କାର୍ଯ୍ୟକ୍ରମ ଏନ୍‌ଆଇଟି ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର(ସାକ୍) ପକ୍ଷରୁ କରାଯାଉଛି। ଏଥିରେ ସାକ୍ ଅଧୀନରେ ଥିବା ୪୨ଟି କ୍ଲବର ପଡୋଶୀ ରାଜ୍ୟ ସମେତ ବିଭିନ୍ନ ଅଞ୍ଚଳରୁ ୨ ହଜାର ଛାତ୍ରାଛାତ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ ମହୋତ୍ସବରେ ୫୦ଟି କାର୍ଯ୍ୟକ୍ରମ ଏବଂ କଳା, ସଂସ୍କୃତିର ବିଭିନ୍ନ କ୍ଷେତ୍ରରୁ ୩୫ ଜଣ ନିମନ୍ତ୍ରିତ କଳାକାର ଓ ଅତିଥି ଏଥିରେ ଯୋଗ ଦେଇଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ମୁଖ୍ୟ ଅତିଥି, ରେଜିଷ୍ଟ୍ରାର ପ୍ରଫେସର ରୋହନ୍ ଧୀମାନ୍, ସାକ୍ ସଭାପତି ପ୍ରଫେସର ରାଜୀବ ପଣ୍ଡା, ଏଲ୍‌ସିଏସ୍ ଉପାଧ୍ୟକ୍ଷ ପ୍ରଫେସର ପ୍ରତୀକ ଖତ୍ରୀ, ପ୍ରଫେସର ଆଦ୍ୟାଶା ସ୍ୱୟଂସିଦ୍ଧ ଅମାତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଭିନ୍ନ ଶିକ୍ଷାଗତ ପୃଷ୍ଠଭୂମି ଏବଂ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କର ନେତୃତ୍ୱ ଦକ୍ଷତା ବିକାଶ କରିବା ଓ ପ୍ରତିଭା ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହେବ ବୋଲି ମୁଖ୍ୟ ଅତିଥି ରାଓ କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫୁଟ୍‌ଲୁଜ୍, ପ୍ରମୁଖ ନୃତ୍ୟ ପ୍ରତିଯୋଗିତା, ବ୍ରେକବିଟ୍ସ, ଷ୍ଟ୍ରିଟ୍ ଶୈଳୀ ଯୁଦ୍ଧ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ଶନିବାର ୟୁନାଇଟେଡ୍ ନେଶନ ସମ୍ମିଳନୀ ନିଟ୍ରିମୁନ୍, ଥିଏଟର, ମୋନୋ ଆକ୍ଟିଂ ପ୍ରଦର୍ଶନ, କୁଇଜ ଫଟୋଗ୍ରାଫି ପ୍ରଦର୍ଶନୀ ଆଦି କରାଯାଇଛି। ଏହି ଉତ୍ସବରେ ଛାତ୍ର ସଂଯୋଜକ ସିଦ୍ଧେଶ୍ୱର ମହାନନ୍ଦ ଏବଂ ଶିବାନନ୍ଦ ସେଠୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଜାତୀୟ ପତାକା ପୋଡ଼ିବା ଭିଡିଓ ଭାଇରାଲ, ଥାନାରେ ଅଭିଯୋଗ

ରାଉରକେଲା, ୭।୨(ସଙ୍ଗୀତା ଜେନା): ଭାରତର ଜାତୀୟ ପତାକା ପୋଡ଼ିବା ଭିଡ଼ିଓ ସୋଶିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଏହି ଭିଡ଼ିଓକୁ ନେଇ ଝିରପାଣି ଥାନାରେ ଶନିବାର ଏକ ଏତଲା ଦିଆଯାଇଛି। ଅଭିଯୋଗକାରୀ ଚିନ୍ମୟ ଅମିତାଭ ମହାନ୍ତିଙ୍କ ଏତଲା ଅନୁଯାୟୀ, ଗତ ୬ତାରିଖରେ ସୋସିଆଲ ମିଡିଆ ଫେସବୁକ୍‌ରେ ଜଗଦା ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତି ଭାରତୀୟ ଜାତୀୟ ପତାକାକୁ ପୋଡ଼ି ଏହାର ଭିଡ଼ିଓ ଭାଇରାଲ କରିଥିଲେ। ଏହା ଦେଶର ମର୍ଯ୍ୟାଦା, ସମ୍ମାନ ହାନି ସହ ନାଗରିକଙ୍କ ଭାବନାକୁ ଆଘାତ ଦେଇଛି। ଏହା ଦଣ୍ଡନୀୟ ଅପରାଧ ବୋଲି ଏତଲାରେ କୁହାଯାଇଛି। ତେବେ ପୋଲିସ ତଦନ୍ତ କରୁଛି। ଖବର ଲେଖାଯିବା ସୁଦ୍ଧା (ରାତି ୯ଟା) ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ଷ୍ଟେଶନ ବୁଲିଲେ ରେଲୱେ ଡିଆର୍‌ଏମ୍

ରାଉରକେଲା, ୭।୨(ସଙ୍ଗୀତା ଜେନା)

ଦକ୍ଷିଣପୂର୍ବ ରେଲୱେ ଚକ୍ରଧରପୁର ମଣ୍ଡଳ ଡିଆରଏମ୍ ତରୁଣ ହୁରିଆ ଶନିବାର ଏକଦିବସୀୟ ରାଉରକେଲା ଏବଂ ବନ୍ଧମୁଣ୍ଡା ଗସ୍ତରେ ଆସିଥିଲେ। ସେ ରାଉରକେଲା ଷ୍ଟେଶନରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ସମେତ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ସମୀକ୍ଷା କରିଥିଲେ। ପରେ ସେ ବନ୍ଧମୁଣ୍ଡା ଅଭିମୁଖେ ଯାଇଥିଲେ। ଏହି ଅବସରରେ ହୁରିଆ କହିଥିଲେ, ଷ୍ଟେଶନ ପରିସରରକୁ ସ୍ୱଚ୍ଛ ଓ ଅପରାଧୀ ରହିତ କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେବେ ବିକାଶମୂଳକ କାର୍ଯ୍ୟ ପାଇଁ ଏହି ପରିଦର୍ଶନ କରାଯାଇଛି ବୋଲି ହୁରିଆ କହିଥିଲେ।


ଡିଆରଏମ୍ ଷ୍ଟେଶନ ପରିଦର୍ଶନ କରୁଛନ୍ତି।

## ଦାବି ପୂରଣ ନ ହେଲେ ଆତ୍ମାହୁତି

ରାଉରକେଲା,୭।୨(ସଙ୍ଗୀତା ଜେନା)

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ରୋଗୀକଲ୍ୟାଣ ସମିତି ଅଧୀନରେ କାମ କରିଥିବା ୧୫ ଜଣ ଠିକା କର୍ମଚାରୀ ଏବେ ଅଲୋଡା ହୋଇପଡ଼ିଛନ୍ତି। ୨୦୦୮ ପରେ ସେମାନେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ସିଧାସଳଖ ଆର୍‌ଜିଏଚ୍‌ର ସର୍ବୋଚ୍ଚ ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିଆସୁଥିଲେ। ତେବେ ଚଳିତ ମାସ ୧ତାରିଖରୁ ଉକ୍ତ ୧୫ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ଏଥିପାଇଁ ସେମାନଙ୍କୁ କୌଣସି କାରଣ ଦର୍ଶାଯାଇନାହିଁ। ତେବେ ପୁନର୍ବାର ଆର୍‌ଜିଏଚ୍‌ରେ ନିଯୁକ୍ତି ପାଇଁ ଶନିବାର ଉକ୍ତ ଛଟେଇ ଠିକା କର୍ମଚାରୀମାନେ ଆର୍‌ଜିଏଚ୍ ମେଡିକାଲ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଜିଲା ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଓଡ଼ିଶା ମେଡିକାଲ ସଂଘ ଓ ହିନ୍ଦ୍ ମଜଦୁର ସଭା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ଉପସଭାପତି ବାବୁଲା ଦାଶ, ସମ୍ପାଦକ ସୁବାସ ଦାଶ, ଏଚ୍‌ଏମ୍‌ଏସ୍‌ର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ।


ଖବରଦାତା ସମ୍ମିଳନୀରେ ସଦସ୍ୟମାନେ ସୂଚନା ଦେଉଛନ୍ତି।

## କ୍ରିକେଟ: ଆର୍‌ୱାଇସିସି ଚାମ୍ପିୟନ

ରାଉରକେଲା,୭।୨(ଦିନେଶ ମିଶ୍ର)



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି ।

ସେକ୍ଟର-୨୦ସ୍ଥିତ ଦୁର୍ଗାପୂଜା ପଡିଆରେ ରାଉରକେଲା ରାଇଜିଂ କ୍ଲବ ପକ୍ଷରୁ ଚାଲିଥିବା ୧୫ତମ ରାଇଜିଂ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ରାଉରକେଲା ୟୁଥ୍ କ୍ରିକେଟ୍ କ୍ଲବ୍ (ଆର୍‌ୱାଇସିସି) ଓ ଜେଟିସିଏ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ଆର୍‌ୱାଇସିସି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୪ ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜ୍ଞାନ ରଞ୍ଜନ ନାୟକ ମାତ୍ର ୩୮ଟି ବଲ ଖେଳି ସର୍ବାଧିକ ୫୭ ରନ୍ କରିଥିଲେ। ଜବାବରେ ଜୟ ମା' ତାରିଣୀ କ୍ରିକେଟ୍ ଏକାଡମୀ (ଜେଟିସିଏ) ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୧୩୮ ରନ୍ କରି ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ହୋଟେଲ ମେ ଫେୟାର ମ୍ୟାନେଜିଂ ନିର୍ଦ୍ଦେଶିକା ପୂଜା ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଆର୍‌ୱାଇସିସିର ବ୍ୟାଟର ଜ୍ଞାନରଞ୍ଜନ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ହେମନ୍ତ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ବେଷ୍ଟ ବୋଲର ଭାବେ ଆକାଶ ଠାକୁରଙ୍କ ଟ୍ରଫି ପ୍ରଦାନ କରାଯାଇଥିଲା। ଓସିଏ ପ୍ୟାନେଲ ଅମ୍ପାୟାର ପ୍ରଶାନ୍ତ ମହାନ୍ତି ଓ ହିମାଂଶୁ ପରିଡା ମ୍ୟାଚ୍ ପରିଚାଳନା କରିଥିବାବେଳେ ରବି ସ୍ୱାଇଁ ରନ୍ ତଦାରଖ କରିଥିଲେ। କ୍ଲବର ସଭାପତି ଈଶ୍ୱର ପଟ୍ଟନାୟକ, ବଣ୍ଟି ନାୟକ, ଆଶିଷ ମହାନ୍ତି, ଦୀପ୍ତିରଞ୍ଜନ ପ୍ରଧାନ, କୁଲଦୀପ କୁମାର, ହରିଶ ବାରିକ, ଟାପଲା ଗିରି, ହିମାଂଶୁ ପରିଡା, ରାହୁଲ ଶର୍ମା, ରାଜା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଚୋରି ସାମଗ୍ରୀ ଜବତ, ୩ ଗିରଫ

ବ୍ରଜରାଜନଗର,(ବିଜୟ ବରାଡ଼): ଚୋରି ଘଟଣାରେ ଓରିଏଣ୍ଟ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବୁଦ୍ଧିଆ କଲୋନିର ସାହିଲ ସୁନା, ତେଲେନପାଲିର ଲଖମଣ ଖମାରୀ, ବିନାଶିପଡ଼ାର ହରବିନ୍ଦର ସହିସ। ସେମାନଙ୍କ ନିକଟରୁ ସମସ୍ତ ଚୋରି ସାମଗ୍ରୀ ଜବତ କରାଯାଇଛି। ଓରିଏଣ୍ଟ ଥାନା ଅନ୍ତର୍ଗତ ଆଦର୍ଶ ନଗର କଲୋନିର ପଦ୍ମନ ଚରଣ ନାହାକଙ୍କ ଘରୁ ଗତ ବୁଧବାର ଟିଭି, ସୁନା ଓ ଅନ୍ୟ ଘରୋଇ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୪୧/୨୬) ରୁଜୁ କରିଥିଲା।

### ସଂକ୍ଷେପରେ

## ୨୩ରୁ ବଜରଙ୍ଗ କ୍ରିକେଟ କପ୍

ଦେବଗଡ଼,୭।୨(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଏକ ହୋଟେଲରେ ବଜରଙ୍ଗ କ୍ରିକେଟ କ୍ଲବ୍‌ର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି କାର୍ତ୍ତିକ ମହାକୁଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଜରଙ୍ଗ କ୍ରିକେଟ କପ୍ ଚଳିତ ମାସ ୨୩ ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୮ଟି ଦଳ ଅଂଶଗ୍ରହଣ କରିବେ। ଚଳିତବର୍ଷ ବିଜେତା ଦଳକୁ ଟ୍ରଫି ସହ ୪୪,୪୪୪ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୩୩,୩୩୩ ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ଚଳିତବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ କାର୍ତ୍ତିକ ମହାକୁଲଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସେହିପରି ପ୍ରୀତମ ବେହେରା ଉପସଭାପତି, ରାଜେନ୍ଦ୍ର ଦେବ ସମ୍ପାଦକ, ଶାଶ୍ୱତ ନନ୍ଦ ସହସମ୍ପାଦକ, ଆଲୋକ ମହାପାତ୍ର କୋଷାଧ୍ୟକ୍ଷ, ମଙ୍ଗଲୁ ଚରଣ ବାଘ ସହକୋଷାଧ୍ୟକ୍ଷ, ଅଭିଳାଷ ମିଶ୍ର ଓ ବିକାଶ ପ୍ରଧାନଙ୍କୁ ଆଇନ ପରାମର୍ଶଦାତା ଭାବେ ଚୟନ କରାଯାଇଛି। ଏହି ବୈଠକରେ କ୍ଲବ୍‌ର ପୂର୍ବ ସଭାପତି ସୁଶାନ୍ତ ନନ୍ଦ, ରାଜୀବ ଗଡ଼ନାୟକ, ଅବନୀକାନ୍ତ ମିଶ୍ର, ଜିତେନ୍ଦ୍ର ବିଶ୍ୱାଳ, ପ୍ରତାପ ଦେବ, ପ୍ରଶାନ୍ତ ଦେବ, ଚିନ୍ମୟ ଦାଶ, ତନ୍ମୟ ଦାଶ, ସାହିଲ ସ୍ୱର୍ଣ୍ଣକାର, ଅଜିତ୍ ଦଣ୍ଡିଆ, ଲିପୁନ ନାୟକ, ରଞ୍ଜନ ସାହୁଙ୍କ ସମେତ କ୍ଲବ୍‌ର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଅନୁବାଦ ପାଇଁ ଅଧିକ ପଢ଼ିବା ଜରୁରୀ

ସମ୍ବଲପୁର,୭।୨(ଭବାନୀ ଶଙ୍କର ଭୋଇ)




ଜିଏମୟୁରେ ଭାରତେନ୍ଦୁଙ୍କ ୧୫୦ତମ ଜନ୍ମବାର୍ଷିକୀ ବକ୍ତୃତା ଶୃଙ୍ଖଳାରେ ମଞ୍ଚାସୀନ ଅତିଥି।

### ଜିଏମୟୁରେ ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ ୧୭୫ତମ ଜନ୍ମବାର୍ଷିକୀ ବକ୍ତୃତା ଶୃଙ୍ଖଳା

ଅନୁବାଦ ପାଇଁ ଅଧିକରୁ ଅଧିକ ପଢିବା ଜରୁରୀ। ଏଥିପାଇଁ ତତ୍ତ୍ୱ ଅପେକ୍ଷା ବ୍ୟବହାରିକ ଜ୍ଞାନ ଅଧିକ ଗୁରୁତ୍ୱପୂର୍ଣ୍ଣ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ହିନ୍ଦୀ ବିଭାଗ ଏବଂ ଭୀମ ଭୋଇ ଗବେଷଣା କେନ୍ଦ୍ର ଦ୍ୱାରା ଶନିବାର ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ ୧୭୫ତମ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ଏକ ବକ୍ତୃତା ଶୃଙ୍ଖଳାର ଅଂଶ ଭାବରେ ସାଂସ୍କୃତିକ ସେତୁ ଭାବେ ଅନୁବାଦର ଗୁରୁତ୍ୱ ଶୀର୍ଷକ ଉପରେ ଭାଷଣଦେଇ ଅତିଥି ବକ୍ତା, ଓଡ଼ିଆ-ହିନ୍ଦୀ ଅନୁବାଦକ ଏବଂ ଲେଖିକା ସୁଜାତା ଶିବେନ ଏହା କହିଛନ୍ତି। ସେ କହିଥିଲେ, ଅନୁବାଦ କଷ୍ଟକର କିମ୍ବା ସହଜ ନୁହେଁ। ଏହା ଏକ ଅନନ୍ୟ ପ୍ରକ୍ରିୟା। ସାଂସ୍କୃତିକ ଶବ୍ଦଗୁଡ଼ିକର ଅନୁବାଦ କରିବାରେ ସବୁଠାରୁ ବଡ଼ କଷ୍ଟ। ପ୍ରତ୍ୟେକ ଭାଷାର ନିଜସ୍ୱ ସୌନ୍ଦର୍ଯ୍ୟ ଅଛି, ଯାହାକୁ କେତେକ ସମୟରେ ଅନ୍ୟ ଭାଷାରେ ପ୍ରକାଶ କରାଯାଇପାରିବ ନାହିଁ। ତଥାପି, ସାହିତ୍ୟର ଅନୁବାଦ ଯୋଗୁଁ ଆଜି ବିଶ୍ୱ ଏତେ ନିକଟତର ହୋଇ ପାରିଛି। ଲେଖିକା ଶିବେନ କହିଥିଲେ, ଅନୁବାଦର କାର୍ଯ୍ୟ ସୃଜନଠାରୁ କମ ନୁହେଁ, ଏହା ଏକ ପ୍ରକାରର ଅନୁସୃଜନ। ସେ ଛାତ୍ରୀଛାତ୍ରଙ୍କ ସହ ତାଙ୍କର ଅନୁବାଦ ଅଭିଜ୍ଞତା ବାଣ୍ଟିଥିଲେ। ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ କହିଥିଲେ, ଆଜିର ସମୟରେ ପ୍ରଗତି ପାଇଁ ଜ୍ଞାନ ସହିତ ଦକ୍ଷତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ କେବଳ ଜ୍ଞାନ ଯଥେଷ୍ଟ ଥିଲା, କିନ୍ତୁ ଆଜି ଦକ୍ଷତା ମଧ୍ୟ ଅତ୍ୟାବଶ୍ୟକ। ସେ ଉଲ୍ଲେଖ କରିଛନ୍ତି, ଜାତୀୟ ଶିକ୍ଷା ନୀତିରେ ଜ୍ଞାନ ଏବଂ ଦକ୍ଷତାକୁ ପ୍ରାଥମିକତା ଦିଆଯାଇଛି। ସେ ହିନ୍ଦୀ ବିଭାଗର ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ବହୁଭାଷୀ ଅନୁବାଦକ ପ୍ରଫେସର ଜୟନ୍ତ କର ଶର୍ମା କହିଥିଲେ, ଏକ ରଚନାର ବହୁ ଅନୁବାଦ କରାଯିବା ଉଚିତ, ଯାହା ତୁଳନାତ୍ମକ ଅଧ୍ୟୟନ ପାଇଁ ପଥ ଖୋଲିଥାଏ। ସେ ଅନୁବାଦ ପ୍ରକ୍ରିୟାକୁ ସରଳ କରିବା ପାଇଁ ଏଆଇ ବ୍ୟବହାର ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। କବି ଏବଂ ଅନୁବାଦକ ଦୁର୍ଗା ପ୍ରସାଦ ପଣ୍ଡା ଉଲ୍ଲେଖ କରିଥିଲେ, ଅନୁବାଦ ଏକ ଜଟିଳ ପ୍ରକ୍ରିୟା। ସାହିତ୍ୟିକ ଏବଂ ଭୀମ ଭୋଇ ଗବେଷଣା କେନ୍ଦ୍ରର ପୂର୍ବ ସଭାପତି ପ୍ରଫେସର ପ୍ରଦୀପ ପଣ୍ଡା ତାଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ହିନ୍ଦୀ ବିଭାଗ ସଂଯୋଜକ ଡ.ରଞ୍ଜନ ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଡ. ଦାଶରଥି ବେହେରାଙ୍କ ସଂଯୋଜନାରେ ଆୟୋଜିତ, ସମଗ୍ର କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ପ୍ରଣତି ବେହେରା ଏବଂ ଡ. ସ୍ମୃତି ସ୍ମରଣିକା ଜେନା ସହଯୋଗ କରିଥିଲେ। ହିନ୍ଦୀ ଏବଂ ଓଡ଼ିଆ ବିଭାଗ ଛାତ୍ରଛାତ୍ରୀମାନେ ଏଥିରେ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ା ଜିଲାରେ ହକିର ସ୍ୱତନ୍ତ୍ର ପରିଚୟ ରହିଛି

ଝାରସୁଗୁଡ଼ା,୭।୨(ଆଶିଷ ରଞ୍ଜନ ଦାଶ)

ଓଡ଼ିଶାର ଝାରସୁଗୁଡ଼ା ଜିଲା ଗତ ୪ ବର୍ଷ ମଧ୍ୟରେ ଜାତୀୟ ଖେଳ ହକିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଚଳିତବର୍ଷ ଜାନୁଆରୀ ୨ ତାରିଖରୁ ବର୍ତ୍ତମାନ ସୁଦ୍ଧା ରାଜସ୍ୱ ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କ ଉଦ୍ୟମରେ ଜିଲାର ୨୨ଟି ସ୍କୁଲକୁ ୩୩୯ଟି ହକି ଷ୍ଟିକ୍ ସହିତ ବଲ୍ ଓ ହକି ସରଞ୍ଜାମ ପ୍ରଦାନ କରାଯାଇଛି। ଯାହାକି ରାଜ୍ୟ ଅନ୍ୟ କୌଣସି ଜିଲାରେ ଏତେ ସଂଖ୍ୟାରେ ଆଲ୍‌ଫା କମ୍ପାନୀର ସରଞ୍ଜାମ ଦିଆଯାଇନାହିଁ। ମନ୍ତ୍ରୀ ପୂଜାରୀଙ୍କ ଚେଷ୍ଟାରେ ହକି ଷ୍ଟାଡିୟମର ଟର୍ଫ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାପରେ ଉଚ୍ଚମାନର ଗ୍ୟାଲେରି କାମ ଆରମ୍ଭ ହେବ। ଯାହାକି ଓଡ଼ିଶାରେ ତୃତୀୟ ହକି ଷ୍ଟାଡିୟମ ଭାବରେ ପରିଚିତ ହେବ। ଏଥିସହ ଜିଲାର ଅନ୍ୟ ସ୍କୁଲଗୁଡ଼ିକୁ ମଧ୍ୟ ହକି ସରଞ୍ଜାମ ପ୍ରଦାନ କରାଯିବ। ଝାରସୁଗୁଡ଼ା ଜିଲା ହକି ଆସୋସିଏଶନ ପକ୍ଷରୁ ଏକ ହଷ୍ଟେଲ ନିର୍ମାଣ ପାଇଁ ରାଜସ୍ୱ ମନ୍ତ୍ରୀଙ୍କର ଚେଷ୍ଟା ଜାରି ରହିଛି। ବର୍ତ୍ତମାନ ଜିଲାର ୪୫ଟି ସ୍କୁଲରେ ଖେଳାଳିମାନେ ହକି ଖେଳୁଥିବାବେଳେ ବାଳିକା, ବାଳକମାନଙ୍କ ସଂଖ୍ୟା ୧୧୦୦ରେ ପହଞ୍ଚିଛି। ପୂର୍ବରୁ ମଧ୍ୟ ୧୫ଟି ସ୍କୁଲକୁ ହକି ସରଞ୍ଜାମ ଯୋଗାଇ ଦିଆଯାଇଛି। ହକି ଆସୋସିଏଶନ ସଭାପତି ତଥା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଓ ଆସୋସିଏଶନ ସମ୍ପାଦକ ତଥା ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ପ୍ରଶାସନ ପକ୍ଷରୁ ହକି ଖେଳକୁ ପ୍ରସାର କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ବର୍ତ୍ତମାନ ଜିଲାରେ ଯୁବ ଓଏଏସ୍ ଅଫିସର ଅମ୍ରିତ ଆଚାର୍ଯ୍ୟ ଡେପୁଟି ଜିଲାପାଳ ତଥା ଜିଲା କ୍ରୀଡ଼ା ଅଧିକାରୀ ଭାବରେ ଯୋଗ ଦେବା ପରେ କ୍ରୀଡ଼ା କ୍ଷେତ୍ରରେ ବିସ୍ତୃତ ନକ୍ସା ପ୍ରସ୍ତୁତ କରାଯାଉଛି ବୋଲି ହକି ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି ଶନିବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ଉତ୍ତମ ନାଗରିକ ହୁଅନ୍ତୁ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଦେବଗଡ଼,୭।୨(ଶଶାଙ୍କ ଶେଖର ଝାଙ୍କର)

### ଟାଇଁସର ଉ.ପ୍ରା. ବିଦ୍ୟାଳୟରେ କ୍ରୀଡ଼ା, ବାର୍ଷିକ ଉତ୍ସବ

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ଅଧୀନ ଟାଇଁସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ଓ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଇତିସୁଧା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ମୁଖ୍ୟବକ୍ତା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ସମ୍ମାନିତ ଅତିଥି ଭାବେ ତିଲେଇବଣି ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ଟାଇଁସର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବ୍ରହ୍ମା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସବିତା ସାହୁ, ଟାଇଁସର ସିଆର୍‌ସିସି ଭେନସ କୁମାର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ର ଉତ୍ତମ ନାଗରିକ ହେବା ପାଇଁ କହିଥିଲେ। ସହକାରୀ ଶିକ୍ଷକ ତପନ କୁମାର ନାୟକ ମଞ୍ଚ ସଂଯୋଜନା ଓ ସହକାରୀ ଶିକ୍ଷୟିତ୍ରୀ ରୁନି ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ସହକାରୀ ଶିକ୍ଷୟିତ୍ରୀ ରୁନୁବାଳା କିଷାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧୀର କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ବିଦ୍ୟାଳୟ ସ୍ତରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା, ବ୍ଲକ୍ ଏବଂ ଜିଲାସ୍ତରରେ ବିଭିନ୍ନ ବୃତ୍ତି ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ରାଞ୍ଚି, ଝାରସୁଗୁଡ଼ା ବିଜୟୀ

### ଆଜି ଫାଇନାଲ

ବ୍ରଜରାଜନଗର,୭।୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରସ୍ଥିତ ଓପିଏମ୍ ଖେଳପଡିଆରେ ବ୍ରଜରାଜନଗର କ୍ରିକେଟ୍ କ୍ଲବ୍ ଦ୍ୱାରା ଆୟୋଜିତ ୫ମ ଜି ଶ୍ୟାମଳ ରାଓ ସ୍ମାରକୀ ସର୍ବଭାରତୀୟ ନକ୍‌ଆଉଟ୍ କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ୨ଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଛତିଶଗଡ଼ କୋରବା ଓ ଝାଡ଼ଖଣ୍ଡର ରାଞ୍ଚି ଟିମ୍ ମଧ୍ୟରେ ହୋଇଥିଲା। କୋରବା ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୪ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ରାଞ୍ଚି ଟିମ୍ ୧୩ ଓଭରରେ ୪ ଉଇକେଟ୍ ହରାଇ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଝାରସୁଗୁଡ଼ା ପ୍ରୋଗ୍ରେସିଭ କ୍ଲବ୍ ଓ ସମ୍ବଲପୁର ରେଲୱେ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ରେଲୱେ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୧.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୭୩ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ କ୍ଲବ୍ ୧୬.୩ ବଲ୍ ଖେଳି ୭୪ ରନ୍ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଗଣେଶ ମରେଇ ଓ ବିନୟ ପ୍ରସାଦ ଏବଂ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ପ୍ରଜ୍ୱଳ ପଟେଲ ଓ ବିଭୂତି ଭୂଷଣ ପାତ୍ର ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିଲେ। ରବିନ୍ଦ୍ର ସିଂ, ରବୀନ ଷଡ଼ଙ୍ଗୀ, ମୁକେଶ ପାଣ୍ଡେ, କ୍ୟାଶ ପ୍ରସାଦ, ନନ୍ଦକିଶୋର ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଆଦିତ୍ୟ ବେହେରା ଅନ୍‌ଲାଇନ୍ ସ୍କୋରିଂ, ଅନିଲ ବାବୁ ଖସେର ଧାରା ବିବରଣୀ ଦେଇଥିଲେ। ରବିବାର ରାଞ୍ଚି ଓ ଝାରସୁଗୁଡ଼ା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ସଚେତନ ହେଲେ ସାଇବର ଅପରାଧ ରୋକିହେବ



ଶିବିରରେ ମଞ୍ଚାସୀନ ଅତିଥି।

ଝାରସୁଗୁଡ଼ା,୭।୨(ଆଶିଷ ରଞ୍ଜନ ଦାଶ)

### ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

ଝାରସୁଗୁଡ଼ା ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଶନିବାର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ସୁନିତା ଦତ୍ତ ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆର୍ଥିକ ଅନ୍ତର୍ଭୁକ୍ତିକରଣର ଆବଶ୍ୟକତା ଏବଂ ଦୈନନ୍ଦିନ ଜୀବନରେ ସଠିକ୍ ଆର୍ଥିକ ପରିଚାଳନାର ଗୁରୁତ୍ୱ ଉପରେ ତଥ୍ୟଭିତ୍ତିକ ବିବରଣୀ ଦେଇଥିଲେ। ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଉପ-ଡାକଘରର ସବ୍ ପୋଷ୍ଟମାଷ୍ଟର ଜୟାସୁଧା ବିନୋଦ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ଓ ସୁଲଭ ବୀମା ଯୋଜନା ଉପରେ ଆଲୋକପାତ କରିବା ସହ ଜନସାଧାରଣ ଏହାର ସୁଫଳ କିପରି ପାଇପାରିବେ ସେ ବିଷୟରେ ବୁଝାଇଥିଲେ। ସେହିପରି ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଅଧିକାରୀ ସୁମିତ୍ ପ୍ରମାଣିକ ଯୋଗଦେଇ ସାଇବର ଅପରାଧ ଏବଂ ଚିଟ୍‌ଫଣ୍ଡ ଭଳି ଆର୍ଥିକ ଠକାମିରୁ ନିଜକୁ ସୁରକ୍ଷିତ ରଖିବାର ଉପାୟ ସମ୍ପର୍କରେ କହିଥିଲେ। ସଚେତନ ହେଲେ ସାଇବର ଅପରାଧ ରୋକିହେବ ବୋଲି ସେ କହିଥିଲେ। କୋଷାଧ୍ୟକ୍ଷା ଅହଲ୍ୟା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ୍, ଜଗନ୍ନାଥ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗଙ୍ଗାଧର ସଭାପତି, ଅବ୍‌ଦୁଲ ସମ୍ପାଦକ

### ଏଲ୍‌ଆଇସି ଏଜେଣ୍ଟ ଆସୋସିଏଶନର ବାର୍ଷିକ ବୈଠକ, କର୍ମକର୍ତ୍ତା ମନୋନୀତ

ବ୍ରଜରାଜନଗର,୭।୨(ବିଜୟ ବରାଡ଼)

ଏଲ୍‌ଆଇସି ଏଜେଣ୍ଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଜିଏମ୍ କମ୍ପ୍ଲେକ୍ସସ୍ଥିତ ରବୀନ୍ଦ୍ର ଭବନଠାରେ ଆସୋସିଏଶନର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ୨୦୨୬-୨୭ ଓ ୨୦୨୭-୨୮ ବର୍ଷ ପାଇଁ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ହୋଇଛି। ପୂର୍ବରୁ ସଭାପତି ଥିବା ଗଙ୍ଗାଧର ପ୍ରଧାନ ପୁଣିଥରେ ସଭାପତି ଭାବରେ ମନୋନୀତ ହୋଇଛନ୍ତି। ସେହିପରି ଅବ୍‌ଦୁଲ ଖାଲେସା ସମ୍ପାଦକ ଓ ପ୍ରଦୀପ ରଣା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ବୈଠକରେ ଏଲ୍‌ଆଇସି ଏଜେଣ୍ଟମାନଙ୍କ ଆର୍ଥିକ ସମସ୍ୟା ଏବଂ ସେମାନେ କିଭଳି ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଏଜେଣ୍ଟମାନଙ୍କୁ ସମ୍ମାନିତ କରାଯାଇଥିଲା। ବାସୁଦେବ ମଲ୍ଲିକ, ସତ୍ୟ ପଟ୍ଟନାୟକ, ଡ. ମଦନାନନ୍ଦ ମଲ୍ଲିକ, ସନ୍ତୋଷ ଜେନା, ପ୍ରଫୁଲ୍ଲ କାଲୋ, ଅନିଲ ଶର୍ମା, ରୋହିଦାଶ ବଢ଼େଇ, ସନ୍ଧ୍ୟାରାଣୀ ପାତ୍ର, ରଶ୍ମିତା ମିଶ୍ର, ସୁଦେଷ୍ଣା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଙ୍ଗଲ ନିଆଁ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ଲଇକେରା,୭।୨(ରଞ୍ଜନ କୁମାର ମେହେର)



ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।

ଝାରସୁଗୁଡ଼ା ଜିଲା ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ବନ ସୁରକ୍ଷା ସମିତି ତଥା ଗ୍ରାମଗୁଡ଼ିକରେ ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ବନ୍ଦନା ପଶାୟତଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ଶନିବାର ବାଗଡ଼ିହି ସେକ୍ସନ ଅନ୍ତର୍ଗତ ଭୀମଜୋର, ଦେଓପାନ, ବାଙ୍କୀ, ପାକେଲଖୋଲ, ବରପାନ ଏବଂ ମଲ୍ଲିବନ ସୁରକ୍ଷା ସମିତିରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ କିପରି ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲଗୁଡ଼ିକରେ ନିଆଁ ନ ଲାଗିବ ତାହାକୁ ଆଖିଆଗରେ ରଖି ଲୋକଙ୍କୁ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ହରେନ୍ଦ୍ର ସାହୁ, ମୁରାରୀ ସାହୁ, ଟିମ୍ ଲିଡର ଚୂଡ଼ାମଣି ବେହେରା, ଫରେଷ୍ଟ ଗାର୍ଡ ସୋନିରାଣୀ ଦାସ, ସତ୍ୟବ୍ରତ ସାହୁ, ରାଜକିଶୋର ପାଣିଗ୍ରାହୀ, ସତ୍ୟସ୍ମିତା ବେହେରା, ଭକ୍ତି ଜେନା ଏବଂ ବାଗଡ଼ିହି ବନାଞ୍ଚଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଶଟ୍ ସର୍କିଟ୍‌ରୁ କାର୍ ଜଳିଗଲା



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

ଝାରସୁଗୁଡ଼ା,୭।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର କିଷାନ ଛକ ନିକଟ ଏକ ହୋଟେଲ ସମ୍ମୁଖରେ ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଏକ କାର୍ ଜଳିଯାଇଛି। କାର୍(ନଂ.ଏମ୍‌ଏଚ୍୧୫ସିଡ଼ି-୫୦୯୨)ଟି ସମ୍ବଲପୁର ଅଞ୍ଚଳରୁ ଆସି ଉକ୍ତ ହୋଟେଲ ସମ୍ମୁଖରେ ଅଟକିଥିଲା। ଶଟ୍ ସର୍କିଟ ଯୋଗୁ କାର୍ ଭିତରେ ପୋଡ଼ା ବାସ୍ନା ହେବାରୁ ଚାଳକ ଓହ୍ଲାଇ ଯାଇଥିଲା। ହଠାତ୍ କାର୍‌ର ସମ୍ମୁଖ ଭାଗ ହୁତୁହୁତୁ ହୋଇ ଜଳିଥିଲା। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ବେଲପାହାଡ଼ ଉତ୍ସବ 'ମଚାନ' ପାଇଁ ନୂଆ କାର୍ଯ୍ୟକାରୀ କମିଟି ଗଠିତ

ବେଲପାହାଡ଼, ୭।୨(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ସ୍ୱାମୀ ବିବେକାନନ୍ଦ ହଲ୍‌ଠାରେ ଶନିବାର ଅପରାହ୍ନରେ ବେଲପାହାଡ଼ ଉତ୍ସବ ମଚାନ-୨୦୨୬ ପାଇଁ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଏନେଇ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ଉକ୍ତ କମିଟି ଗଠିତ ହୋଇଛି। ଏହି କମିଟିରେ ପୃଷ୍ଠପୋଷକ ଭାବେ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରହିଛନ୍ତି। ଏଥିରେ ସଭାପତି ଭାବେ ରାଜେଶ ଭୋଇ, କାର୍ଯ୍ୟକାରୀ ସଭାପତି ରାଜେଶ ବହିଦାର, ଉପସଭାପତି ଜ୍ଞାନ ରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ଭାସ୍କର ପଟେଲ, ଯୁଗ୍ମ ସମ୍ପାଦକ ହେମସାଗର ପଟ୍ଟନାୟକ, ସହସମ୍ପାଦକ ପ୍ରଦୀପ ପଶାୟତ, କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ପ୍ରଧାନ ଓ ସହକୋଷାଧ୍ୟକ୍ଷ ଭାବେ ନେତ୍ରାନନ୍ଦ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ସେହିପରି ସାଂସ୍କୃତିକ ସମ୍ପାଦକ ଭାବେ ରାଜେଶ ପଶାୟତ, ଆଶିଷ ମେହେର, ଲିଙ୍ଗରାଜ ନାଏକ, ଉପଦେଷ୍ଟା ମଣ୍ଡଳୀରେ ଦେବୀ ପ୍ରସାଦ ମିଶ୍ର, ପ୍ରମୋଦ ସେନାପତି, ଶ୍ରୀକର ଭୋଇ, ମୋତିରାମ ମେହେର, ମନୋଜ ଅଗ୍ରୱାଲଙ୍କ ସମେତ ଡା. ଦିଲୀପ ନାଏକ, ସୁରେଶ ପଧାନ, ଠାକୁର ପ୍ରଧାନ, ଗୌରୀଶଙ୍କର ବିଶି, ସୌଭାଗ୍ୟ ରଞ୍ଜନ ସାହୁ, ପ୍ରେମ ଅଗ୍ରୱାଲ, ଆଲୋକ ଖମାରୀ, କମଳ ବହିଦାରଙ୍କୁ ମନୋନୀତ କରାଯାଇଛି। ଆସନ୍ତା ମାର୍ଚ୍ଚ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ବେଲପାହାଡ଼ ଉତ୍ସବ 'ମଚାନ' ପାଳନ କରାଯିବ। ଏହି ଅବସରରେ ପଲ୍ଲିଶ୍ରୀ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ମରଣିକା ଉନ୍ମୋଚନ ଓ କବି ସମ୍ମିଳନୀ ଆୟୋଜନ ପାଇଁ ଆଲୋଚନା ହୋଇଥିଲା।

# କିରାଣି ଚଳାଉଛନ୍ତି ଦେବଗଡ଼ ଶିକ୍ଷା ବିଭାଗ

ଦେବଗଡ଼,୭।୨(ଶଶାଙ୍କ ଶେଖର ଝାଙ୍କର)

- ଶିକ୍ଷା ବିଭାଗରେ ପ୍ରତି କାମରେ ଅର୍ଥ କାରବାର
- ଟଙ୍କା ନ ଦେଲେ ହେଉନି କୌଣସି କାମ
- କିରାଣି ଯାହା କହିଲେ ତାହା ଫାଇନାଲ
- ବରିଷ୍ଠ ଅଧିକାରୀ ନାମକୁ ମାତ୍ର
- ଜନପ୍ରତିନିଧି, ସାମାଜିକ ସଙ୍ଗଠନ ବିରୋଧ ନ କରି ଚୁପ୍




ଦେବଗଡ଼ ଶିକ୍ଷା ବିଭାଗରେ ଦିନକୁ ଦିନ ଅନିୟମିତତା ବଢ଼ିବାରେ ଲାଗିଛି। ଶିକ୍ଷା ବିଭାଗରେ ବରିଷ୍ଠ ଅଧିକାରୀ ନାମକୁ ମାତ୍ର। କହିବାକୁ ଗଲେ, କିରାଣି ଚଳାଉଛନ୍ତି ଦେବଗଡ଼ ଶିକ୍ଷା ବିଭାଗ। କିରାଣି ଯାହା କହିବେ ତାହା ଫାଇନାଲ। ଶିକ୍ଷା ବିଭାଗରେ କିରାଣି ରାଜ୍ ଚାଲିଛି ଓ ଅନିୟମିତତା ବଢିଚାଲିଛି। ଜନପ୍ରତିନିଧି, ସାମାଜିକ ସଙ୍ଗଠନ ଏହାକୁ ବିରୋଧ ନ କରି ଚୁପ କାହିଁକି ବୋଲି ପ୍ରଶ୍ନ ଉଠୁଛି। ଶିକ୍ଷା ବିଭାଗକୁ ଯେକୌଣସି କାମରେ ଯିଏ ଆସିଲେ ବି ଆଗ ଟଙ୍କା ଦରକାର। ଟଙ୍କା ନ ଦେଲେ କୌଣସି କାମ ହେଉ ନାହିଁ ବୋଲି ଅଭିଯୋଗ ହୋଇଛି। ଏପରିକି ଶିକ୍ଷା ବିଭାଗକୁ ପାଦ ପକାଇଲେ ଟଙ୍କା ଦରକାର। ଡେପୁଟେଶନ କୁହନ୍ତୁ କି ବଦଳି କି ନିଯୁକ୍ତି ବା ଅନ୍ୟ କିଛି କାମ। ଆଗ ଟଙ୍କା ଦରକାର ତା'ପରେ ଯେଉଁ କଥା। ଏପରିକି ଚର୍ଚ୍ଚା ହେଉଛି ଯେ, ଜନୈକ କିରାଣିଙ୍କ ଦ୍ୱାରା ଏସବୁ ଅନିୟମିତତା ହେଉଛି। କହିବାକୁ ଗଲେ ସେ ଯାହା କରୁଛନ୍ତି କହୁଛନ୍ତି, ସେଇଟା ବରିଷ୍ଠ ଅଧିକାରୀମାନେ ମାନିବାକୁ ବାଧ୍ୟ। ଉକ୍ତ କିରାଣିଙ୍କ ଦ୍ୱାରା ହିଁ ସବୁ କାମ ପ୍ରସ୍ତୁତ ହେଉଛି ଏବଂ ବରିଷ୍ଠ ଅଧିକାରୀ ଟଙ୍କା ନେଇ ସେ ଯାହା କହୁଛନ୍ତି ଆଖିବୁଜି ବିଶ୍ୱାସ କରୁଥିବା ଅଭିଯୋଗ ହେଉଛି। ଏପରିକି ଜନୈକ କିରାଣି ବରିଷ୍ଠ ଅଧିକାରୀଙ୍କୁ ବୁଝାଉଛନ୍ତି ଯେ, ଗଣମାଧ୍ୟମରେ ନିଉଜ୍ ବାହାରିଲେ ବି କିଛି ହେବ ନାହିଁ, ଟେନ୍‌ସନ ନିଅନ୍ତୁ ନାହିଁ। ମାନିବାକୁ ପଡ଼ିବ ବରିଷ୍ଠ ଅଧିକାରୀଙ୍କୁ। ଜଣେ କିରାଣିଙ୍କ କଥାରେ କାର୍ଯ୍ୟ କରୁଛନ୍ତି। ତାଙ୍କ କଥାରେ ପଡୁଛନ୍ତି। ଏଇଠି କଥା ଉଠୁଛି ଯେ, ଶିକ୍ଷା ବିଭାଗ ଏକ ମନ୍ଦିର ସଦୃଶ। କିନ୍ତୁ ସେଠାରେ ଏପରି ଦୁର୍ନୀତି ହେବା କେତେ ଦୂର ଠିକ ତାହା ବିଚାର କରିବା କଥା। ଶିକ୍ଷା ବିଭାଗରେ ନିଯୁକ୍ତିରେ ହୋଇଥିବା ଅର୍ଥ କାରବାର, ବଦଳି, ଡେପୁଟେଶନରେ ହେଉଥିବା ଅର୍ଥ କାରବାର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସବୁବ୍ୟବସ୍ଥା ବିଷୟରେ ଜଣାପଡିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏସବୁ ଯଦି ଠିକ କରା ନ ଯାଏ, ତେବେ ଦେବଗଡ ଜିଲା ଶିକ୍ଷା କ୍ଷେତ୍ରରେ ତଳକୁ ତଳ ଯିବ ବୋଲି ଚର୍ଚ୍ଚା ଜୋର ଧରିଛି। କିନ୍ତୁ ଦେବଗଡର ଜନପ୍ରତିନିଧି ତଥା ବିଭିନ୍ନ ସାମାଜିକ ସଙ୍ଗଠନ ସବୁ ଜାଣି ଚୁପ ରହିବା କେତେ ଦୂର ଠିକ୍ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ସମାଲୋଚନା ହେଉଛି। ବିଭିନ୍ନ ସାମାଜିକ ସଙ୍ଗଠନ ବିଭିନ୍ନ ପ୍ରସଙ୍ଗରେ ଆନ୍ଦୋଳନ କରୁଥିବାବେଳେ ଏହି ପ୍ରସଙ୍ଗରେ କେବେ ଆନ୍ଦୋଳନ କରୁଛନ୍ତି, ତାହା ଦେଖିବାକୁ ବୁଦ୍ଧିଜୀବୀ ଅପେକ୍ଷା କରିଛନ୍ତି।

## ସଂକ୍ଷେପରେ

### ବିଭି ଜି ରାମ ଜି ସଚେତନତା ବୈଠକ

ବୋଡ଼େନ,୭।୨ (ଟିକେଶର ନାଗ): ନୂଆପଡ଼ା ଜିଲା ବୋଡ଼େନ ପାତାଳଗଙ୍ଗା ମଣ୍ଡଳ ସଭାପତି ନୀଳାମ୍ବର ମେହେରଙ୍କ ସଭାପତିତ୍ୱରେ ସୁନାପୁର ପଞ୍ଚାୟତ ରାଜୀବ ଭବନଠାରେ ବିଭି ଜି ରାମ ଜି ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡ଼ିଆଳ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି ମୁଖ୍ୟ ଅତିଥି ଓ ଭାଜପା ଜିଲା ସାଧାରଣ ସମ୍ପାଦକ ଅଜିତ ଚଲାନ, ବିଭି ଜି ରାମ ଜିର ଜିଲା ସଂଯୋଜକ ସୁବ୍ରତ କୁମାର ଠାକୁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅତିନ୍ଦ୍ରଜିତ ସିଂହ, ଜିଲା ସମ୍ପାଦକ ଅବନୀ ରଞ୍ଜନ ଯୋଶୀ, ଜିଲା ସମ୍ପାଦିକା ସଙ୍ଗୀତ ମାଝୀ, ପୂର୍ବତନ ମଣ୍ଡଳ ସଭାପତି ବିଜୟ ବେହେରା, ଓବିସି ମୋର୍ଚ୍ଚା ସଭାପତି ମାଲଖମ ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଯୋଜନା କିଭଳି ଗ୍ରାମୀଣ ନିଯୁକ୍ତି ଓ ଜିବୀକାକୁ ସୁଦୃଢ କରିବ ସେ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ମାଲଖମ ନାଗ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଶିବଶକ୍ତି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୋଡ଼େନ,୭।୨(ଟିକେଶ୍ୱର ନାଗ): ବୋଡ଼େନ ବ୍ଲକ ନାଗପଡ଼ା ପଞ୍ଚାୟତର ଶିବଶକ୍ତି କ୍ରିକେଟ ଟୁର୍ନାମେଣ୍ଟ ନାଗପଡ଼ା ହାଇସ୍କୁଲ ଖେଳପଡିଆରେ ଉଦ୍‌ଘାଟିତ ହୋଇଛି। ରାଜ୍ୟ ଆଞ୍ଚଳିକ ଉପସଭାପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାଗପଡ଼ାର ପ୍ରଧାନ ଶିକ୍ଷକ ବୈଷ୍ଣବ ଦୂରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ନାରଙ୍ଗ, ଶିକ୍ଷକ ବିକାଶ କୁମାର ସାହୁ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ମୁଣ୍ଡାଗାଁ ଓ ବେଲଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଣ୍ଡାଗାଁ ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ମାକରବିଲି ଓ କିକିରିବେଡା ମଧ୍ୟରେ ହୋଇଥିବାବେଳେ ମାକରବିଲି ଦଳ ବିଜୟୀ ହୋଇଥିଲା। ଅମ୍ପେୟାର ଭାବେ ଗଜପତି ମାଝୀ ଓ କୃତ୍ତିବାସ ମାଝୀ ଖେଳ ପରିଚାଳନା କରିଥିଲେ। କମିଟିର ଉପସଭାପତି ଟୁଲୁ ମାଝୀ ଓ ତ୍ରିଲୋଚନ ମାଝୀ ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

### ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ

ନୂଆପଡ଼ା,୭।୨ (ମକାରୁ ବେମାଲ) : ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ଆଞ୍ଚଳିକ ସାଧନ କର୍ମୀ ପରଶରାମ ଅହିର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯାଦୁରାମ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷା ବିକାଶ ସମିତି ସଂକୁଳ ପ୍ରମୁଖ ବିଶ୍ୱମ୍ଭର ରାଉତରାୟ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ଓ ବାର୍ଷିକ ଉତ୍ସବ ମାଧ୍ୟମରେ ଶିଶୁଙ୍କୁ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀ ସହ ପରିଚିତ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ରୀତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶୀତଳଭଣ୍ଡାରରେ ପ୍ରସ୍ତାବିତ ପିଏଚ୍‌ସି, ସିଏଚ୍‌ସି

ଭବାନୀପାଟଣା,୭।୨ (ଉତ୍ତମ କୁମାର ଦାଶ)




କଳାହାଣ୍ଡି ଜିଲାରେ ପ୍ରସ୍ତାବିତ ପ୍ରାୟ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଏବେ ଶୀତଳଭଣ୍ଡାରରେ ପଡିରହିଛି। ଦୀର୍ଘଦିନରୁ ଦାବି ହୋଇଆସୁଥିବା ଏହି ପ୍ରସ୍ତାବ କେବେ କାର୍ଯ୍ୟକାରୀ ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ, କଳାହାଣ୍ଡି ଜିଲାର ୧୩ ବ୍ଲକରେ ୧୭ ସିଏଚ୍‌ସି ଓ ୪୫ ପିଏଚ୍‌ସି ରହିଛି। ସିଏଚ୍‌ସି ଥିବା ସ୍ଥାନଗୁଡିକ ହେଲା ଜୁନାଗଡ଼, ଚିଲଗୁଡା, କଲମପୁର, ଥୁଆମୂଳ ରାମପୁର, ଜୟପାଟଣା, କୋକସରା, ପରଲା, ଚପୁରିଆ, ବୋର୍ଡା, ପାଷ୍ଟିକକୁଡି, କେସିଙ୍ଗା, କର୍ଲାମୁଣ୍ଡା, ମଦନପୁର ରାମପୁର, ନର୍ଲା, ବିଶ୍ୱନାଥପୁର ଓ ଲାଞ୍ଜିଗଡ଼। ସେହିପରି ଜିଲାର ୪୫ଟି ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ବର୍ତ୍ତମାନ ଭବାନୀପାଟଣା ସଦର ବ୍ଲକର ଦାଦପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, କର୍ଲାମୁଣ୍ଡା ବ୍ଲକର ରଷିଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, କୋକସରା ବ୍ଲକର ଲଦୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ମଦନପୁର ରାମପୁର ବ୍ଲକର ମଦନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉନ୍ନୀତ କରିବା ପାଇଁ ପ୍ରସ୍ତାବ ରହିଛି। ସେହିପରି ଜୁନାଗଡ଼ ବ୍ଲକ୍‌ର ଆଟିଗାଁ, କଲମପୁର ବ୍ଲକର କୋଟାଗାଁ, କେସିଙ୍ଗା ବ୍ଲକର ଡୁମେରମୁଣ୍ଡା, ନର୍ଲା ବ୍ଲକର ଶାନ୍ତପୁର ଓ ଥୁଆମୂଳ ରାମପୁର ବ୍ଲକର ମାଳିଗାଁଠାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗଠାରେ ପ୍ରସ୍ତାବ

**କଳାହାଣ୍ଡି ଜିଲା**

ରହିଛି। କଲମପୁର ବ୍ଲକ୍‌ର କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୬ ଶଯ୍ୟାରୁ ୩୦ଶଯ୍ୟାକୁ ଉନ୍ନୀତ କରିବା ନିମନ୍ତେ ପ୍ରସ୍ତାବ ବିଚାରଧୀନ ରହିଛି। ଦୀର୍ଘ ଦିନରୁ ଜିଲାର ବିଭିନ୍ନ ଅଞ୍ଚଳର ଲୋକଙ୍କ ଦାବି ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ଅନୁଯାୟୀ ପ୍ରସ୍ତାବ ମଧ୍ୟ ଯାଇଛି। କିନ୍ତୁ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁ ଏହା ଚୂଡାନ୍ତ ହୋଇପାରୁ ନାହିଁ। ବର୍ତ୍ତମାନ ଜିଲାର ଲୋକସଂଖ୍ୟା ବୃଦ୍ଧି ପାଇଥିବା ବେଳେ ସ୍ୱାସ୍ଥ୍ୟସେବାର ଉନ୍ନତି ନିମନ୍ତେ ଆହୁରି ପିଏଚ୍‌ସି ଓ ସିଏଚ୍‌ସିର ଆବଶ୍ୟକ ରହିଛି। ନିର୍ବାଚନ ପୂର୍ବରୁ ଏହା କାର୍ଯ୍ୟକାରୀ ନ ହେଲେ ଏହାର ପ୍ରଭାବ ମଧ୍ୟ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ଜିଲାବାସୀ ଦାବି କରିଛନ୍ତି।

# ମଣ୍ଡିରେ ପଡ଼ିଛି ୧୭୬ ଚାଷୀଙ୍କ ୯ ହଜାର କୁଇଣ୍ଟାଲ ଧାନ



ଶିରୋଲ ମଣ୍ଡିରେ ଧାନ ପଡିରହିଛି।

କେସିଙ୍ଗା,୭।୨ (ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ଶିରୋଲ, ବାଲ୍‌ସି ଓ କାଣ୍ଡେଲ ମଣ୍ଡିରେ ୧୭୬ ଜଣ ଚାଷୀଙ୍କ ୯ହଜାର ୫୨୦ କୁଇଣ୍ଟାଲ ଧାନ ପଡିରହିଛି। ଶୀତ କାକରରେ ଚାଷୀମାନେ ଖୋଲା ଆକାଶ ତଳେ ଦିନରାତି ପାଳିକରି ଧାନ ଜଗୁଛନ୍ତି। ଶିରୋଲ ମଣ୍ଡିର ୫୨ ଜଣଙ୍କ ୩ ହଜାର ୫୨୦ କୁଇଣ୍ଟାଲ, ବାଲସି ମଣ୍ଡିରେ ୪୨ ଜଣ ଚାଷୀଙ୍କ ୧୬ ଶହ ଓ କାଣ୍ଡେଲ ମଣ୍ଡିରେ ୮୨ ଜଣଙ୍କ ୪ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ପଡିରହିଛି। ଶିରୋଲ ମଣ୍ଡିରେ ନୂତନ ଭାବେ ଶେଡ୍ ନିର୍ମାଣ ହୋଇଥିବାବେଳେ ବାଲସି ଓ କାଣ୍ଡେଲ ମଣ୍ଡିରେ ଶେଡ୍ ନ ଥିବାରୁ ଶୀତ କାକରରେ ଚାଷୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଜିଲାପାଳ ୫ ମିଲର୍ସଙ୍କୁ ଧାନ ଉଠାଣ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର ଏହିସବୁ ମଣ୍ଡିରୁ ଧାନ ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କାଣ୍ଡେଲ ପାକ୍ସ ସମ୍ପାଦକ ଯଶୋବନ୍ତ ବାଗଙ୍କୁ ପଚାରିବାରୁ ୫ରୁ ୧୦ ଦିନ ମଧ୍ୟରେ ଧାନ ଉଠିବ ବୋଲି ପ୍ରକାଶ କରିଥିଲେ।

# ଖଡ଼ିଆଳ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଖଡ଼ିଆଳ,୭।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ କଳା, ସଂସ୍କୃତି, ଐତିହ୍ୟ, ଲୋକକଳାର ବାର୍ତ୍ତାବହ ସାଜିଥିବା ଖଡ଼ିଆଳ ମହୋତ୍ସବର ଶନିବାର ଚତୁର୍ଥ ସନ୍ଧ୍ୟା ଥିଲା। ମହୋତ୍ସବ କମିଟିର ପୂର୍ବତନ ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ନୂଆପଡା ବିଧାୟକ ଜୟ ଢୋଲକିଆ, ରାଜା ସାହେବ ଖଡ଼ିଆଳ ଦେବ ଦେବ ସିଂଦେବ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାଧ୍ୟାପକ ଲୋହିତାକ୍ଷ ଯୋଶୀ ସ୍ୱାଗତ ଭାଷଣ ଓ ମହୋତ୍ସବ କମିଟି ସମ୍ପାଦକ ପୃଥ୍ୱୀରାଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ସକାଳେ ମାରାଥନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଲିଟିଲ ଷ୍ଟାର ପବ୍ଲିକସ୍କୁଲ ଖଡ଼ିଆଳ, କୃଷ୍ଣପ୍ରିୟା ଘୁଡ଼କା ଅନୁଷ୍ଠାନ ଡୁଷରା, ଖଡ଼ିଆଳ ରାଏଜ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ଇତ୍ୟାଦି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଭାରତ ସରକାରଙ୍କ ପେଟେଣ୍ଟ ଡିଜାଇନରେ ଡ. ସୁବ୍ରତ କୁମାର ପାଣିଗ୍ରାହୀଙ୍କ ନାମ ପଞ୍ଜୀକୃତ

ଭବାନୀପାଟଣା, ୭।୨(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ ବିଭିନ୍ନ ସମୟରେ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏହି କ୍ରମରେ 'ଅଟୋମେଟେଡ ମସ୍କ୍ୟୁଟୋ ଟ୍ରାପସ ଆଣ୍ଡ ଡିଜିଟାଲ ରିପୋର୍ଟିଂ ଡିଭାଇସ' ବିଷୟରେ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁବ୍ରତ କୁମାର ପାଣିଗ୍ରାହୀଙ୍କ ନାମ ପେଟେଣ୍ଟରେ ପଞ୍ଜୀକୃତ ହୋଇଛି। ଏହା ତାଙ୍କର ତୃତୀୟ ପେଟେଣ୍ଟ ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଷଷ୍ଠ ପେଟେଣ୍ଟ ଅଟେ। ପଞ୍ଜିକରଣର ସ୍ମାରକ ସ୍ୱରୂପ ତାଙ୍କୁ ଏକ ପ୍ରମାଣପତ୍ର ମଧ୍ୟ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ବିଶ୍ୱବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି। ଏହି ଡିଭାଇସର ଉପଯୋଗ କରି ସ୍ମାର୍ଟ ଟେକ୍ନୋଲୋଜି ଦ୍ୱାରା ମଶାକୁ ନିୟନ୍ତ୍ରଣ କରିହେବ। ଏହା ସ୍ୱୟଂଚାଳିତ ଯନ୍ତ୍ର ହୋଇଥିବାରୁ ମଶା ନିବାରଣ ପାଇଁ ଅତି ସହଜ ହେବ। ଏହି ଯନ୍ତ୍ର ମଶା ନିବାରଣ କ୍ଷେତ୍ରରେ ଫଳପ୍ରଦ ହେବ ବୋଲି ଗବେଷକମାନଙ୍କ ବିଶ୍ୱାସ ରହିଛି।

# ଏନ୍‌ଏସିରେ ୫ ବର୍ଜ୍ୟବସ୍ତୁ ସଂଗ୍ରହ ଯାନର ଶୁଭାରମ୍ଭ



ସଫେଇ ଯାନ ଲୋକାର୍ପଣ କରାଯାଉଛି।

ଧର୍ମଗଡ,୭।୨ (ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ଼ ଏନ୍‌ଏସିରେ ଶନିବାର ପାଞ୍ଚ ଗୋଟି ବର୍ଜ୍ୟବସ୍ତୁ ସଂଗ୍ରହ ଯାନ ଲୋକାର୍ପିତ ହୋଇଛି। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ଅତିଥି ଭାବେ ଯୋଗଦେଇ ଯାନଗୁଡିକର ଶୁଭାରମ୍ଭ କରିଥିଲେ। ପୂର୍ବରୁ ୩ଗୋଟି ସଫେଇ ଗାଡ଼ି ଥିବାବେଳେ ସହରରେ ତ୍ୱରିତ ଭାବେ ଅଳିଆ ସଂଗ୍ରହ ହୋଇପାରୁ ନ ଥିଲା। ଏବେ ଆଉ ୫ ଗାଡ଼ି ଲୋକାର୍ପଣ ହୋଇଥିବାରୁ ଏନ୍‌ଏସିର ୧୪ ଗୋଟି ୱାର୍ଡରେ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି କୁହାଯାଇଛି। ସହରବାସୀ ପରିବେଶକୁ ସ୍ୱଚ୍ଛ ରଖିବାରେ ସହଯୋଗ କରିବାକୁ ନଗରପାଳ ଅଶୋକ କୁମାର ମହାନ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ସଫେଇ ପ୍ରବୀଣ ଅଭିନନ୍ଦନ ପ୍ରଧାନ, ହିସାବ ରକ୍ଷକ ହିମାଂଶୁ ରଣା, ବରିଷ୍ଠ କିରାଣୀ ରବୀନ୍ଦ୍ର ପରିଡ଼ା ସମେତ ଏନ୍‌ଏସିର ସମସ୍ତ କର୍ମଚାରୀ, କାଉନସିଲର ଓ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ସିସି କପ୍ କ୍ରିକେଟ: ଦେଶୀ ବୟେଜ ସେମିରେ

ନୂଆପଡ଼ା,୭।୨ (ମକାରୁ ବେମାଲ)



କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ସମ୍ଭବ ଖେଳପଡିଆରେ ଶନିବାର ରାଇଜିଂ ଷ୍ଟାର ୟୁଥ୍ କ୍ଲବ ଦ୍ୱାରା ଆୟୋଜିତ ୧୯ତମ ଆର୍‌ଏସ୍‌ସିସି କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ଖଇରଭାଡି ଓ ଠୋଙ୍ଗୋ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଠୋଙ୍ଗୋ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୧୦୨ ରନ ସଂଗ୍ରହ କରିଥିଲା। ଜବାବରେ ଖଇରଭାଡି ଦଳ ୭.୩ ଓଭରରେ ୫ ଉଇକେଟ ହରାଇ ୧୦୩ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଦେଶୀ ବୟେଜ ତରବୋଡ ଓ ଜଟଗଡ ମଧ୍ୟରେ ହୋଇଥିବାବେଳେ ଦେଶୀ ବୟେଜ ଦଳ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ଖଇରଭାଡି ଓ ଦେଶୀ ବୟେଜ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଦେଶୀ ବୟେଜ ଦଳ ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ଅନୁଷ୍ଠାନର ସଭାପତି ଉମାକାନ୍ତ ବନଛୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଏସ୍‌ସି ନର୍ସିଂ କଲେଜ ଅଧ୍ୟକ୍ଷା ତିଲେଶ୍ୱରୀ ବାଗ ମୁଖ୍ୟ ଅତିଥି, ଇଂରାଜୀ ଅଧ୍ୟାପକ ଦିବ୍ୟ ଲୋଚନ ନାଏକ, ଝାଙ୍କର ଯୋଗେନ୍ଦ୍ର ନାୟକ, ରୁକ୍ମଣି ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ହେମନ୍ତ ଚିରାଙ୍ଗୁଲ, ଉମେଶ ଅଦା ଓ ଦେବାର୍ଚ୍ଚନ ମାଝି ଖେଳ ପରିଚାଳନା କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ଧର୍ମଗଡ, ୭।୨ (ଘାସିରାମ ଜଗତ): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଡୁମେରଗୁଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁଖିଗୁଡା ଗ୍ରାମର ପିତାମ୍ବର ପୂଜାରିଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୬୬ବର୍ଷ ହୋଇଥିଲା। ସେ ଦୀର୍ଘଦିନରୁ ପାରାଲିସିସରେ ପୀଡିତ ଥାଇ କଟକ, ଭୁବନେଶ୍ୱର, ବିଶାଖାପାଟଣା, ରାୟପୁର ଆଦି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସରପଞ୍ଚ ଭାବେ ନିର୍ବାଚିତ ହୋଇ ପଞ୍ଚାୟତର ବହୁ ଉନ୍ନୟନମୂଳକ କାମ କରି ଲୋପ୍ରିୟତା ସାଉଁଟିଥିଲେ। ତାଙ୍କ ପରଲୋକରେ ଅଞ୍ଚଳର ବରିଷ୍ଠ ସାମାଜିକ କର୍ମୀ ଶ୍ୟାମସୁନ୍ଦର ମାଝୀ, ଦୟାନିଧି ମାଝୀ, ପୂର୍ବତନ ସରପଞ୍ଚ ସୁରେଶ ଭଇଁସାଳ ପ୍ରମୁଖ ଶୋକବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଆମସେନା ଗୁରୁକୁଳ ଆଶ୍ରମର ବାର୍ଷିକ ମହୋତ୍ସବ



ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

ନୂଆପଡ଼ା,୭।୨ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଆମସେନା ମହାବିଦ୍ୟାଳୟ ଗୁରୁକୁଳ ଆଶ୍ରମର ୫୯ତମ ବାର୍ଷିକ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରଥମେ ଗୁରୁକୁଳର ବ୍ରହ୍ମଚାରିଣୀ ଓ ବ୍ରହ୍ମଚାରୀଙ୍କ ଦ୍ୱାରା ଯଜୁର୍ବେଦ ପାଠ କରାଯାଇଥିଲା। ପରେ ଗୁରୁକୁଳ ସଂସ୍ଥାପକ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କଳାହାଣ୍ଡି ପୂର୍ବତନ ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ଦୟାନନ୍ଦ ଆଙ୍ଗଲୋ ବୈଦିକ ମହାବିଦ୍ୟାଳୟ ଟିଟିଲାଗଡ ପ୍ରାକ୍ତନ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା, ସ୍ୱାମୀ ଦେବବ୍ରତ ଜୀ, ଆଚାର୍ଯ୍ୟ ନରେନ୍ଦ୍ର ଦେବ ଜୀ, ସ୍ୱାମୀ ସୁଧାନନ୍ଦ ଜୀ, ସୋମଦେବ ଶାସ୍ତ୍ରୀ, ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ଡ. କୁଞ୍ଜଦେବ ମନୀଶୀ, ଭାଜପା ଜିଲା ସଭାପତି କମଲେଶ ଦୀକ୍ଷିତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମହୋତ୍ସବ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଇନ୍ଦ୍ର ବିଦ୍ୟା ବାଚସ୍ପତିଙ୍କ ଲିଖିତ କୁଳଭୂମିର ଫେବୃଆରୀ ସଂଖ୍ୟା ମେରାପିତା, ପଣ୍ଡିତ ବିଶିକେଶନ ଶାସ୍ତ୍ରୀଙ୍କ ଲିଖିତ ଓଡିଆ ପୁସ୍ତକ ଆଧ୍ୟାତ୍ମିକ ଗଳ୍ପମାଳା ୧ମ ଓ ୨ୟ ଭାଗ ସହ ଓଡିଆ ବୈଦିକ ଯଜ୍ଞ ପଦ୍ଧତି ଓ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀଙ୍କ ଲିଖିତ ବୈଦିକ ନିତ୍ୟକର୍ମକ ବିଧି ଓ ଆର୍ଯ୍ୟପର୍ବ ପଦ୍ଧତି ପୁସ୍ତକର ଶୁଭ ଉନ୍ମୋଚନ କରାଯାଇଥିଲା। ଉତ୍ସବରେ ଭାରତ ବର୍ଷର ବିଭିନ୍ନ ଗୁରୁକୁଳର କୁଳପତି ସହ ଶାସ୍ତ୍ରୀ, ପଣ୍ଡିତ, ବ୍ରହ୍ମଚାରିଣୀ, ବ୍ରହ୍ମଚାରୀ ଯୋଗ ଦେଇଛନ୍ତି। ଏହା ୩ଦିନ ଧରି ଅନୁଷ୍ଠିତ ହେବ ବୋଲି ଗୁରୁକୁଳ ପକ୍ଷରୁ ସୂଚନା ମିଳିଛି ।

# କୁଷ୍ଠ ନିରାକରଣ ସଚେତନତା

ଖଡ଼ିଆଳ,୭।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ମହୋତ୍ସବ ସ୍ଥଳରେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ କୁଷ୍ଠ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଚିକିତ୍ସା ଅଧିକାରୀ ଡ. ରଞ୍ଜିତ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଜିଲା କିଭଳି କୁଷ୍ଠମୁକ୍ତ ହେବ ଓ କୁଷ୍ଠ ରୋଗୀ ମର୍ଯ୍ୟାଦାର ସହିତ ଜୀବନଯାପନ କରିବେ ସେଥିପାଇଁ ସଚେତନତା ସୃଷ୍ଟି କରିଥିଲେ। ନୋଡାଲ ଅଫିସର ସଂଘମିତ୍ରା ବାବୁ, ଡ. ଆଦିତ୍ୟ ଯୋଶୀ ଏହାକୁ ପରିଚାଳନା କରିଥିବା ବେଳେ ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଉପଦେଷ୍ଟା ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ପୃଥ୍ୱୀରାଜ ମହାନ୍ତି ସହଯୋଗ କରିଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ଥିଲେ।

# ବହୁଭାଷୀ କବିତା ପାଠୋତ୍ସବ

ଖଡ଼ିଆଳ,୭।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ମହୋତ୍ସବ ଅବସରରେ ସ୍ଥାନୀୟ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ବହୁଭାଷୀ କବିତା ପାଠୋତ୍ସବ ସାହିତ୍ୟିକ ଡ. ସୁଶାନ୍ତ କୁମାର ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂଗୀତଜ୍ଞ ନନ୍ଦଲାଲ ବାରିକ ମୁଖ୍ୟ ଅତିଥି, ସାହିତ୍ୟିକ ବଳଭଦ୍ର ମହାନ୍ତି ବିଶିଷ୍ଟ ଅତିଥି ଓ ପ୍ରାକ୍ତନ ଅଧ୍ୟକ୍ଷ ମେଜର ଡ. ରାମଚନ୍ଦ୍ର ମିଶ୍ର, କବି ନୀଳଲୋହିତ ସିଂଦେବ, ନାଟ୍ୟକାର ଜିତେନ୍ଦ୍ର ନାଥ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମୁଣ୍ଡ, ମନୋରମା ରଥ, ପ୍ରଭାସିନୀ ଯୋଷୀ ଓ ସୁଜାତା ପାଣିଗ୍ରାହୀ ସଂଯୋଜନା କରିଥିଲେ। କବି କୈଳାସ ବାଗ ସ୍ୱାଗତ ସମ୍ଭାଷଣ ଓ କମିଟି ସଦସ୍ୟ ଗୋବିନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ, ପିୟୂଷ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିବା ବେଳେ ଶତାଧିକ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ଖଡ଼ିଆଳ ରାଜାସାହେବ ସ୍ୱର୍ଗତ ଜିତାମିତ୍ର ପ୍ରସାଦ ସିଂହଦେବଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ବର୍ଷେ ନ ପୂରୁଣୁ ପିଚୁ ଉଠି ରାସ୍ତା ଶୋଚନୀୟ

ନୂଆପଡ଼ା,୭।୨ (ମକାରୁ ବେମାଲ)



ରାସ୍ତାରୁ ପିଚୁ ଉଠି ମେଟାଲ ବାହାରିପଡିଛି।

ନୂଆପଡ଼ା ଜିଲା କୋମନା ବ୍ଲକ ଜଟଗଡ ପଞ୍ଚାୟତ ବାଲିପାଟି ଛୋଟିଗୁଡିଠାରୁ ଗଡଗଡ ବାହାଲି ପର୍ଯ୍ୟନ୍ତ ରାସ୍ତା କାମର ବର୍ଷେ ନ ପୂରୁଣୁ ପିଚୁ ଉଠି ଶୋଚନୀୟ ହୋଇପଡିଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ୨୦୨୫ ମାର୍ଚ୍ଚରେ ରାସ୍ତାକାମ ଆରମ୍ଭ ହୋଇଥିଲା। ନାମ ଫଳକ ନ ଥିବାରୁ କେତେ ଟଙ୍କା ବ୍ୟୟ ଅଟକଳ ଓ କେଉଁ ଯୋଜନାରୁ ରାସ୍ତା ନିର୍ମାଣ ହୋଇଛି ଜଣା ପଡୁନାହିଁ। ପ୍ରାୟ ୨ କି.ମି. ରାସ୍ତା କାମ ଅତି ନିମ୍ନମାନର ହୋଇଥିବାରୁ ୬ ମାସ ଭିତରେ ପିଚୁ ଉଠିଯାଇ ମେଟାଲ ବାହାରି ପଡିଛି। ଏହି ରାସ୍ତା ଉପରେ ଚଚରାଝରନ, ସାଲେପଡା, ଗଡଗଡ ବାହାଲି, ବାଲିପାଟି, ସାହାଜଟ, ସୋରିପଡା, ଖଲିଆପଡା, ଡୋଙ୍ଗରପଡା ଆଦି ଗାଁର ଲୋକେ ନିର୍ଭର କରନ୍ତି। ଲୋକେ ତରବୋଡ ସାପ୍ତାହିକ ହାଟ, ଡାକ୍ତରଖାନା, ବ୍ଲକ କିମ୍ବା ଜିଲା କାର୍ଯ୍ୟାଳୟ ଓ ଅନ୍ୟ ସ୍ଥାନକୁ ଯାତାୟାତ କରନ୍ତି। ପିଚୁ ଉଠି ଖାଲଖମା ହୋଇ ଯାଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଗ୍ରାମବାସୀ ଅନେକ ଥର ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ରାସ୍ତା ମରାମତି ସହ ନିମ୍ନମାନର କାର୍ଯ୍ୟ କରିଥିବା ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜ କୁମାର ମେହେରଙ୍କୁ ଯୋଗାଯୋଗ ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳିପାରି ନାହିଁ ।

**ସଂକ୍ଷେପରେ**

## ଟ୍ରାନ୍ସଫର୍ମର ଚୋରି ଉଦ୍ୟମ, ୫ ଧରାପଡ଼ିଲେ



ଜବତ ଗାଡ଼ି।

ବିନିକା, ୭।୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୧୨ନଂ ୱାର୍ଡ ଜାମଛାପର ଗ୍ରାମ ରାସ୍ତାକଡରେ ଥିବା ଟ୍ରାନ୍ସଫର୍ମରକୁ ଶନିବାର ପାହାନ୍ତିଆ ପ୍ରହରରେ ହେଉଥିବା ଚୋରି ଉଦ୍ୟମ ବିଫଳ ହୋଇଛି। ଟ୍ରାନ୍ସଫର୍ମର ଖୋଲିବା ବେଳେ ଗାଁ ଲୋକଙ୍କଠାରୁ ଖବର ପାଇ ପୋଲିସ ୫ଜଣଙ୍କୁ ଧରିଛି। ଏଥିସହିତ ଚୋରି ପରେ ଟ୍ରାନ୍ସଫର୍ମର ନେବାକୁ ଆଣିଥିବା ଟାଟା ଏସିଇ(ନଂ. ସି ଜି ୧୩ ବି ଇ ୦୪୩୨)କୁ ଜବତ କରାଯାଇଛି। ସୂଚନା ଅନୁସାରେ ପ୍ରତ୍ୟୁଷରୁ ଜାମଛାପର ଗ୍ରାମ ରାସ୍ତାପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମର ଖୋଲିବା ସମୟରେ ଜଣେ ବ୍ୟକ୍ତି ଦେଖି ଗାଁ ଲୋକଙ୍କୁ ଫୋନରେ ଜଣାଇଥିଲେ। ଗାଁର କେତେଜଣ ଯୁବକ ସେଠାରେ ପହଞ୍ଚିବା ସହ ବିନିକା ଥାନାକୁ ଜଣାଇଥିଲେ। ଏହାଜାଣି ପାରି ସମ୍ପୃକ୍ତ ଚୋରମାନେ ଗାଡିଧରି ଫେରାର ହୋଇଯାଇଥିଲେ। ପୋଲିସ ସେମାନଙ୍କୁ ପିଛା କରିଥିଲା। ବିନିକା ଭବିଷ୍ୟ ସ୍କୁଲ ପାଖରେ ଟାଟା ଏସିଇ ରଖି ସେମାନେ ଦୌଡ଼ି ପଳାଉଥିବାବେଳେ ପୋଲିସ ୫ ଜଣଙ୍କୁ ଧରିଥିଲା। ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି ଏବଂ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହଛି। ରବିବାର ଏକ ଖବରଦାତା ସମ୍ମିଳନୀ କରି ଏ ନେଇ ସବିଶେଷ ସୂଚନା ଦିଆଯିବ ବୋଲି ବିନିକା ଥାନା ଏଏସଆଇ ମୂର୍ତ୍ତି ଚରଣ ପଧାନ ସୂଚନା ଦେଇଛନ୍ତି।

## ପାୟୋନିୟର ସ୍କୁଲର ବାର୍ଷିକ ଉତ୍ସବ

ବୀରମହାରାଜପୁର,୭।୨ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପୟୋନିୟର ସ୍କୁଲର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷା ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାଙ୍କ ଭବିଷ୍ୟତ କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ, ପ୍ରାକ୍ତନ ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ର ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷ ସାମ୍ବାଦିକ ନୀଳକମଳ ମିଶ୍ର, ବ୍ରଜଗୋପାଳ ପଣ୍ଡା, ଭାଷ୍ୟକର ଅବିନଶ ହୋତା, ସଙ୍ଗୀତକାର ପୀତବାସ ଶତପଥୀ, ଏଇ ବୈଷୟକରେ ଇଟାଲିରେ ଅଧ୍ୟୟନ କରୁଥିବା ଭୌମିକ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା।

# ଶୃଙ୍ଖଳିତ ଯାତ୍ରା ଆୟୋଜନକୁ ଗୁରୁତ୍ୱ

**ଫଗୁନିପୁନି ଯାତ୍ରା ପ୍ରସ୍ତୁତି ବୈଠକ**

ବୀରମହାରାଜପୁର,୭।୨ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ପ୍ରସିଦ୍ଧ ଦୋଳାଯାତ୍ରା(ଫଗୁନି ପୁନି) ପାଇଁ ଶନିବାରଅପରାହ୍ନ ୩ଟାରେ ଉପ ଜିଲାପାଳଙ୍କ କାଯ୍ୟାଳୟ ସମ୍ମିଳନୀ ଗୃହରେ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପ ଜିଲାପାଳ ସୁରେନ୍ଦ୍ର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ କିପରି ଫଗୁନପୁନି ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହେବ ସେ ନେଇ ଆଲୋଚନା ହୋଇଥିଲା। ମେଲଣ ପଡିଆରେ ଭିଡକୁ ଦୃଷ୍ଟିରେ ରଖି ଛୋଟ ପଡିଆରେ ହରିହରଙ୍କ ଭେଟ୍ ଘାଟ ନ କରି ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ କରିବାକୁ ଉପଜିଲାପାଳ ମେହେର ଓ ସ୍ଥାନୀୟ ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ଚମ୍ପାମାଳ ଯାତ୍ରା କମିଟି ସ୍ୱାଗତ କରିଥିଲା। ଅନ୍ୟ କମିଟି ନିଜ ଗ୍ରାମ୍ୟ କମିଟିରେ ଆଲୋଚନା ପୂର୍ବକ ନିଷ୍ପତ୍ତି ନେବେ ବୋଲି କହିଥିଲେ। ଚଳିତବର୍ଷ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ମେଲଣ ପଡିଆ ଏବଂ ମେଢ଼ଗୁଡିକ ସହର ମଧ୍ୟକୁ ପ୍ରବେଶ ପୂର୍ବରୁ ବାଣ ଫୁଟେଇବା ମନା କରାଯିବ। ବୈଠକରେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ, ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ, ଉଲୁଣ୍ଡା ଭାରପ୍ରାପ୍ତ ତାହାସଲଦାର ଶୁଭମ ଶୁଭଶିଷ ଶତପଥୀ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବିଡ଼ିଓ ରାଜୀବ ହାଁସଦା, ଏମ୍‌ପି ନୋମିନୀ ନଳିନୀ ପଣ୍ଡା, ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ସହକାରୀ ଜିଲାପାଳ ଅଜିତ କୁମାର ମିର୍ଦ୍ଧା, ଡାକ୍ତର ସରୋଜ କୁମାର ପାଣିଗ୍ରାହୀ, କିଶୋର କୁମାର ହୋତା ଯୋଗଦେଇଥିଲେ। ଯୁଗଳ କିଶୋର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରାମକୃଷ୍ଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପଣ୍ଡା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ବରିଷ୍ଠ ସଦସ୍ୟ ଭୂଷଣ କୁମାର ପାତ୍ର, ମୋଦର ହୋତା, ନୀଳକମଲ ମିଶ୍ର, ବ୍ରଜଗୋପାଳ ପଣ୍ଡା, ବିପିନ ପଣ୍ଡା, ଗୁପ୍ତେଶ୍ୱର ରଣାଙ୍କ ସହିତ ବିଭିନ କମିଟି ପ୍ରମୁଖ ସଦସ୍ୟ ଯୋଗଦେଇଥିଲେ। ସମୁଦାୟ ୧୮ଟି ବିଷୟ ଉପରେ ଆଲୋଚନା ହୋଇଥିଲା।


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି।

## ତେଲଙ୍ଗାନାରୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ବିନିକା, ୭।୨ (ରାମ ଗୋପାଳ ବାଘ)


କାଳିନ୍ଦ୍ର ପେରା।

ସୁବର୍ଣ୍ଣପୁର ଜିଲା ବିନିକା ଥାନା ବିଶାଳପାଲି ଗାଁର କଳିନ୍ଦ୍ର ପେରା(୬୦) ଓ ତାଙ୍କ ପୁଅ ଧର୍ମରାଜ ପେରା ତେଲଙ୍ଗନା ରାଜ୍ୟ ମେହବୁତ ଜିଲା ସାତନଗରକୁ ଦାଦନ ଖଟିବାକୁ ଯାଇଥିଲେ। ହେଲେ ସେଠାରେ ଟ୍ରେନ ଲାଇନ ପାରିହୋଇ ଶୌଚ କରିବାକୁ ଯାଉଥିବାବେଳେ ଏକ ଟ୍ରେନ ଧକ୍କା ଦେବାରେ ତାଙ୍କର ମୃତ୍ୟୁ ଘଟିଥିଲା। ରେଲୱେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ଗାଡି ଭଡା କରି ଧର୍ମରାଜ ତେଲଙ୍ଗାନାରୁ କଳିନ୍ଦ୍ରଙ୍କ ମୃତଦେହ ଶନିବାର ଘରକୁ ଆଣିଥିଲେ। ଗାଁ ଶ୍ମଶାନରେ ଅପରାହ୍ନରେ ତାଙ୍କର ସତ୍କାର କରାଯାଇଛି। ପୁଅ ଧର୍ମରାଜ ମୁଖାଗ୍ନି ଦେଇଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇବାକୁ ଦାବି ହେଉଛି।

## ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ଆଜି



ଖବରଦାତା ସମ୍ମୀଳନୀରେ କମିଟି କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ସୋନପୁର,୭।୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସତସଙ୍ଗ ବିହାର ଠାରେ ଫେବୃଆରୀ ୮ ତାରିଖ ରବିବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ଓ ସୁବର୍ଣ୍ଣପୁର ଜିଲାସ୍ତରୀୟ ନବମ ବାର୍ଷିକ ଶ୍ରୀମନ୍ଦିର ସ୍ମୃତି ମହୋତ୍ସବ ଆୟୋଜିତ ହେବ। ଏଥିପାଇଁ ବ୍ରହ୍ମ ମୁହୂର୍ତ୍ତରୁ ସନ୍ଧ୍ୟା ପର୍ଯ୍ୟନ୍ତ ସତସଙ୍ଗ ବିହାର ପରିସରରେ ବିଭିନ୍ନ କାର୍ଯକ୍ରମ ଆୟୋଜନ ନେଇ ସମସ୍ତ ପ୍ରସ୍ତୁତି ସରିଛି। ଏଥିରେ ହଜାର ହଜାର ଭକ୍ତଙ୍କ ସମାଗମ ହେବ। ଏ ନେଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଆୟୋଜକ ବା ସତସଙ୍ଗ ପରିଚାଳନା କମିଟି ସଦସ୍ୟ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାରର ହଜାର ହଜାର ଭକ୍ତଙ୍କ ସମାଗମ ହେବ ବୋଲି ସୂଚନା ଦିଆଯାଇଛି। ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି କମିଟି ଉପଦେଷ୍ଟା ପ୍ରଫୁଲ୍ଲ କୁମାର ପଧାନ, ଶ୍ରୀବତ୍ସ ମଲ୍ଲିକ, ରାଜେଶ କୁମାର ମାହାଣା, ପ୍ରହ୍ଲାଦ ବାରିକ ଓ ବିଦ୍ୟାଧର ମେହେର ସୂଚନା ଦେଇଛନ୍ତି।

## ମାଉଲି କ୍ରିକେଟ ଟୁର୍ନାମେଣ୍ଟ: ଜନକପୁର ସେମିରେ



ଉଦ୍‌ଘାଟନ ଉତ୍ସବର ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

ଅମରପାଲି, ୭।୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ଅଡାଲରେ ପଞ୍ଚମ ମା' ମାଉଲି କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ସଭାପତି ବ୍ରଜ କୁମ୍ଭାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଖଣ୍ଡହତାସ୍ଥିତ ରବୀନ୍ଦ୍ରନାଥ ହାୟର ସେକେଣ୍ଡାରୀ ସ୍କୁଲ ଅଧକ୍ଷ ଜଗବନ୍ଧୁ ବେରିହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଜନକପୁର ଓ ପୁଲେଶ୍ୱର ମଧ୍ୟରେ ହୋଇଥିଲା। ଜନକପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୦୧ରନ କରିଥିଲା। ଜବାବରେ ପୁଲେଶ୍ୱର ୧୦ ଓଭରରେ ୮ ଉଇକେଟ ହରାଇ ୬୯ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଆପଟ ନୂଆଗଡ ଓ କେଉଟିପାଲି ମଧ୍ୟରେ ହୋଇଥିଲା। ଏଥିରେ ଆପଟ ନୂଆଗଡ ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୭୭ ରନ କରିଥିଲା। ଜବାବରେ କେଉଟିପାଲି ୬.୨ ଓଭରରେ ୫ ଉଇକେଟ ହରାଇ ୭୮ ରନ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ଜନକପୁର ଓ ଦ୍ୱିତୀୟ ମ୍ୟାଚ ବିଜେତା କେଉଟିପାଲି ମଧ୍ୟରେ ହୋଇଥିଲା। ଏଥିରେ କେଉଟିପାଲି ୮ ଓଭରରେ ୫ ଉଇକେଟ ହରାଇ ୯୯ ରନ କରିଥିଲା। ଜବାବରେ ଜନକପୁର ୭.୫ ଓଭରରେ ୪ ଉଇକେଟ ହରାଇ ୧୦୦ ରନ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ଜନ୍ମେଶ୍ୱର ସୁନା ଅତିଥିଭାବେ ଯୋଗଦେଇ ପ୍ରଥମ ମ୍ୟାଚ ପାଇଁ ବ୍ରହ୍ମା ତରିଆ, ଦ୍ୱିତୀୟ ମ୍ୟାଚ ପାଇଁ ଘାସିରାମ ବେହେରା ଓ ତୃତୀୟ ମ୍ୟାଚ ପାଇଁ ଲକ୍ଷ୍ମୀକାନ୍ତ କର୍ଣ୍ଣଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚଗୁଡିକରେ ମିଥୁନ ନାଏକ ଓ ତନୁଜ ବାଘ ଅମ୍ପାୟାର, ନେପାଳ ପଧାନ, ମୁକେଶ ବାଦୀ ସ୍କୋରର ଏବଂ ଶାନ୍ତନୁ ବାଦୀ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଉପଜିଲାପାଳଙ୍କ ବଳିଢ଼ିପା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

ଝାରବନ୍ଧ,୭।୨ (ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ବଳିଢିପା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଉପଜିଲାପାଳ ସ୍ନେହା ଅରୁଗୁଲା ଶନିବାର ପରିଦର୍ଶନ କରିଛନ୍ତି। ବିଦ୍ୟାଳୟ ପରିସରରେ ବୁଲି ଶିକ୍ଷାଦାନ ତଥା ସ୍କୁଲର ଅନୁସଙ୍ଗିକ ସମସ୍ୟା ଉପରେ ପରଖିଥିଲେ। ପରେ ସ୍କୁଲର ଭିଏମଡିସି ସଭାରେ ଯୋଗଦେଇ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ବିଶେଷ ଭାବରେ ଛାତ୍ର ନିବାସ ଓ ଛାତ୍ରୀ ନିବାସ ଆସନ୍ତା ଶିକ୍ଷାବର୍ଷରୁ କାର୍ଯ୍ୟକ୍ଷମ କରିବାପାଇଁ ସ୍କୁଲ ଅଧକ୍ଷ ଜିତେନ୍ଦ୍ର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓଙ୍କୁ ଛାତ୍ର ନିବାସ ଓ ଛାତ୍ରୀ ନିବାସର କିକି ଅସୁବିଧା ରହିଛି ତାହା ବୁଝିଥିଲେ। ଏହି ବୈଠକରେ ଏବିଇଓ ବିସିକେଶନ ଶତପଥୀ, ଦିବ୍ୟକିଶୋର ପଣ୍ଡା, ଅନୁପମା ପ୍ରଧାନ, ସ୍ୱାସ୍ଥ୍ୟ ଅଧିକାରୀ ଡା. ହେତରାମ ବାରି ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ କ୍ଷୀରସାଗର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଚନ୍ଦ୍ରିକାଙ୍କୁ ସମ୍ବର୍ଦ୍ଧିତ କଲା ମାହେଶ୍ୱରୀ ସେନା


ମାହେଶ୍ୱରୀ ସେନା ତରଫରୁ ଚନ୍ଦ୍ରିକାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୀରମହାରାଜପୁର,୭।୨ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ଓଡ଼ିଆ ସମ୍ମାନର ଶେଷବର୍ଷ ଛାତ୍ରୀ ଚନ୍ଦ୍ରିକା କର୍ଣ୍ଣ ରାଜ୍ୟ ଯୁବ ଉତ୍ସବ-୨୦୨୬ ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସୁବର୍ଣ୍ଣପୁର ଜିଲା ମାହେଶ୍ୱରୀ ସେନା ତରଫରୁ ରଥଠାରେ ସମ୍ବର୍ଦ୍ଧିତ କରାଯାଇଛି। ମାହେଶ୍ୱରୀ ସେନା ଜିଲା ସଭାପତି ସୁଧାଂଶୁ କର୍ଣ୍ଣ, ଜିଲା ଡୁମାଳ ପରିଷଦ କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ମହାକୁର, ପ୍ରଦ୍ୟୁମ୍ନ ମହାକୁର, ମଳୟ ଅମାତ, ପିଙ୍କୁ ଗାଇଗରିଆ, ଆଲୋକ କର୍ଣ୍ଣ, ଅଜିତ କର୍ମୀ, ବାଳମୁକୁନ୍ଦ କର୍ଣ୍ଣ ପ୍ରମୁଖ ଚନ୍ଦ୍ରିକାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ନିର୍ବାଚନ ଆୟୋଗ ତରଫରୁ ମତଦାତା ସଚେତନତା ସ୍ଲୋଗାନ ଓ ରିଲସ କାର୍ଯ୍ୟକ୍ରମରେ ଯୋଗଦେଇ ପୁରସ୍କୃତ ହୋଇଥିବାରୁ ବୀରମହାରାଜପୁର ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଚନ୍ଦ୍ରିକା ବେଶ ପ୍ରଶଂସିତ ହୋଇଛନ୍ତି।

## ସରକାରୀ ୟୁ.ପି. ସ୍କୁଲର ପ୍ଲାଟିନମ୍ ଜୁବିଲି ଉତ୍ସବ

ହରଭଙ୍ଗା, ୭।୨ (ଅଜିତ କୁମାର ବାରିକ)



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଅବସରରେ ଦୁଇଦିନିଆ ପ୍ଲାଟିନମ୍ ଜୁବିଲି ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି, ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ ଓ ତହସିଲଦାର ବଳଦେବ ବେହେରା, ପ୍ଲାଟିନମ ଜୁବିଲି ସଭାପତି ପ୍ରଦୀପ କୁମାର ସାହୁ, ବିଦ୍ୟାଳୟର ପ୍ରଥମ ଛାତ୍ର ଗଦାଧର ରାଉତ, ଛତରଙ୍ଗ ସରପଞ୍ଚ ବିନୋଦିନୀ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପରିଚାଳନା କମିଟି ସଭାପତି ଜିତେନ୍ଦ୍ର କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାପାଳ ନାୟକ ବିଦ୍ୟାଳୟ ପରିସରରେ ସ୍ମୃତିଫଳକ ଭାବେ ଅଗ୍ରପୂଜ୍ୟ ଗଣେଶଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ଦେଶଭକ୍ତିମୂଳକ ଗୀତ ଓ ନାଟକ ଦର୍ଶକମାନଙ୍କ ମନ ଜିଣିଥିଲା।

## ଲାତୁରପେଟ ସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥି ଗଣ।

ବୀରମହାରାଜପୁର,୭।୨ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର ଉପକଣ୍ଠ ଲାତୁରପେଟ ଅପର ପ୍ରାଇମେରୀ ସ୍କୁଲର ବାର୍ଷିକ ଉତ୍ସବ ଶନିବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜ ଭୁକ୍ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ତହସିଲଦାର ସୁଚିସ୍ମୀତା ପାଣିଗ୍ରାହୀ, ମୁଖ୍ୟବକ୍ତା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସର ପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଭୂଷଣ କୁମାର ପାତ୍ର, ଚକାବର ସିଆରସିସି ନାରାୟଣ ବେହେରା, ପୂର୍ବତନ ସମିତି ସଭ୍ୟ ସୁର ନାରାୟଣ ମହାକୁଡ଼, ୱାର୍ଡମେମ୍ବର ଶରତ ମହାଲିଙ୍ଗ ମଞ୍ଚାସୀନ ହୋଇଥିଲେ। ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ କଳା ପରିପ୍ରକାଶ କରିବା ଶ୍ରେଷ୍ଠ ମାଧ୍ୟମ। ଏଥିପାଇଁ ଛାତ୍ରୀଛାତ୍ର ଅବିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ଓ ଶିକ୍ଷା ବିଭାଗ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଏହା ସମ୍ଭବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଦମୟନ୍ତୀ ମିଶ୍ର ସଂଯୋଜନା କରିଥିବା ବେଳେ ଶିକ୍ଷକ ପ୍ରଶନ୍ନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସ୍କୁଲ ଛାତ୍ରୀ ଛାତ୍ର ମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପୁତନା ବଧ, ଅଷ୍ଟମଲ୍ଲଙ୍କୁ ଗୋପପୁର ପ୍ରେରଣ

**ଭଙ୍ଗାମୁଣ୍ଡା ଧନୁଯାତ୍ରା ମହୋତ୍ସବ**


ଉଦ୍‌ଘାଟନ ଉତ୍ସବର ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

ବୀରମହାରାଜପୁର,୭।୨ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଭଙ୍ଗାମୁଣ୍ଡାଠାରେ ନବ ନିର୍ମିତ ଦୁର୍ଗାମାଧବ ମନ୍ଦିର ପ୍ରତିଷ୍ଠା ପାଇଁ ଚାଲିଥିବା ଧନୁଯାତ୍ରାର ଶନିବାର ଥିଲା ଚତୁର୍ଥ ସନ୍ଧ୍ୟା। ନାଟ୍ୟାଭିନୟରେ କୃଷ୍ଣ ପୁତନାଙ୍କ କ୍ଷୀର ପାନ କରି ତାଙ୍କୁ ହତ୍ୟା କରିଛନ୍ତି। ପୁତନାଙ୍କ ମୃତ୍ୟୁ ଖବର ପାଇ କଂସ ମର୍ମାହତ ହୋଇଛନ୍ତି। ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ଅଷ୍ଟ ମଲ୍ଲଙ୍କୁ ଗୋପପୁର ପ୍ରେରଣ କରିବା ଆଦି ଦୃଶ୍ୟକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ରାଜ ଅତିଥିଭାବେଆଇନଜୀବୀ ସୁବାଷ ମିଶ୍ର, ରେଳ ବିଭାଗ ବରିଷ୍ଠ ଅଧିକାରୀ ସନ୍ତୋଷ କୁମାର ମିଶ୍ର, ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ବରିଷ୍ଠ ସମାଜ ସେବୀ କିଶୋର କୁମାର ହୋତା, ସାମ୍ବାଦିକ ଯୁଗଳ କିଶୋର କିଶୋର ମିଶ୍ର ପ୍ରମୁଖ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ପାଣି, ଋଷି ରଣା, ଥବିର ପ୍ରଧାନ, ପାତ୍ର ପ୍ରଧାନ, ଲୋକନାଥ କର୍ଣ୍ଣ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୌଲତା ଅମାତ୍ ସୁବ୍ରତ ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାଲିଥିବା ୫୬ପ୍ରହର ନାମଯଜ୍ଞରେ ଶ୍ରୀନିବାସ ନାୟକ, ଗୋପାଳ ପାଢ଼ୀ ଓ ଆଶୁତୋଷ ପୁରୋହିତ ପୂଜକ ଭାବରେ ଯଜ୍ଞାଦି କାର୍ଯ୍ୟ ସମାଦନ କରୁଛନ୍ତି। ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଡ଼ ଦ୍ୱିତିକୃଷ୍ଣ ପଣ୍ଡା।

## ସଂକ୍ଷେପରେ

### ଘର ତାଲାଭାଙ୍ଗି ଲୁଟି ନେଲେ, ଥାନାରେ ଅଭିଯୋଗ


**ବାଲିଶଙ୍କରା, ୭।୨(ହୃଦାନନ୍ଦ ବାରିକ):** ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ଭାଟିପଡା ଗ୍ରାମର ଫଗୁ ମିଞ୍ଜଙ୍କ ଘରୁ ଚୋରି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଫଗୁ ଓ ତାଙ୍କ ସ୍ତ୍ରୀ ଗତ ୬ ତାରିଖରେ କୌଣସି କାମରେ ବାହାରକୁ ଯାଇଥିଲେ। ଶନିବାର ସକାଳ ୧୦ଟାରେ ଘରକୁ ପହଞ୍ଚି ଦେଖିଲେ ଯେ ଘରର ତାଲା ଭଙ୍ଗା ଯାଇ ଆସବାବପତ୍ର, କଂସାବାସନ, ସୁନା,ରୁପା ସହ ଷ୍ଟିଲ ଆଲମିରାକୁ ଭାଙ୍ଗି ସେଥିରେ ରଖାଯାଇଥିବା ଆନୁମାନିକ ୩୦ ହଜାର ଟଙ୍କା ଚୋରି ହୋଇଛି। ଏହାପରେ ସେ ତଳସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ଗତ ୪ ତାରିଖ ବିଳମ୍ବିତ ରାତିରେ ଭାଟିପଡା ଗ୍ରାମର ନବୀନ ସାହୁଙ୍କ ଫର୍ନିଚର୍ ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ପୋଲିସ ଏହାର ତଦନ୍ତ କରୁଥିବାବେଳେ ଏପର୍ଯ୍ୟନ୍ତ ଚୋର ଧରାପଡିନାହାଁନ୍ତି। ଏହି ଘଟଣାର ୩ ଦିନ ନ ପୂରୁଣୁ ପୁଣି ସେହି ଗ୍ରାମର ଆଉ ଜଣଙ୍କ ଘରୁ ଚୋରି ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି, ଗୋ' ଚାଲାଣ ଭଳି ବେଆଇନ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାବେଳେ ରାତିରେ ପୋଲିସ ପାଟ୍ରୋଲିଂ ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି।

### ଚୋରା ଲୁହାସ୍କ୍ରାପ୍ ଜବତ, ଜଣେ ଗିରଫ

**କୁଆଁରମୁଣ୍ଡା,୭।୨(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାନାକିରୁ ୧ ଟନରୁ ଊର୍ଦ୍ଧ୍ୱ ଚୋରା ଲୁହା ସ୍କ୍ରାପକୁ ପୋଲିସ ଜବତ କରିଛି। ଏହାର ମାଲିକ ଦୀନା ନାଥ ପଣ୍ଡିତ(୪୫)ଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଥିବା ବେଳେ ଶନିବାର କୋର୍ଟ ଚାଲାଣ କରିଛି ବୋଲି ଫାଣ୍ଡି ଅଧିକାରୀ ବିଜୟ କୁମାର ଦେହୁରୀ ସୂଚନା ଦେଇଛନ୍ତି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

### କାଉନ୍ସିଲର କୋୟା ବାବୁଙ୍କ ଦେହାନ୍ତ

**ରାଜଗାଙ୍ଗପୁର,୭।୨(ଅଶୋକ ପାଣି) :** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌରପରିଷଦର ବରିଷ୍ଠ ତଥା ୧୯ନଂ ୱାର୍ଡ କାଉନ୍ସିଲର ପିଭିକେ କୋୟାଙ୍କର ୭୭ ବର୍ଷ ବୟସରେ ଶନିବାର ଦେହାନ୍ତ



ହୋଇଛି। ସେ କିଛିଦିନ ହେବ ଅସୁସ୍ଥତା ହେତୁ କେରଳରେ ଚିକିତ୍ସିତ ହେଉଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଛି। ପୌରପରିଷଦରେ ୩ଥର କାଉନ୍ସିଲର ଭାବେ ନିର୍ବାଚିତ ହୋଇଥିଲେ। ସେ ଏ ଅଞ୍ଚଳର କୋୟା ବାବୁ ନାମରେ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷ ଥିଲେ। ରାଜଗାଙ୍ଗପୁର ନଗର କଂଗ୍ରେସର ଏକ ମାଇଲଖୁଣ୍ଟ ଥିଲେ। ତାଙ୍କର ଦେହାନ୍ତ ଖବର ପ୍ରକାଶିତ ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।



ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ପୋଲିସ।

# ଚାଳକଙ୍କୁ ସଚେତନ କଲା ପୋଲିସ

**ବଡ଼ଗାଁ, ୭।୨(ଅଶୋକ ଷଡ଼ଙ୍ଗୀ)**

**ସଡ଼କ ସୁରକ୍ଷା ପକ୍ଷ ପାଳନ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆଦର୍ଶ ଥାନା ପୋଲିସ ପକ୍ଷରୁ ଶନିବାର ପୂର୍ବାହ୍ନରେ ସଡ଼କ ସୁରକ୍ଷା ପକ୍ଷ ପାଳନ କରାଯାଇଛି। ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଶିଳ୍ପ ତାଲିମ କେନ୍ଦ୍ରର ଛାତ୍ରୀଛାତ୍ର ସମବେତ ହେଲାପରେ ସେଠାରେ ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର କୁମାର ସାହୁ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ବିଷୟରେ ବୁଝାଇଥିଲେ। ସେ କହିଥିଲେ, ବାଇକ୍‌ରେ ଗଲାବେଳେ ହେଲ୍‌ମେଟ୍ ଲଗାଇବା, ସିଟ୍‌ବେଲ୍ଟ ଲଗାଇ ଗାଡ଼ି ଚଲାଇବା, ମଦ୍ୟପାନ କରି ଗାଡ଼ି ନ ଚଲାଇବା, ଯାନବାହନରେ ଘରୁ ବାହାରିଲେ ଘରେ କିପରି ସୁରକ୍ଷିତ ପହଞ୍ଚିବା ତାକୁ ଦୃଷ୍ଟିରେ ରଖି ଗାଡ଼ି ଧୀରେ ଚଲାଇବା ଓ ଟ୍ରାଫିକ୍ ନିୟମ ମାନିବାକୁ କହିଥିଲେ। ବଡ଼ଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା କହିଥିଲେ, ଏଭଳି ଦିବସରେ ଆମେ ପ୍ରତିଜ୍ଞା କରିବା ଉଚିତ ଯେ, ଆମେ ଟ୍ରାଫିକ୍ ନିୟମ ମାନି ଚାଲିବା, ନିୟମ ନ ମାନି ଚଳିଲେ କେବଳ ଯେ ଆମ ଜୀବନ ଅସୁରକ୍ଷିତ ହୁଏ, ଅନ୍ୟ ଯାତ୍ରୀଙ୍କ ଜୀବନ ମଧ୍ୟ ଅସୁରକ୍ଷିତ ହୋଇଥାଏ। ତେଣୁ ସମସ୍ତେ ନିୟମ ମାନି ଚାଲିବାକୁ ସେ ବୁଝାଇଥିଲେ। ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷା ସାଗରିକା ନାଏକ ସଡ଼କ ସୁରକ୍ଷା କେବଳ ଏକ ପକ୍ଷରେ ନ କରି ପ୍ରତିମାସ ଦୁଇଥର ସଚେତନ କାର୍ଯ୍ୟକ୍ରମ କରିବାକୁ ପୋଲିସର ଦୃଷ୍ଟି ଆକର୍ଷଣ କରିବା ସହିତ ନିଜ ସୁରକ୍ଷା ସହ ଅନ୍ୟର ସୁରକ୍ଷା ପ୍ରତି ମଧ୍ୟ ଆମେ ଧ୍ୟାନ ରଖିବା ଆବଶ୍ୟକ ବୋଲି କହିଥିଲେ। ଏହି ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଭା ପରେ ପୋଲିସ ସହିତ ଛାତ୍ରୀଛାତ୍ର, କର୍ମଚାରୀମାନେ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ବସ୍‌ଷ୍ଟାଣ୍ଡରେ ପୋଲିସ ପକ୍ଷରୁ ହେଲ୍‌ମେଟ୍ ପିନ୍ଧିଥିବା ଓ ସିଟ୍‌ବେଲ୍ଟ ଲଗାଇଥିବା ଚାଳକଙ୍କୁ ଗୋଲାପଫୁଲ ଦେଇ ଧନ୍ୟବାଦ ଜଣାଯାଇଥିଲା। ଯେଉଁ ଚାଳକମାନେ ହେଲ୍‌ମେଟ୍ ପିନ୍ଧି ନ ଥିଲେ ତାଙ୍କୁ ମଧ୍ୟ ଗୋଲାପଫୁଲ ଦେଇ ସଚେତନ କରାଯାଇଥିଲା। ଏହି ସଡ଼କ ସୁରକ୍ଷା ଶୋଭାଯାତ୍ରାରେ ଆଇଆଇସିଙ୍କ ସହିତ ବଡ଼ଗାଁ ଥାନା ସବ୍‌ଇନ୍ସପେକ୍ଟର ଅଜୟ କୁମାର ବିଷୋୟୀ, ଏଏସ୍‌ଆଇ ବିଜୟ କୁମାର କର, ଅରୂପାନନ୍ଦ ଦାସ, ଦିଲୀପ ନନ୍ଦ, ବୋନିସନ ନାଏକ, ଶିଳ୍ପ ତାଲିମ କେନ୍ଦ୍ରର କର୍ମଚାରୀ ସୁଶୀଲ ନାଏକ, ପିଆର୍‌ଓ ମମତା ବଡ଼ପଣ୍ଡା, ସ୍କାଉଟ୍ ରେଞ୍ଜର ଲିଡର ସରିତା କମାର, ସ୍କାଉଟ୍ ଲିଡର ମଣ୍ଟୁ ପଣ୍ଡା ଓ କର୍ମଚାରୀମାନେ ସାମିଲ ଥିଲେ।

## ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଫିମ ଗଛ ନଷ୍ଟ :୨ ଅଟକ

**ଟେନସା, ୭।୨(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡା ଅଞ୍ଚଳରୁ ଶନିବାର ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଫିମ ଗଛ ପୋଲିସ ଓ ଅବକାରୀ ବିଭଗ ପକ୍ଷରୁ ନଷ୍ଟ କରାଯାଇଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, କୋଇଡା ଥାନା ଅନ୍ତର୍ଗତ ଗତପୁଣି ପୋଖରୀ ଜଙ୍ଗଲ ଅଞ୍ଚଳରେ ଗଛ କାଟି ପ୍ରାୟ ୫ଏକର ଜମିରେ ଅଫିମ ଚାଷ କରାଯାଇଥିଲା। ଗଛ ଗୁଡ଼ିକ ବଡ଼ ହୋଇ ଫୁଲ ମଧ୍ୟ ଆସି ଯାଇଥିଲା। କୌଣସି ସୂତ୍ରରୁ ସୂଚନା ପାଇ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, କେ. ବଲାଙ୍ଗ ଥାନା ଅଧିକାରୀ ଅଶୋକ ବେହେରା ଏବଂ ଅବକାରୀ ବିଭାଗ ସମେତ କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ ଅଫିମ ଚାଷ ଉପରେ ଚଢ଼ାଉ କରିଥିଲେ। ଏହି ଚାଷ ଓଡ଼ିଶାରୁ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ପର୍ଯ୍ୟନ୍ତ ଟେର ଲମ୍ବିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ ପ୍ରକାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଗଛ କାଟି ୫ଏକର ଜାଗାରେ ଅଫିମ ଚାଷ ହୋଇଥିବାବେଳେ ଜଙ୍ଗଲ ବିଭଗ କିଭଳି ଜାଣିପାରିଲେ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରି ରହସ୍ୟ ଉନ୍ମୋଚନ କରିବାକୁ କୋଇଡାବାସୀ ଦାବି କରିଛନ୍ତି ।

## ହମିରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୁନ୍ଦରଗଡ,୭।୨(ଜୟ ନାରାୟଣ ମେଣ୍ଡୁଲି)**

ସବ୍‌ଡେଗା ବ୍ଲକ ଅନ୍ତର୍ଗତ ହମିରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଉତ୍ତମ ପାଠ ପଢି ନିଜର ଓ ନିଜ ଅଞ୍ଚଳର ସୁନାମ ଆଣିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ଏହି ବିଦ୍ୟାଳୟରେ ସମସ୍ତ ଶିକ୍ଷାର୍ଥୀମାନଙ୍କ ଉତ୍ତମ ଶିକ୍ଷାଦାନ ନିମନ୍ତେ ଏଠାରେ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକ, ସରପଞ୍ଚ ଦୀପାଞ୍ଜଳି ଭୋଇ, ସରକାରୀ ଉଚ୍ଚ ବିଦ୍ୟାଳୟ ବରଙ୍ଗା କଛାରର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା, ପୂର୍ବତନ ପ୍ରଧାନ ଶିକ୍ଷକ ଧର୍ମପଦ ନାଏକ, ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛତାସର୍ଗର ପ୍ରଧାନ ଶିକ୍ଷକ ଶଶୀ ବାଦୀ, ଏସଏମସି ଚ୍ୟାରମେନ ନେତ୍ରାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପୁରାତନ ଛାତ୍ରୀଛାତ୍ର ଅର୍ଜୁନ ରୋହିଦାସ, ତୁଲେଶ୍ୱର ସାହୁ, ରୁଜା ସାହୁ, ତୁଳସୀ ରାଣୀ ରୋହିଦାସଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ବିଭାଗରେ ପାରଦର୍ଶିତା ହାସଲ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁରଜ ପ୍ରକାଶ ଚୌଧୁରୀଙ୍କ ତତ୍ତ୍ୱାବଧାନ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷୟିତ୍ରୀ ସଂଯୁକ୍ତା ସରେଙ୍ଗ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ପ୍ରବୀଣ ଡନସେନା, ଶିକ୍ଷୟିତ୍ରୀ ମମତା ପଟେଲ, ସଞ୍ଜନା କୁଜୁର, ଦୀପାଳି ନାଏକ, ପ୍ରଶାନ୍ତ କୁମାର ତ୍ରିପାଠୀ, ବାସୁଦେବ ସା, ରୋହିଣୀ ପଟେଲ, ଆଞ୍ଜୁମ ବାନୋ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ବିବରଣୀ ପଠନ କରିଥିଲେ। ଶେଷରେ ଧିରେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଖୁଏଲ ଯତ୍‌ରା ଅନୁଷ୍ଠିତ

**ସୁନ୍ଦରଗଡ,୭।୨(ଜୟ ନାରାୟଣ ମେଣ୍ଡୁଲି)**



ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଆୟୋଜିତ ଖୁଏଲ ଯତରାରେ ଛାତ୍ରୀମାନେ ବିଭିନ୍ନ କଣା ନୈପୁର୍ଣ୍ୟ ପ୍ରଦର୍ଶନ କରୁଛନ୍ତି।

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସାଂସ୍କୃତିକ ଉତ୍ସବ ଖୁଏଲ ଯତରା ଶନିବାର ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ବବିତା ଭିଟ୍ରିଆ ଏହି ଖୁଏଲ ଯତରାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଏହି ସାଂସ୍କୃତିକ ଉତ୍ସବ ଯତରାରେ ମହାବିଦ୍ୟାଳୟର ଛତ୍ରୀଛାତ୍ରମାନେ ବିଭିନ୍ନ ପାରମ୍ପରିକ ନୃତ୍ୟ, ଗୀତ, ବାଲୁକା କଳା, ଚାରୁକଳା, ପାରମ୍ପରିକ ଖାଦ୍ୟ, ଖେଳ, ବିଭିନ୍ନ ପ୍ରକାର ପର୍ବପର୍ବାଣି,ଓଡିଶାର ବିଭିନ୍ନ ପ୍ରକାର ପୂଜା ବିଧି ଆଦି ସମ୍ପର୍କରେ କଳା ପ୍ରଦର୍ଶନ କରିଥିଲେ। ହଜି ଯାଉଥିବା ଓଡ଼ିଶାର ପାରମ୍ପରିକ ଜିନିଷ ପତ୍ର, ଲୋକ କଳା ଓ ସଂସ୍କୃତିକୁ ପୁର୍ନଜୀବିତ କରିବା ଉଦ୍ଦେଶ୍ୟ ନେଇ ଏହି ଉତ୍ସବ କରାଯାଇଥିଲା। ଏହି ଅବସରରେ ସଂକୀର୍ତ୍ତନ୍ୟ, ପାଲା, କରମା ପୂଜା, ଦଣ୍ଡ ନୃତ୍ୟ, ନୂଆଁଖାଇ,ପୁଷ ପୁନୀ, ମାଣବସା ଗୁରୁବାର, କାନ୍ଦଣା ଗୀତ,ଝୋଟି, କାକରା,ମଣ୍ଡା,କାକରା,ଆରିଶା ପିଠା, ହେଣ୍ଡୁଆ, ପରିବେଶ ସଚେତନତା, ଆଞ୍ଚଳିକ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶ ଭୂଷା ଆଦି ପ୍ରଦର୍ଶିତ ହୋଇଥିଲା। ଉତ୍ସବରେ ସମ୍ମାନିତ ଅତିଥି ଭାବରେ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ, ପୂର୍ବତନ ବିଧାୟିକା କୁସୁମ ଟେଟେ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ସନ୍ତୋଷ ଅମାତ, ସଞ୍ଜୟ ପଟ୍ଟନାୟକ, ଅଶୋକ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସୁଆର ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ପ୍ରାଧାପକ ଆଲୋକ କୁମାର ନାଏକ ଓ ସେକସନ ଅଫିସର ପ୍ରଦୀପ କୁମାର ବହିଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହକାରୀ ପ୍ରଫେସର ଏଞ୍ଜେଲିନ କିଣ୍ଡୋ, ସହକାରୀ ପ୍ରଫେସର ନୂତନ ଖମାରୀ,ଅଜିତ କୁମାର ସାହୁ, ଶିବ ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ବହୁଚର୍ଚ୍ଚିତ ନାବାଳିକା ବଳାତ୍କାର ଘଟଣା, ଫେରାର ଅଭିଯୁକ୍ତ ଗିରଫ

**କୁଆଁରମୁଣ୍ଡା, ୭।୨(ମହେନ୍ଦ୍ର କୁମାର ସାହୁ):** ସାଢ଼େ ୫ ବର୍ଷ ତଳେ ବୀରମିତ୍ରପୁର ଥାନା ପରିସରରେ ଘଟିଥିବା ବହୁଚର୍ଚ୍ଚିତ ନାବାଳିକା ବଳାତ୍କାର ଘଟଣାରେ ଜଣେ ଫେରାର ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ପୋଲିସ ଶନିବାର ଗିରଫ କରି ସୁନ୍ଦରଗଡ଼ ପୋକ୍ସୋ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରାଏବୋଗା ଥାନା ଅନ୍ତର୍ଗତ ଅଣ୍ଡାଳି ପଞ୍ଚାୟତର ଜାମବାହାଲ ଗ୍ରାମର ବିର୍ସା ଇନ୍ଦୁଆର(୪୩)। ଏନେଇ ବୀରମିତ୍ରପୁର ଥାନା ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି। ସୂଚନା ଥାଉକି, ୨୦୨୦ ଜୁନ୍ ୨୯ରେ ବୀରମିତ୍ରପୁର ଥାନା ପରିସରରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ସେତେବେଳର ବୀରମିତ୍ରପୁର ଆଇଆଇସି ଚାକିରିରୁ ସସ୍‌ପେଣ୍ଡ ହୋଇ ଜେଲ ଯାଇଥିଲେ। ଉକ୍ତ ଘଟଣାରେ ଏବେ ମଧ୍ୟ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

## କୁତ୍ରାରେ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବସ୍




ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀମାନେ।

**କୁତ୍ରା,୭।୨(ଦେବାଶିଷ ସାହୁ)**


**ବିଦ୍ୟୁତ୍-ଚୁମ୍ବକୀୟ ପ୍ରକଳ୍ପ ଦେଖିଲେ ପିଲା**

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରରୁ ଆସିଥିବା ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବସ ଶୁକ୍ରବାର ଓ ଶନିବାର ୨ ଦିନ ଧରି କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀରେ ବିଦ୍ୟୁତ୍ ଓ ଚୁମ୍ବକୀୟତା ସମ୍ବନ୍ଧୀୟ ବିଭିନ୍ନ ପ୍ରକାରର ବୈଜ୍ଞାନିକ ପ୍ରକଳ୍ପ ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ପ୍ରୟୋଗ ମାଧ୍ୟମରେ ବିଜ୍ଞାନକୁ ନିକଟରୁ ବୁଝିବାର ସୁଯୋଗ ପାଇଥିଲେ। ଏହା ଦ୍ୱାରା ଗାଁ ର ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନେ ମଧ୍ୟ ଜାତୀୟ ସ୍ତରର ବିଜ୍ଞାନ ପ୍ରଦର୍ଶନୀର ଅନୁଭବ ହାସଲ କରିପାରୁଛନ୍ତି। ଭ୍ରାମ୍ୟମାଣ ବସରେ ବିଜ୍ଞାନ ଯୋଗାଯୋଗକାରୀ ଶୁକାନ୍ତ କୁମାର ବେହେରା ଓ ଟେକନିସିଆନ ସଞ୍ଜୟ ସାହୁ ଉପସ୍ଥିତ ଥାଇ ପିଲାମାନଙ୍କୁ ପ୍ରକଳ୍ପଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ, ପ୍ରଧାନ ଶିକ୍ଷକ ନଳିନିକାନ୍ତ ଶାସନୀ, ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ, ବିଜ୍ଞାନ ଶିକ୍ଷୟତ୍ରୀ ଦିପିକା କେର୍କେଟା ସହିତ ଅନ୍ୟାନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ, ସିଆରସିମାନେ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ବହୁ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଯୋଗଦେଇ ପ୍ରଦର୍ଶନୀର ଲାଭ ଉଠାଇଥିଲେ। ରାତିରେ ଗ୍ରହ, ନକ୍ଷତ୍ର ଓ ତାରାମଣ୍ଡଳ ଦେଖିବା ପାଇଁ ମଧ୍ୟ ବିଶେଷ ବ୍ୟବସ୍ଥା କରାଯାଇଥିଲା।

## ଓଡ଼ିଶା ପାଠ୍ୟକ୍ରମ ରୂପରେଖ ପାଇଁ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଲହୁଣିପଡ଼ା, ୭।୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣିପଡା ବ୍ଲକ ଖୁଣ୍ଟୁଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୫ଦିନିଆ ବ୍ଲକସ୍ତରୀୟ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ନିମନ୍ତେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ଦିଗ୍‌ଦର୍ଶନ ଉପରେ ଆଧାରିତ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ତାଲିମ କାର୍ଯ୍ୟକ୍ରମ ଫେବୃଆରୀ ୩ରେ ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା। ନୂତନ ଶିକ୍ଷାନୀତି ଅନୁସାରେ ଦକ୍ଷତାଭିତ୍ତିକ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତି ହୋଇସାରିଛି, ଯାହାକି ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରେ ବିଦ୍ୟାଳୟଗୁଡିକରେ ପ୍ରଚଳିତ ହେବ। ତେଣୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଗ୍ରିମ ତାଲିମ ପ୍ରଦାନ କରାଯାଇଥିଲା। ସାଧନକର୍ମୀ ସିଆରସିସି ହରିପଦ ଜେନା, ଅଶ୍ୱିନୀ କୁମାର ବିଶ୍ୱାଳ, ଶରତ କୁମାର ପାତ୍ର, ସହକାରୀ ଶିକ୍ଷକ ଯୁଗଳ କିଶୋର ପ୍ରଧାନ, ଶଙ୍କର ପ୍ରସାଦ ଦେହୁରୀ, ବିଜୟ କୁମାର ବିଶ୍ୱାଳ, ଅକ୍ଷୟ କୁମାର ପ୍ରଧାନ, ଜଗଦୀଶ ଚନ୍ଦ୍ର ସାହୁ ଓଡିଶା ପାଠ୍ୟକ୍ରମ ରୂପରେଖ ଉପରେ ଲହୁଣିପଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୦୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ଏବିଇଓ ନରହରି କିଷାନ ଉପସ୍ଥିତ ରହି ନୂତନ ପାଠ୍ୟପୁସ୍ତକ କିପରି ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚିବ ଓ ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ସାଧିତ ହୋଇପାରିବ ତାହା ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ବୋଲି ମତ ଦେଇଥିଲେ। ଶେଷରେ ସାଧନକର୍ମୀ ଓ ତାଲିମ୍‌ଧାରୀ ନିଜ ନିଜର ଅନୁଭୂତି ବିଷୟରେ କହିଥିଲେ। ସମସ୍ତ ତାଲିମ୍ ଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

## ଟ୍ରାନ୍ସଫର୍ମର ଚୋରି ଉଦ୍ୟମ, ୫ ଧରାପଡ଼ିଲେ

**ବିନିକା,୭।୨(ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୧୨ନଂ ୱାର୍ଡ ଜାମଛାପର ଗ୍ରାମ ରାସ୍ତାକଡରେ ଥିବା ଟ୍ରାନ୍ସଫର୍ମରକୁ ଶନିବାର ପାହାନ୍ତିଆ ପ୍ରହରରେ ହେଉଥିବା ଚୋରି ଉଦ୍ୟମ ବିଫଳ ହୋଇଛି। ଟ୍ରାନ୍ସଫର୍ମର ଖୋଲିବା ବେଳେ ଗାଁ ଲୋକଙ୍କଠାରୁ ଖବର ପାଇ ପୋଲିସ ୫ଜଣଙ୍କୁ ଧରିଛି। ଏଥିସହିତ ଚୋରି ପରେ ଟ୍ରାନ୍ସଫର୍ମର ନେବାକୁ ଆଣିଥିବା ଟାଟା ଏସିଇ(ନଂ. ସି ଜି ୧୩ ବି ଇ ୦୪୩୨)କୁ ଜବତ କରାଯାଇଛି। ସୂଚନା ଅନୁସାରେ ପ୍ରତ୍ୟୁଷରୁ ଜାମଛାପର ଗ୍ରାମ ରାସ୍ତାପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମର ଖୋଲିବା ସମୟରେ ଜଣେ ବ୍ୟକ୍ତି ଦେଖି ଗାଁ ଲୋକଙ୍କୁ ଫୋନରେ ଜଣାଇଥିଲେ।

# ବି.ବି.ଜେ.ସି. ମୟୂରଭଞ୍ଜ ବିଜେତା

**୭ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

**ବନ୍ଧମୁଣ୍ଡା,୭।୨(ସୁବ୍ରତ ଦେ)**



ପ୍ରତିଯୋଗିତାରେ ଭାଗ ନେଇଥିବା ଅତିଥି ଓ ଖେଳାଳି।

ବନ୍ଧମୁଣ୍ଡାର ଚମ୍ପାଗଡ଼ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ କ୍ଲବ ଖେଳ ପଡ଼ିଆଠାରେ ଆୟୋଜିତ ୭ମ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ରଘୁନାଥ ମୁର୍ମୁ ଯୁବ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି ୨ ଦିବସୀୟ ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବି.ବି.ଜେ.ସି. ମୟୂରଭଞ୍ଜ ଓ ଠାକୁର ବ୍ରଦର୍ସ ଦଳ ମଧ୍ୟରେ ହୋଇଥିଲା। ଏହି ରୋମାଞ୍ଚକର ମୁକାବିଲାରେ ବି.ବି.ଜେ.ସି. ମୟୂରଭଞ୍ଜ ଦଳ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଜିତ ହାସିଲ କରିଥିବା ବେଳେ ରାଉରକେଲାର ବିର୍ସା କ୍ଲବ ତୃତୀୟ ଏବଂ କୋଲହାନ ଟାଇଗର ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ସମାରୋହରେ ବନ୍ଧମୁଣ୍ଡା ଥାନା ଅଧିକାରୀ ରଞ୍ଜନ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଗୁରୁଚରଣ ମରାଣ୍ଡି, ମଙ୍ଗଳ ମରାଣ୍ଡି, ନବୀନ ସୋରେନ, ଗୋପାଳ ମରାଣ୍ଡି, ମଉ ମୋହନ ଟୁଡୁ, ଦିଲୀପ ମହାନ୍ତି, ଶିବ ମିଶ୍ର, ଲକ୍ଷ୍ମଣ ମୁର୍ମୁ, ଦେବୀଲାଲ ସୋରେନ ଓ ବିନୋଦ ମାଝୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ଭାନୁ ବାଉରି, କଲ୍ୟାଣ ମୁର୍ମୁ ଓ ହେମନ୍ତ ହାଁସଦା ରେଫେରି ଭାବେ ଦାୟିତ୍ୱ ପାଳନ କରିଥିଲେ। ଟୁର୍ନାମେଣ୍ଟର ସଫଳ ଆୟୋଜନରେ ଠାକୁରା ମୁର୍ମୁ, ଚେତନ ମରାଣ୍ଡି ସହ ଆୟୋଜକ ସମିତିର ଅନ୍ୟାନ୍ୟ ସଦସ୍ୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

# ସାହିତ୍ୟର ଭିନ୍ନ ସ୍ୱର ଶୁଣିବା ଦରକାର

ସମ୍ବଲପୁର, ୭।୨ (ବି.ଶଙ୍କର)



ଶନିବାର ଆୟୋଜିତ ପାଠଚକ୍ରରେ ମଞ୍ଚାସୀନ ଅତିଥି ଓ ବକ୍ତା।

## ଏନ୍ଏସ୍ସିବି ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ପାଠଚକ୍ର

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍ଏସସିବି) ମହାବିଦ୍ୟାଳୟର ସ୍ନାତକୋତ୍ତର ଇଂରାଜୀ ବିଭାଗ ଆୟୋଜିତ ଦ୍ୱି-ଦିବସୀୟ ଅନ୍ତର୍ଜାତୀୟ ପାଠଚକ୍ର ଶନିବାର ଉଦ୍‌ଯାପିତ ହୋଇଯାଇଛି। ସାଂପ୍ରତିକ ସାହିତ୍ୟରେ ଲିଙ୍ଗ, ଜାତି, ଶ୍ରେଣୀ ଓ ପରିବେଶ ଭିତ୍ତିରେ ଶୋଷିତ ବର୍ଗଙ୍କ ଅଧ୍ୟୟନ ବିଷୟରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ବକ୍ତାମାନଙ୍କ ଏକ ଶୈକ୍ଷିକ ସମାବେଶ ହୋଇଥିଲା।

ଅଧ୍ୟକ୍ଷ ଡ.ପ୍ରଦୀପ କୁମାର ହରପାଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜ କୁମାର ପାଠଚକ୍ରର ଭିତ୍ତିପ୍ରବନ୍ଧ ଉପସ୍ଥାପକଭାବେ ଯୋଗଦେଇଥିଲେ। ସାହିତ୍ୟର ଭିନ୍ନ ଭିନ୍ନ ସ୍ୱର ଶୁଣିବା ନିହାତି ଦରକାର। ଏହାଦ୍ୱାରା ସାହିତ୍ୟ ସମୃଦ୍ଧ ହେବା ସଙ୍ଗେସଙ୍ଗେ ଗଣତନ୍ତ୍ର ମଧ୍ୟ ଶକ୍ତିଶାଳୀ ହେବ ବୋଲି ପ୍ରଫେସର ରାଜ ମତବ୍ୟକ୍ତ କରିଥିଲେ। ଇଂଲଣ୍ଡର ବୋର୍ନମାଉଥ ବିଶ୍ୱବିଦ୍ୟାଳୟର ପ୍ରଫେସର ହେୱେଲ ଡିକ୍ସ, ଶ୍ରୀଲଙ୍କାର ପ୍ରସିଦ୍ଧ ଲେଖକ ଓ ସମାଲୋଚକ ଡ. ଦୟା ଦିଶାନାୟକେ ବହୁବିଧ ଶୋଷଣ ପରିପ୍ରେକ୍ଷୀରେ ସାହିତ୍ୟ ଓ ସାହିତ୍ୟିକମାନଙ୍କ ଦାୟିତ୍ୱ ଏବଂ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁବାଦକ ଓ ସାମାଜିକ କର୍ମୀ ଡ. ବାସୁଦେବ ସୁନାନୀ ତାଙ୍କ ବକ୍ତବ୍ୟରେ ସାମାଜିକ ପଦ ପଦବୀର ଅହଂ ପରିତ୍ୟାଗ କରିବା ପାଇଁ ପ୍ରେରଣା ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ଆତ୍ମଜୀବନୀ ମୂଳକ ରଚନାରେ ଶୋଷିତ ବର୍ଗଙ୍କ ଦୁର୍ଦ୍ଦଶାର ମାର୍ମିକ ଚିତ୍ର ସମ୍ପର୍କରେ ଆଲୋଚନା କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗର ମୁଖ୍ୟ ପ୍ରଫେସର ଅସୀମ ରଞ୍ଜନ ପାଢୀ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ମୋତିଲାଲ ନେହେରୁ ମହାବିଦ୍ୟାଳୟର ପ୍ରଫେସର ବାବୁଲି ନାୟକ ଭାଷା, ବ୍ୟାକରଣ ଓ ଶୋଷଣ ଉପରେ ଏକ ତଥ୍ୟଭିତ୍ତିକ ନିବନ୍ଧ ଉପସ୍ଥାପନ କରିଥିଲେ। ସେହିପରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ.ପ୍ରତାପ କୁମାର ଦାସ ଆତ୍ମଜୀବନୀ ସମ୍ମିଳିତ ନିବନ୍ଧ ମାଧ୍ୟମରେ ଶୋଷଣର କୁପରିଣାମ ସମ୍ପର୍କରେ ଆଲୋଚନା କରିଥିଲେ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ପ୍ରାସେନଜିତ ସିହ୍ନା ଆଞ୍ଚଳିକରୁ ବୈଶ୍ୱିକ ଧାରାରେ ଶୋଷଣର ସ୍ଥିତି ଓ ସ୍ୱରୂପ ସମ୍ପର୍କରେ ନିବନ୍ଧ ଉପସ୍ଥାପନ କରିଥିଲେ। ଏହି ସାହିତ୍ୟିକ ସଙ୍ଗମରେ ସମଗ୍ର ଦେଶରୁ ଅଢେଇ ଶହରୁ ଊର୍ଦ୍ଧ୍ୱ ନିବନ୍ଧ, ୨୪ଟି ପ୍ରତ୍ୟକ୍ଷ ଓ ଆଭାସି ଜରିଆରେ ଉପସ୍ଥାପନ କରାଯାଇଥିଲା। ଅଧିବେଶନରେ ପାଠଚକ୍ରର ବିଷୟ ବସ୍ତୁକୁ ଆଧାର କରି ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଅନୁରାଗ ଚୌହାନ ଶୋଷଣ ଓ ଶୋଷକର ଚିରନ୍ତନ ପ୍ରକ୍ରିୟା ଭିତରେ ମାନୀୟ ଶୋଷଣ ପ୍ରବଣତା ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଇଂରାଜୀ ବିଭାଗୀୟ ମୁଖ୍ୟ ଆଦିତ୍ୟ ମେହେର, ପାଠଚକ୍ର ଆବାହକ ହରିହର ମଲ୍ଲିକ, ସାଙ୍ଗଠନିକ ସମ୍ପାଦକ ବୀରସେନ ଦଲାଇ ବକ୍ତବ୍ୟ ରଖିଥିଲେ। ପାଠଚକ୍ର ଆୟୋଜନରେ ଅଧ୍ୟାପକ ନିରଞ୍ଜନ ରାଉତ, ସତ୍ୟରଞ୍ଜନ ଭୋଇ, ରାହୁଲ ଦେତା ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ, ୨ ନିର୍ଦ୍ଦୋଷରେ ଖଲାସ

ସମ୍ବଲପୁର, ୭।୨ (ପ୍ରମୋଦ ବହିଦାର)

## ନାବାଳିକା ବଳାତ୍କାର ମାମଲା

ମହୁଲପାଲି ଥାନା ଅଞ୍ଚଳରେ ୨୦୨୩ ମସିହାରେ ସଂଘଟିତ ନାବାଳିକା ବଳାତ୍କାର ମାମଲାରେ ରାୟ ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ପ୍ରକାଶ କରିଛନ୍ତି। ବିଚାରପତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ତାଙ୍କ ମା'ବାପାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି। ୬ ଜଣ ସାକ୍ଷ୍ୟ ଓ ଅନ୍ୟ ତଥ୍ୟ ପ୍ରମାଣ ଅନୁଧ୍ୟାନ ପୂର୍ବକ ଶନିବାର ଏହି ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ମହୁଲପାଲି ଥାନା କାଦୋପଡ଼ାର ସୁକାନ୍ତ କିଶାନ(୨୨)ଙ୍କୁ ଦଫା ୩୭୬(୨)(ଏନ୍) ଓ ୬ ପୋକ୍ସୋ ଆଇନ୍‌ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ସଶ୍ରମ ଲେଖାଏ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦଫା ୫୦୬ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଅତିରିକ୍ତ ୨ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଦଫା ୩୨୩ରେ ଅଭିଯୁକ୍ତଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା ତଥା ଜରିମାନା ଅନାଦେୟ ଅତିରିକ୍ତ ୧ ମାସ ସଶ୍ରମ କାରଦଣ୍ଡ ପାଇଁ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି ବିଚାରପିତି।

ମିଳିଥିବା ସୂଚନା ଅନୁସାରେ ମହୁଲପାଲି ଥାନା ଅନ୍ତର୍ଗତ କୋଦୋପଡ଼ା ଗ୍ରାମର ସୁକାନ୍ତ ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ନିଜ ଘରକୁ ନେଇ ରଖିଥିଲେ। ଏହାସହ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ପରିବାର ଲୋକଙ୍କ ତାଙ୍କୁ ଗ୍ରହଣ କରି ନ ଥିଲେ। ଏପରିକି କିଛିଦିନ ପରେ ଅଭିଯୁକ୍ତ ନବାଳିକାଙ୍କୁ ଘରେ ନଜରବନ୍ଦୀ ଭାବେ ରଖି ତାଙ୍କ ଉପରେ ମାତାପିତାଙ୍କ ସହିତ ମିଶି ଅକଥନୀୟ ନିର୍ଯାତନା ଦେଇଥିଲେ। ୨୦୨୩ ଜୁଲାଇ ୧ ତାରିଖରେ ପୀଡ଼ିତା କୌଶଳକ୍ରମେ ଲୁଚି ନିଜ ଘରକୁ ଚାଲିଯାଇ ପରିବାର ଲୋକଙ୍କୁ ସବୁକଥା କହିଥିଲେ। ଏହାବାଦ ପୀଡ଼ିତାଙ୍କୁ ସାଙ୍ଗରେ ନେଇ ତାଙ୍କ ପିତା ମହୁଲପାଲି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଆଧାରରେ ମହୁଲପାଲି ଥାନରେ ଦଫା ୩୬୩, ୩୬୬, ୩୭୬(୨)(ଏନ୍), ୩୨୩, ୫୦୬ ଓ ୬ ପୋକ୍ସୋ ଆଇନ୍ ଏକ ମାମଲା (ନଂ.୭୩/୨୦୨୩)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ କରି ପୋଲିସ ଶିବଶଙ୍କର କିଶାନ(୫୧), ତାଙ୍କ ସ୍ତ୍ରୀ ପଦ୍ମାବତୀ କିଶାନ(୪୮) ଓ ପୁଅ ସୁକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଏନ୍ଏସ୍ସିବି କଲେଜରେ ସାମାଜିକ ବୁଝାମଣା ବୃଦ୍ଧି କର୍ମଶାଳା



ଯୁବପିଢ଼ିଙ୍କ ଅଭିନବ କର୍ମଶାଳାରେ ସାମିଲ ଛାତ୍ରୀଛାତ୍ର।

ସମ୍ବଲପୁର, ୭।୨ (ଭବାନୀ ଶଙ୍କର ଭୋଇ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍ଏସ୍ସିବି)ମହାବିଦ୍ୟାଳୟ ପରିସରରେ ଯୁବପିଢ଼ିଙ୍କ ମଧ୍ୟରେ ସୃଜନଶୀଳ ଚିନ୍ତାଧାରା ଓ ସାମାଜିକ ବୁଝାମଣା ବୃଦ୍ଧି ପାଇଁ ଶନିବାର ଅଭିନବ କର୍ମଶାଳା ଆୟୋଜିତ ହୋଇଯାଇଛି। ଯୁବପିଢ଼ୀଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇଁ ଗୋଷ୍ଠୀଗତ କାର୍ଯ୍ୟ ସମୟରେ କିପରି ସମାଜର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିଛନ୍ତି ସେ ନେଇ ଆଲୋଚନା କରାଯାଇଥିଲା। ସଂଯୋଜକ ମାସୁଦ ଆଲମ ଏବଂ ସହ ସଂଯୋଜକ ରଶ୍ମିତା କାଲେତ ଛାତ୍ରୀଛାତ୍ରଙ୍କୁ କାଳ୍ପନିକ ଲେମ୍ବୁ କାହାଣୀ ମାଧ୍ୟମରେ ମାନସିକ ଏକାଗ୍ରତା ଓ ପକ୍ଷପାତମୂଳକ ଚିନ୍ତାଧାରାରୁ ମୁକ୍ତ ହେବାର କଳା ଶିଖାଯାଇଥିଲା। ସମାଜରେ ପ୍ରଚଳିତ ବିଭିନ୍ନ ଗୁଜବ ଏବଂ ଭୁଲ ଧାରଣାକୁ କିପରି 'କ୍ରାପ ଓମିଟର' ବ୍ୟବହାର କରି ପରଖା ଯାଇପାରିବ ସେ ନେଇ ଯୁବକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିବା ୪୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉତ୍ସାହ ଓ ସୃଜନଶୀଳତା ପାଇଁ ସମ୍ମାନୀତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ନିଜ ବ୍ୟକ୍ତିଗତ ଅନୁଭୂତି ବାଣ୍ଟିବା ସହ ସମାଜକୁ ଏକ ନୂଆ ଦୃଷ୍ଟିକୋଣରୁ ଦେଖିବାର ସୁଯୋଗ ପାଇଲେ। ଆଜିର ସୂଚନା ପ୍ରଯୁକ୍ତିବିଦ୍ୟା ଯୁଗରେ ଯୁବପିଢ଼ିଙ୍କ ପାଖରେ ଠିକ୍ ଓ ଭୁଲ ଖବର ମଧ୍ୟରେ ପାର୍ଥକ୍ୟ ବୁଝିବାର ଦକ୍ଷତା ରହିବା ଜରୁରୀ। ଷ୍ଟୋରୀ-୪-ଚେଞ୍ଜ ଏବଂ 'କମ୍ୟୁନିଟି ଦି ୟୁଥ କଲେକ୍ଟିଭର ମିଳିତ ସହଯୋଗରେ ଆୟୋଜିତ 'ସମଝୋ ତୋ ଅଡ୍ଡା' ଜରିଆରେ କର୍ମଶାଳାର ଆୟୋଜନ କରାଯାଇ ଯୁବ ପିଢୀକୁ ସେହି ଆତ୍ମବିଶ୍ୱାସ ପ୍ରଦାନ କରିବାରେ ସହଯୋଗ କରାଯାଉଥିବା ମାସୁଦ କହିଛନ୍ତି।


ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

# ଅନ୍ତଃଜିଲା ଫୁଟ୍‌ବଲ ଟୁର୍ନାମେଣ୍ଟ: ସମ୍ବଲପୁର ଜିଲା ବିଜୟୀ

ସମ୍ବଲପୁର, ୭।୨ (ବି.ଶଙ୍କର)

ସମ୍ବଲପୁର ଜିଲା ବର୍ଷୀୟାନ କ୍ରୀଡ଼ା ସଂଘ ଆୟୋଜିତ ତୃତୀୟ ବିଜୟ ବାହାଦୁର ସିଂ ଓ ଭୀମାସନ ଛତର ସ୍ମାରକୀ ଅନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଉଦ୍‌ଘାଟନୀ ମ୍ୟାଚ ସମ୍ବଲପୁର ଜିଲା ବନାମ ବୌଦ୍ଧ ଜିଲା ମଧ୍ୟରେ ଏକତରଫା ହୋଇଥିଲା। ସମ୍ବଲପୁର ଦଳ ୬-୧ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ୨୭ ଓ ୭୪ତମ ମିନିଟରେ ସମ୍ବଲପୁରର ସୟଦ ରୌନକ ଦୁଇଟି ଗୋଲ ସ୍କୋର କରିଥିଲେ। ସେହିପରି ଛବିଲ କିଶାନ ୨ଟି ଏବଂ ବିନିତ ଓରାମ ଏବଂ ଅଭିଷେକ ସୁନା ଗୋଟିଏ ଲେଖାଏ ଗୋଲ ସ୍କୋର କରଇଥିଲେ। ବୌଦ୍ଧ ଦଳର ଆଲୋକ ମହାକୁର ୧ଟି ଗୋଲ ସ୍କୋର କରିଥିଲେ। ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି, ଜିଲାକ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ବାବୁଲୁ ପାତ୍ର, ଯୁଗଳ ସିଂହ ସମ୍ମାନୀତ ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ବର୍ଷୀୟାନ କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସଦାଶିବ ପୁରୋହିତଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା।

## ଅଲ୍ ଓଡ଼ିଶା ହୀରାକୁଦ ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ ହୀରାକୁଦ ଦଳ

ସମ୍ବଲପୁର, ୭।୨ (ଭବାନୀ ଶଙ୍କର ଭୋଇ)

ଆଠଟି ଦଳକୁ ନେଇ ହୀରାକୁଦ ଆଥଲେଟିକ ଆସୋସିଏଶନ ପକ୍ଷରୁ ସପ୍ତ ଦିବସୀୟ ଅଲ ଓଡ଼ିଶା ହୀରାକୁଦ ଫୁଟବଲ ଟୁର୍ନାମେଣ୍ଟରେ ଶନିବାର ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ଦଳକୁ ହରାଇ ହୀରାକୁଦ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ଅମୀମାଂସୀତ ରହବାରୁ ଟାଇବ୍ରେକରରେ ହୀରାକୁଦ ଦଳ କନ୍ଧମାଳ ଦଳକୁ ୬-୫ ଗୋଲରେ ପରାସ୍ତ କରିଥିଲା। ଦଳର ରାଜୁ ମିର୍ଦ୍ଧା ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚରେ ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ନରେନ୍ଦ୍ର ସାହୁ ଓ ହୀରାକୁଦ କ୍ରୀଡ଼ା ସଂସଦ କର୍ମକର୍ତ୍ତା ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରିଭାବେ ଫାଓର ସଙ୍କିକାନ୍ତ ଦାସିଆ, ଜିତେନ୍ଦ୍ର ପାତ୍ର, ଲକ୍ଷ୍ମଣ ସେଠ, ଦିଲେଶ୍ୱର କିଷାନ ଏବଂ ମ୍ୟାଚ କମିଶନର ଭାବେ ବିନୟ କୁମାର ସୁନା ଦାୟିତ୍ୱ ତୁଲାଇଥିଲେ।

# ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ

ସମ୍ବଲପୁର, ୭।୨ (ପ୍ରମୋଦ ବହିଦାର)

ରେଢ଼ାଖୋଲ ବ୍ଲକ ବଡ଼ମାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶୁକ୍ରବାର ଟିଙ୍କିରା ଗୋସେଇଁ ଯୁବକ ସଂଘ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସେବାର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ମାଲ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ ଦାସ, ସମବାୟ ସମିତି ସମ୍ପାଦକ ଅଗସ୍ତି ଧଳ, ଫାଣ୍ଡି ଅଧିକାରୀ ତପନ ପ୍ରଧାନ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୧ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସେବା ସଙ୍ଗଠନ ସଭାପତି ଅମର ତଣ୍ଡିଆ, ଲକ୍ଷ୍ମୀଧର ମହାପାତ୍ର, ଟିଙ୍କିରା ଗୋସେଇଁ ଯୁବକ ସଂଘ ସଭାପତି ଧର୍ମୁଧର ପ୍ରଧାନ, ସମ୍ପାଦକ ରାଜକିଶୋର ପ୍ରଧାନ, ଷଡ଼ାନନ ପ୍ରଧାନ ଶିବିର ଆୟୋଜନରେ ସହଯୋଗ କରିଥିଲେ।

# କୁଚିଣ୍ଡାକୁ ହରାଇ ଫାଇନାଲରେ ବ୍ରଜରାଜନଗର

କୁଚିଣ୍ଡା, ୭।୨ (ବିରଞ୍ଚି ଦର୍କା)

## କୁଚିଣ୍ଡା ଭିଜନ କପ କ୍ରିକେଟ ଟୁର୍ନାମେଣ୍ଟ

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମଠାରେ ଚାଲିଥବା ପ୍ରଥମ ଭିଜନ କୁଚିଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ବ୍ରଜରାଜନଗର ଆମ୍ବିସନ କ୍ଲବ ଏବଂ କୁଚିଣ୍ଡା ଭିଜନ କ୍ରିକେଟ ଏକାଡେମୀ ମୁହାଁମୁହିଁ ହୋଇଥିଲେ। ବ୍ରଜରାଜନଗର ଦଳ ଟସ୍ ଜିଣି ଫିଲଡିଂ କରିବା ନିଷ୍ପତ୍ତି ନେଇଥିଲା। କୁଚିଣ୍ଡା ଦଳ ୨୫ ଓଭରରେ ୯ ଉଇକେଟ ହରାଇ ୧୧୨ରନ କରିଥିଲା। ଦଳର ରୋହନ ରାୟ ୩୫ ରନ କରିଥିଲେ। ବ୍ରଜରାଜନଗରର ଶିଭମ କେ ସାହୁ ୨ ଉଇକେଟ ନେଇଥିଲେ। ଜବାବରେ ବ୍ରଜରାଜନଗର ଦଳ ୧୭.୫ ଓଭରରେ ୬ ଉଇକେଟ ହରାଇ ୧୧୫ ରନ କରି ୪ଉଇକେଟରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ସ୍ୱାଭିମାନ ସଂଗ୍ରାମ ସମିତି ସଭାପତି ଦେବେନ୍ଦ୍ର କିଶୋର ପତି, ଏବିଜିପି ସମ୍ବଲପୁର ସଭାପତି ଶୋଭନ ପଟ୍ଟନାୟକ, ସମ୍ବଲପୁର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ମାନସ ପଣ୍ଡା, କୁଚିଣ୍ଡା ୱାର୍ଡ଼ ନଂ.୯ କାଉନସିଲର ନବିନ ହୋତା, ଅନୁସୂଚିତ ଜାତି ଓ ଜନଜାତି ବିକାଶ ପରିଷଦ ସମ୍ପାଦକ ମନୋରଞ୍ଜନ ଭୋଇ, ପୂର୍ବତନ ଉପନଗରପାଳ କାର୍ତ୍ତିକ ମିସ୍ତ୍ରୀ, ମୁଟକା ଆଣ୍ଡ ସନ୍ସ ପରିଚାଳକ ନବିନ ଗୁପ୍ତା, କୁଚିଣ୍ଡା ବାରିକ ବ୍ୟବସାୟିକ ସଂଘ ସଭାପତି ଟଙ୍କଧର ପଶାୟତ, ପୂର୍ବତନ ଫୁଟବଲ ଖେଳାଳି ମହାବୀର ଶାହ, ଅତୁଲ ଅଗ୍ରୱାଲ ଅତିଥିଭାବେ ଯୋଗଦେଇ ମ୍ୟାଚ ଶୁଭାରମ୍ଭ କରିଥିଲେ। ମ୍ୟାଚ ସମାପନ ପରେ ଡା. ଶରତ ଚନ୍ଦ୍ର ଗୌନ୍ତିଆ, କୁଚିଣ୍ଡା ପୂର୍ବତନ ଉପନଗରପାଳ ଆରତୀ ନାୟକ, କୁତୁରାଚୁଆଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଗରିଆବାହାଲ ଉଚ୍ଚବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାୟାଧର କାଲୋ ଅତିଥିଭାବେ ଯୋଗଦେଇ ବ୍ରଜରାଜନଗରର ଶିଭମ କେ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାରକୁ ସ୍ୱର୍ଗତ ଡା. ଅଶିମନ ନାୟକଙ୍କ ସ୍ମୃତିରେ ପ୍ରଦାନ କରାଯାଇଥିଲା। କୁଚିଣ୍ଡା ଭିଜନ କପ କ୍ରିକେଟ ଟୁର୍ନାମେଣ୍ଟ ସଭାପତି ନଳିନୀକାନ୍ତ ମହାନ୍ତି, ଉପସଭାପତି ଅମିତ ମିଶ୍ର, ସାଧାରଣ ସମ୍ପାଦକ ଉଦିତ ରଞ୍ଜନ ଦଶଭାୟା, ମହେଶ ରାୟ, ପ୍ରମୁଖ ପରିଚାଳନା କରିଥିଲେ।

# ହୀରାକୁଦରେ ୱାର୍ଡସ୍ତରୀୟ କିଶୋରୀ ମେଳା

ସମ୍ବଲପୁର, ୭।୨ (ବି.ଶଙ୍କର)

ହୀରାକୁଦସ୍ଥିତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଓ ସମନ୍ୱିତ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ କିଶୋରୀ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପାୱାର କଲୋନୀ କମ୍ୟୁନିଟି ସେଣ୍ଟରଠାରେ ହୀରାକୁଦ ୱାର୍ଡ ନମ୍ବର ୮ ରୁ ୧୨ର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ କିଶୋରୀମାନଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିଲା। ସିଡିପିଓ ଆରତୀ ସିଂ, ରୁଦ୍ରାଣୀ ମହାପାତ୍ର, ବିଲାସିନୀ ନାଥଶର୍ମା, ଅକ୍ଷୟ ସୁନା ଏବଂ ପାରିପାର୍ଶିକ ଉନ୍ନୟନ ବିଭାଗର ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ ମିଳିତ ଭାବରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରତୀ ସିଂ କିଶୋରୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ସରକାରଙ୍କର କନ୍ୟା ବିବାହ ଜୋଜନା ଉପରେ ଆଲୋକପାତ କରିଥିଲେ। ଏହି ମେଳାରେ କିଶୋରୀ ମାନଙ୍କର ମଧ୍ୟରେ ପତ୍ର ଲିଖନ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ ବିଜେତା କିଶୋରୀ ମାନଙ୍କୁ ଟ୍ରଫି ଏବଂ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ହୀରାକୁଦ ଅଞ୍ଚଳର ଅଙ୍ଗନୱାଡି କର୍ମୀମାନେ ପୁଷ୍ଟିକର ଖାଦ୍ୟ ସମୂହର ପ୍ରଦର୍ଶନ କରିଥିଲେ। ପରିପାର୍ଶ୍ୱିକ ଉନ୍ନୟନ ବିଭାଗର ସନ୍ତୋଷ କୁମାର ତ୍ରିପାଠୀ ଏବଂ ମିଳନ କୁମାର ସାହୁ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।



ସମନ୍ୱିତ ଶିଶୁ ବିକାଶ ବିଭାଗ ଆୟୋଜିତ କିଶୋରୀ ମେଳାରେ ପ୍ରତିନିଧିମାନେ।

# ପରୀକ୍ଷା ଦେବେ ୧୧ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ

ସମ୍ବଲପୁର, ୭।୨ (ପ୍ରମୋଦ ବହିଦାର)


ସମ୍ବଲପୁର ଜୋନ କାର୍ଯ୍ୟାଳୟରେ ବିଭିନ ନୋଡାଲ କେନ୍ଦ୍ରକୁ ଆଡ଼ମିଟ୍ କାର୍ଡ ପ୍ରେରଣ ପାଇଁ ପ୍ରସ୍ତୁତି କରାଯାଉଛି।

## ସମ୍ବଲପୁର ଜିଲାର ୮୧ ସେଣ୍ଟରରେ ମାଟ୍ରିକ ପରୀକ୍ଷା

ଆସନ୍ତା ୧୯ତାରିଖରୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ଦ୍ୱାରା ପରିଚାଳିତ ୨୦୨୬ବର୍ଷର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍(ଏଚ୍ଏସ୍ସି) ପରୀକ୍ଷାରେ ଅବତୀର୍ଣ୍ଣ ହେବେ ଜିଲାର ୧୧ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ। ଏଥିପାଇଁ ବିଏସ୍ଇ ସମ୍ବଲପୁର ଜୋନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜୋନ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ସମ୍ବଲପୁର ସହିତ କଳାହାଣ୍ଡି, ନୂଆପଡ଼ା, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ ଆଦି ୯ଟି ଜିଲାକୁ ନେଇ ଗଠିତ ସମ୍ବଲପୁର ଶିକ୍ଷା ଜୋନରେ ସମୁଦାୟ ୧ ଲକ୍ଷ ୨୫ ହଜାର ୮୩୯ ଜଣ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୨୫ ହଜାର ୩୨୭ ରେଗୁଲାର ଓ ୫୧୨ଜଣ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀ ରହିଛନ୍ତି। ଜୋନରେ ମୋଟ୍ ୨୫୫୬ ଜଣ ଷ୍ଟେଟ୍ ଓପନ୍ ସ୍କୁଲ(ଏସ୍ଓଏସ୍ସି) ଏବଂ ୩୪୯ ଜଣ ମଧ୍ୟମା ପରୀକ୍ଷାର୍ଥୀ ମଧ୍ୟ ଚଳିତ ମାଟ୍ରିକ୍ ପରୀକ୍ଷାରେ ଅବତୀର୍ଣ୍ଣ ହେବେ।

ମାଟ୍ରିକ ପରୀକ୍ଷା ପାଇଁ ସମ୍ବଲପୁର ଜିଲାରେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଚଳିତବର୍ଷ ଜିଲାର ୨୧୩ଟି ବିଦ୍ୟାଳୟର ମୋଟ ୧୧୫୭୦ ଜଣ ରେଗୁଲାର, ୩୦ଜଣ ଏକ୍ସ ରେଗୁଲାର, ୩୮ ଜଣ ପତ୍ର ମାଧ୍ୟମ, ୨୦୪ ଜଣ ଷ୍ଟେଟ୍ ଓପନ୍ ସ୍କୁଲ ଓ ୩୦ ଜଣ ମଧ୍ୟମା ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ପଞ୍ଜୀକୃତ ହୋଇଥିବା ଜଣା ପଡ଼ିଛି। ପରୀକ୍ଷା ସୁପରିଚାଳନା ପାଇଁ ଜିଲାରେ ୭୮ଟି ବିଦ୍ୟାଳୟ ଓ ୩ଟି ଏସ୍ଓଏସ୍ସି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି। ପରୀକ୍ଷା କେନ୍ଦ୍ରର ସହାୟତା ପାଇଁ ଜିଲାରେ ମୋଟ ୬ଟି ନୋଡାଲ କେନ୍ଦ୍ର ମଧ୍ୟ ଖୋଲା ଯାଇଛି। ସେଗୁଡ଼ିକ ମଧ୍ୟରେ ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ, ବୁର୍ଲା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, କୁଚିଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ, ବାମରା ବାଳକ ଉଚ୍ଚ ବିଦ୍ୟାଳୟ, ରେଙ୍ଗାଲି ନୂଆ ରମ୍ପେଲା ଉଚ୍ଚ ବିଦ୍ୟାଳୟ ଓ ରେଢ଼ାଖୋଲ ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ରରେ ପରିଣତ କରାଯାଇଛି। ଶନିବାର ମାଟ୍ରିକ ପରୀକ୍ଷା ପାଇଁ ସମ୍ବଲପୁର ଜୋନକୁ ପଞ୍ଜିକୃତ ପରୀକ୍ଷାର୍ଥୀଙ୍କ ଆଡ଼ମିଟ୍ କାର୍ଡଗୁଡ଼ିକ ପହଞ୍ଚିଛି। ଏହାକୁ ସମ୍ପୃକ୍ତ ନୋଡାଲ କେନ୍ଦ୍ରକୁ ପ୍ରେରଣ କରାଯିବା ପରେ ସେଠାରୁ ଏହା ଅଧିନରେ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ହସ୍ତାନ୍ତର କରାଯିବ। ଏହାବାଦ ଦିନେ ଦୁଇ ଦିନ ମଧ୍ୟରେ ବିଦ୍ୟାଳୟର କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ଆଡ଼ମିଟ୍ କାର୍ଡ ବଣ୍ଟନ କରାଯିବ ବୋଲି ଜୋନ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
# କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼

## ବିଜ୍ଞପ୍ତି

**No.32001/22/2526**: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୟାଗଡ଼ ଜିଲ୍ଲାର ନୟାଗଡ଼ କ୍ଷୁଦ୍ର ଜଳସେଚନ ଉପ ବିଭାଜନର (ଡିମିସର) କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିମନ୍ତେ ମୌଜା-ଡିମିସର ଆବଶ୍ୟକ ପଡୁଥିବା ନିମ୍ନଲିଖିତ ବେସରକାରୀ ଭୂମିଗୁଡିକୁ ଖାତା ରୟତଙ୍କ ଠାରୁ ସିଧାସଳଖ କ୍ରୟ କରିବା ନିମନ୍ତେ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼ଙ୍କ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । କ୍ରୟ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟଗୁଡିକର ମୂଲ୍ୟାଙ୍କନ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଅନୁଯାୟୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତା.୧୨.୧୦.୨୦୨୩ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାକକ୍ଷରେ ଜିଲ୍ଲା କ୍ଷତିପୂରଣ ଉପଦେଷ୍ଟା କମିଟିର ବୈଠକରେ ସ୍ଥିର କରାଯାଇଅଛି । ଏହି ବିଜ୍ଞପ୍ତି ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯଦି କାହାର ମାଲିକାନା ଉପରେ ଆପତ୍ତି ଥାଏ, ତେବେ ଉକ୍ତ ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ ।

### ଠିକଣା

(୧) ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼ ।

(୨) ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ଉପ ବିଭାଜନ, ନୟାଗଡ ।

ବେସରକାରୀ ଜମିର ସବିଶେଷ ବିବରଣୀ ନିମ୍ନରେ ପ୍ରକାଶିତ ହୋଇଅଛି ।

### ମୌଜା-ଡିମିସର, ଥାନା-ଶରଣକୁଳ, ତହସିଲ-ଓଡ଼ଗାଁ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଖାତା ରୟତଙ୍କ ନାମ, ଠିକଣା |
|---|---|---|---|---|---|---|
| ୧ | ୪ | ୮୨୫ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ଅଇଁଠା ସେଠୀ, ପି-ଗଦେଇ ସେଠୀ, ଜାତି-ଧୋବା,ଗ୍ରାମ-ନିଜଗାଁ |
| ୨ | ୪୬ | ୪୯୯ | ସାରଦ ଦୋ ଫସଲି-୨ | ୦.୧୯ | ୦.୧୯ | ଆନନ୍ଦ ପରିଡା, କୈବଲ୍ୟ ପରିଡା, ପି-ଖତି ପରିଡା, ଜାତି-ଚଷା, ଗ୍ରାମ-ହରିପୁର |
| ୩ | ୬୨ | ୫୩୬ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଉତ୍ତମ ବିଶୋଇ, ସ୍ୱା-ବୃନ୍ଦାବନ ବିଶୋଇ, ଚିନ୍ତା ବିଶୋଇ, ମାଟିଆ ବିଶୋଇ, ଅବଳା ବିଶୋଇ, ପି-ବୃନ୍ଦାବନ ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୫୩୭ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| | | ୧୦୪୪ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | |
| | | ୧୬୭୭ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | |
| | | ୧୬୭୮ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | |
| ୪ | ୭୭ | ୫୨୩ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଶ୍ରୀ ସପନେଶ୍ୱର ମହାଦେବ ବିଜେ ନୟାଗଡ ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ ନୟାଗଡ |
| ୫ | ୭୮ | ୫୦୮ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଶ୍ରୀ ସପନେଶ୍ୱର ମହାଦେବ ବିଜେ ନୟାଗଡ ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ ନୟାଗଡ |
| | | ୫୨୨ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | |
| | | ୫୨୮ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| | | ୧୮୦୦ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | |
| | | ୧୪୨୧ | ସାରଦ ଦୋ ଫସଲି-୧ | ୦.୧୮ | ୦.୧୮ | |
| | | ୫୨୮/୪୭୮୬ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୬ | ୮୬ | ୧୧୨୨ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଏକାଦଶୀ ମହାରଣା, ଭାଗିରଥୀ ମହାରଣା, ପି-ଜଗନ୍ନାଥ ମହାରଣା, ଗ୍ରାମ-ଡିମିସର |
| ୭ | ୮୭ | ୫୩୯ | ସାରଦ ଦୋ ଫସଲି | ୦.୦୭ | ୦.୦୭ | କନକ ଦାସ, ସ୍ୱା-ନଟବର ଦାସ, ଆଲେଖ ଦାସ, ଲକ୍ଷ୍ମୀଧର ଦାସ |
| ୮ | ୯୫ | ୧୧୨୫ | ସାରଦ ଦୋ ଫସଲି | ୦.୦୬ | ୦.୦୬ | କାଲୁ ଜେନା, ପି-କ୍ଷେତ୍ର ଜେନା, ଜାତି-କାଳନ୍ଦି, ଗ୍ରାମ-ଡିମିସର |
| ୯ | ୧୦୧ | ୧୫୪ | ସାରଦ ଦୋ ଫସଲି | ୦.୦୮ | ୦.୦୮ | କାଶୀ ପଧାନ, ବେଙ୍ଗ ପଧାନ, ନନ୍ଦି ପଧାନ, ପି-ବୁଦ୍ଧି ପଧାନ, ଜାତି-କାଳନ୍ଦି, ଗ୍ରାମ-ଡିମିସର |
| ୧୦ | ୧୧୦ | ୧୪୭ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | କୀର୍ତନ ସ୍ୱାଇଁ, ଚିନ୍ତାମଣି ସ୍ୱାଇଁ, ଝର ସ୍ୱାଇଁ, ପି-ଲୋକନାଥ ସ୍ୱାଇଁ, ବାଉରୀ ସ୍ୱାଇଁ, ହାଲୁରି ସ୍ୱାଇଁ, ଦାଶରଥି ସ୍ୱାଇଁ, ପି-ଜଗବନ୍ଧୁ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ଗୋଡିପଡା |
| | | ୯୬୪ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | |
| | | ୯୬୩ | ସାରଦ ଦୋ ଫସଲି-୨ | ୦.୦୫ | ୦.୦୫ | |
| | | ୯୬୫ | ସାରଦ ଦୋ ଫସଲି-୨ | ୦.୦୧ | ୦.୦୧ | |
| ୧୧ | ୨୫୨ | ୧୧୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଜଗନ୍ନାଥ ପରିଡା, ପି-ରାମ ବଳିଆରସିଂଘ, ଜାତି-ଚଷା, ଗ୍ରାମ-ନଗମୁଣ୍ଡୁଳି |
| ୧୨ | ୮୧୦ | ୧୧୩ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ହଜାରି ବେହେରା, ଲାବଣ୍ୟ ବେହେରା, ପି-ବାଉରୀ ବେହେରା, ଝୁମେଇ ବେହେରା, ସ୍ୱା-ବାଉରୀ ବେହେରା, ଜାତି-କାଳନ୍ଦି,ଗ୍ରାମ-ଡିମିସର |
| | | ୧୧୪ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| | | ୧୧୫ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | |
| ୧୩ | ୮୫୫/୯୮ | ୧୨୬ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ବାଳକୃଷ୍ଣ ସାହୁ, ଗୋପାଳ ଚରଣ ସାହୁ, ପି-ମଧୁସୂଦନ ସାହୁ, ଜାତି- ଗୁଡିଆ, ଗ୍ରାମ-ନଗମୁଣ୍ଡୁଳି |
| | | ୧୨୭ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| ୧୪ | ୧୪୦ | ୧୨୫ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | କୈବଲ୍ୟ ବେହେରା, ପି-ମଙ୍ଗୁଳି ବେହେରା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୧୫ | ୭୯୪ | ୧୩୨ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ସୋଦର ସ୍ୱାଇଁ, ସ୍ୱା-କିରତନ ସ୍ୱାଇଁ, ଧୋବା ସ୍ୱାଇଁ, ସାହେବ ସ୍ୱାଇଁ, ଶେଷଦେବ ସ୍ୱାଇଁ, ଉଜାଲା ସ୍ୱାଇଁ, ନୀଳ ସ୍ୱାଇଁ, ପି-କୀର୍ତନ ସ୍ୱାଇଁ, ହିନ ସ୍ୱାଇଁ, ପି-ଭିକାରୀ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ଡିମିସର |
| | | ୧୩୩ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | |
| | | ୧୩୪ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | |
| ୧୬ | ୭୧୧ | ୧୩୧ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ଶଙ୍କର ଜେନା, ହର ଜେନା, ପି-ଦୋଳ ଜେନା, ବୃନ୍ଦାବନ ଜେନା, ରଇବାରି ଜେନା, ପି-ଲିଙ୍ଗା ଜେନା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୭ | ୩୬୪ | ୧୪୮ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ନବୀନ ବିଶୋଇ, ପି-ବଡପାଣ୍ଡୁ ବିଶୋଇ |
| | | ୧୦୪୬ | ସାରଦ ଦୋ ଫସଲି-୧ | ୦.୨ | ୦.୨ | |
| ୧୮ | ୪୫୫ | ୧୪୯ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ବନ୍ଧୁ ଜେନା, ପି-ନୀଳ ଜେନା |
| ୧୯ | ୭୦୬ | ୧୫୩ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଶଙ୍କର ସ୍ୱାଇଁ, ଦାସ ସ୍ୱାଇଁ, ପି-ସନିଆ ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ-ଡିମିସର |
| ୨୦ | ୫୩୬ | ୧୫୬ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ଭଗବାନ ସ୍ୱାଇଁ, ପି-ଅଗାଧୁ ସ୍ୱାଇଁ, ସୁଦାମ ସ୍ୱାଇଁ, କିର୍ତନ ସ୍ୱାଇଁ, ପି-ଦଣ୍ଡୁ ସ୍ୱାଇଁ, ଜାତି-ଖଣ୍ଡାୟତ |
| ୨୧ | ୩୨୩ | ୧୫୨ | ସାରଦ ଦୋ ଫସଲି-୧ | ୦.୧୩ | ୦.୧୩ | ଧନେଶ୍ୱର ବିଶୋଇ, ପି-ବୁଦ୍ଧି ବିଶୋଇ, ରଇବାରି ବିଶୋଇ, ସ୍ୱା-ବୁଦ୍ଧି ବିଶୋଇ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୧୫୧ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| ୨୨ | ୨୧୭ | ୮୩୦ | ସାରଦ ଦୋ ଫସଲି-୧ | ୦.୧୫ | ୦.୧୫ | ଚକ୍ରଧର ସାହୁ, ପି-ନରସିଂଘ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୨୩ | ୨୪୭ | ୮୨୯ | ସାରଦ ଦୋ ଫସଲି-୧ | ୦.୧୭ | ୦.୧୭ | ଜୟକୃଷ୍ଣ ସାହୁ, ଧନେଶ୍ୱର ସାହୁ, ପି-ଲିଙ୍ଗରାଜ ସାହୁ, ରାଜକିଶୋର ସାହୁ, ପି-ସଦା ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୨୪ | ୨୮୮ | ୭୩୪ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ଦଣ୍ଡୁ ସ୍ୱାଇଁ, ପି-କସ୍ତୁରି ରଣସିଂ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| | | ୮୨୩ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | |
| | | ୧୦୪୫ | ସାରଦ ଦୋ ଫସଲି-୧ | ୦.୧୨ | ୦.୧୨ | |
| ୨୫ | ୧୬୩ | ୮୨୪ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | ଖଲି ନାୟକ, ବାସୁ ନାୟକ, ପି-ଜେନା ନାୟକ, କୈବଲ୍ୟ ନାୟକ, ପି-ସଇତା ନାୟକ, ଲକ୍ଷ୍ମଣ ନାୟକ, ଜାତି-ଓଡ ଖଣ୍ଡାୟତ |
| ୨୬ | ୮୫୫/୫୯ | ୮୧୪ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ଦାଶରଥି ମଲିକ, ପି-ଜଗନ୍ନାଥ ମଲିକ, ଜାତି-କଣ୍ଡରା, ଗ୍ରାମ-ନିଜଗାଁ |
| ୨୭ | ୫୧୪ | ୮୮୬/୪୮୨୩ | ସାରଦ ଦୋ ଫସଲି-୨ | ୦.୦୨ | ୦.୦୨ | ବୁଦ୍ଧି ବିଶୋଇ, ପି-ପଞ୍ଚୁ ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୨୮ | ୪୫୬ | ୯୦୦ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ବନ୍ଧୁ ବିଶୋଇ, ପି-କ୍ଷେତ୍ର ବିଶୋଇ, ଡମ୍ବରୁଧର ବିଶୋଇ, ପି-ଖଲି ବିଶୋଇ, ସ୍ୱା-ଖଲି ବିଶୋଇ, ପଦି ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୯୦୧ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | |
| | | ୯୧୬ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| | | ୧୮୧୪ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୨୯ | ୭୬୩ | ୯୦୨ | ସାରଦ ଦୋ ଫସଲି-୨ | ୦.୦୫ | ୦.୦୫ | ସୁକୁରୀ ପଧାନ, ସ୍ୱା-କୀର୍ତନ ପଧାନ, ବିଶିକା ସ୍ୱାଇଁ, ସ୍ୱା-ଅର୍ଜୁନ ସ୍ୱାଇଁ |
| | | ୯୨୦ | ସାରଦ ଦୋ ଫସଲି-୨ | ୦.୦୯ | ୦.୦୯ | |
| | | ୮୨୧ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | |
| ୩୦ | ୧୬୦ | ୯୦୩ | ସାରଦ ଦୋ ଫସଲି-୨ | ୦.୦୫ | ୦.୦୫ | ଖଲି ନାୟକ, ପି-କେଳା ନାୟକ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୯୦୪ | ସାରଦ ଦୋ ଫସଲି-୨ | ୦.୦୨ | ୦.୦୨ | |
| ୩୧ | ୫୯୦ | ୯୨୧ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ମଙ୍ଗୁଳି ରାଉତ, ପି-କେଳା ରାଉତ, ମୁକୁନ୍ଦ ରାଉତ, ପି-ଭୀମ ରାଉତ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୯୨୨ | ସାରଦ ଦୋ ଫସଲି-୨ | ୦.୧ | ୦.୧ | |
| | | ୬୦୮ | ସାରଦ ଦୋ ଫସଲି-୧ | ୦.୧୩ | ୦.୧୩ | |
| ୩୨ | ୭୧୦ | ୯୨୩ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | ଶଙ୍କର ବେହେରା, ପି-ଶ୍ରୀଧର ବେହେରା, ମଣ୍ଡା ବେହେରା, ସ୍ୱା-ଶ୍ରୀଧର ବେହେରା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୭୪୧ | ସାରଦ ଦୋ ଫସଲି-୨ | ୦.୦୫ | ୦.୦୫ | |
| ୩୩ | ୬୬୦ | ୯୨୪ | ସାରଦ ଦୋ ଫସଲି-୨ | ୦.୦୫ | ୦.୦୫ | ରଇବାରି ବେହେରା, କୁସୁନ ବେହେରା, ସମ୍ବରୀ ବେହେରା, ଚକ୍ରଧର ବେହେରା, ବୁଦ୍ଧି ବେହେରା, ପି-ଗଦେଇ ବେହେରା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୭୪୭ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | |
| | | ୧୭୮୮ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | |
| ୩୪ | ୩୭୦ | ୯୩୮ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ନରସିଂହ ମହାରଣା, ଜଗନ୍ନାଥ ମହାରଣା, ପି-କଣ୍ଡ ମହାରଣା, ଜାତି-କମାର, ଗ୍ରାମ-ନିଜଗାଁ |
| | | ୯୩୯ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | |
| ୩୫ | ୨୧୧ | ୯୩୭ | ସାରଦ ଦୋ ଫସଲି-୨ | ୦.୦୩ | ୦.୦୩ | ଗୌରୀ ଦାସ, ସ୍ୱା-ଭିକାରି ଦାସ, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୩୬ | ୬୫୦ | ୯୩୬ | ସାରଦ ଦୋ ଫସଲି-୨ | ୦.୧୪ | ୦.୧୪ | ମୋଚି ବିଶୋଇ, ବଇଷମ ବିଶୋଇ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୯୪୦ | ସାରଦ ଦୋ ଫସଲି-୨ | ୦.୦୩ | ୦.୦୩ | |
| ୩୭ | ୩୦୧ | ୯୪୧ | ସାରଦ ଦୋ ଫସଲି-୨ | ୦.୦୩ | ୦.୦୩ | ଦ୍ୱାରି ମାଝି, ପି-ଗୋବିନ୍ଦ ମାଝି, ଜାତି-ପାଣ, ଗ୍ରାମ-ନିଜଗାଁ |
| ୩୮ | ୩୪୮ | ୯୬୧ | ସାରଦ ଦୋ ଫସଲି-୨ | ୦.୦୯ | ୦.୦୯ | ନଟବର ସାହୁ, ପି-ରାମ ସୁବୁଦ୍ଧି, କଇଁଛ ସାହୁ, ସ୍ୱା-ନଟବର ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| | | ୯୬୭ | ସାରଦ ଦୋ ଫସଲି-୨ | ୦.୦୮ | ୦.୦୮ | |
| ୩୯ | ୮୪୯ | ୧୧୨୩ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ହୀନା ପଧାନ, ପି-ମୋଚି ପଧାନ, ସୋଦରି ପଧାନ, ସ୍ୱା-ମୋଚି ପଧାନ, ରାମା ପଧାନ, ମାଟିଆ ପଧାନ, ପି-ପାଣ୍ଡୁ ପଧାନ, ଜାତି-କାଳନ୍ଦି, ଗ୍ରାମ- |
| ୪୦ | ୮୩୬ | ୧୧୨୪ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ହଳ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୁନିୟା ସ୍ୱାଇଁ, ରଇବାରି ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୪୧ | ୬୩୪ | ୬୧୫ | ସାରଦ ଦୋ ଫସଲି-୨ | ୦.୦୨ | ୦.୦୨ | ମାଟିଆ ସ୍ୱାଇଁ, ପି-ଅନନ୍ତ ସ୍ୱାଇଁ, ହଜାରି ସ୍ୱାଇଁ, ଲକ୍ଷ୍ମଣ ସ୍ୱାଇଁ, ଚନ୍ଦ୍ର ସ୍ୱାଇଁ, ସତୁରା ସ୍ୱାଇଁ, ପି-ପଞ୍ଚୁ ସ୍ୱାଇଁ,ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୧୨୭ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | |
| | | ୧୮୦୨ | ସାରଦ ଦୋ ଫସଲି-୨ | ୦.୦୯ | ୦.୦୯ | |
| | | ୧୮୦୩ | ସାରଦ ଦୋ ଫସଲି | ୦.୦୧ | ୦.୦୧ | |
| ୪୨ | ୮୫୫/୪୬୦ | ୫୫୬ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ବଳଭଦ୍ର ନାୟକ, ବୁଲୁ ନାୟକ, ପି-ବଳଭଦ୍ର ନାୟକ, ଜାତି-ଚଷା, ଗ୍ରାମ-ହରିପୁର |
| | | ୫୫୮ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| | | ୫୫୯ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| ୪୩ | ୫୭୧ | ୧୧୨୧ | ସାରଦ ଦୋ ଫସଲି-୧ | ୦.୧୭ | ୦.୧୭ | ଭିକାରି ଦାସ, ପି-ମାଧବ ପ୍ରହରାଜ, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୪୪ | ୩୨୯ | ୯୨୮ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ଧୋବା ସ୍ୱାଇଁ,ଭୋବନୀ ସ୍ୱାଇଁ, ମଣ୍ଡା ସ୍ୱାଇଁ, ପି-ପଞ୍ଚୁ ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ: ନିଜଗାଁ |
| | | ୧୧୨୮ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | |
| ୪୫ | ୩୩୧ | ୬୧୧ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଧୋବା ଜେନା, ପି-କେଳା ଜେନା, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୬୧୨ | ସାରଦ ଦୋ ଫସଲି-୧ | ୦.୧୩ | ୦.୧୩ | |
| | | ୧୧୨୯ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | |
| ୪୬ | ୩୯୫ | ୧୧୧୫ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ପଞ୍ଚୁ ବିଶୋଇ, ପି-ମାଗତା ସୁନ୍ଦରା, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୪୭ | ୭୭୮ | ୧୧୬୦ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ସୁଭାଷ ଚନ୍ଦ୍ର ସାହୁ, ନିଶା ସାହୁ, ସରସ ସାହୁ, ବିକାଶ ସାହୁ, ପି-ଲୋକନାଥ ସାହୁ, ସେବତୀ ସାହୁ, ସ୍ୱା-ଲୋକନାଥ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| | | ୧୪୩୨ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | |
| | | ୧୦୩୦ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | |
| ୪୮ | ୭୪୬ | ୧୨୮୪ | ସାରଦ ଦୋ ଫସଲି-୧ | ୦.୨୮ | ୦.୨୮ | ସାବିତ୍ରୀ ପାତ୍ର, ସ୍ୱା-ଶତ୍ରୁଘନ ପାତ୍ର, ଜାତି- କୁମୁଟି, ଗ୍ରାମ-ନିଜଗାଁ |
| ୪୯ | ୬୭୧ | ୧୨୮୫ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ରାଜ କିଶୋର ସାହୁ, ପି-ସଦାଶିବ ସାହୁ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୫୦ | ୬୨୮ | ୧୨୮୩ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ମାଗି ସ୍ୱାଇଁ, ସ୍ୱା-ଖଲି ସ୍ୱାଇଁ, ଅଇଁଠା ସ୍ୱାଇଁ, ପି-ଖଲି ସ୍ୱାଇଁ, ଦୁଲା ସ୍ୱାଇଁ, ରଇବାରି ସ୍ୱାଇଁ, ପି-ଲକ୍ଷ୍ମଣ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୨୯୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| | | ୧୨୯୧ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| | | ୧୨୮୨/୪୮୩୪ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| ୫୧ | ୮୩୫ | ୧୨୬୧ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ହଳ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୂନିୟା ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୫୨ | ୪୬୪ | ୧୨୬୨ | ସାରଦ ଦୋ ଫସଲି-୨ | ୦.୧୨ | ୦.୧୨ | ବନମାଳି ସାହୁ, ପି-ନରସିଂହ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୫୩ | ୩୫୦ | ୧୨୬୩ | ସାରଦ ଦୋ ଫସଲି-୨ | ୦.୧୧ | ୦.୧୧ | ନଟବର ସାହୁ, ରାମ ଶୁବୁଦ୍ଧି, କଇଁଛ ସାହୁ, ସ୍ୱା-ନଟବର ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୫୪ | ୮୪୧ | ୧୨୬୪ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ହାଲୁରି ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୁନିୟା ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୧୨୬୫ | ସାରଦ ଦୋ ଫସଲି-୨ | ୦.୦୧ | ୦.୦୧ | |
| ୫୫ | ୬୩୬ | ୧୨୬୮ | ସାରଦ ଦୋ ଫସଲି-୧ | ୦.୨୩ | ୦.୨୩ | ମାଟିଆ ସ୍ୱାଇଁ, ପି-ନନ୍ଦ ସ୍ୱାଇଁ, ବନ୍ଧୁ ସ୍ୱାଇଁ, ପି-ଅତଙ୍ଗ ସ୍ୱାଇଁ, କ୍ଷେତ୍ର ଜେନା, ପି-ପୁନିୟା ଜେନା, ହଟ ବିଶୋଇ, ପି-ଗୁରୁ ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୨୬୯ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | |
| ୫୬ | ୫୫୧ | ୧୨୭୩ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଭାଗିରଥୀ ସ୍ୱାଇଁ, ପି-ଚିନ୍ତାମଣି ସ୍ୱାଇଁ, ତପୋଇ ସ୍ୱାଇଁ, ସ୍ୱା-ଚିନ୍ତାମଣି ସ୍ୱାଇଁ, ଶେଷଦେବ ସ୍ୱାଇଁ, ପି-ଆମିନ ସ୍ୱାଇଁ, ଭରତ ସ୍ୱାଇଁ, ପି-ପାଇକରା ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୧୨୭୫ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | |
| | | ୧୩୦୬ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| | | ୧୩୦୭ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୫୭ | ୫୪୨ | ୧୨୭୪ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ଭରତ ସ୍ୱାଇଁ, ପାଇକରା ସ୍ୱାଇଁ, ଧୋବା ସ୍ୱାଇଁ, ଭୋବନୀ ସ୍ୱାଇଁ, ପି-ପଞ୍ଚୁ ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି-ଭୀମ ସ୍ୱାଇଁ, ଉଦିଆ ସ୍ୱାଇଁ, ପାବନ ସ୍ୱାଇଁ, ପି-ବାସୁ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୩୧୨ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| | | ୧୩୧୩ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୫୮ | ୪୧୦ | ୧୨୭୭ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ପତି ସ୍ୱାଇଁ, ପି-ମହନ୍ତ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୩୦୫ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| | | ୧୪୨୬ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | |
| ୫୯ | ୪୭୯ | ୧୩୦୪ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ବାଞ୍ଛାନିଧି ସ୍ୱାଇଁ, ଭିକାରି ସ୍ୱାଇଁ, ପି-ଅନନ୍ତ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୬୦ | ୮୦୦ | ୧୨୭୯ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ହଜାରି ସ୍ୱାଇଁ, ପି-ସଙ୍କରା ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, ହୀନ ସ୍ୱାଇଁ, ପି-ହଟ ସ୍ୱାଇଁ, ଅଲେଖ ସ୍ୱାଇଁ, ମଦନ ସ୍ୱାଇଁ, ପବିତ୍ର ସ୍ୱାଇଁ, ସରସ ସ୍ୱାଇଁ, ଜାତି-ଖଣ୍ଡାୟତ |
| | | ୧୨୮୦ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| | | ୧୩୦୧ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| ୬୧ | ୮୫୫/୯୭ | ୧୩୦୨ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ସରସ ସ୍ୱାଇଁ, ସ୍ୱା-ସାହେବ ସ୍ୱାଇଁ, ସାହେବ ସ୍ୱାଇଁ, ପି-କୀର୍ତନ ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୬୨ | ୩୩୯ | ୧୩୧୧ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ନଟବର ସ୍ୱାଇଁ, ସମ୍ବାରୀ ସ୍ୱାଇଁ, ପବନା ସ୍ୱାଇଁ, ପି-ସନିଆ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୬୩ | ୬୦୩ | ୧୪୨୩ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ମଧୁ ସାହୁ, ପି-ମଦନ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୬୪ | ୪୧୪ | ୧୪୨୭ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ପତି ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି-ମହନ୍ତ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୪୨୯ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୬୫ | ୮୫୪ | ୧୪୩୦ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ହେଙ୍ଗୁଳା ସ୍ୱାଇଁ, ସାହସ ସ୍ୱାଇଁ, ପି-ମଙ୍ଗୁଳି ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି-ପାଣ୍ଡୁ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୬୬ | ୬୨୬ | ୧୪୩୧ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ମାଗି ମଲ୍ଲିକ, ପି-ମହନ ମଲ୍ଲିକ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୬୭ | ୬୪୯ | ୧୧୬୧ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ମୋଚି ବିଶୋଇ, ପି-ମଙ୍ଗୁଳି ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୧୬୧/୪୭୮୩ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | |
| ୬୮ | ୨୦୩ | ୫୦୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଗୋବିନ୍ଦ ପଧାନ, ପି-ସୁକୁରୀ ପଧାନ, କାଶୀ ପଧାନ, ପି-ବୁଦ୍ଧି ପଧାନ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୫୦୧ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | |
| ୬୯ | ୨୩୪ | ୫୦୭ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଚିନ୍ତା ପଧାନ, ପି-ଆନନ୍ଦ ପଧାନ, ସୁକୁରି ପଧାନ, ସ୍ୱା-ଚିନ୍ତା ପଧାନ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୫୧୯ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | |
| ୭୦ | ୪୧୬ | ୫୨୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ପଦ୍ମଲାଭ ନାୟକ, ପି-ଅରକ୍ଷିତ ନାୟକ, ଜାତି-ଧୋବା, ଗ୍ରାମ-ହରିପୁର |
| ୭୧ | ୬୪୦ | ୫୨୧ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ମନ ଦଳବେହେରା, ପି-ଅମିନ ଦଳବେହେରା, ଜାତି-ଚଷା, ଗ୍ରାମ-ହରିପୁର |
| | | ୫୨୧/୪୯୦୮ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୭୨ | ୬୯୨ | ୫୩୮ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଲିଙ୍ଗରାଜ ପଧାନ, ଅନ୍ତର୍ଯାମୀ ପଧାନ, ପି-ଚିନ୍ତାମଣି ପଧାନ, ଜାତି-ଚଷା, ଗ୍ରାମ-ହରିପୁର |
| ୭୩ | ୫୯୬ | ୫୫୪ | ସାରଦ ଦୋ ଫସଲି-୧ | ୦.୧୩ | ୦.୧୩ | ମଦନ ଷଣ୍ଢ, ପି-ଚିନ୍ତା ଷଣ୍ଢ, ଜାତି-ଚଷା, ଗ୍ରାମ-ହରିପୁର |
| ୭୪ | ୮୫୫/୧୮ | ୫୫୫ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ଚିରଞ୍ଜୀବି ଦଳବେହେରା, ଯୋଗେନ୍ଦ୍ର ଦଳବେହେରା, ପି-ସୁଦର୍ଶନ ଦଳବେହେରା, ଜାତି-ଚଷା, ଗ୍ରାମ-ହରିପୁର |
| | | ୫୮୨ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | |
| ୭୫ | ୪୪୪ | ୫୬୦ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ପୁଣି ସ୍ୱାଇଁ, ସ୍ୱା-ଦଣ୍ଡୁ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ବିଳାଶ ସ୍ୱାଇଁ, ସୁଲେଇ ସ୍ୱାଇଁ, ମନ୍ଦି ସ୍ୱାଇଁ, ପି-ଦଣ୍ଡୁ ସ୍ୱାଇଁ, ଖଦଳ ସ୍ୱାଇଁ, ସ୍ୱା-ହଟ ସ୍ୱାଇଁ, ସୁଶୀଳା ସ୍ୱାଇଁ, ପି-ହଟ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୭୬ | ୧୪୨ | ୫୮୧ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | କୈବଲ୍ୟ ସ୍ୱାଇଁ, ବତୀ ସ୍ୱାଇଁ, ମାଟିଆ ସ୍ୱାଇଁ, ପି-ଯୋଗୀ ସ୍ୱାଇଁ, ଜାତି-ଚଷା, ଗ୍ରାମ-ନିଜଗାଁ |
| | | ୫୮୬ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| ୭୭ | ୧୫୨ | ୫୮୩ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ଖଲିଆ ଜେନା, ସ୍ୱା-ଧନୀ ଜେନା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୬୦୯ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୭୮ | ୮୫୫/୧୦ | ୮୨୨ | ସାରଦ ଦୋ ଫସଲି-୨ | ୦.୦୧ | ୦.୦୧ | ସତ୍ୟା ପଧାନ, ଇନ୍ଦିରା ପଧାନ, ପି-କୀର୍ତନ ପଧାନ, ଜାତି-ଓଡ ଖଣ୍ଡାୟତ |
| ୭୯ | ୫୪୮ | ୫୮୫ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ଭାଗବତ ପଧାନ, ପି-ଖତି ପଧାନ, ଭଗବାନ ପଧାନ, ପି-ବୈଦ୍ୟନାଥ ପଧାନ, ଦୁଲା ପଧାନ, ସ୍ୱା-ନରସିଂହ ପଧାନ, ଗ୍ରାମ-ହରିପୁର |
| | | ୧୭୪୮ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | |
| ୮୦ | ୯୨ | ୬୧୦ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | କାଳିକା ଦଳବେହେରା, ସ୍ୱା-କାଶୀନାଥ ଦଳବେହେରା, ଜାତି-ଚଷା, ଗ୍ରାମ-ହରିପୁର |
| ୮୧ | ୮୫୯ | ୬୧୪ | ସାରଦ ଦୋ ଫସଲି-୧ | ୦.୧୪ | ୦.୧୪ | ଶ୍ରୀ ଦଧିବାମନ ଜୀଉ ବିଜେ ନିଜଗାଁ ମାର୍ଫତ ନିର୍ବାହୀ ଅଧିକାରୀ ଦେବୋତ୍ତର ବିଭାଗ, ନୟାଗଡ |
| ୮୨ | ୬୦୫ | ୬୧୮ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ମହନ୍ତ ସ୍ୱାଇଁ, ପି-ବନମାଳି ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| | | ୧୪୨୮ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୮୩ | ୧୫୦ | ୧୭୪୫ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଖଲି ରାଉତ, ପି-କାଶୀ ରାଉତ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୮୪ | ୪୨୦ | ୧୭୪୪ | ସାରଦ ଦୋ ଫସଲି-୧ | ୦.୨୪ | ୦.୨୪ | ପଦ୍ମଚରଣ ସ୍ୱାଇଁ, ଲବଙ୍ଗ ସ୍ୱାଇଁ, ପି-ଘନଶ୍ୟାମ ସ୍ୱାଇଁ, ବାଉରୀବନ୍ଧୁ ସ୍ୱାଇଁ, ପି-ରଘୁ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୮୫ | ୬୧୬ | ୧୭୪୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ମହନ ଜେନା, ତପୋଇ ଜେନା, ପି-ଆନନ୍ଦ ଜେନା, ଝୁମେଇ ଜେନା, ସ୍ୱା-ଆନନ୍ଦ ଜେନା, କୈବଲ୍ୟ ଜେନା, ସନ୍ତରା ଜେନା |
| ୮୬ | ୭୪୭ | ୧୭୪୨ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ଶ୍ରୀ ଭାଗବତ ଗୋସ୍ୱାମୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ପକ୍ଷେ ସାମ ସାହୁ, ପି-ଅର୍ଜୁନ ସାହୁ |
| ୮୭ | ୭୦୧ | ୧୭୪୩ | ସାରଦ ଦୋ ଫସଲି-୧ | ୦.୦୭ | ୦.୭ | ଲୋକନାଥ ଦାସ, ପି-ଋଷି ଦାସ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୮୮ | ୨୭୭ | ୧୭୮୯ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ତ୍ରିଲୋଚନ ଦାସ, ପି-ଲୋକନାଥ ଦାସ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୮୯ | ୨୨୪ | ୧୭୯୨ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ଚାନ୍ଦ ସ୍ୱାଇଁ, ସ୍ୱା-ମାଗତା ସ୍ୱାଇଁ, ମହନ ସ୍ୱାଇଁ, କୋକିଳ ସ୍ୱାଇଁ, ପି-ସୁକୁରୀ ସ୍ୱାଇଁ, ଲୋଚନ ସ୍ୱାଇଁ, ପି-ଚଇତନ ସ୍ୱାଇଁ, ବାନା ସ୍ୱାଇଁ, ପି-ବରଜୁ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| | | ୧୭୯୩ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | |
| | | ୯୮୬ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | |
| ୯୦ | ୬୩୨ | ୧୭୯୯/୪୭୯୩ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ମାଟିଆ ସ୍ୱାଇଁ, ପି-ଅନନ୍ତ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୯୧ | ୧୩୦ | ୧୮୦୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | କୃପାସିନ୍ଧୁ ସାହୁ, ପି-ସଦାଶିବ ସାହୁ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୯୨ | ୩୬୬ | ୧୮୧୫ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ନରସିଂହ ନାୟକ, ପି-କଣ୍ଡ ନାୟକ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| | | ୧୮୧୭ | ସାରଦ ଦୋ ଫସଲି-୧ | ୦.୧୫ | ୦.୧୫ | |
| ୯୩ | ୩୧୧ | ୧୮୧୬ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ଦୁଖୀ ବିଶୋଇ, ସ୍ୱା-ରଘୁ ବିଶୋଇ, ଅରକ୍ଷିତ ବିଶୋଇ, ପି-ରଘୁ ବିଶୋଇ |
| ୯୪ | ୬୪୪ | ୧୮୧୮ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ମୁକ୍ତି ସାହୁ, ପି-ଲିଙ୍ଗରାଜ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୯୫ | ୮୫୫/୧୨୯ | ୮୮୨ | ସାରଦ-୨ | ୦.୧୪ | ୦.୧୪ | ଗୋବର୍ଦ୍ଧନ ନାୟକ, ସୁଦର୍ଶନ ନାୟକ, ପି-ଭୀମ ନାୟକ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୯୬ | ୪୫୬ | ୯୦୧ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ବନ୍ଧୁ ବିଶୋଇ, ପି-କ୍ଷେତ୍ର ବିଶୋଇ, ଡମ୍ବରୁଧର ବିଶୋଇ, ପି-ଖଲି ବିଶୋଇ, ପଡି ବିଶୋଇ, ସ୍ୱା-ଖଲି ବିଶୋଇ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୯୭ | ୮୫୫/୧୫୭ | ୧୩୦୦ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ବଳରାମ ବିଶୋଇ, ବଷ୍ଟରାମ ବିଶୋଇ, ପି-ଅର୍ଜୁନ ବିଶୋଇ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୯୮ | ୮୫୫/୨୨୨ | ୧୨୭୮ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ଗୌରାଙ୍ଗ ସାହୁ, ପି-ଦିନବନ୍ଧୁ ସାହୁ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୯୯ | ୮୩୮ | ୫୨୯ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ହଟ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୂନିୟା ସ୍ୱାଇଁ, ରାଇବାରି ସ୍ୱାଇଁ, ସ୍ୱା-ପୂନିୟା ସ୍ୱାଇଁ |
| ୧୦୦ | ୮୫୫/୨୩୩ | ୧୭୪୬ | ସାରଦ ଦୋ ଫସଲି-୧ | ୦.୧ | ୦.୧ | ହୀନା ବିଶୋଇ, ପି-ସମ୍ବରୀ ବିଶୋଇ, ଜାତି-ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୧ | ୮୫୫/୨୫୬ | ୯୨୯ | ସାରଦ ଦୋ ଫସଲି-୧ | ୦.୧ | ୦.୧ | ରବିନ୍ଦ୍ର ବିଶୋଇ, ପି-ଛାଟିଆ ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |
| ୧୦୨ | ୮୫୫/୧୫୩ | ୧୭୮୧ | ସାରଦ ଦୋ ଫସଲି-୧ | ୦.୨ | ୦.୨ | କୀର୍ତନ ସ୍ୱାଇଁ, ପି-ଦଣ୍ଡୁ ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୩ | ୨୦୪ | ୧୪୨୨ | ସାରଦ ଦୋ ଫସଲି-୧ | ୦.୧୭ | ୦.୧୭ | ଗୋବିନ୍ଦ ଜେନା, ପି-କ୍ଷେତ୍ର ଜେନା, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୪ | ୪୬୩ | ୧୭୮୫ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ବନମାଳି ସ୍ୱାଇଁ, ଚିନ୍ତାମଣି ସ୍ୱାଇଁ, ପି-ନାରଣ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୫ | ୬୫୨ | ୯୩୦ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | ମୋହନ ସ୍ୱାଇଁ, ପି-ସୁକୁରୀ ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୬ | ୬୩୭ | ୯୩୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ମାଟିଆ ସ୍ୱାଇଁ, ପି-ନନ୍ଦ ସ୍ୱାଇଁ, ମନ୍ଦ ସ୍ୱାଇଁ, ସ୍ୱା-ନନ୍ଦ ସ୍ୱାଇଁ, ବନ୍ଧୁ ସ୍ୱାଇଁ, ପି-ଅଟଙ୍ଗ ସ୍ୱାଇଁ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୭ | ୩୭୫ | ୧୦୩୧ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ନରସିଂହ ସ୍ୱାଇଁ, ହଜାରି ସ୍ୱାଇଁ, ସୁବଳ ସ୍ୱାଇଁ, ଦେବରାଜ ସ୍ୱାଇଁ, ସାବି ସ୍ୱାଇଁ, ସିତା ସ୍ୱାଇଁ, ପି-ଭୀମ ସ୍ୱାଇଁ, ଅଟେଇ ସ୍ୱାଇଁ, ସ୍ୱା-ଭୀମ ସ୍ୱାଇଁ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୮ | ୭୫୯ | ୧୦୩୨ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ସୁକୁରି ବିଷୋଇ, ପି-ମଙ୍ଗୁଳି ବିଷୋଇ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୯ | ୬୪୨ | ୧୦୩୩ | ସାରଦ ଦୋ ଫସଲି-୧ | ୦.୧୪ | ୦.୧୪ | ମହାଲି ପଲେଇ, ସ୍ୱା-ନୀଳ ପଲେଇ, ହେମ ସ୍ୱାଇଁ, ପି-ଭଗତ ସ୍ୱାଇଁ, ରଘୁ ସ୍ୱାଇଁ, ପି-ସନ୍ତରା ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୧୦ | ୧୪୭ | ୧୦୩୫ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ଖଦାଳ ବିଷୋଇ, ସ୍ୱା-ମହେଶ୍ୱର ବିଷୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୧୧ | ୬୬୧ | ୧୦୩୬ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ରଇବାରି ବେହେରା, କୁସୁନ ବେହେରା, ଶାମ୍ବରୀ ବେହେରା, ଚକ୍ରଧର ବେହେରା, ବୁଦ୍ଧିନାଥ ବେହେରା, ପି-ଗଦେଇ ବେହେରା, ଶ୍ରୀଧର ବେହେରା, ପି-ସଇତା ବେହେରା, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୧୨ | ୬୦୪ | ୧୦୩୭ | ସାରଦ ଦୋ ଫସଲି-୨ | ୦.୦୩ | ୦.୦୩ | ମନୁ ସ୍ୱାଇଁ, ପି-ସନ୍ତରା ସ୍ୱାଇଁ, ଗଦାଧର ସ୍ୱାଇଁ, ପି-ରତନ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୧୩ | ୧୬୧ | ୧୦୪୩ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ଖଲି ନାୟକ, ପି-କେଳା ନାୟକ, ଅଗାଧୁ ବିଷୋଇ, ସନ୍ତରା ବିଷୋଇ, ବଳି ବିଷୋଇ, ପି-ସୁକୁରି ବିଷୋଇ, ଖଦାଳ ମଲ୍ଲିକ, ସ୍ୱା-ଧୋବା ମଲ୍ଲିକ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୧୪ | ୮୫୮ | ୧୬୭୧ | ସାରଦ ଦୋ ଫସଲି-୧ | ୦.୧୮ | ୦.୧୮ | ଶ୍ରୀ ଭଗବତୀ ଠାକୁରାଣୀ ବିଜେ ନିଜଗାଁ, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ଼ |
| ୧୧୫ | ୮୧ | ୧୬୭୨ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ଶ୍ରୀ ଗ୍ରାମଦେବତୀ ଭଗବତୀ ଠାକୁରାଣୀ ବିଜେ ନିଜଗାଁ, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ ସେବା ସୂତ୍ରେ ଦଖଲ ଅରକ୍ଷିତ ମହାପାତ୍ର, ପି-ବସୁଦେବ ମହାପାତ୍ର, ଜାତି-ମାଳୀ, ଗ୍ରାମ-ଗୋଡିପଡା |
| ୧୧୬ | ୮୫୭ | ୧୬୭୩ | ସାରଦ ଦୋ ଫସଲି-୧ | ୦.୧୫ | ୦.୧୫ | ଶ୍ରୀ ପଣ୍ଡୁକେଶ୍ୱର ମହାଦେବ ବିଜେ ବଉଳ ସାହି, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ |
| ୧୧୭ | ୮୬୧ | ୧୬୮୮ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | କୀର୍ତନ ସ୍ୱାଇଁ,ପି-କେଳା ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, କୁସୁନ ସ୍ୱାଇଁ, ପି-ପତି ସ୍ୱାଇଁ |
| | | ୧୬୮୯ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୧୧୮ | ୮୫୫/୩୬୮ | ୧୬୯୦ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ନିଧି ବିଶୋଇ, ପି-ମହେଶ୍ୱର ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |
| | | ୧୬୯୧ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| | | ୧୬୯୨ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | |
| | | ୧୬୯୩ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | |
| ୧୧୯ | ୮୧୨ | ୧୬୯୬ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ହଟ ବିଶୋଇ, ପି-ଗୌରୀ ବିଶୋଇ, ଜାତି-କାଳାଙ୍ଗି, ଗ୍ରାମ-ନିଜଗାଁ |
| ୧୨୦ | ୨୯୩ | ୭୩୩ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଦର୍ପଣୀ ବିଶୋଇ, ସ୍ୱା-ଅର୍ଜୁନ ବିଶୋଇ, ମହେଶ୍ୱର ବିଶୋଇ, ଭଗବାନ ବିଶୋଇ, ଜାତି-କାଳାଙ୍ଗି, ଗ୍ରାମ-ନିଜଗାଁ |

# ୯ ହଜାର ବୋତଲ କଫ୍ ସିରପ୍ ଜବତ

**■କାର୍, ପିକ୍‌ଅପ୍ ଭ୍ୟାନ୍ ଜବତ**
**■ବରଗଡ଼ରୁ ଆଣି ରାମପୁରରେ ବିକ୍ରି ଯୋଜନା ଥିଲା**

ସୋନପୁର/ଡୁଙ୍ଗୁରିପାଲି, ୭।୨ (ମୃତ୍ୟୁଞ୍ଜୟ ଶତପଥୀ/ଦୀନବନ୍ଧୁ ସୁନା)


ପୋଲିସ ଭ୍ୟାନ୍ ଓ କାର୍‌ରୁ କଫ୍‌ସିରପ୍ ଜବତ କରୁଛି।

ସୁବର୍ଣ୍ଣପୁର ଜିଲା ରାମପୁର ପୋଲିସ ଶନିବାର ସକାଳେ ଚଢ଼ାଉକରି ବିପୁଳ ପରିମାଣର କଫ୍ ସିରପ୍ ଜବତ୍ କରିଛି। ଏହି ଘଟଣାରେ ପରିବହନକାରୀ ତଥା ବରଗଡ଼ ଜିଲା ବରପାଲି ଥାନା ସତଲମା ଗ୍ରାମର ଗୁଲ୍‌ସନ ସାହୁ(୨୪)ଙ୍କୁ ଗିରଫ କରାଯାଇଛି। ତେବେ ଅନ୍ୟ ୩ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। କଫ୍ ସିରପ୍ ବୋଝେଇ ହୋଇଥିବା ପିକ୍‌ଅପ୍ ଭ୍ୟାନ୍ ଓ ଏକ କାର୍‌କୁ ପୋଲିସ ଜବତ କରିଛି। ବରଗଡ଼ ପଟୁ ଏହି କଫ୍ ସିରପ୍ ଆସିଥିଲା। ଗୁଲସନଙ୍କ କାର୍‌ରେ ସେଗୁଡ଼ିକୁ ରାମପୁର ଅଞ୍ଚଳରେ ବିକ୍ରି କରାଯିବାର ଯୋଜନା ଥିଲା। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ରାମପୁର ଥାନା ମାୟାବାହା ପଞ୍ଚାୟତ ସାହାଜବାହାଲ ପଡ଼ିଆରେ ଶନିବାର ସକାଳେ କେତେଜଣ ଲୋକଙ୍କ ଦ୍ୱାରା କଫ୍ ସିରପ୍ କାରବାର ଚାଲିଥିବା ନେଇ ଏସ୍‌ପି ନାୟକଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରାମପୁର ଥାନା ଏସ୍‌ଆଇ ପ୍ରକାଶ ନନ୍ଦ ଓ ଟିମ୍ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଏକ ପିକ୍‌ଅପ୍ ଭ୍ୟାନ୍ ଓ କାର୍ ଥିବା ଦେଖିବାକୁ ମିଳିଥିଲା।

## ଜଣେ ଗିରଫ

ପୋଲିସ ଟିମ୍‌କୁ ଦେଖି ସେଠାରେ ଥିବା ୩ ଜଣ ଫେରାର ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ପିଛା କରିବାକୁ ଯାଇ ପୋଲିସ ଟିମ୍ କାର୍(ନଂ. ଓଡି୦୩-ଏବି-୧୭୯୦) ଓ କାର୍ ମାଲିକ ଗୁଲସନଙ୍କୁ ଅଟକ ରଖିଥିଲା। ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୧୭ଏଫ-୬୬୬୬) ଓ କାର୍ ତନଖି ସମୟରେ ସେଥିରୁ କଫ୍ ସିରପ୍ ଠାବ ହୋଇଥିଲା। ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ସାକ୍ଷୀ ଓ ମାଜିଷ୍ଟ୍ରେଟ୍ ତଥା ରାମପୁର ଅତିରିକ୍ତ ତହସିଲଦାର ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ ଉପସ୍ଥିତିରେ ଉଭୟ ଗାଡ଼ି ତନଖି ସମୟରେ ମୋଟ ୬୮ଟି ବ୍ୟାଗ୍ ମିଳିଥିଲା। ପ୍ରତି ବ୍ୟାଗ୍‌ରେ ୬ଟି ପ୍ୟାକେଟ୍ ଥିଲା। ସେହିଭଳି ପ୍ରତି ପ୍ୟାକେଟ୍‌ରେ ୨୫ଟି ଲେଖାଏ ୧୦୦ମିଲିଲିଟର ବିଶିଷ୍ଟ ସର୍ବ ମୋଟ ୯୦୦୦ ବୋତଲ ଏସ୍‌କଫ୍ କୋଡିନ୍ ଫୋସଫେଟ୍ ଓ ଟ୍ରିପ୍ରୋଲାଇଡିନ୍ ହାଇଡ୍ରୋକ୍ଲୋରାଇଡ୍ ସିରପ୍ ବୋତଲ ମିଳିଥିଲା। ଏହି ଘଟଣାରେ ରାମପୁର ଥାନା ପୋଲିସ ଏନ୍‌ଡିପିଏସ୍ ଆଇନର ଧାରା ୨୧(ସି)/୨୯ ଅନୁଯାୟୀ ଏକ ମାମଲା(ନଂ.୪୪/୨୬)ରୁଜୁ କରିଛି। ସେହିପରି କଫ୍‌ସିରପ, କାର୍ ଓ ପିକ୍‌ଅପ୍‌କୁ ପୋଲିସ ଜବତକରି ଅଧିକ ଅନୁସନ୍ଧାନ ଜାରି ରଖିଛି। ଜବତ କଫ୍‌ସିରପ୍‌ର ଆନୁମାନିକ ମୂଲ୍ୟ ୧୭ ଲକ୍ଷ ୮୨ ହଜାର ଟଙ୍କା ହେବ ବୋଲି ଏସ୍‌ପି ନାରାୟଣ ନାୟକ କହିଛନ୍ତି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତମାନେ ବରଗଡ ଜିଲାରୁ କଫ୍ ସିରଫ ଆଣି ଚାହିଦା ଅନୁଯାୟୀ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଅଞ୍ଚଳକୁ ଯୋଗାଉଥିଲେ। ତଦନ୍ତ ଜାରି ରହିଥିବା ରାମପୁର ଆଇଆଇସି ତୋଲାମଣି ନାଏକ କହିଛନ୍ତି। ଭାରପ୍ରାପ୍ତ ସୋନପୁର ଏସ୍‌ଡିପିଓ ରେଣୁକା ସୁନା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଡକାୟତି ଘଟଣାରେ ୧୦ ଗିରଫ

ହିଞ୍ଜିଳିକାଟୁ, ୭।୨ (ଦ୍ୱିତୀକୃଷ୍ଣ ପଣ୍ଡା)

**ଲୁଟ ସାମଗ୍ରୀ ସହ ମାରଣାସ୍ତ୍ର ଜବତ**

ହିଞ୍ଜିଳି ଥାନା ଶରଧାପୁର ଶ୍ମଶାନ ନିକଟରେ ମଙ୍ଗଳବାର ରାତିରେ ଏକ ନିର୍ବନ୍ଧ ଭୋଜିରୁ ଫେରୁଥିବା ବେଳେ ଏକ ଗ୍ୟାଙ୍ଗ ରାସ୍ତାରେ ୩ ଜଣଙ୍କୁ ଆକ୍ରମଣ କରି ଡକାୟତି କରିଥିଲେ। ଏହି ଘଟଣାରେ ହିଞ୍ଜିଳି ପୋଲିସ ଶନିବାର ୧୦ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଲସରା ଗ୍ରାମର କାହ୍ନୁ ଚରଣ ବିଶ୍ୱାଳ(୧୯), ଗଣେଶ ପ୍ରଧାନ(୨୪), ସଦାଶିବ ପ୍ରଧାନ(୧୯), ପୋଲସରା ଥାନା ମଥୁରା ଗ୍ରାମର ଶୁଭମ ରାଉତ (୧୯), ମନଶିଳା ଗ୍ରାମର ବିନାୟକ ଖଟାଇ ଓରଫ କାଳିଆ(୨୨), ଆସିକା ଥାନା ଗବନଳା ଗ୍ରାମର ସୁଦାମ ରାଉତ ଓରଫ ରାଜ(୨୪) ଓ ଚୋରି ସାମଗ୍ରୀ କିଣିଥିବା ୪ ଯୁବକ କବିସୂର୍ଯ୍ୟନଗର ଥାନା ଡୁଙ୍ଗୁରି ଗ୍ରାମର ମୋହନ ଗୌଡ(୨୭), ସେଓ୍ୱତା ଖଟାଇ ଓରଫ ପାଣ୍ଡା(୨୫), ସୁନାପାଲ୍ଲୀ ଗ୍ରାମର ଚନ୍ଦନ ସେଠୀ(୨୩) ଓ ପୋଲସରା ଗ୍ରାମର ତୁଷାର ସାହୁ(୧୯)। ସେମାନଙ୍କ ଠାରୁ ସୁନାମୁଦି, ୩ଟି ମୋବାଇଲ ଫୋନ, ୫ ହଜାର ଟଙ୍କା ସହ ଅନ୍ୟ ୧୭ଟି ମୋବାଇଲ, ଡକାୟତିରେ ବ୍ୟବହୃତ ବହୁ ମାରଣାସ୍ତ୍ର ଓ ୩ଟି ବାଇକ (ଓଡି୦୭ବିସି ୦୯୨୨, ଓଡି୩୧ଏଲ ୪୦୨୪ ଓ ଓଡି୦୭ଏକେ ୪୦୯୧) ପୋଲିସ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେଶ୍ ନଂ ୭୫/୨୬ରେ ଏକ ମାମଲା କରି ଶନିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ବେଲଗାଁ ଥାନା ଦୁର୍ବନ୍ଧ ଗ୍ରାମର ଅମିର ସାହୁ, ତାଙ୍କ ଭଣଜା ସୁମନ ସାହୁ ଓ କ୍ୟାମେରା


ଜବତ ହୋଇଥିବା ସାମଗ୍ରୀ।

ମ୍ୟାନ ଅଜିତ ମହାନ୍ତି ହିଞ୍ଜିଳି ଥାନା ପିତଳ ଗ୍ରାମରୁ ପୁଅର ନିର୍ବନ୍ଧ କାର୍ଯ୍ୟ ସାରି ବାଇକରେ (ଓଡି୦୭ଏଆର ୩୯୨୫) ଘରକୁ ଫେରୁଥିଲେ। ହିଞ୍ଜିଳି ଥାନା ଶରଧାପୁର ଗ୍ରାମ ଶ୍ମଶାନ ନିକଟରେ ୬ ଜଣ ଅମିରଙ୍କ ବାଇକ ଅଟକାଇ ନିସ୍ଥୁକ ମାଡ ମାରିଥିଲେ। ପରେ ସେମାନେ ଧରିଥିବା ସୁନା ମୁଦି, ୫ ହଜାର ଟଙ୍କା, ୩ଟି ମୋବାଇଲ ଫୋନ, କ୍ୟାମେରା ଓ କ୍ୟାମେରା ଲାଇଟ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣା ନେଇ ଅମିର ବୁଧବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଶନିବାର ବ୍ରହ୍ମପୁର ଅଞ୍ଚଳରୁ ୬ ଜଣଙ୍କୁ କାବୁ କରିଥିଲା। ପରେ ଲୁଟ ସାମଗ୍ରୀକୁ ଜବତ କରିଛି।

# ଷ୍ଟିଲ୍ ସିଟିରେ ଚା' ଦୋକାନୀଙ୍କୁ ହତ୍ୟା

**ଅଭିଯୁକ୍ତ ଫେରାର, ପୋଲିସର ତନାଘନା**

ରାଉରକେଲା,୭।୨(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଷ୍ଟେଶନ ଛକ ନିକଟରେ ଶୁକ୍ରବାର ରାତିରେ ଜଣେ ଚା ଦୋକାନୀଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ଏହି ଘଟଣାକୁ ୨୪ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଅଭିଯୁକ୍ତଙ୍କ ଟେର୍ ପୋଲିସ ପାଇପାରି ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ୨୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଥାନାଧିକାରୀଙ୍କୁ ଭେଟି ମୃତକଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବିକରିଛନ୍ତି। ଅପରପକ୍ଷେ, ପୋଲିସ ଏ ନେଇ ଏକ ମାମଲା (ନଂ.୧୨୪/୨୬) ରୁଜୁ କରି ତଦନ୍ତ ଚଳାଇଛି। ହତ୍ୟାକାଣ୍ଡସ୍ଥଳ ଏବଂ ଆଖପାଖ ଅଞ୍ଚଳରେ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ ବଳିଆ ଜିଲା ମୂଳନିବାସୀ ଅବିନାଶ ଯାଦବ (୩୫) ଗୋପବନ୍ଧୁପାଲୀ ଅଞ୍ଚଳରେ ରହି ରାଉରକେଲା ଷ୍ଟେଶନ ନିକଟ ଏକ ଚା ଦୋକାନରେ


ଅବିନାଶ ଯାଦବ। (ଫାଇଲ ଫଟୋ)

କାମ କରୁଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ୪୫ରେ ଅମର ଭବନ ନିକଟରେ ଶୌଚାଳୟରୁ ବାହାରୁଥିବାବେଳେ ଅବିନାଶଙ୍କୁ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତେବେ ନିକଟସ୍ଥ ବିବାହ ମଣ୍ଡପରେ ଡିଜେ ବାଜୁଥିବା ଯୋଗୁ ଅବିନାଶଙ୍କ ଚିତ୍କାର କେହି ଶୁଣି ପାରି ନ ଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜେପି ହସ୍ପିଟାଲକୁ ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ କାମ କରୁଥିବା ଚା' ଦୋକାନ ମାଲିକ ଦେବେନ୍ଦ୍ର ଯାଦବ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ପ୍ରାୟ ୧୦ ବର୍ଷ ହେଲା ଅବିନାଶ ତାଙ୍କ ଦୋକାନରେ କାମ କରିଆସୁଥିଲେ। ଗତବର୍ଷ ଗଣେଶ ବିସର୍ଜନ ସମୟରେ ଗୀତ ବଜାଇବାକୁ ନେଇ ଅନ୍ୟମାନଙ୍କ ସହ ଝଗଡ଼ା ହୋଇଥିଲା। ତାଙ୍କୁ ଜୀବନରୁ ମାରିବାକୁ ଯୋଜନା କରାଯାଉଥିବା ଶୁଣିବାକୁ ମିଳିଥିଲା। ଅବିନାଶଙ୍କ ସହ ଝଗଡ଼ା ହୋଇଥିବା ଜଣେ ଯୁବକ ଶୁକ୍ରବାର ସନ୍ଧ୍ୟା ସାଢ଼େ ୮ଟାରେ ଷ୍ଟେଶନ ପରିସରରେ ବୁଲାବୁଲି କରୁଥିବା ସିସିଟିଭିରେ ଦେଖାଯାଇଛି। ଅବିନାଶଙ୍କୁ ହତ୍ୟା କରାଯିବା ଘଟଣାରେ ଉକ୍ତ ଯୁବକଙ୍କୁ ସନ୍ଦେହ କରାଯାଉଛି ବୋଲି ଦୋକାନ ମାଲିକ ଯାଦବ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ବିବସ୍ୱ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଉଦ୍ୟମ କରାଯାଉଛି। ଖୁବ୍‌ଶୀଘ୍ର ସେମାନେ ପୋଲିସ ହାତରେ ଧରାପଡିବେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ପ୍ରଧାନ କହିଥିଲେ।

# କନିଷ୍ଠ ଯନ୍ତ୍ରୀଙ୍କୁ ଅପହରଣ, ୪ ଗିରଫ

ଯୋଡ଼ା,୭।୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ଜରିବାହାଲ ରୁଙ୍ଗ୍‌ଟା ଛକଠାରେ ଚାଲିଥିବା ଏଏମ୍‌ଏନ୍‌ଏସ୍ ସ୍ଲରି ପାଇପ୍‌ଲାଇନ କମ୍ପାନୀର କନିଷ୍ଠ ଯନ୍ତ୍ରୀଙ୍କୁ ଅପହରଣ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଜରିବାହାଲ ଅଞ୍ଚଳର ଦୀପକ ଗିରି, ଧୀରଜ ନାଗ, ସଦାନନ୍ଦ ସର୍ଦାର ଓ ଟୁକୁନା ମୁଣ୍ଡା।

ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ ଘଟିକା ସମୟରେ ୪ ଅଭିଯୁକ୍ତ ୨ଟି ବାଇକ୍‌ରେ ଆସି ପାଇପ୍‌ଲାଇନ କାର୍ଯ୍ୟସ୍ଥଳରେ ପହଞ୍ଚିଥିଲେ। ସେଠାରେ ଥିବା କର୍ମଚାରୀଙ୍କୁ ମାଡ଼ ମାରି ୧ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ସୁରକ୍ଷା କର୍ମୀ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମାରି ସେମାନଙ୍କଠାରୁ ଟଙ୍କା ଲୁଟ୍ କରିଥିଲେ। ଦାୟିତ୍ୱରେ ଥିବା କମ୍ପାନୀର କନିଷ୍ଠ ଯନ୍ତ୍ରୀ କୁମାର ବିଶାଲ ଜିତ୍‌ଙ୍କୁ ବାଇକ୍‌ରେ ବସାଇ ଅପହରଣ କରି ଜଙ୍ଗଲ ମଧ୍ୟକୁ ନେଇଯାଇ ୪ ଲକ୍ଷ ଟଙ୍କା ଦାବି କରିଥିଲେ। ପୋଲିସ ଘଟଣା ସମ୍ପର୍କରେ ଜାଣିପାରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ମୋବାଇଲ ନମ୍ବରର ଲୋକେଶନ ଟ୍ରାକ୍ କରି ଚଢ଼ାଉ କରି କନିଷ୍ଠ ଯନ୍ତ୍ରୀଙ୍କୁ ଉଦ୍ଧାର କରିବା ସହିତ ଅପହରଣକାରୀଙ୍କୁ କାବୁ କରିଥିଲା। ପରେ କନିଷ୍ଠ ଯନ୍ତ୍ରୀଙ୍କ ଏତଲା କ୍ରମେ ଏକ ମାମଲା (ନଂ.୨୬/୨୦୨୬)ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଯଶକେତନ ଭୋଇ କହିଛନ୍ତି।

# ରୁପାଚେନ୍ ମାଗିବାରୁ ଯୁବକଙ୍କ ଗଳାକାଟି ହତ୍ୟା କରିଥିଲେ

ବ୍ରଜରାଜନଗର, ୭।୨ (ବିଜୟ ବରାଡ଼)

**ଜଙ୍ଗଲରୁ ଗଳିତ ମୃତଦେହ ଜବତ ଘଟଣା**

**୫ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପଠାଗଲା**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅନ୍ତର୍ଗତ ଟାଙ୍ଗରଘାଟ ଅଞ୍ଚଳରେ ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୫ଜଣ ନାବାଳକଙ୍କୁ ଧରି ଶନିବାର ରାଉରକେଲାସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଛି। ସେମାନଙ୍କ ଘର ରାମପୁର ଫାଣ୍ଡି ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲିକୁ ଜବତ କରାଯାଇଛି। ତେବେ ରୁପାଚେନ୍ ମାଗିବାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା କରାଯାଇଥିବା ଶନିବାର ବ୍ରଜରାଜନଗର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ରାମପୁର ଫାଣ୍ଡି ଅନ୍ତର୍ଗତ ବିନାଶିପଡ଼ାର ସାହିଲ ସହିସ(୧୯) ଗତ ୧ ତାରିଖ ସନ୍ଧ୍ୟାରେ ଘରୁ ବାହାରକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ସନ୍ଧାନ ମିଳି ନ ଥିଲା। ଗତ ବୁଧବାର ଅପରାହ୍ନରେ ସାହିଲଙ୍କ ବାପା ସତ୍ୟ ନାରାୟଣ ଖବର ପାଇଥିଲେ ଯେ, ସାହିଲ ଓ ଅନ୍ୟ କେତେଜଣ ନାବାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗୁରୁବାର ସକାଳେ ରାମପୁର ଫାଣ୍ଡି ଅନ୍ତର୍ଗତ ଟାଙ୍ଗରଘାଟ ଜଙ୍ଗଲରୁ ସାହିଲଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ସାହିଲଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସତ୍ୟ ନାରାୟଣ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୦/୨୬) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ୨ ଜଣ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ରୁପାଚେନ୍ ମାଗିବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଥିଲା। ସାହିଲଙ୍କ ଏକ ରୁପାଚେନ୍‌କୁ ଜଣେ ନାବାଳକ ସାଙ୍ଗ ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କୁ ଫେରାଇ ନ ଥିଲେ। ସାହିଲ ବାରମ୍ବାର ମାଗିବା ପରେ ସମ୍ପୃକ୍ତ ନାବାଳକ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ତଦନୁଯାୟୀ ଗତ ୧ ତାରିଖରେ ନାବାଳକ ତାଙ୍କ ସାଙ୍ଗମାନଙ୍କ ସହାୟତାରେ ସାହିଲଙ୍କୁ ଟାଙ୍ଗରଘାଟ ଜଙ୍ଗଲକୁ ଡାକିଥିଲେ। ସେ ସେଠାରେ ପହଞ୍ଚିବା ପରେ ରୁପା ଚେନ୍ ନେଇଥିବା ନାବାଳକ ଏକ ଭୁଜାଲିରେ ସାହିଲଙ୍କ ଗଳା କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସାହିଲଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅନ୍ୟ ସାଙ୍ଗଙ୍କ ସହାୟତାରେ ମୃତଦେହକୁ ଏକ କଳାଜରିରେ ବାନ୍ଧି ଜଙ୍ଗଲ ଭିତରେ ଫିଙ୍ଗି ପଳାଇ ଯାଇଥିଲେ। ସାହିଲ କାଳେ ବଞ୍ଚିଯାଇଥିବେ ସନ୍ଦେହ କରି ମୁଖ୍ୟ ଅଭିଯୁକ୍ତ ପୁନର୍ବାର ଗତ ୧ ତାରିଖ ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଉପରେ ତାଳପତ୍ର ପକାଇ ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ସନ୍ଦେହରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ହତ୍ୟାକାଣ୍ଡ ସମ୍ପର୍କରେ ଜାଣିବାକୁ ପାଇଥିଲା। ସେମାନଙ୍କ ସୂଚନା ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ୨ ଜଣଙ୍କୁ କାବୁ କରିଥିବା ଏସ୍‌ପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ଓ ଥାନା ଅଧିକାରୀ ଧବଳେଶ୍ୱର ସାହୁ ଉପସ୍ଥିତ ଥିଲେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଖାତା ରୟତଙ୍କ ନାମ ଠିକଣା |
|---|---|---|---|---|---|---|
| ୧୨୧ | ୧୫୪ | ୯୯୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଖଳି ସେଠୀ, ପି-ବୀର ସେଠୀ, ହରି ସେଠୀ, ରାଜ ସେଠୀ, ମାଲତୀ ସେଠୀ, ପି-ମୋଚି ସେଠୀ, ମାଟିଆ ସେଠୀ, ଜାତି-ଧୋବା, ଗ୍ରାମ-ନିଜଗାଁ |
| | | ୯୯୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୧୨୨ | ୬୧୩ | ୯୯୨ | ସାରଦ ଦୋ ଫସଲି-୧ | ୦.୨୮ | ୦.୨୮ | ମହନ ସ୍ୱାଇଁ, କସ୍ତୁରି ସ୍ୱାଇଁ, ଜାତି: ଖଣ୍ଡାୟତ, ଗ୍ରାମ: ନିଜଗାଁ। |
| ୧୨୩ | ୨୭୮ | ୧୦୦୪ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ତୋଫାନ ବିଶୋଇ, କୁମାରୀ ବିଶୋଇ, ନବନ ବିଶୋଇ, ପି-ଅରକ୍ଷିତ ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |
| ୧୨୪ | ୮୫୫/ ୨୪୪ | ୧୬୯୬/୫ ୬୦୩ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ନାରାୟଣ ପାତ୍ର, ପି-ଘନଶ୍ୟାମ ପାତ୍ର, ଜାତି-କୁମୁଟି, ଗ୍ରାମ-ନିଜଗାଁ |
| ୧୨୫ | ୮୫୫/ ୨୨୬ | ୭୩୪/ ୫୫୪୨ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ମହେଶ୍ୱର ବିଶୋଇ, ପି-ଅର୍ଜୁନ ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |

ସ୍ୱା./-ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼
OIPR-32001/32260/3/25-26/0022

OFFICE OF THE MUNICIPAL COUNCIL, BELPAHAR
Ph. : 06645-356292, Fax : 06645-250236, Email : municipalitybelpahar@gmail.com
NOTICE INVITING EXPRESSION OF INTEREST (EOI)
No.13001/37/2526 EOI Notice No.299 Dt.05.02.2026

The details may be accessed and the EOI can be seen & downloaded from www.belpaharmunicipality.co.in & Jharsuguda District website i.e. www.jharsuguda.odisha.gov.in

| | |
|---|---|
| Name of the Work | : Expression of Interest (EOI) for Arrival of rates of Vehicles & Machineries Required for Belpahar Municipality |
| Submission of Rates by Regd. Post/Speed Post only | : On or before dt.12.02.2026 upto 5.00 P.M. on working days |
| Name & address of the officer inviting EOI | : Executive Officer, Belpahar Municipality |

Sd./- Executive Officer
Belpahar Municipality
OIPR-13001/13050/1/25-26/0037

ODISHA LIVESTOCK RESOURCES DEVELOPMENT SOCIETY (OLRDS),
OBPI Campus, Bhubaneswar-751003
Email: olrdsahd@gmail.com, Website:olrds.odisha.gov.in
Invitation for Expression of Interest
For
LIVESTOCK INSURANCE UNDER ODISHA LIVESTOCK RESOURCES DEVELOPMENT SOCIETY (OLRDS) for the year 2026-27
No.6001/5/2526: Odisha Livestock Resources Development Society (OLRDS) invites Expression of Interest from eligible IRDAI approved Insurance Companies for the implementation of Livestock Insurance Scheme for the year 2026-27. Last date of receipt of EoI is 16.02.2026 upto 5.00 PM. The details in this regard can be downloaded from the OLRDs website: olrds.odisha.gov.in Directorate of Animal Husbandry & Veterinary Services, Odisha: dahvs.odisha.gov.in and NIC, Khordha: khordha.odisha.gov.in
The tender will open on 17.02.2026 at 11 AM.
Sd./-
OIPR-6001/6061/1/25-26/0005 Chief Executive Officer, OLRDS

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖୋର୍ଦ୍ଧା
ବେଗୁନିଆ, ଓଡ଼ିଶା - 752062 19001/12/2526
OSRTC ଅଟଳ ବସଷ୍ଟାଣ୍ଡ ଦୋକାନ ଗୃହ ଆବଣ୍ଟନ ସମ୍ବନ୍ଧୀୟ ବିଜ୍ଞପ୍ତି
ପତ୍ର ସଂଖ୍ୟା : 319 ତାରିଖ : ୨୮.୦୧.୨୦୨୬
ବେଗୁନିଆ ପଞ୍ଚାୟତ ସମିତି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବେଗୁନିଆ ବ୍ଲକ OSRTC ଅଟଳ ବସଷ୍ଟାଣ୍ଡ ପରିସରରେ ଥିବା ୮ଟି (ଆଠଗୋଟି) ଦୋକାନ ଘର ଭଡ଼ାସୂତ୍ରରେ ଦିଆଯିବା ନିମନ୍ତେ ସ୍ଥିର ହୋଇଅଛି। ଏହି ଆବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଭାବେ ଲଟେରି ମାଧ୍ୟମରେ କରାଯିବ। ଇଚ୍ଛୁକ ପ୍ରାର୍ଥୀମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଆବେଦନ କରିପାରିବେ।
ଆବେଦନ ଫର୍ମ ମିଳିବା ସ୍ଥାନ : ବ୍ଲକ କାର୍ଯ୍ୟାଳୟ (କାର୍ଯ୍ୟ ଦିବସରେ)
ଆବେଦନ ଦାଖଲ କରିବାର ଶେଷ ତାରିଖ : ୧୬.୦୨.୨୦୨୬ (ସମୟ : ୪ ଘଟିକା)
ଲଟେରି ଉଠାଣ ତାରିଖ : ୧୮.୦୨.୨୦୨୬
ଯୋଗ୍ୟତା ଓ ସର୍ତ୍ତାବଳୀ : ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବେଗୁନିଆ, ସମସ୍ତ ଗ୍ରାମପଞ୍ଚାୟତ ଓ ଅଟଳ ବସଷ୍ଟାଣ୍ଡ ବିଜ୍ଞପ୍ତି ବୋର୍ଡରେ ଉପଲବ୍ଧ।
ବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ :
କୁମାରୀ ବବିତା ପ୍ରଧାନ OSRTC ବ୍ଲକ ପର୍ଯ୍ୟବେକ୍ଷକ। ମୋ- 91 7978769433
OIPR-19001/19302/1/25-26/0012 ସ୍ୱା./- ବ୍ଲକ ଉନ୍ନୟନ ଅଧିକାରୀ, ବେଗୁନିଆ, ଖୋର୍ଦ୍ଧା

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା
ଜିଲ୍ଲା-ସୁବର୍ଣ୍ଣପୁର, ଓଡ଼ିଶା, ୭୬୭୦୧୬
NOTIFIED AREA COUNCIL, TARBHA
Dist.- Subarnapur, Odisha-767016
nactarbha@gmail.com
No.144/Date 03.02.2026
TENDER CALL NOTICE
No.13001/35/2526: The Executive Officer, NAC, Tarbha, Dist-Subarnapur inviting sealed Tenders in conformity with Detailed Tender Called Notice (DTCN) from the intending eligible Registered Contractors registered with PHEO/RWSS/RD/WR/PWD etc. Govt. of Odisha so as to be eventually drawn up in PWD F2 Contract Form, for executing following works under NAC, Tarbha. The Bidder can have a set of Tender Document from the Office of the Executive Officer, NAC, Tarbha by producing the requisite amount of Tender Paper Cost through Demand Draft/ Banker's Cheque (non-refundable) as mentioned in the Column No.04 drawn in favour of Executive Officer, NAC Tarbha payable at Tarbha on working days during office hours as mentioned below. Other terms & conditions available with the DTCN.

| | |
|---|---|
| Name of Inviting Officer | Executive Officer, NAC Tarbha |
| Total Nos. of Civil Works | 21 (Twenty One) Nos. |
| Value of Works | Rs.0.78 Lakhs to 04.23 Lakhs |
| Last date & time of sale of Tender Paper | Upto 05.00 P.M. of 19.02.2026 |
| Last date & time of Receipt of BID | Upto 05.00 P.M. of 20.02.2026 |
| Date & Time of Opening BID | At 11.30 A.M. of 21.02.2026 |

OIPR-13001/13199/1/25-26/0035 Sd./- Executive Officer, N.A.C., Tarbha

Government of Odisha, "e"-Procurement Notice
WORKS DEPARTMENT
E-mail : ceworldbankprojects@gmail.com
Bid Identification No. CE-BRIDGES-15/2025-26 No.34001/29/2526
1. The Chief Engineer (Bridges), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :
2. Nature of work : Bridge Work
3. No. of work : 01 No.
4. Tender paper cost : Rs.10,000.00 (on-line)
5. Class of Contractor : A/Special Class Contractor
6. Available of bid document in the website : From 10.00 A.M. of 10.02.2026 to 5.00 P.M of 26.02.2026
7. Date of opening of Bid : Dt.27.02.2026 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Engineer, Bridges, Odisha, Bhubaneswar
OIPR-34001/34174/1/25-26/0029

यूनियन बैंक ऑफ़ इंडिया Union Bank of India
ମଧୁପାଟଣା ଶାଖା
ଶ୍ରମିକ ଭବନ, ନିଶାମଣୀ ରେଷ୍ଟୁରାଣ୍ଟ ନିକଟ, କଟକ-୭୫୩୦୧୨, ଇ-ମେଲ୍: ubin0551422@unionbankofindia.bank
ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆର୍ଥିକ ସହାୟତା ନିମ୍ନଲିଖିତ ଗାଡିକୁ ପ୍ରଦାନ କରାଯାଇଥିଲା ଏବଂ ଋଣ ପ୍ରଦାନ କରିବାରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଖିଲାପ କରିଥିବାରୁ ଏହାକୁ ବ୍ୟାଙ୍କ ପକ୍ଷରୁ ଜବତ କରାଯାଇ ବିକ୍ରୟ ପାଇଁ ଉପଲବ୍ଧ ରହିଛି। କ୍ରୟ କରିବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତି ଗାଡିର ଭୌତିକ ଯାଞ୍ଚ ଏବଂ ସବିଶେଷ ତଥ୍ୟ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଯୋଗାଯୋଗ କରିପାରିବେ। ଆଗ୍ରହୀ କ୍ରେତାମାନେ ପ୍ରସ୍ତାବ ସହ ଅମାନତ ରାଶି ନିମନ୍ତେ ଭରଣାଯୋଗ୍ୟ / ଫେରସ୍ତଯୋଗ୍ୟ ଟ.୪୩,୦୦୦/- (ତେୟାଳିଶ ହଜାର ଟଙ୍କା ମାତ୍ର)ର ପେ ଅର୍ଡର କିମ୍ବା ବ୍ୟାଙ୍କର୍ସ ଚେକ୍ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସପକ୍ଷରେ ଏବଂ କଟକକୁ ପେଠ ଦର୍ଶାଇ ଦାଖଲ କରିବେ।
ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବକୁ ମୁଦ ଲଫାପାରେ ରଖି ଲଫାପା ଉପରେ "ଗାଡି ନଂ.: OD 05 BQ 5963 କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା.୦୯.୦୨.୨୦୨୬ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ପହଞ୍ଚାଇବା ଆବଶ୍ୟକ। ମୁଦ ପ୍ରସ୍ତାବଗୁଡିକ ତା.୧୦.୦୨.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ଖୋଲାଯିବ ଏବଂ ପ୍ରସ୍ତାବ ଦାଖଲ କରିଥିବା ଆଗ୍ରହୀ କ୍ରେତାମାନେ ସେହି ସମୟରେ ଉପସ୍ଥିତ ରହିବା ଆବଶ୍ୟକ।
ସଫଳ କ୍ରେତା କୋଟେସନ୍ ଖୋଲାଯିବା ତାରିଖ ଠାରୁ ୧୦ (ଦଶ)ଟି କାର୍ଯ୍ୟ ଦିବସ ମଧ୍ୟରେ ସମ୍ପୂର୍ଣ୍ଣ ମୂଲ୍ୟ ଦାଖଲ କରିବେ କିମ୍ବା ବ୍ୟାଙ୍କ ଦ୍ୱାରା ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ ଅନ୍ୟଥା ଅମାନତ ରାଶି ବାଜ୍ୟାପ୍ତି କରାଯିବ ଏବଂ ଗାଡିକୁ ପରେ ବିକ୍ରୟ କରାଯିବ।
ଗାଡିଟି "ଯେଉଁଠାରେ ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ଗାଡି ବିକ୍ରୟ କରାଯିବ ନାହିଁ। ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

| କ୍ର. ନଂ. | ଗାଡ଼ିର ବିବରଣୀ | ପଞ୍ଜିକୃତ ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|
| ୧. | Maruti Suzuki Swift VXI 2023 | OD 05 BQ 5963 | ଟ.୪,୩୦,୦୦୦/- / ଟ.୪୩,୦୦୦/- |

ସ୍ଥାନ: କଟକ
ତାରିଖ: ୦୭.୦୨.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

इंडियन बैंक Indian Bank इलाहाबाद ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର, ପ୍ଲଟ୍ ନଂ.: ୭୦୪/୭୧୭୨ ଏବଂ ୭୦୪/୭୧୭୪, ୧ମ ମହଲା, ଶ୍ରୀ କୃଷ୍ଣା ବିହାର ଚୌକ, ମେନ୍ ରୋଡ୍ ଆମ୍ବପୁଆ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୧୧
ଡିମାଣ୍ଡ ନୋଟିସ୍
ଆମ ଶାଖାର ଋଣଗ୍ରହୀତାମାନଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ ଇଣ୍ଡିଆନ୍ ବ୍ୟାଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଅସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା।

| ଶାଖା / ଋଣର ପ୍ରକାର / ଆକାଉଣ୍ଟ ନଂ. / ନୋଟିସ୍ ତାରିଖ | ଋଣଗ୍ରହୀତା / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ବକେୟା ଦେୟ ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଛତ୍ରପୁର ଶାଖା / ଏଚ୍‌ଏଲ ଆରଇପି/ଆରଇଏନ୍ ଆକାଉଣ୍ଟ ନଂ.: ୬୯୦୨୪୦୩୦୫୯ (ଟ.୧୦,୩୦,୦୦୦/-) / ୨୯.୦୧.୨୦୨୬ | ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଗାଣାଗାଲା କାମାୟା, ପିତା: ଶ୍ରୀ ଜି. ଲୋକାୟା / ସହ-ଋଣଗ୍ରହୀତା: ଶ୍ରୀ ଗାଣାଗାଲା ଶ୍ରୀନିବାସ ରାଓ, ପିତା: ଶ୍ରୀ ଗାଣାଗାଲା କାମାୟା, ଉଭୟଙ୍କ ଠିକଣା: ପାର୍କ ଷ୍ଟ୍ରିଟ୍, ୨ୟ ଲେନ୍, ପୋ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୨୦ | ୨୮.୦୧.୨୦୨୬ ସୁଦ୍ଧା ଟ.୮,୮୬,୧୯୦.୦୦ + ୨୯.୦୧.୨୦୨୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ଶ୍ରୀ ଗାଣାଗାଲା କାମାୟାଙ୍କ ନାମରେ ଥିବା ଘରବାରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପୁତି ଗୋପାଳପୁର, ପାର୍କ ଷ୍ଟ୍ରିଟ୍, ୨ୟ ଲେନ୍, ଥାନା/ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୮୩/୮୯୮, ପ୍ଲଟ୍ ନଂ.: ୭୭/୧୫୪୨, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ଏହାର ଚତୁପାର୍ଶ୍ୱରେ- ପୂର୍ବ: ଡ୍ରେନ୍, ପଶ୍ଚିମ: ରାସ୍ତା, ଉତ୍ତର: ସିଏଚ୍. ଶକୁନ୍ତଳା ଦେବୀଙ୍କ ଗୃହ, ଦକ୍ଷିଣ: ଉଦୟନାଥ ସାହୁଙ୍କ ଗୃହ, ସିଇଆର୍‌ଏସ୍‌ଏଆଇ ଆସେଟ୍ ଆଇଡ଼ି- ୨୦୦୦୫୦୦୧୨୭୨୮ |

ଉପର ସାରଣୀର ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ବକେୟା ଋଣ ରାଶି ପରିଶୋଧ କରିବାରେ ଆପଣମାନେ ବିଫଳ ହୋଇଛନ୍ତି। ଉପରଲିଖିତ ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଆପଣମାନଙ୍କ ଋଣ ଆକାଉଣ୍ଟ ତା୦୮.୦୧.୨୦୨୬ରିଖ ଠାରୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ପରିଣତ ହୋଇଯାଇଛି। ଏଣୁ ଏହି ନୋଟିସ୍ ପ୍ରକାଶନ ତାରିଖର ୬୦ଦିନ ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପ୍ରଦାନ କରିବା ପାଇଁ ଆପଣମାନଙ୍କୁ କୁହାଯାଉଛି। ଏଥିରେ ଖିଲାପ ହେଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସମସ୍ତ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ ହେବ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ବ୍ୟାଙ୍କର ପୂର୍ବ ଲିଖିତ ସହମତି ବିନା ଆପଣମାନେ ସୁରକ୍ଷିତ ସମ୍ପତ୍ତିକୁ (ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀରେ ପ୍ରଦତ୍ତ) ଏହି ନୋଟିସ୍ ପ୍ରକାଶନ ପରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ।
ସ୍ଥାନ: ବ୍ରହ୍ମପୁର, ତାରିଖ: ୦୭.୦୨.୨୦୨୬ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଇଆର୍‌ସିଟିସି ପକ୍ଷରୁ ଡିଭାଇନ ଇଷ୍ଟ ଟେମ୍ପଲ ଟୁର୍

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

## ୧୦ଦିନରେ ୪ ରାଜ୍ୟକୁ ଯାତ୍ରା

ଭାରତୀୟ ରେଳପଥ କ୍ୟାଟରିଂ ଏବଂ ଟୁରିଜମ୍ କର୍ପୋରେଶନ ଲିମିଟେଡ (ଆଇଆର୍‌ସିଟିସି), ରେଳ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ନବରତ୍ନ ପବ୍ଲିକ ସେକ୍ଟର ଏଣ୍ଟରପ୍ରାଇଜ, ପୂର୍ବ ଭାରତ ପାଇଁ ଏକ ନୂଆ ପର୍ଯ୍ୟଟନ ସର୍କିଟ ଡିଭାଇନ ଇଷ୍ଟ ଟେମ୍ପଲ ଟୁର୍ ଆରମ୍ଭ କରିଛି। ଏହି ବିଶେଷ ଯାତ୍ରା ଭାରତ ଗୌରବ ଡିଲକ୍ସ ଟୁରିଷ୍ଟ ଟ୍ରେନରେ ପରିଚାଳିତ ହେବ, ଯାହା ଭକ୍ତ ଏବଂ ପର୍ଯ୍ୟଟକମାନଙ୍କୁ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡ଼ଖଣ୍ଡର କେତେକ ପ୍ରସିଦ୍ଧ ତୀର୍ଥସ୍ଥଳ ଏବଂ ସାଂସ୍କୃତିକ ଐତିହ୍ୟ ସ୍ଥଳକୁ ଦର୍ଶନ କରିବାର ସୁଯୋଗ ପ୍ରଦାନ କରିବ। ଏହି ୧୦ ଦିନିଆ ରେଳ ଯାତ୍ରା ଦିଲ୍ଲୀ ସଫଦରଜଙ୍ଗ ରେଳଷ୍ଟେଶନରୁ ମାର୍ଚ୍ଚ ୯ରେ ଆରମ୍ଭ ହେବ ଏବଂ ବାରାଣସୀ, କୋଲକାତା, ଗଙ୍ଗାସାଗର, ପୁରୀ, ଭୁବନେଶ୍ୱର, କୋଣାର୍କ, ଚିଲିକା ଏବଂ ବୈଦ୍ୟନାଥ ଧାମ (ଜ୍ୟୋତିର୍ଲିଙ୍ଗ) ଆଦି ସ୍ଥଳକୁ ଆଚ୍ଛାଦନ କରିବ। ମାର୍ଚ୍ଚ ୧୮ରେ ଏହି ଯାତ୍ରା ଶେଷ ହେବ। ଯାତ୍ରାର ମୁଖ୍ୟ ଆକର୍ଷଣ ମଧ୍ୟରେ ବାରାଣସୀରେ କାଶୀ ବିଶ୍ୱନାଥ ମନ୍ଦିର (ଜ୍ୟୋତିର୍ଲିଙ୍ଗ) ଦର୍ଶନ ଏବଂ ଗଙ୍ଗା ଆରତି, କୋଲକାତାରେ ଭିକ୍ଟୋରିଆ ମେମୋରିଆଲ ସହ



କାଳୀଘାଟ (ଶକ୍ତିପୀଠ) ଏବଂ ଦକ୍ଷିଣେଶ୍ୱର କାଳୀ ମନ୍ଦିର, ଗଙ୍ଗାସାଗରରେ ପବିତ୍ର ସାଗର ସଙ୍ଗମରେ ସ୍ନାନ ଏବଂ କପିଳ ମୁନି ମନ୍ଦିର ଦର୍ଶନ ରହିଛି। ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ସହ ଭୁବନେଶ୍ୱର, ଧଉଳି ଶାନ୍ତି ସ୍ତୂପ, ଉଦୟଗିରି ଓ ଖଣ୍ଡଗିରି ଗୁମ୍ଫା, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଚିଲିକା ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାର ସୁଯୋଗ ମିଳିବ। ଶେଷରେ ଦେଓଘରର ବୈଦ୍ୟନାଥ ଧାମ ଦର୍ଶନ ହେବ। ଏହି ଟ୍ରେନରେ ୧୫୦ ପର୍ଯ୍ୟଟକଙ୍କୁ ରଖିବାର ବ୍ୟବସ୍ଥା ରହିଛି, ଯେଉଁଥିରେ ଏସି ଫାଷ୍ଟ କ୍ଲାସ (୧ଏସି), ଏସି ସେକେଣ୍ଡ କ୍ଲାସ (୨ଏସି) ଏବଂ ଏସି ଥାର୍ଡ କ୍ଲାସ (୩ଏସି) ସହ ଦୁଇଟି ରେଷ୍ଟୁରାଣ୍ଟ କାର୍ ରହିଛି। ଟ୍ରେନରେ ଆଧୁନିକ ସୁବିଧା ରହିଛି। ସୁସଜ୍ଜିତ କ୍ୟାବିନ, ସ୍ୱାସ୍ଥ୍ୟକର ଶାକାହାରୀ ଭୋଜନ, ସୁରକ୍ଷା ବ୍ୟବସ୍ଥା, ଫୁଟ ମସାଜର୍, ଇନ୍ଫୋଟେନମେଣ୍ଟ ସିଷ୍ଟମ ରହିଛି। ଏହି ଅଲ-ଇନ୍‌କ୍ଲୁସିଭ ପ୍ୟାକେଜ ମୂଲ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ୧ଏସି କ୍ଲାସ ପ୍ରତି ୧,୦୬,୯୪୦ ଟଙ୍କା, ୨ଏସି କ୍ଲାସ ୯୮,୯୨୫ ଟଙ୍କା, ୩ଏସି କ୍ଲାସ ୭୯,୨୮୫ ଟଙ୍କା ରହିଛି।

# ସିଜିୟୁର ବାର୍ଷିକ ଉତ୍ସବ 'ସେଲିଗାନ୍ସ'




ଭୁବନେଶ୍ୱର, ୭।୨(ଅନୁରାଧା ମହାରଣା)

## ଶିକ୍ଷା କ୍ଷେତ୍ରରେ ଏଆଇ ଇଣ୍ଟିଗ୍ରେଶନର ଆବଶ୍ୟକତା

ଭୁବନେଶ୍ୱର ଉପକଣ୍ଠସ୍ଥ ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବ 'ସେଲିଗାନ୍ସ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ୨ଦିନିଆ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୨୦୨୫ରେ ଅନୁଷ୍ଠିତ ଓଡ଼ିଶା ସ୍କିଲ ପ୍ରତିଯୋଗିତାରେ ସିଜିୟୁ ସର୍ବାଧିକ ୬୩ ପଦକ ହାସଲ କରି ରାଜ୍ୟସ୍ତରରେ ଶୀର୍ଷସ୍ଥାନରେ ପହଞ୍ଚାଇଥିବା କହିଥିଲେ। ଏହି ସମାରୋହରେ ବେଦାନ୍ତ ଆଲୁମିନିୟମର ମେଟାଲ ବିଭାଗର ସିଇଓ ଯଜ୍ଞେଶ୍ୱର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ଏଆଇ ଇଣ୍ଟିଗ୍ରେଶନର ଆବଶ୍ୟକତା ଓ ଭୂମିକା ଉପରେ ଆଲୋକପାତ କରିଥିଲେ। ସିଜିୟୁର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ତାଙ୍କ ଉଦ୍‌ବୋଧନରେ କହିଥିଲେ, ଓଡ଼ିଶା ସରକାରଙ୍କ ବିଭିନ୍ନ ଦକ୍ଷତା ଶିକ୍ଷାମୂଳକ କାର୍ଯ୍ୟକ୍ରମ ସହ ବିଶ୍ୱବିଦ୍ୟାଳୟର ସକ୍ରିୟ ସଂଯୋଗ ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେଉଛି। ସିଜିୟୁର ବୋର୍ଡ ମେମ୍ବର ଶରତ ଚନ୍ଦ୍ର ଭଦ୍ରା, ଭାଇସ୍ ପ୍ରେସିଡେଣ୍ଟ ଶୈଳଜା ରାଉତ, ଭାଇସ୍ ଚାନ୍ସେଲର ଡ. ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ଡ. ଗୁଡ଼ା ଶ୍ରୀଦେବୀ ଏବଂ ରେଜିଷ୍ଟ୍ରାର ଡ. ବିନିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗର ଛାତ୍ର ସାହିଲ କୁମାର ସିଂହଙ୍କୁ 'ବିଶ୍ୱବିଦ୍ୟାଳୟ ଅଲ୍ ରାଉଣ୍ଡର ସ୍ନାତକ' ପୁରସ୍କାର ପ୍ରଦାନ କରାଯାଇଥିଲା। ୨ଦିନରେ କଣ୍ଠଶିଳ୍ପୀ ଅନନ୍ୟା ଚକ୍ରବର୍ତ୍ତୀ ଏବଂ ଋଷି ସିଂହଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ର କଲ୍ୟାଣ ଡିନ୍ ରୁଦ୍ର ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଅରୁନ୍ଧତୀ ଜୁଏଲର୍ସର 'ଅଭ୍ନିକା' କଲେକ୍ସନ




କଟକ,୭।୨(କାର୍ତ୍ତିକ ସାହୁ)

ଭାଲେଣ୍ଟାଇନ୍ ସପ୍ତାହ ଏବଂ ବିବାହ ଋତୁକୁ ଦୃଷ୍ଟିରେ ରଖି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର କଟକ ଶାଖାରେ ନୂଆ 'ଅଭ୍ନିକା' କଲେକ୍ସନ ଉନ୍ମୋଚନ କରାଯାଇଛି। ବିବାହର ପବିତ୍ର ବନ୍ଧନ ଦ୍ୱାରା ଅନୁପ୍ରାଣିତ ଏହି କଲେକ୍ସନଟି ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ପାରମ୍ପରିକ ଧାରା ସହିତ ଆଧୁନିକ ଶୈଳୀର ମିଶ୍ରଣ ଏଥିରେ ଦେଖିବାକୁ ମିଳିଛି। ଏହି ଅବସରରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ଏଥିରେ ସୁନା ଗହଣାର ଗଡ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ମିଳୁଥିବାବେଳେ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ପ୍ରଦାନ କରାଯାଉଛି। ଡାଇମଣ୍ଡ ନୋଜ୍‌ପିନ୍ କଲେକ୍ସନ ମାତ୍ର ୫,୯୯୯ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ଏହାର ମୂଲ୍ୟ ଉପରେ ମଧ୍ୟ ଫ୍ଲାଟ୍ ୧୦% ରିହାତି ଘୋଷଣା କରାଯାଇଛି। ସେହିପରି ଆକର୍ଷଣୀୟ ଡାଇମଣ୍ଡ ନେକ୍‌ଲେସ୍ କଲେକ୍ସନର ପ୍ରାରମ୍ଭିକ ମୂଲ୍ୟ ୧.୪୯ ଲକ୍ଷ ଟଙ୍କା ଥିବାବେଳେ ବିଭିନ୍ନ କାନଫୁଲ ଓ ମୁଦି ୩୦ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଅଭ୍ନିକା କଲେକ୍ସନ ଅରୁନ୍ଧତୀ ଜୁଏଲର୍ସର ସମସ୍ତ ୧୦ଟି ଶାଖାରେ ଉପଲବ୍ଧ ହେବ।

# ସେଣ୍ଟ୍ରାଲ ବ୍ୟାଙ୍କର କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମ

ସମ୍ବଲପୁର,୭।୨(ବି.ଶଙ୍କର)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମ ଶନିବାର ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହୋଇଛି । ସୁନ୍ଦରଗଡ଼ ଅଞ୍ଚଳର କ୍ଷୁଦ୍ର, ଛୋଟ ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡ଼ିକୁ ଋଣ ସହାୟତା ପ୍ରଦାନ କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ଦିବ୍ୟେନ୍ଦୁ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ବିଭିନ୍ନ ଏମ୍‌ଏସ୍‌ଏମ୍‌ଇ ଯୋଜନା ବିଷୟରେ ଆଲୋକପାତ କରିବା ସହ ସ୍ଥାନୀୟ ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧି ପାଇଁ ଋଣ ପ୍ରବାହର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ନିଧି ଶର୍ମା ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ଋଣଗ୍ରହୀତା ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଯୋଗ୍ୟ ଏମ୍‌ଏସ୍‌ଏମ୍‌ଇ ଋଣଗ୍ରହୀତାମାନଙ୍କୁ ଋଣ ମଞ୍ଜୁରିପତ୍ର ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ ଶାଖା ପ୍ରବନ୍ଧକ ସ୍ନେହା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମରେ ଅତିଥି ଓ ଗ୍ରାହକମାନେ ଅଛନ୍ତି।

# କାକଟପୁର ମଙ୍ଗଳାମନ୍ଦିରରେ ବିଓବି ଏଲ୍‌ଇଡି



ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

## ପ୍ରଦର୍ଶନ ହେବ ମା'ଙ୍କ ଦୈନିକ ରୀତିନୀତି

ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ପୁରୀସ୍ଥିତ କାକଟପୁର ମା' ମଙ୍ଗଳା ମନ୍ଦିରରେ ପ୍ରଦାନ କରାଯାଇଥିବା ଏଲ୍‌ଇଡି ସ୍କ୍ରିନ୍‌ର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଦେବଦତ୍ତ ଚାନ୍ଦ, ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଏବଂ ଉପ-ମହାପ୍ରବନ୍ଧକ ସତ୍ୟରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ-ମହାପ୍ରବନ୍ଧକ ଭିଏମ୍‌ଏନ୍‌ଏସ୍ ସାଇବାବୁ (କମ୍ପ୍ଲିୟାନ୍ସ ଆଣ୍ଡ ଆସ୍ୟୁରାନ୍ସ), ଉପ-ମହାପ୍ରବନ୍ଧକ ଶରତ ପାଣିଗ୍ରାହୀ (ବିଜନେସ୍ ଡେଭେଲପମେଣ୍ଟ), ସହାୟକ ମହାପ୍ରବନ୍ଧକ ତଥା ଉପ କ୍ଷେତ୍ରୀୟ ମୁଖ୍ୟ ରାଜୀବ କୁମାର ସିହ୍ନା, ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡର ମ୍ୟାନେଜମେଣ୍ଟ ଟ୍ରଷ୍ଟି ତଥା ତହସିଲଦାର ଅଙ୍କିତା ଅନିନ୍ଦିତା, ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡର ଏକ୍‌ଜିକ୍ୟୁଟିଭ ଅଫିସର କୈଳାସ ଚନ୍ଦ୍ର ଦାଶ ଏବଂ କାକଟପୁର ବିଡିଓ ନାରାୟଣ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଡ. ଚାନ୍ଦ ଜନସାଧାରଣଙ୍କ ପ୍ରତି ବ୍ୟାଙ୍କ୍‌ର ପ୍ରତିବଦ୍ଧତା ବିଷୟରେ ସୂଚନା ଦେଇଥିଲେ। ଏହି ଏଲ୍‌ଇଡି ସ୍କ୍ରିନ୍ ମାଧ୍ୟମରେ ଭକ୍ତମାନେ ମନ୍ଦିରର ଐତିହ୍ୟ ଓ ଦୈନନ୍ଦିନ ରୀତିନୀତି ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ ବୋଲି ସେ କହିଥିଲେ। ବ୍ୟାଙ୍କ ତରଫରୁ ପେମେଣ୍ଟ ଗେଟ୍‌ୱେ ସିଷ୍ଟମକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଥିଲା, ଯାହା ଭକ୍ତମାନଙ୍କୁ ସୁବିଧାର ସହ ଅନ୍‌ଲାଇନ୍ ଦାନ କରିବାରେ ସାହାଯ୍ୟ କରିବ।

# ଟାଟା ପାୱାର ପକ୍ଷରୁ ଭିଜିଲାନ୍ସ କର୍ମଶାଳା

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ୪ ଡିସକମ ପକ୍ଷରୁ ବରମୁଣ୍ଡାସ୍ଥିତ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ସେଣ୍ଟରଠାରେ ଏକ ୩ ଦିନିଆ ବାର୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠୱା ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଓ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଏକ ସୁଦୃଢ଼ ଆଭ୍ୟନ୍ତରୀଣ ଭିଜିଲାନ୍ସ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ବିଜ୍‌ନେସ୍ ତଥା ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂ, ଟିପି ସଦର୍ନ, ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ ଗର୍ଗ ଏବଂ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)ର ସିଇଓ ପ୍ରବୀଣ କୁମାର ବର୍ମା ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଟାଟା ପାୱାରର ବରିଷ୍ଠ ପରାମର୍ଶଦାତା (ସୁରକ୍ଷା ଓ ଭିଜିଲାନ୍ସ) ସର୍ବଣାସାମୀ ଜଗନ୍ନାଥନ ଏବଂ ଓଡ଼ିଶା ଡିସକମ୍‌ର ଚିଫ୍ ବିଏଚ୍‌ଆର ଶ୍ୟାମ ସୁନ୍ଦର ଚୌଧୁରୀ, ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ବିଭାଗ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378



MATRIMONIAL

GROOM WANTED

Bankରେ ଚାକିରି କରୁଥିବା ୩୨ବର୍ଷର ବ୍ରାହ୍ମଣ ଝିଅ ପାଇଁ ଚାକିରି କରୁଥିବା vegetarian ବରପାତ୍ର ଆବଶ୍ୟକ। Contact-9078494524. D-3262



REAL ESTATE

SALE

Plot for sale: Area-41dcml, Mouza- Ankuli, BERHAMPUR, Beside Pole Factory, 50 meter from NH, Phone: 7788862475. D-3331

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର 5 କିଲୋମିଟର ଦୂର ଶ୍ରୀସେତୁ ନିକଟ ମଙ୍ଗରାଜପୁର ଛକରେ 200ଫୁଟ ରାସ୍ତାରୁ ମାତ୍ର 100ମିଟର ଦୂରରେ ଇଲେକ୍ଟ୍ରି ସୁବିଧାଥାଇ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗଫୁଟକୁ ମାତ୍ର 2400/- ଟଙ୍କା। ଯୋଗାଯୋଗ: 9438109040/ 9438220432. D-3295

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବା 8327785834 D-3178

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271



CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering-9439295469.** D-3190




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

LOST

I, BHAGIRATHI SENAPATI, aged about 59 years, S/o. Baban Senapati, resident of At- Hasanpur, Post- Bhaganai, P.S.- Ramachandrapur, Dist.- Keonjhar, Odisha, PIN- 758043, Aadhaar No.- xxxx xxxx 1679, Mobile No.- 9438372895. Wish to create a mortgage on the property Dist.- Jajpur, Tahasil- Byasanagar, P.S.- Korei, P.S. No.- 37, Sub-Registrar- Dolipur, Mouza-Chandama, Mutation Khata No.- 771/178, Plot No.- 473/2689, Area Ac.0.060 decs, Status- Stithiban (Freehold), Kisam- Gharabari (Homestead) Loan from AU Small Finance Bank Ltd. the previous link deeds are as follows: 1). Original Regd. Sale Deed bearing Document No.- 10821103573, dated 12.08.2011, executed by Smt. Juli Dash, wife of Sri Bhagirathi Senapati, in favour of Sri Himansu Sekhar Dwibedi, S/o. Sri Rajkishore Dwibedi & 2). Original Mutation ROR of Mouza-Chandama issued in the name of Sri Himansu Sekhar Dwibedi, S/o.- Sri Rajkishore Dwibedi in respect of Khata No.- 771/178 of my property, Dist.- Jajpur, Tahasil- Byasanagar, P.S.- Korei, P.S. No.-37, Sub-Registrar- Dolipur, Mouza-Chandama was lost on dtd. 30.01.2026 at KOREI area in this regard, I filed a Lost Report at KOREI Police Station, Jajpur, vide GD No.- 031 dtd.- 05.02.2026. D-3329

MIS NEOTECH SPECIALITY STRUCTURES PRIVATE LIMITED (formerly MIS NEOTECH OILS PVT. LTD.) has lost/misplaced the Original Sale Agreement Certificate No. IN-AP45878316539289V dated 07.12.2023 (116/2024) from its Bhubaneswar Office on 05.02.2026. Any claim/ objection may be raised within 15 days from publication, failing which a duplicate/certified copy shall be obtained.
Sd./- Balankeswar Patnaik
Kondavalasa, GM
Place: Bhubaneswar
D-3330

ଶ୍ରୀ ମୋତିଲାଲ ସାହୁଙ୍କ ନାମରେ ପଞ୍ଜୀକୃତ ବିକ୍ରୟ ଦଲିଲ ନଂ. 1914 ବରପାଲିରୁ ଅଇଁଲାପାଲି ରାସ୍ତାରେ କେଉଁଠି ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଆନ୍ତି ଯୋଗାଯୋଗ କରନ୍ତୁ: ୭୭୪୯୮୪୧୮୮୮। ଧ-୩୩୩୪

AFFIDAVIT

I am SUKAMANI BHAKTA, aged about 48years, W/o.- Gopi Bhakta, Resident of At/P.O.- Patharchakuli, P.S.- Baripada Sadar, Dist.- Mayurbhanj, PIN- 757107 declare by this affidavit No. 95 dtd.- 27.1.26, my original name is SUKAMANI BHAKTA but in my Aadhaar card my name is wrongly mentioned as SHUKA BHAKTA. D-3327

By virtue of an affidavit sworn before Executive Magistrate, Aul dated- 19.01.2026 affidavit No.-124. I, Baidhar Behera, At- Kothabruti, P.O.- Palimi, P.S.- Aul, Dist.- Kendrapara, State-Odisha, PIN- 755061 declare that I have changed the name of my daughter from Trushnarani Behera to Saisampurna Behera. Henceforth, she shall be known as Saisampurna Behera for all purposes.
Baidhar Behera
D-3326

I, Khalid Iqbal, S/o.- Iqbal Kadar Ansari, resident of At- Razamiya Building, Nimasahi, Dist.- Cuttack, PIN- 753001, Odisha declare by this affidavit No.- 586, Dated- 02.02.2026, that now onwards I shall be known as Khalid Bin Iqbal for all future purposes. D-3333

I, Geetika Bag, D/o.- Bikram Singh Bag, born on 23.01.2004 residing at Saraswati Nagar, Semiliguda, P.O.- Semiliguda, P.S.- Sunabeda, Dist.- Koraput, Odisha, PIN- 764036 have changed my name to Geetika Naik vide affidavit dated 06.02.2026 at Semiliguda, Koraput, Odisha. D-3328


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂଡକ୍ଟର ସୁରେଖା ଓଝା
ବରୀ- ବାଗଦା, ଯାଜପୁର
ଆବିର୍ଭାବ : ୨୩।୧୨।୧୯୪୨
ତିରୋଧାନ : ୨୯।୦୧।୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକାତୁର ବୃନ୍ଦ:- ପୁଅ- ସମରେଶ, ଅମରେଶ, ବିମଳେଶ, ବୋହୂ- ଶୁଭଶ୍ରୀ, ଶିବାନୀ, ଲିପ୍ତିମୟୀ, ନାତି/ନାତୁଣୀ- ଶୀବୁନି, ଶାକି, ନୀତିନ, ରୁଦ୍ରାଭି, ଶିୟା, ନାତୁଣୀ ବୋହୂ- ସିନି, ବନ୍ଧୁ ଓ ପରିବାରବର୍ଗ।
ଧ-୩୩୨୫

# ପ୍ରଥମ ପ୍ରେମ ନିବେଦନ



**ଆଜି ହେଉଛି ଭାଲେଣ୍ଟାଇନ୍ସ ୱିକ୍‌ର ୨ୟ ଦିନ ଅର୍ଥାତ୍ ପ୍ରପୋଜ୍ ଡେ'। ବହୁ ପ୍ରତୀକ୍ଷିତ ଏହି ଦିନଟିରେ ନିଜର ପ୍ରିୟ ମଣିଷକୁ ପ୍ରେମ ନିବେଦନ କରିବାକୁ ଉତ୍କଣ୍ଠାରେ ଚାହିଁ ରହିଥା'ନ୍ତି ଅନେକେ। ଯଦିଓ ବର୍ତ୍ତମାନ ଏହି ଦିନଗୁଡ଼ିକୁ ବେଶ୍ ଗୁରୁତ୍ୱ ଦିଆଯାଉଛି, ହେଲେ ସେତେବେଳେ ନା ଥିଲା କାହାକୁ ମନର କଥା ଜଣାଇବା ଲାଗି କୌଣସି ନିର୍ଦ୍ଦିଷ୍ଟ ଦିନ ନା ଭଳିକି ଭଳି ଉପହାର ଦେଇ କରାଯାଉଥିଲା ପାଳନା। ତେବେ କେତେଜଣ ସଫଳ ଦମ୍ପତିଙ୍କ ସେ ସମୟରେ ନିଜ ମନର ମଣିଷକୁ ପ୍ରଥମ ପ୍ରେମ ନିବେଦନର ଅଭୁଲା ଅନୁଭୂତିକୁ ନେଇ ଏଥରର ବିଶେଷ ଉପସ୍ଥାପନା ...**

## ବଡ଼ ଅସଲଖ ଥିଲା ଭଲପାଇବାର ରାସ୍ତା

**ହିରଣ୍ମୟୀ ମିଶ୍ର**(ପ୍ରାଧ୍ୟାପିକା ଓ ସାହିତ୍ୟିକା)– ଆଜି ଏତେବର୍ଷ ଏକାଠି ବଞ୍ଚିବା ପରେ ମୁଁ ବିଶ୍ୱାସ କରେ ଯେ, ବିବାହର ସିଦ୍ଧାନ୍ତ ଆମ ହାତରେ ନ ଥାଏ। ଅରୁଣ ଓ ମୁଁ ଦୁଇ ଭିନ୍ନ ପୃଥିବୀର ମଣିଷ। ମୋର ଚାକିରି କରିବା ପରେ ତାଙ୍କ ସହ ଦେଖା। ଆମ ଦୁହିଁଙ୍କର କିଛି ବି ମିଶେ ନାହିଁ, କେବଳ ମନ ଛଡ଼ା। ବହୁତ ଅଭାବୀ ପରିବାରରେ ଓ ନିପଟ ମଫସଲରେ ବଢ଼ିଥିବା ସେ ଓ ବିଶେଷ କିଛି ଜୀବନର ଅସୁବିଧାକୁ ଚିହ୍ନି ନ ଥିବା ଓ ବାପାଙ୍କ ଚାକିରି ସହ ବିଭିନ୍ନ ସହରରେ ବଡ଼ ହେଇଥିବା ମୁଁ। କେହି କାହାକୁ କହିବାର ନ ଥିଲା ଯେ– 'ମୁଁ ତମକୁ ଭଲପାଏ।' ଭଲ ଲାଗୁଥିଲା ଉଭୟଙ୍କୁ ଗପିବାକୁ। ଆମ ଗପ ଭିତରେ ତାଙ୍କର ପିଲାଦିନର କଥା ଓ ମୋର ଗପ, କବିତାର କଥା ବେଶି ଆସୁଥିଲା। କେହି କାହା ମନ ଜିଣିବା ପାଇଁ କିଛି ଉପହାର ଦେବା ବା ସାଂଗ ହୋଇ ବୁଲିବାକୁ ଯିବା ଭଳି କିଛି ସୁଯୋଗ ନଥିଲା। ଗୋଟିଏ ଗ୍ରାମୀଣ ମହାବିଦ୍ୟାଳୟରେ ଚାକିରି କରିଥିବାରୁ ନିଜେ ବହୁତ ସୀମା ଟାଣିଥିଲୁ ନିଜ ପାଇଁ। ତାଙ୍କର ଡର ଥିଲା କାଳେ କିଛି କଥାରେ କଲେଜ କର୍ତ୍ତୃପକ୍ଷ ଅସନ୍ତୁଷ୍ଟ ହେଲେ ତାଙ୍କର ଚାକିରିର ଅସୁବିଧା ହେବ। ମୋର ଡର ଥିଲା ଆମ ଘରେ କେହି କିଛି ଶୁଣିଲେ ସେଇଠି ଚାକିରି ଶେଷ। ଧୀରେ ଧୀରେ ପରସ୍ପରକୁ ଜାଣିବାର ସୁଯୋଗ ପାଇବା ପରେ ଶ୍ରଦ୍ଧା ଓ ସମ୍ମାନ ପରିଣତ ହେଇଥିଲା ଭଲପାଇବାରେ। ମୋ ପରିବାର ପ୍ରବଳ ବିରୋଧ କରୁଥିବାରୁ ଆମର ବାହାଘର ହେଇ ନ ଥିଲା ତଥାକଥିତ ରୀତିନୀତିରେ। ସଂକ୍ରାନ୍ତିର ତିଥିକୁ ବିବାହ ପାଇଁ ଅନୁକୂଳ ମାନନ୍ତି ନାହିଁ। ଆମେ ଗୋଟିଏ ତାରିଖ ଠିକ୍ କରିଥିଲୁ ବାହା ହେବା ପାଇଁ, ଜାଣିନଥିଲୁ ଯେ ସେଦିନ ସଂକ୍ରାନ୍ତି। କିଏ କହିଥିଲା ? ସମ୍ଭବତଃ ମୁଁ ପ୍ରଥମେ କହିଥିଲି। ପରେ ସେ ମତେ କହିଥିଲେ ଯେ, ସେ କହିବାକୁ ବହୁତ ଚାହୁଁଥିଲେ, କିନ୍ତୁ ସାହସ କରି ପାରିନଥିଲେ। ଆଜି ପଛକୁ ଚାହିଁଲେ ଓ ଆଜିକାଲିର ପିଲାମାନଙ୍କୁ ଦେଖିଲେ ବଡ ଅଦ୍ଭୁତ ଲାଗେ ଆମ ସମୟ। ଏକା ଜାଗାରେ ଚାକିରି କରିଥିଲେ ବି ମନର କଥା କହିବା ପାଇଁ ସବୁଦିନ ଚିଠି ଲେଖୁଥିଲି ମୁଁ। ସେ ଚିଠିରେ ବି ସିଧାସଳଖ କିଛି ଭଲପାଇବାର କଥା ରହୁନଥିଲା। ବଡ଼ ଅସଲଖ ଭଲପାଇବାର ରାସ୍ତା ଥିଲା ଆମ ସମୟରେ। ସେ ୮୦୦ ଟଙ୍କା ଓ ମୁଁ ୬୦୦ ଟଙ୍କା ପାଉଥିଲୁ। ତେଣୁ ପ୍ରପୋଜ ନୁହେଁ, ବାହା ହେଇ ସବୁଦିନ ପାଇଁ ଏକାଠି ରହିବା ହିଁ ଶେଷ କଥା ଥିଲା। ସେ ଏଯାଏଁ ବି ବଡ଼ ବାସ୍ତବବାଦୀ। ମୁଁ ଏଯାଏଁ ବି ସ୍ୱପ୍ନରେ ବଞ୍ଚୁଥିବା ମଣିଷ। କିନ୍ତୁ ଆମେ ଜୀବନର ବହୁତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପରସ୍ପରର ସହଯୋଗ ଓ ସମର୍ଥନ କରିଛୁ।



ସ୍ୱାମୀ ଅରୁଣଙ୍କ ସହ ହିରଣ୍ମୟୀ

## ମନର କଥା କହିବା ପାଇଁ ଲେଖୁଥିଲି ଚିଠି


**ମାନମୟୀ ରଥ**(ସାହିତ୍ୟିକା ଓ ଚିତ୍ରଶିଳ୍ପୀ)– କଳ୍ପନାର ପୃଥିବୀରେ ବଞ୍ଚୁଥିବା ମଣିଷ ମୁଁ, ମୋ ମୁତାବକ ମୁହୂର୍ତ୍ତ ପଛରେ ମାତିଥାଏ। କାହା ଅରୋପିତ ବିଚାରରେ ଅଣନିଃଶ୍ୱାସୀ ହୋଇଯାଏ ବୋଲି ଚିଠି ସହ ମୋର ଥାଏ ନିବିଡ଼ ବନ୍ଧୁତା। ଏକୁଟିଆ ସମୟ ମିଳିଲା ମାନେ ଚିଠି ଲେଖା। କହିପାରୁ ନ ଥିବା କଥାକୁ ଉତାରୁଥିଲି ଚିଠିରେ। ଅଭିମାନ, ଅଭିଯୋଗ, ପ୍ରାପ୍ତିର ଉଲ୍ଲାସ ଓ ଅବସୋସ ସବୁ ଗାରେଇ ଦେଉଥିଲି ଚିଠିରେ ସେ ରୁକ୍ଷତା ଦେଖାଉଥିବା ଅଧ୍ୟାପକ ହୁଅନ୍ତୁ କି ବିରକ୍ତ ହେଉଥିବା ସହପାଠୀ, ପହଡ଼ ଭିତରେ ପାହାଡ଼ ହୋଇ ବସିଥିବା ଜଗନ୍ନାଥ ଅଥବା ବୁଲା କୁକୁରକୁ ହଇରାଣ କରୁଥିବା ଦୁଷ୍ଟ କିଶୋର। ସବୁଦିନ ଲେଖାହୁଏ ଚିଠି। ଏମିତି ଚିଠି ଲେଖିବସିଲି ପବିତ୍ର ମୋହନ ଦାଶଙ୍କୁ ତାଙ୍କ ସୁନ୍ଦର ବ୍ୟକ୍ତିତ୍ୱ ବିଷୟରେ ସୁବିଖ୍ୟାତ ସର୍ଜକ ଦମ୍ପତି ବିଜୟକୃଷ୍ଣ ମହାନ୍ତି ଓ ବ୍ରହ୍ମୋତ୍ରୀ ମହାନ୍ତିଙ୍କଠାରୁ ଶୁଣି ଶୁଣି। ଶୁଣୁଥିବା ସୁନ୍ଦର ଗୁଣବତ୍ତାର ଆଧାରରେ କଳ୍ପନାରେ ଯେଉଁ ଚିତ୍ରକୁ ଗଢ଼ିଥିଲି, ଚିଠି ଲେଖୁଥିଲି, ଖୋଜି ହେଉଥିଲି ସେଠାରେ ବିବାହ, ପ୍ରେମ ବୋଲି କିଛି ମନରେ ନଥିଲା । ଲମ୍ବା ଲମ୍ବା ଚିଠି ଲେଖିଲାବେଳେ ପବିତ୍ର ନାମକ ଯେଉଁ ବ୍ୟକ୍ତିସତ୍ତା ସହ ମୁଁ ଏକାତ୍ମ ହେଉଥିଲି ଲୁହରେ ଓଦା ହେଉଥିଲି, ବିଭୋର ହେଉଥିଲି, ପୁଲକର ସ୍ନିଗ୍ଧତାରେ ଅନେକ ଜହ୍ନରାତିକୁ ବିନିଦ୍ର କାଟୁଥିଲି ତାଙ୍କୁ କେବଳ ଭେଟିବାକୁ ଚାହୁଁଥିଲି। ଚାହୁଁଥିଲି ଥରୁଟିଏ ପାଇଁ ବି ହେଉ ସେ ମୋର ବ୍ୟାକୁଳତାକୁ ବୁଝନ୍ତୁ, ମୋର ଆବେଗକୁ ମୂଲ୍ୟ ଦେଇ ମୋତେ ମୋ' ଭଳି ଗ୍ରହଣ କରନ୍ତୁ, ହେଲେ ସାହସ କରିପାରୁନଥିଲି। ମୋର ଜଣେ ସାଙ୍ଗ ତାଙ୍କ ଠିକଣା ଖୋଜି ଜଣେଇ ଦେଇଥିଲା ଯେ, ମୁଁ ରହୁଥିବା ଘରଠାରୁ ତାଙ୍କ ବସାଘର ମାତ୍ର ପଚାଶ ମିଟର ଦୂରରେ। ବର୍ଷେ ପାଖାପାଖି ତାଙ୍କୁ ଚିଠି ଲେଖି ନିଜ ଭିତରେ ନିଜକୁ ବାନ୍ଧି ରଖୁଥିବା 'ମୁଁ' ଦିନେ ଖୁବ୍ ଅସୁସ୍ଥ ହୋଇପଡ଼ିଲି। ଏକୁଟିଆ ରହୁଥାଏ। ପରିସ୍ଥିତି ସହ ଲଢ଼ିବା ଶିଖୁଥାଏ। ଲାଗିଲା ଏଇ ହିଁ ପ୍ରକୃଷ୍ଟ ସମୟ ଚିଠିତକ ତାଙ୍କ ପାଖରେ ପହଞ୍ଚେଇ ମୋର ଲୋଡ଼ିବାପଣକୁ ଜଣେଇ କିଛି ଖୁସି ସାଉଁଟି ଆଣିବା। ସଂକୋଚକୁ ସାଥି କରି ଚିଠିତକ ନେଇଗଲି, ତାଙ୍କୁ ଅତମତ ହୋଇ କ'ଣ କ'ଣ କହି ଦେଇଆସିଲି। ଭାବିଥିଲି ରାତି ଅନିଦ୍ରା ହୋଇ ଚିଠିତକ ପଢ଼ି ସେ ସକାଳୁ ଆସି ମୁଁ ରହୁଥିବା ଘରେ ପହଞ୍ଚିବେ। କାହିଁ ଆସନ୍ତେ ! ପାଞ୍ଚ ଦିନର ଲମ୍ବା ଅପେକ୍ଷା ପରେ ବରଂ ମୁଁ ତାଙ୍କୁ ଗୋଟିଏ ଜଳଖିଆ ଦୋକାନରୁ ବାହାରୁଥିବା ଦେଖି ନିଜ ଆଡୁ ପଚାରିଲି– ଚିଠି ପଢ଼ିଲେ ? ସେ କହିଲେ– ହଁ। କାହିଁ କିଛି କହିଲେନି ତ ମୁଁ ଅପେକ୍ଷା କରିଥିଲି, ମୁହଁ ପୋତି ମୁଁ କହିଲି। ସେ କହିଲେ– ପଢ଼ିବାକୁ ଦେଇଥିଲ ପରା ! ଲୁହରେ ଭର୍ତ୍ତି ହୋଇଯାଇଥିଲା ମୋ ଆଖି। ଫେରି ଆସିଥିଲି ତାଙ୍କୁ ଜୀବନସାଥୀ କରିବାର 'ଜିଦ୍'କୁ ସାଥିରେ ଧରି। ଘରେ ଜଣେଇଲି। ମୋର ସ୍ୱଷ୍ଟତା ଓ ପିଲାଳିଆମିକୁ ସମର୍ଥନ କଲେ ନନା, ଭାଇନା , ଗୁରୁଜନ। 'ମାନୁର ପସନ୍ଦ ଆମର ପସନ୍ଦ' କହିଲେ ସିନା, ହେଲେ ପ୍ରସ୍ତାବ ପକେଇବ କିଏ ! ବଡ଼ ଭାଇ ଗଲେ। ସିଧା ଶୁଣେଇ ଦେଲେ ପବିତ୍ର– 'ଭଉଣୀ ଆପଣଙ୍କର ଶସ୍ତା ସିନେମା ଏବଂ ଉପନ୍ୟାସ ଦେଖି ଏମିତି ହେଉଛି, ମୁଁ ମୋ ଭାଇ ଭଉଣୀଙ୍କ ଭବିଷ୍ୟତ ପାଇଁ ସହରରେ ଆସି ଖଟୁଛି। ଆପଣଙ୍କ ଭଉଣୀର ଭବିଷ୍ୟତ ଆପଣ ଭଲରେ ଦେଖନ୍ତୁ।' ଭାଇ ହତାଶ ହୋଇ ଫେରିଲେ। ହେଲେ ମୁଁ ହାର୍ ମାନିଲିନି। ସେ ପଢ଼ନ୍ତୁ କି ନ ପଢ଼ନ୍ତୁ ତାଙ୍କ ପାଇଁ ପ୍ରତିଦିନ ଲେଖୁଥିବା ଚିଠି ତାଙ୍କୁ ଦେଇଆସୁଥିଲି। ତହିଁରେ ତାଙ୍କ ସହ ବନ୍ଧୁ ଭଳି ରହିବାର ଅକ୍ଳାନ୍ତ ଚେଷ୍ଟା କରୁଥିଲି। ପରିଶେଷରେ ତାଙ୍କୁ ନେଇ ମୋ' ଆବେଗ ଜିତିଲା। ଛଅ ମାସ ପରେ ସେ ମାନିଗଲେ ଜୀବନସାଥୀ କରିବା ପାଇଁ ମୋତେ।



ସ୍ୱାମୀ ପବିତ୍ରଙ୍କ ସହ ମାନମୟୀ

## ଜୀବନସାଥୀ ହେବାକୁ ପ୍ରଥମେ ସମ୍ମତି ଲୋଡ଼ିଥିଲି

**ଓଁ ଅଭିଜ୍ଞାନ ସାହୁ(ବ୍ୟଙ୍ଗକାର)–** ସ୍କୁଲ କଲେଜ ପିଲାଙ୍କ ଭିତରେ ଭାରତୀୟ କଳା ସଙ୍ଗୀତ ତଥା ସାହିତ୍ୟର ପ୍ରଚାର ପ୍ରସାର ପାଇଁ କାମ କରୁଥିବା ଏକ ସର୍ବଭାରତୀୟ ଅନୁଷ୍ଠାନ ସ୍ପିକ୍ ମାକେର ରାଜ୍ୟ ସଂଯୋଜକ ଥିବା ସମୟରେ ବବିତାଙ୍କ ବିଷୟରେ ଜାଣିବାକୁ ପାଇଲି। ସେତେବେଳକୁ ସେ ଓଡ଼ିଶା ଲଳିତ କଳା ଏକାଡେମୀ ସହ ଜାତୀୟ ନେତାଜୀ ଯୁବ ପୁରସ୍କାର ମଧ୍ୟ ପାଇ ସାରିଥାନ୍ତି। ଏକଦା ମହିଳାଙ୍କ ପାଇଁ ନିଷିଦ୍ଧ ଥିବା ପୁରୁଷପ୍ରଧାନ ପଟଚିତ୍ରରେ ବହୁ ସାମାଜିକ ପ୍ରତିକୂଳ ବାଧାବିଘ୍ନ ସତ୍ତ୍ୱେ ଏତେ ସୁନାମ ଅର୍ଜିଥିବା ବବିତାଙ୍କ ବିଷୟରେ ଜାତୀୟ ଖବରକାଗଜ ଟାଇମ୍ସ ଅଫ୍ ଇଣ୍ଡିଆରେ ଏକ ସ୍ୱତନ୍ତ୍ର ପୃଷ୍ଠା ପ୍ରକାଶ ପାଇଥିଲା। ତାଙ୍କ ସହ ମୋର ପ୍ରଥମ ପରିଚୟ ଏହି ପୃଷ୍ଠାରୁ। ସାମାଜିକ ବାସନ୍ଦ ସତ୍ତ୍ୱେ ନିଜ ଗୁରୁ ଓ ମା'ବାପାଙ୍କ ସହଯୋଗରେ ସେ ପଟଚିତ୍ରରେ ଅର୍ଜିଥିବା ଖ୍ୟାତି ପାଇଁ ଭାରତ ସରକାରଙ୍କ ହସ୍ତକଳା ଓ ବୟନ ଶିଳ୍ପ ବିଭାଗ ତରଫରୁ ପଟଚିତ୍ରର ପ୍ରଥମ ମହିଳା ଭାବେ ପ୍ରଶସ୍ତିପତ୍ର ମଧ୍ୟ ପାଇ ସାରିଥାନ୍ତି। ଅଧିକରୁ ଅଧିକ ଝିଅ ଓ ଛାତ୍ରୀଛାତ୍ରମାନେ କିପରି ଆମ ଶାସ୍ତ୍ରୀୟ ଚିତ୍ରକଳା ବିଷୟରେ ଅଧିକ ଜାଣିବେ ଓ ଶିଖିବେ ଚିନ୍ତାକରି ଆମ ଅନୁଷ୍ଠାନ ତରଫରୁ ଏକ କର୍ମଶାଳାର ଆୟୋଜନ କରି ତାଙ୍କୁ ଯୋଗାଯୋଗ କରିଥିଲୁ। ସେ ଖୁସିରେ ଗ୍ରହଣ କରି ଆମକୁ ସହଯୋଗ କରିଥିଲେ। ତାଙ୍କୁ ପ୍ରଥମେ ଦେଖି ବିଶ୍ୱାସ ଆସୁନଥିଲା ଯେ ଏତେ କମ୍ ବୟସରୁ ଜାତୀୟ ସ୍ତରରେ ନାଁ କରିଥିବା ଝିଅଟି ଏଇ ବୋଲି। ତେଲମରା ଲମ୍ବା ବେଣୀ ସହ ଫ୍ରକ୍‌ରୁ ନୂଆ ନୂଆ ସାଲୱାର କୁର୍ତ୍ତା ପିନ୍ଧି ଅଳ୍ପବୟସ୍କା ସାଧାରଣ ଝିଅକୁ ଦେଖି ସେହି ଆଭିଜାତ୍ୟ ସମ୍ପନ୍ନ ସ୍କୁଲର ପ୍ରିନ୍ସିପାଲଙ୍କ ମୁହଁ ଆମ୍ବିଳା ହେଇଯାଇଥିଲା। କିନ୍ତୁ ପ୍ରଥମ ସ୍ୱାଗତ ସଭାରେ ଯେତେବେଳେ ତାଙ୍କ ପରିଚୟ ସମୟରେ ସମସ୍ତ ବଡ଼ ବଡ଼ ଜାତୀୟ ଖବରକାଗଜ ସହ ଟେଲିଭିଜନରେ ତାଙ୍କ ଉପରେ ହୋଇଥିବା ସ୍ୱତନ୍ତ୍ର ଉପସ୍ଥାପନା ବିଷୟରେ ପଢ଼ାଗଲା, ସେତେବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ସେଠାରେ ଉପସ୍ଥିତ ଅଭିଭାବକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସାତ ଦିନ ଧରି ଚାଲିଥିବା ଏହି କର୍ମଶାଳାକୁ ମୁଁ ପ୍ରଥମ ଓ ଶେଷଦିନ ଯାଇଥିଲି। ମୂଳରୁ ଆମ ପରିଚୟ କେବଳ ପରସ୍ପର ପ୍ରତି ଆକର୍ଷଣ ଥିଲା, ଯାହାକୁ ପ୍ରେମ କୁହାଯିବ କି ନା ଜାଣେ ନାହିଁ। ସେହି ସମୟରେ ମୁଁ ବିଭିନ୍ନ କାର୍ଯ୍ୟକ୍ରମ ନେଇ ତାଙ୍କ ବାପା ଓ ତାଙ୍କ ସହ କଥା ହୋଇଛି ଓ ସେହି କଥାବାର୍ତ୍ତା ଭିତରେ ଯାହା ଅଳ୍ପ କିଛି ବ୍ୟକ୍ତିଗତ ଭଲ ମନ୍ଦ କଥା ହେଇଛୁ। ତାଙ୍କ ପ୍ରତିଭା, ନମ୍ରତା ଓ ରୁଚିପୂର୍ଣ୍ଣ ଆଚରଣରୁ ମୋତେ ଲାଗିଥିଲା ସେ ମୋ ଜୀବନସାଥୀ ହେଲେ ମୁଁ ଖୁସି ରହିବି। ତାଙ୍କୁ ଏକଥା ଜଣାଇଲି ଓ ସମ୍ମତି ପରେ ବିବାହ କରିବା ପାଇଁ ମୁଁ ପ୍ରଥମେ ଆମ ଘରେ ପ୍ରସ୍ତାବ ଦେଇଥିଲି। ଉଭୟ ପରିବାରର ସମ୍ମତିରେ ପ୍ରଥମେ ପୁରୀ କୋର୍ଟରେ ବିବାହ କଲା ପରେ ବୈଦିକ ରୀତିରେ ଆମେ ପରସ୍ପରକୁ ବରି ନେଇଥିଲୁ।



ପତ୍ନୀ ବବିତାଙ୍କ ସହ ଓଁ ଅଭିଜ୍ଞାନ

## ମୋ ପ୍ରସ୍ତାବ ପରେ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଥିଲା

**ଦିଲୀପ କୁମାର ବେହେରା** (ଡାକ୍ତର ଓ ଲେଖକ)– ସେତେବେଳକୁ ରୋଜାଲିନ୍‌କୁ ଜାଣିବାର ବେଶ୍ କିଛି ମାସ ହେଇଯାଇଥିଲା। କଥାବାର୍ତ୍ତା ତଥା ଭାବଦିଆନିଆରେ ଅନ୍ତରଙ୍ଗତା ବଢ଼ିଯାଇଥିଲା। ହୁଏତ ପରସ୍ପରକୁ ଆମେ କିଛିମାତ୍ରାରେ ବୁଝିସାରିଥିଲୁ। ମୋତେ ଲାଗେ ମୁଁ ଜମା ରୋମାଣ୍ଟିକ୍ ମଣିଷ ନୁହଁ କି ରୋମାଣ୍ଟିସିଜିମ ମୋତେ ଆସେନି। ମୋ ଦୃଷ୍ଟିରେ ପାରସ୍ପରିକ ସମ୍ମାନ ଆଉ ଭଲ ବୁଝାମଣା ହିଁ ପ୍ରେମ। ମୋତେ ଲାଗେ ମଣିଷର ଚିନ୍ତାଧାରା, ତା'ର ଚାଲିଚଳନ ସହ ଅଞ୍ଚଳଗତ ପାରିବାରିକ ତଥା ସାଂସ୍କୃତିକ ବିସଙ୍ଗତି ସତ୍ତ୍ୱେ ଯଦି ଦୁଇଟି ମଣିଷଙ୍କ ବିଚାରଧାରା ତଥା ଆଦର୍ଶଗତ ସଙ୍ଗତି ଅଛି, ତେବେ ସଂସାର ସୁରୁଖୁରୁରେ ଚାଲିପାରିବ। ସେତେବେଳକୁ ମୋର ବାହାଘର ପାଇଁ ପ୍ରସ୍ତାବ ଦେଖାଦେଖି ଚାଲିଥାଏ। ମୁଁ ଦୋଳାୟମାନ ସ୍ଥିତିରେ ଥାଏ। ଏମିତି ଦିନେ କଥା ହେଉହେଉ ମୁଁ ରୋଜାଲିନକୁ ପ୍ରସ୍ତାବ ଦେଲି– ମୋତେ ବାହା ହେବୁ ? ହଠାତ୍ କେମିତି ଗୋଟେ ଗମ୍ଭୀର ସ୍ଥିତି ସୃଷ୍ଟି ହେଲା। ସେ ବାହାଘର କଥା କିଛି ଭାବିନଥାଏ। ସେ ସମୟ ମାଗିଲା। ଘର ଲୋକଙ୍କୁ ପଚାରିଲା। ପାରିବାରିକ ବିଚାରବିମର୍ଶ ପରେ ଯାହା କିଛି ନିଷ୍କର୍ଷ ବାହାରିଲା, ସେଥିରେ ଥିଲା ଅଳ୍ପ ରାଜି ଆଉ ଅନେକ ଅରାଜି। ତା'ରି ଭିତରେ ବାହାଘର ସ୍ଥିର ହେଲା।



ପତ୍ନୀ ରୋଜାଲିନ୍‌ଙ୍କ ସହ ଦିଲୀପ

– ପୌର୍ଣ୍ଣମାସୀ

## ଏ ସପ୍ତାହର ପ୍ରଶ୍ନ ?

୧– ଏସିଆ ମ୍ୟାନୁଫାକ୍ଚରିଂ ଇଣ୍ଡେକ୍ସ ୨୦୨୬ରେ ଭାରତର ସ୍ଥାନ......... ?
୨– ନମ୍ୱେଓ ଗ୍ଲୋବାଲ୍ ସେଫ୍ଟି ଇଣ୍ଡେକ୍ସ–୨୦୨୬ ରିପୋର୍ଟ ଅନୁଯାୟୀ ପୃଥିବୀର ସବୁଠୁ ସୁରକ୍ଷିତ ସହର ............ ?
୩– ..........ଙ୍କ ଜନ୍ମ ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରାଯାଏ ?
୪– ଲାମ୍ବାଡା ସମ୍ପ୍ରଦାୟ ମୁଖ୍ୟତଃ ଭାରତୀୟ ରାଜ୍ୟ .......... ଏବଂ ......... ରାଜ୍ୟରେ ବସବାସ କରନ୍ତି ?
୫– ଅଲିମ୍ପିକ୍ ଇସ୍ପୋର୍ଟ୍ସ ଗେମ୍ସ ୨୦୨୭ ..........ଠାରେ ଅନୁଷ୍ଠିତ ହେବ ?

## ଗତ ଥରର ଉତ୍ତର

୧ ଆରାବଳୀ ପର୍ବତମାଳା
୨ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍
୩ ସୁଇଡେନ୍
୪ ଗୋଆ ଶିପ୍‌ୟାର୍ଡ ଲିମିଟେଡ୍
୫ ଯମୁନା

## ଉତ୍ତରଦାତା



ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର



ମାନସ ପଟ୍ଟନାୟକ, ଭୁବନେଶ୍ୱର



ସୁଶାନ୍ତ ନାଏକ, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। **ଇ–ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବବୃହତ୍ ବୌଦ୍ଧ ମୂର୍ତ୍ତି

୧. ସ୍ପ୍ରିଙ୍ଗ୍ ବୁଦ୍ଧ ଟେମ୍ପଲ୍ (ଚାଇନା)........ ୪୨୦ ଫୁଟ୍
୨. ଲେକ୍ୟୁନ୍ ସେକ୍ୟା (ମ୍ୟାନ୍‌ମାର୍) ........ ୩୮୧ ଫୁଟ୍
୩. ଉଶିକୁ ଡାଇବୁସୁ (ଜାପାନ) ........ ୩୩୦ଫୁଟ୍
୪. ସେଣ୍ଡାଇ ଡାଇକାନନ୍ (ଜାପାନ)........ ୩୩୦ ଫୁଟ୍
୫. ଗୁଇଶାନ୍ ଗୁଆନିନ୍ (ଚାଇନା)........ ୩୨୫ ଫୁଟ୍
୬. ଗ୍ରେଟ୍ ବୁଦ୍ଧ ଅଫ୍ ଥାଇଲାଣ୍ଡ ........ ୩୦୨ ଫୁଟ୍
୭. ଡାଇ କ୍ୟାନନ୍ ଅଫ୍ କାଇଟା (ଜାପାନ)........ ୨୮୯ ଫୁଟ୍
୮. ଗ୍ରାଣ୍ଡ ବୁଦ୍ଧ ଆଟ୍ ଲିଙ୍ଗ୍ ଶାନ୍ (ଚାଇନା)........ ୨୮୯ ଫୁଟ୍
୯. ଆୱାଜି କ୍ୟାନନ୍ (ଜାପାନ) ........ ୨୬୦ ଫୁଟ୍
୧୦. ଗୁଆନିନ୍ ଅଫ୍ ମାଉଣ୍ଟ ଜିକିଆଓ (ଚାଇନା)........ ୨୫୩ ଫୁଟ୍

## ୟୁଥ୍ ଆଲର୍ଟ


# ବୁଲିବା ପାଇଁ ଏଆଇ ସାହାଯ୍ୟ ନେଉଥିଲେ

**ବର୍ତ୍ତମାନ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ସାହାଯ୍ୟରେ ଅନେକ କାର୍ଯ୍ୟ ଖୁବ୍ ସହଜ ଏବଂ ସରଳ ଭାବେ କରାଯାଇପାରୁଛି। ଠିକ୍ ଯେମିତି କେଉଁ ନୂଆ ଜାଗାକୁ ବୁଲିବାକୁ ହେଲେ ବି ଅଧିକାଂଶ ଯୁବପିଢ଼ି ଏଆଇର ସାହାଯ୍ୟ ନେଉଛନ୍ତି। ହେଲେ ଜାଣନ୍ତି କି ଏଆଇ ସାହାଯ୍ୟରେ ଟ୍ରିପ୍ ପ୍ଲାନିଂ କରିବା ଦ୍ୱାରା ଆପଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଜାଣନ୍ତୁ କିପରି ରହିବେ ସତର୍କ...**

➔ଏଆଇ ଦ୍ୱାରା କେବେକେବେ ଏଭଳି ମଡେଲ୍ ପ୍ରସ୍ତୁତ ହୋଇଯାଏ, ଯାହା ଅବାସ୍ତବ ହୋଇଥାଏ ; ଯାହାକୁ ହ୍ୟାଲୁସିନେଶନ୍ ବୋଲି କୁହାଯାଏ। ତେଣୁ ଏଆଇ ଦ୍ୱାରା ଟ୍ରିପ୍ ବୁକ୍ କଲାବେଳେ କେବେକେବେ ଏମିତି କିଛି ହୋଟେଲ୍ ବା କୌଣସି ମ୍ୟୁଜିୟମ୍ ଆଦିର ଆଡ୍ରେସ୍ ମିଳିଥାଏ, ଯାହାକି ଦୀର୍ଘଦିନରୁ ବନ୍ଦ ହୋଇଯାଇଥାଏ କିମ୍ବା ଆଦୌ ନ ଥାଏ। ତେଣୁ ଏହା ଉପରେ ବିଶ୍ୱାସ କରି ଯିବା ଅପେକ୍ଷା ଗୁଗୁଲ୍ ମ୍ୟାପ୍ କିମ୍ବା ଉକ୍ତ ସ୍ଥାନର ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଯାଇ ଚେକ୍ କରନ୍ତୁ ଏବଂ ତାହା ଠିକ୍ ଥିଲେ ଟ୍ରିପ୍ ପ୍ଲାନ୍ କରନ୍ତୁ।

➔ଏଆଇରେ ଅପ୍‌ଡେଟ୍ ବା ରିଅଲ୍‌ଟାଇମ୍ ତଥ୍ୟ ମିଳିବା କଷ୍ଟ। କାରଣ ଏଥିରେ ଯେଉଁ ସମୟରେ ଯେଉଁ ଡାଟା ଅପ୍‌ଲୋଡ୍ ହୋଇଥାଏ, ତାହା ପୁନର୍ବାର ଅପ୍‌ଡେଟ୍ କରିବା ପର୍ଯ୍ୟନ୍ତ ସେହିପରି ରହିଥାଏ। ତେଣୁ ଟ୍ରପ୍ ସମୟରେ କେଉଁ ସ୍ଥାନକୁ ଯିବାକୁ ଚାହୁଁଥିଲେ ଯଦି ସେଠାରେ କୌଣସି କାରଣରୁ ଷ୍ଟ୍ରାଇକ୍, କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆଦି ହୋଇଥାଏ, ତେବେ ତାହା ଏଆଇରେ ଜଣା ପଡ଼ି ନ ଥାଏ। ତେଣୁ କେଉଁଆଡ଼େ ଯିବା ପୂର୍ବରୁ ଗମନାଗମନ ସୁବିଧା, ସେଠାକାର ପାଣିପାଗ ଏବଂ ରହିବା ବ୍ୟବସ୍ଥା ବିଷୟରେ ଜାଣିବା ପାଇଁ ଏଆଇ ବଦଳରେ ସରକାରୀ ୱେବ୍‌ସାଇଟ୍, ରେଲ୍‌ୱେ ଆପ୍, ଟ୍ରାଭେଲ୍ ଆଣ୍ଡ ଟୁରିଜମ୍ ଆପ୍, ଗୁଗୁଲ୍ ଆଦିର ସାହାଯ୍ୟ ନିଅନ୍ତୁ।

➔କେଉଁ ସ୍ଥାନକୁ କିଭଳି ଡ୍ରେସ୍ ପିନ୍ଧି ଯିବା ଦରକାର, ଅବା କେତେକ ସ୍ଥାନରେ କେବଳ ସ୍ଥାନୀୟ ଲୋକଙ୍କୁ ଯିବା ଅନୁମତି ରହିଥାଏ, ଆଦି ଭଳି ଏସବୁ କଥା ଏଆଇରୁ ଜଣା ପଡ଼ି ନ ଥାଏ। ଯେଉଁଥିପାଇଁ ଏହା ଜରିଆରେ ଟୁର୍ ପ୍ଲାନିଂ କରି ଅନେକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏମିତିରେ ୱେବ୍‌ସାଇଟ୍‌ରେ ପ୍ରଥମେ ପୂର୍ବରୁ ସେହି ସ୍ଥାନକୁ ଯାଇଥିବା ଲୋକଙ୍କ ଫିଡ୍‌ବ୍ୟାକ୍ ପଢ଼ନ୍ତୁ କିମ୍ବା ପରିଚିତ କେହି ଯାଇଥିଲେ ତାଙ୍କଠାରୁ ଭଲ ଭାବେ ଜାଣିବା ପରେ ହିଁ ଟ୍ରିପ୍ ପ୍ଲାନ କରନ୍ତୁ।



# ଧରିତ୍ରୀ
DHARITRI

ଧରିତ୍ରୀ 52 Years

www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୮ ଫେବୃଆରୀ, ୨୦୨୬ | Bhubaneswar, Sunday, 8 February, 2026







# ଟି୨୦ ବିଶ୍ୱକପ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଂଗୀତ ପରିବେଷଣ କରୁଛନ୍ତି ରାପର୍ ବାଦ୍‌ଶା(ବାମ) । ନୃତ୍ୟରତା ନୋରା ଫତେହୀ ।

**ମୁମ୍ବାଇ, ୭।୨**

ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଶନିବାର ସନ୍ଧ୍ୟାରେ ୱାଙ୍ଖେଡେ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ସହ ଆରମ୍ଭ ହୋଇଛି । ଭାରତ ଓ ଆମେରିକା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ପୂର୍ବରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱକପ୍ ଟ୍ରଫି ସହ ଜେଟ୍‌ପ୍ୟାକ୍ ପରଫର୍ମର ଷ୍ଟାଡିୟମରେ ପ୍ରବେଶ ଅନ୍ୟତମ ହାଇଲାଇଟ୍ ଥିଲା । ଏହି କାର୍ଯ୍ୟକ୍ରମ ପ୍ରସିଦ୍ଧ ତବଲା ବାଦକ ଶିବମଣି ଓ ସିତାର ବାଦକ ରିଶବ ଶର୍ମାଙ୍କ ପରଫର୍ମାନ୍ସ ସହ ଆରମ୍ଭ ହୋଇଥିଲା । ଏଥିରେ ବଲିଉଡ୍ ଅଭିନେତ୍ରୀ ତଥା ଡ୍ୟାନ୍ସର ନୋରା ଫତେହୀ ଓ ର୍‌ୟାପର୍ ବାଦ୍‌ଶା ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ଏହି ଉତ୍ସବରେ ଆଇସିସି ଚେୟାରମ୍ୟାନ ଜୟ ଶାହା, ପୂର୍ବତନ ଭାରତୀୟ ଅଧିନାୟକ ତଥା ଚଳିତ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରୋହିତ୍ ଶର୍ମା ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟ ଆରମ୍ଭ କରିଥିଲେ ।

## ବିଜୟରୁ ଭାରତର ଅଭିଯାନ

**ମୁମ୍ବାଇ,୭।୨**

ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଟି୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣରେ ଭାରତୀୟ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି । ଡିଫେଣ୍ଡିଂ ଚାମ୍ପିୟନ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ୨୯ ରନରେ ଆମେରିକାକୁ ପରାସ୍ତ କରିଛି । ଏହି ବିଜୟରୁ ଭାରତ ଦୁଇ ପଏଣ୍ଟ ପାଇଛି । ଭାରତୀୟ ଦଳ ତା'ର ଆସନ୍ତା ୧୨ ତାରିଖରେ ଦିଲ୍ଲୀଠାରେ ନାମିବିଆକୁ ଭେଟିବ ।

ଭାରତ ଆରମ୍ଭରୁ ଅଭିଷେକ ଶର୍ମାଙ୍କ ଉଇକେଟ ହରାଇଥିଲା । ଫୁଲ ଫର୍ମରେ ଥିବା ଅଭିଷେକ ବିନା ରନରେ ଆଉଟ୍ ହେବା ପରେ ଇଶାନ କିଶନ ଓ ତିଲକ ବର୍ମା ଦ୍ୱିତୀୟ ଉଇକେଟରେ ୩୭ ରନ ଯୋଡ଼ିଥିଲେ । ହେଲେ ଭ୍ରମଣକାରୀ ଦଳର ପେସର ଶାଡଲି ଭାନ ସ୍କାଲକ୍ୱିକ ପାୱାରପ୍ଲେର ଅନ୍ତିମ ଓଭରରେ କିଶନ ୨୦ (୧ ଚୌକା ଓ ୨ ଛକା), ତିଲକ ୨୫ (୩ ଚୌକା ଓ ୧ ଛକା) ଓ ଶିବମ ଦୁବେ (୦)ଙ୍କୁ ଆଉଟ୍ କରିଥିଲେ । ଏହାପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗୋଟିଏ ପଟେ ଛିଡ଼ା ହୋଇଥିବା ବେଳେ ଅନ୍ୟ ପଟେ କ୍ରମାଗତ ବ୍ୟବଧାନରେ ରିଙ୍କୁ ସିଂ (୬), ହାର୍ଦ୍ଦିକ ପାଣ୍ଡ୍ୟା (୫) ଓ ଅକ୍ଷର ପଟେଲ (୧୪) ଆଉଟ୍ ହୋଇଥିଲେ । କ୍ରିଜ୍‌ରେ ସେଟ୍ ଥିବା ଅଧିନାୟକ ସୂର୍ଯ୍ୟ ଅନ୍ତିମ ଓଭରରେ ୨ ଲେଖାଏ ଚୌକା ଓ ଛକା ସହିତ ୨୧ ରନ କରିଥିଲେ । ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୬୧ ରନ କରିଥିଲା । ଦଳ ପାଇଁ ସୂର୍ଯ୍ୟକୁମାର ୪୯ ବଲରେ ୧୦ ଚୌକା ଓ ୪ ଛକା ସହାୟତାରେ ୮୪ ରନ କରି ଅପରାଜିତ ରହିଥିଲେ । ଜବାବରେ ଆମେରିକା ଆରମ୍ଭରୁ ୩ ଉଇକେଟ ହରାଇଥିଲା । ମିଲିନ୍ଦ କୁମାର (୩୪ ରନ୍, ୩ ଚୌକା ଓ ୧ ଛକା) ଓ ସଞ୍ଜୟ କ୍ରିଷ୍ଣମୂର୍ତ୍ତୀ (୩୭ ରନ୍, ୧ ଚୌକା ଓ ୨ ଛକା) ଚତୁର୍ଥ ଉଇକେଟରେ ୫୮ ରନ ଯୋଡ଼ିଥିଲେ । ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା । ଫଳରେ ଆମେରିକା ୨୦ ଓଭରରେ ୮ ଉଇକେଟ ହରାଇ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା । ଭାରତ ପାଇଁ ମହମ୍ମଦ ସିରାଜ ୩ ଉଇକେଟ ନେଇଥିବାବେଳେ ଅର୍ଶଦୀପ ସିଂ ଓ ଅକ୍ଷର ପଟେଲ ଦୁଇ ଲେଖାଏ ଉଇକେଟ ନେଇଥିଲେ ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୧୬୧/୯ (ସୂର୍ଯ୍ୟକୁମାର ଯାଦବ-୮୪*, ତିଲକ ବର୍ମା-୨୫, ଶାଡଲି ଭାନ ସ୍କାଲକ୍ୱିକ-୪/୨୫) । ଆମେରିକା: ୨୦ ଓଭରରେ ୧୩୨/୮ (ସଞ୍ଜୟ କ୍ରିଷ୍ଣମୂର୍ତ୍ତୀ-୩୭, ମିଲିନ୍ଦ କୁମାର-୩୪, ମହମ୍ମଦ ସିରାଜ-୩/୨୯, ଅକ୍ଷର ପଟେଲ-୨/୨୪, ଅର୍ଶଦୀପ ସିଂ-୨/୧୮) ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ସୂର୍ଯ୍ୟକୁମାର ଯାଦବ ।

## ମ୍ୟାଚ୍ ଦେଖିଲେ ଆମେରିକା ରାଷ୍ଟ୍ରଦୂତ

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶନିବାର ଭାରତ ଓ ୟୁଏସ୍‌ଏ ମଧ୍ୟରେ ଟି୨୦ ବିଶ୍ୱକପ୍ ମ୍ୟାଚ୍ ବେଳେ ଉପସ୍ଥିତ ଥିଲେ ଭାରତରେ ଅବସ୍ଥାପିତ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରଦୂତ ତଥା ଦକ୍ଷିଣ ଓ କେନ୍ଦ୍ରାଞ୍ଚଳ ଏସିଆର ସ୍ୱତନ୍ତ୍ର ଦୂତ ସର୍ଗିଓ ଗୋର୍ । ସେ ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କ ସହିତ ମ୍ୟାଚ ପୂର୍ବରୁ ଆୟୋଜିତ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଓ ଆତସବାଜି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଏହି ଅବସରରେ ଭାରତର ପୂର୍ବତନ ଅଧିନାୟକ ତଥା ଟି୨୦ ବିଶ୍ୱକପ୍‌ର ଏହି ସଂସ୍କରଣର ବ୍ରାଣ୍ଡ ଆମ୍ବାସାଡର ରୋହିତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ । ଜାତୀୟ ସଙ୍ଗୀତ ଗାନ ବେଳେ ଶାହାଙ୍କ ପାର୍ଶ୍ୱରେ ଗୋର୍ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା । ଏହାପରେ ସେ ୟୁଏସ୍‌ଏ ଖେଳାଳିଙ୍କୁ ଯାଇ ସାକ୍ଷାତ୍ କରିଥିଲେ । ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ୍‌ରେ ଦୁଇ ଦେଶ ମଧ୍ୟରେ ଏହା ଥିଲା ଦ୍ୱିତୀୟ ମୁକାବିଲା । ପୂର୍ବରୁ ଦୁଇ ଦଳ ଟି୨୦ ବିଶ୍ୱକପ୍‌ର ୨୦୨୪ ସଂସ୍କରଣରେ ପରସ୍ପରକୁ ଭେଟିଥିଲେ । ଏଥିରେ ଭାରତ ୭ ଉଇକେଟରେ ବିଜୟଲାଭ କରିଥିଲା । ନାମ୍ବିୟା, ନେଦରଲାଣ୍ଡ୍ସ, ପାକିସ୍ତାନ ସହ ଭାରତ ଓ ଆମେରିକା ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି ।

## ଅଳ୍ପକେ ବର୍ତ୍ତିଗଲା ପାକିସ୍ତାନ

**କଲମ୍ବୋ, ୭।୨(ପି.ଟି.)**

ଆଇସିସି ଟି୨୦ କ୍ରିକେଟ୍ ବିଶ୍ୱକପ୍ ଉଦ୍‌ଘାଟନୀରେ ପରାଜୟରୁ ଅଳ୍ପକେ ବର୍ତ୍ତିଯାଇଛି ପାକିସ୍ତାନ । ଟେଲ୍‌ଏଣ୍ଡର ଫହିମ ଅଶ୍ରଫ୍‌ଙ୍କ ୧୧ ବଲ୍‌ରେ ୨୯ ରନ୍ ସହାୟତାରେ ପାକିସ୍ତାନ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍‌ରେ ଶେଷ ମୁହୂର୍ତ୍ତରେ ୩ ଉଇକେଟ ହରାଇ ବିଜୟୀ ହୋଇଛି । ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନେଦରଲାଣ୍ଡ୍ସ ଭଲ ଆରମ୍ଭ କରିଥିଲେ ମଧ୍ୟ ୧୯.୫ ଓଭରରେ ୧୪୭ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା । ଏହି ମ୍ୟାଚ୍‌ରେ ପାକିସ୍ତାନ ୧୪୮ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଏକଦା ୨ ଉଇକେଟ ବିନିମୟରେ ୯୦ ରନ୍ କରି ସୁବିଧାଜନକ ସ୍ଥିତିରେ ଥିଲା । ମାତ୍ର ପରବର୍ତ୍ତୀ ସମୟରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୧ ଓଭରରେ ୧୧୪ ରନ୍ ସ୍କୋର୍‌ରେ ଏହାର ୭ ବ୍ୟାଟରଙ୍କୁ ହରାଇଥିଲା । ଏପରିକି ଦଳ ଶେଷ ୨ ଓଭରରେ ବିଜୟ ପାଇଁ ୨୯ ରନ୍ ଆବଶ୍ୟକ କରୁଥିଲା । ଏହି ପରିସ୍ଥିତିରେ ଅଶ୍ରଫ୍ ବିସ୍ଫୋରକ ବ୍ୟାଟିଂକରି ଲୋଗାନ ଭାନ୍ ବିକ୍‌ଙ୍କ ବୋଲିଂରେ ୩ ଛକା ଓ ଗୋଟିଏ ଚୌକା ଲଗାଇଥିଲେ ଏବଂ ଅନ୍ତିମ ଓଭରରେ ଏକ ଚୌକା ମାରିଥିଲେ । ପାକିସ୍ତାନ ୩ଟି ବଲ୍ ବାକିଥାଇ ୭ ଉଇକେଟ ହରାଇ ୧୪୮ ରନ୍‌କରି ମ୍ୟାଚ୍ ଜିତିନେଇଥିଲା । ପାକିସ୍ତାନର ଟପ୍ ସ୍କୋରର ଥିଲେ ଓପ୍‌ନର ଶାହିବଜାଦା ଫର୍‌ହାନ । ସେ ୪୭ ରନ୍(୩୧ ବଲ୍) କରିଥିଲେ । ନେଦରଲାଣ୍ଡ୍ସ ତରଫରୁ ସଫଳ ବୋଲର ଭାବେ ପଲ୍ ଭାନ୍ ମିକ୍‌ରେନ(୨/୨୦) ଓ ଆର୍ଯ୍ୟନ ଦତ୍ତ(୨/୩୩) ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡ୍ସ: ୧୯.୫ ଓଭରରେ ୧୪୭/ଅଲ୍‌ଆଉଟ(ସ୍କଟ୍ ଏଡ୍‌ୱାର୍ଡ୍ସ-୩୭, ବାସ୍ ଡି' ଲିଡ୍-୩୦ ; ସଲମନ ମିର୍ଜା- ୩/୨୪, ସଇମ ଆୟୁବ-୨/୭, ମହମ୍ମଦ ନୱାଜ-୨/୩୮, ଅବ୍ରାର ଅହମଦ-୨/୨୩) ।

ପାକିସ୍ତାନ: ୧୯.୩ ଓଭରରେ ୧୪୮/୭ (ସାହିବଜାଦା ଫରହାନ୍-୪୭, ଫାହିମ ଅଶ୍ରଫ୍-୨୯* ; ପଲ୍ ଭାନ୍ ମିକ୍‌ରେନ-୨/୨୦, ଆର୍ଯ୍ୟନ ଦତ୍ତ-୨/୩୩) ।

## ଶେଫର୍ଡଙ୍କ ହ୍ୟାଟ୍ରିକ୍ : ୱେଷ୍ଟଇଣ୍ଡିଜ୍‌ର ସହଜ ବିଜୟ

**କୋଲ୍‌କାତା, ୭।୨**

ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍ ସହ ୫ ଉଇକେଟ ସଫଳତା ବଳରେ ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଶନିବାର ଅପରାହ୍ନରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟ୍‌ଲାଣ୍ଡକୁ ପରାସ୍ତ କରିଛି । ୱେଷ୍ଟଇଣ୍ଡିଜ୍ ଆସନ୍ତା ୧୧ ତାରିଖରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ ।

ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୨ ରନ୍ କରିଥିଲା । ଦଳ ପାଇଁ ସିମରନ ହେଟମେୟର ୩୬ ବଲରେ ୬୪(୨ ଚୌକା, ୬ ଛକା) ଓ ବ୍ରାଣ୍ଡନ କିଙ୍ଗ୍ ୩୫ (୪ ଚୌକା, ୧ ଛକା) ରନ୍ କରିଥିଲେ । ଜବାବରେ ସ୍କଟ୍‌ଲାଣ୍ଡ ପାୱାର ପ୍ଲେ ମଧ୍ୟରେ ଟପ୍ ୩ ବ୍ୟାଟରଙ୍କୁ ହରାଇଥିଲା । ଅଧିନାୟକ ରିଚି ବେରିଙ୍ଗଟନ ୪୨ (୩ ଚୌକା, ୨ ଛକା) ଓ ଟମ୍ ବ୍ରୁସ୍ ୩୫(୧ ଚୌକା, ୨ ଛକା) ଚତୁର୍ଥ ଉଇକେଟରେ ୭୮ ରନ୍ ଯୋଡ଼ି ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ । ହେଲେ ୧୭ତମ ଓଭରରେ ଶେଫର୍ଡ ହ୍ୟାଟ୍ରିକ ସହିତ ୪ ଉଇକେଟ ନେଇ ୱେଷ୍ଟଇଣ୍ଡିଜ୍‌ର ବିଜୟ ନିଶ୍ଚିତ କରିଥିଲେ । ସେ ଓଭରର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବଲ୍‌ରେ ଯଥାକ୍ରମେ ମାଥ୍ୟୁ କ୍ରସ୍, ମାଇକେଲ ଲିସ୍କ ଓ ଓଲିଭର ଡାଭିଡ୍‌ସନ୍‌ଙ୍କୁ ଆଉଟ କରି ହ୍ୟାଟ୍ରିକ୍ ପୂରଣ କରିଥିଲେ । ଫଳରେ ସ୍କଟ୍‌ଲାଣ୍ଡ ୧୮.୫ ଓଭରରେ ୧୪୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା । ୱେଷ୍ଟଇଣ୍ଡିଜ୍ ପାଇଁ ଶେଫର୍ଡ ୫ ଓ ଜାସନ ହୋଲ୍ଡର ୩ ଉଇକେଟ ନେଇଥିଲେ ।



ରୋମାରିଓ ଶେଫର୍ଡ

### ଆଜିର ମ୍ୟାଚ

**ନ୍ୟୁଜିଲାଣ୍ଡ** ବନାମ **ଆଫଗାନିସ୍ତାନ**
ସ୍ଥାନ: ଚେନ୍ନାଇ
ସମୟ: ପୂର୍ବାହ୍ନ ୧୧ଟା

**ଇଂଲଣ୍ଡ** ବନାମ **ନେପାଳ**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା

**ଶ୍ରୀଲଙ୍କା** ବନାମ **ଆୟର୍ଲାଣ୍ଡ**
ସ୍ଥାନ: କଲମ୍ବୋ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: **ଷ୍ଟାର୍‌ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର**

## ସରକାରଙ୍କ ସହ ପରାମର୍ଶ କରିବ ପିସିବି

**କରାଚୀ, ୭।୨(ପି.ଟି.)**

ଆସନ୍ତା ୧୫ ତାରିଖରେ କଲମ୍ବୋରେ ଭାରତ ବିପକ୍ଷ ଟି୨୦ ମ୍ୟାଚ୍‌କୁ ବର୍ଜନ କରିବା ନିଷ୍ପତ୍ତି ଉପରେ ପାକିସ୍ତାନ ପୁନଃ ବିଚାର କରିପାରେ । ଭାରତ-ପାକିସ୍ତାନ ବହୁ ପ୍ରତୀକ୍ଷିତ ମ୍ୟାଚ୍ ଖେଳା ନ ଗଲେ ହେବାକୁ ଥିବା କ୍ଷତିକୁ ଦର୍ଶାଇ ଶ୍ରୀଲଙ୍କା ପକ୍ଷରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ପୁନଃ ବିଚାର କରିବାକୁ ଅନୁରୋଧ କରାଯାଇଥିଲା । ଏ ସମ୍ପର୍କରେ ପିସିବି ସରକାରଙ୍କ ସହ ଆଲୋଚନା କରିବ ବୋଲି ଆଶା କରାଯାଉଛି ।

ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ସର୍ବଦା ସରକାରୀ ଓ କ୍ରିକେଟ ସ୍ତରରେ ଭଲ ସମ୍ପର୍କ ରହି ଆସିଛି । ଏଣୁ ଶ୍ରୀଲଙ୍କା ବୋର୍ଡ ପକ୍ଷରୁ କରାଯାଇଥିବା ମେଲ୍‌କୁ ଅଣଦେଖା କରାଯାଇପାରିବ ନାହିଁ । ଶ୍ରୀଲଙ୍କା କ୍ରିକେଟ ମୁଖ୍ୟ ଶାମି ସିଲ୍‌ଭା ସିଧାସଳଖ ପିସିବି ମୁଖ୍ୟ ମହସିନ ନକ୍‌ଭିଙ୍କୁ ଯୋଗାଯୋଗ କରି ଭାରତ-ପାକିସ୍ତାନ ମ୍ୟାଚ୍ ନ ହେଲେ ଶ୍ରୀଲଙ୍କା ଟି୨୦ ବିଶ୍ୱକପ୍‌ରୁ ଅତିରିକ୍ତ ଆୟ କରିପାରିବନାହିଁ । ଏଥିଯୋଗୁ ଭାରତ ବିପକ୍ଷ ମ୍ୟାଚ୍ ସମ୍ପର୍କରେ ସରକାରଙ୍କ ସହ ପୁନଃ ବିଚାର ଲାଗି ଆଲୋଚନା କରିବେ ବୋଲି ନକ୍‌ଭି ଆଶ୍ୱାସନା ଦେଇଛନ୍ତି । ନକ୍‌ଭି ଏବେ ପାକିସ୍ତାନରେ ନାହାନ୍ତି । ସେ ଦେଶକୁ ଫେରିବା ପରେ ପ୍ରଧାନମନ୍ତ୍ରୀଙ୍କ ସହ କଥାହେବେ । ତା' ପରେ ସୋମବାର ସୁଦ୍ଧା ନିଷ୍ପତ୍ତି ହୋଇପାରେ ବୋଲି ପିସିବି ସୂତ୍ରରୁ ଜଣାପଡ଼ିଛି ।

## ଏଲାଭେନିଲଙ୍କୁ ଏୟାର ରାଇଫଲରେ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୭।୨ (ପି.ଟି.)**

ସ୍ଥାନୀୟ କର୍ଣ୍ଣି ସିଂ ରେଞ୍ଜ୍‌ରେ ଏସିଆନ ଚାମ୍ପିୟନଶିପ୍‌ରେ ଭାରତର ମହିଳା ଶୁଟରଙ୍କ ଲାଗି ଶନିବାର ଥିଲା ଏକ ସ୍ମରଣୀୟ ଦିବସ । ଜାପାନର ମିସାକି ନୋବାତାଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ସୁଦ୍ଧା ଅଲିମ୍ପିଆନ ଏଲାଭେନିଲ ଭାଲାରିଭାନ ମହିଳା ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ମେଘନା ସାଜାନର ଏକ ବ୍ରୋଞ୍ଜ ପଦକ ସହ ପୋଡିୟମ ଚଢ଼ିଛନ୍ତି । ଏହାଛଡ଼ା ଏଲାଭେନିଲ ଭାଲାରିଭାନ, ଆର୍ଯ୍ୟା ବୋର୍ସେ ଓ ମେଘନା ସାଜାନରଙ୍କୁ ନେଇ ଭାରତୀୟ ମହିଳା ଦଳ ଟିମ୍ ଇଭେଣ୍ଟ ଜିତିବାରେ ସଫଳ ହୋଇଛି । ଜୁନିୟର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସମ୍ଭାବୀ କ୍ଷୀରସାଗର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ଇଭେଣ୍ଟର ଅନ୍ୟ ଦୁଇ ପଦକ ମାନ୍ୟତା ସିଂ ଓ ଅନିଶା ଶର୍ମା ଜିତିଛନ୍ତି ।

**ଏସିଆନ ଶୁଟିଂ ଚାମ୍ପିୟନଶିପ୍**



ପଦକ ସହ ଏଲାଭେନିଲ ଭାଲାରିଭାନ(ମଝି), ମେଘନା ସାଜାନର(ଡାହାଣ) ।

## ଜୟନ୍ତୀଙ୍କୁ ଡବଲ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୭।୨(ଅନାଦି କର)**

ଓଡ଼ିଶା ରାଜ୍ୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଶନିବାରଠାରୁ ଆରମ୍ଭ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ ଜିଲାର ପାରା ଆଥ୍‌ଲେଟ୍ସ ଭାଗ ନେଇଛନ୍ତି । ପ୍ରତିଯୋଗିତାର ପ୍ରଥମ ଦିନରେ ଜୟନ୍ତୀ ବେହେରା ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେ ଟି-୪୭ କାଟେଗୋରି ୧୦୦ମି. ଓ ୪୦୦ମି.ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସୁଚିତ୍ର ପରିଡ଼ା ଓ ପ୍ରଫୁଲ୍ଲ ଖଣ୍ଡାୟତରାୟ ଯଥାକ୍ରମେ ମହିଳା ଓ ପୁରୁଷ ଶଟ୍‌ପୁଟ(ଏଫ୍-୫୫ କାଟେଗୋରି)ରେ ସ୍ୱର୍ଣ୍ଣ ହାସଲ କରିଛନ୍ତି । ସେହିଭଳି ଲଙ୍ଗ୍‌ଜମ୍ପ୍ ଟି-୪୭ କାଟେଗୋରିରେ ସ୍ୱାଧୀନ ମେହେର ପୋଡିୟମରେ ଶୀର୍ଷସ୍ଥାନ ଅକ୍ତିଆର କରିଛନ୍ତି । ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୪୧୩ ପାରା ଆଥ୍‌ଲେଟ୍ ଓ ୧୦୦ରୁ ଊର୍ଦ୍ଧ୍ୱ ଏସ୍କର୍ଟ ଯୋଗ ଦେଇଛନ୍ତି ।

**ଓଡ଼ିଶା ରାଜ୍ୟ ପାରା ଆଥ୍‌ଲେଟିକ୍ସ ଆରମ୍ଭ**




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ